# ଧରିତ୍ରୀ
DHARITRI

ବୁଧବାର, ଏପ୍ରିଲ ୧୫/୨୦୨୦ (୧୬ ପୃଷ୍ଠା) Wednesday, April 15/2020

୪୭ଶ ଭାଗ ୧୪୦ ସଂଖ୍ୟା www.orissakhabar.com/www.dharitri.com | Printed at Bhubaneswar, Sambalpur, Angul and Rayagada ମୂଲ୍ୟ ₹ ୫/-




**ଗାଁକୁ ସାନିଟାଇଜେଶନ କଲେ ଭୋକାନାଲ୍**

କୋଭିଡ୍-୧୯ ବିରୋଧରେ ଚାଲିଥିବା ଯୁଦ୍ଧରେ ସାମିଲ ହୋଇ ନିଜ ଗ୍ରାମର ସାନିଟାଇଜେଶନ କରିଛନ୍ତି ଏସିଆନ ଗେମ୍ସ ସ୍ୱର୍ଣ୍ଣ ବିଜୟୀ ରୋୟର ଦାତୁ ବବନ ଭୋକାନାଲ୍।

୧୬

୦୭

**ତାମିଲ ଫିଲ୍ମର ହିନ୍ଦୀ ରିମେକ୍‌ରେ ଅଜୟ୍**

ବଲିଉଡ୍ ଅଭିନେତା ଅଜୟ ଦେବଗନ୍ ସୁପରହିଟ୍ ତାମିଲ ଫିଲ୍ମ 'କୈଥି'ର ଅଫିସିଆଲ ହିନ୍ଦୀ ରିମେକ୍‌ରେ ନଜର ଆସିବେ। ତାଙ୍କ ନାଁ ଚୂଡ଼ାନ୍ତ ହୋଇଥିବା ଜଣାପଡ଼ିଛି।



# ମେ' ୩ ଯାଏ ଲକ୍‌ଡାଉନ

- ହଟ୍‌ସ୍ପଟ୍ ହୋଇ ନ ଥିବା ଅଞ୍ଚଳ ପାଇଁ ଏପ୍ରିଲ ୨୦ ପରେ କୋହଳ ହେବ ନିୟମ
- ଆଜି ଜାରି ହେବ ନୂଆ ମାର୍ଗଦର୍ଶିକା
- ପ୍ରଧାନମନ୍ତ୍ରୀଙ୍କ ଭାଷଣକୁ କଂଗ୍ରେସର ସମାଲୋଚନା

ନୂଆଦିଲ୍ଲୀ,୧୪।୪(ପି.ଟି.)

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଲକ୍‌ଡାଉନ ସମୟସୀମା ଆଉ ୧୯ ଦିନ ବଢ଼ାଇଦେଇଛନ୍ତି, ଅର୍ଥାତ ମେ' ୩ ପର୍ଯ୍ୟନ୍ତ ସାରା ଦେଶ ତାଲାବନ୍ଦରେ ରହିବ। ତେବେ କରୋନା ସଂକ୍ରମଣର ହଟ୍‌ସ୍ପଟ ହୋଇ ନ ଥିବା କିମ୍ବା ସେଭଳି ସମ୍ଭାବନା ନ ଥିବା ଅଞ୍ଚଳରେ ୨୦ ତାରିଖ ପରେ ଲକ୍‌ଡାଉନ ନିୟମରେ କିଛିଟା କୋହଳ କରାଯିବ ବୋଲି ସେ ପ୍ରସ୍ତାବ ରଖିଛନ୍ତି। ମଙ୍ଗଳବାର ୨୧ଦିନିଆ ଲକ୍‌ଡାଉନର ଶେଷ ଦିନରେ ପ୍ରଧାନମନ୍ତ୍ରୀ ୨୫ ମିନିଟ୍‌ର ଟେଲିଭିଜନ ବାର୍ତ୍ତାରେ କହିଥିଲେ, ଦ୍ୱିତୀୟ ପର୍ଯ୍ୟାୟ ଲକ୍‌ଡାଉନର ବର୍ଦ୍ଧିତ ମାର୍ଗଦର୍ଶିକା ବୁଧବାର ଜାରି କରାଯିବ। ଜୀବନ ବଞ୍ଚାଇବା ସହ ଦିନମଜୁରିଆ ଏବଂ କୃଷକମାନେ ସମ୍ମୁଖୀନ ହେଉଥିବା ଅସୁବିଧାକୁ ହ୍ରାସ କରିବା ତାଙ୍କର ସବୁଠୁ ବଡ଼ ପ୍ରାଥମିକତା ବୋଲି ପ୍ରଧାନମନ୍ତ୍ରୀ କହିଥିଲେ।

ଲକ୍‌ଡାଉନ ଯୋଗୁ ଦେଶକୁ ବିପୁଳ ଆର୍ଥିକ କ୍ଷତି ସହିବାକୁ ପଡ଼ିଛି। ଏହା ସତ୍ତ୍ୱେ ମହାମାରୀ ସଂକ୍ରମଣକୁ ନିୟନ୍ତ୍ରଣରେ ରଖିବା ଲାଗି ଦେଶ ଠିକ୍ ମାର୍ଗ ଚୟନ କରିଛି। ଅଧିକାଂଶ ରାଜ୍ୟ ସରକାର, ବିଶେଷଜ୍ଞ ଓ ବିଶିଷ୍ଟ ବ୍ୟକ୍ତିମାନେ ଲକ୍‌ଡାଉନ ବଢ଼ାଇବା ☞ପୃଷ୍ଠା-୪

## ଅବଧି ବୃଦ୍ଧିକୁ ବିରୋଧ

- ବାନ୍ଦ୍ରାରେ ଏକାଠି ହେଲେ ହଜାର ହଜାର ଶ୍ରମିକ
- ଘଉଡ଼ାଇବା ପାଇଁ ପୋଲିସର ଲାଠିଚାଳନା

ମୁମ୍ବାଇ,୧୪।୪

ସର୍ବାଧିକ କରୋନା ସଂକ୍ରମିତ ସହର ମୁମ୍ବାଇରେ ମଙ୍ଗଳବାର ଲକ୍‌ଡାଉନ ନିୟମକୁ ଉଲ୍ଲଂଘନ କରି ହଜାର ହଜାର ଦାଦନ ଶ୍ରମିକ ବାନ୍ଦ୍ରା ରେଳଷ୍ଟେଶନ ବାହାରେ ଭିଡ଼ ଜମାଇବା ଘଟଣା ସଙ୍କଟକୁ ଆହୁରି ବଢ଼ାଇ ଦେଇଛି। ଲକ୍‌ଡାଉନ ସମୟସୀମା ବୃଦ୍ଧିକୁ ବିରୋଧ କରି ସେମାନେ ବିକ୍ଷୋଭ ପ୍ରଦର୍ଶନ କରିଥିଲେ। ଶ୍ରମିକମାନେ ଘରକୁ ଫେରିଯିବା ଲାଗି ଦାବି କରିଥିଲେ। ସେମାନଙ୍କ ସହ ସ୍ଥାନୀୟ ବସ୍ତି ବାସିନ୍ଦା ମଧ୍ୟ ସାମିଲ ହୋଇଥିଲେ। ବାରମ୍ବାର ସତର୍କ କରାଇବା ସତ୍ତ୍ୱେ ସେମାନେ ନ ହଟିବାରୁ ପୋଲିସକୁ ଲାଠିଚାଳନା କରିବାକୁ ପଡ଼ିଥିଲା। ବାନ୍ଦ୍ରାରେ ଏତେ ସଂଖ୍ୟାରେ ଲୋକ ଏକାଠି ହେବା ଘଟଣାରେ ସ୍ୱରାଷ୍ଟ୍ରମନ୍ତ୍ରୀ ଅମିତ୍ ଶାହା ଉଦ୍‌ବେଗ ପ୍ରକାଶ କରିବା ସହ ମହାରାଷ୍ଟ୍ର ମୁଖ୍ୟମନ୍ତ୍ରୀ ଉଦ୍ଧବ ଠାକ୍‌ରେଙ୍କ ସହ ସ୍ଥିତି ସମ୍ପର୍କରେ ଆଲୋଚନା କରିଛନ୍ତି। ଏଭଳି ଘଟଣା ଭାରତର କରୋନା ବିରୋଧୀ ଲଢ଼େଇକୁ ଦୁର୍ବଳ କରିଦେବ ବୋଲି ଶାହା କହିଛନ୍ତି। ଗତ ମାସରେ ପ୍ରଥମ ଲକ୍‌ଡାଉନ ଘୋଷଣା ପରେ ଘରକୁ ଫେରିବା ଲାଗି ଲକ୍ଷାଧିକ ଦାଦନ ଶ୍ରମିକ ଉତ୍ତରପ୍ରଦେଶକୁ ଲାଗି ରହିଥିବା ଦିଲ୍ଲୀ ସୀମାରେ ଏକାଠି ହୋଇଥିଲେ, ☞ପୃଷ୍ଠା-୪



୨୧ ଦିନିଆ ଲକ୍‌ଡାଉନ୍ ଅବଧିକୁ ମେ' ୩ ଯାଏ ବୃଦ୍ଧି କରାଯିବା ପ୍ରତିବାଦରେ ବାନ୍ଦ୍ରା ରେଳ ଷ୍ଟେଶନ ବାହାରେ ଶ୍ରମିକମାନେ ମଙ୍ଗଳବାର ବିକ୍ଷୋଭ କରୁଛନ୍ତି।

## ସ୍ଥଗିତ ରହିଲା ଓଜେଇଇ

ଭୁବନେଶ୍ୱର, ୧୪।୪(ବ୍ୟୁରୋ)

ଲକ୍‌ଡାଉନ୍ ଯୋଗୁ ଓଡ଼ିଶା ଯୁଗ୍ମ ପ୍ରବେଶିକା ପରୀକ୍ଷା (ଓଜେଇଇ)କୁ ସ୍ଥଗିତ ରଖାଯାଇଛି। ଚଳିତ ବର୍ଷର ଓଜେଇଇ ଆସନ୍ତା ମେ' ପ୍ରଥମ ସପ୍ତାହରେ ହେବାର ଥିଲା। ତେବେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ମଙ୍ଗଳବାର ଲକ୍‌ଡାଉନ୍ ଅବଧିକୁ ମେ' ୩ ପର୍ଯ୍ୟନ୍ତ ବଢ଼ାଇବା ପରେ ଏହି ପରୀକ୍ଷାକୁ ସ୍ଥଗିତ ରଖାଯାଇଛି ବୋଲି ଓଜେଇଇ ଅଧ୍ୟକ୍ଷ ସୁଦୀପ କୁମାର ଚାନ୍ଦ ସୂଚନା ଦେଇଛନ୍ତି। ସେ କହିଛନ୍ତି, ଲକ୍‌ଡାଉନ୍ ଅବଧି ବୃଦ୍ଧି କରାଯାଇଥିବାରୁ ଓ ସ୍ଥିତି ସ୍ୱାଭାବିକ ହୋଇ ନ ଥିବାରୁ ବର୍ତ୍ତମାନ ସମୟରେ ଓଜେଇଇ କରିବା ସମ୍ଭବ ନୁହେଁ। ଲକ୍‌ଡାଉନ୍ ହଟିବା ପରେ ଏନେଇ ପରବର୍ତ୍ତୀ ନିଷ୍ପତ୍ତି ନିଆଯିବ। ଓଜେଇଇର ନୂଆ ତାରିଖ, ଅନ୍‌ଲାଇନ୍ ଆବେଦନ ଦାଖଲ ଓ ଆଡମିଟ୍ କାର୍ଡ ଡାଉନଲୋଡ୍ ଆଦି ବିଷୟରେ ପରେ ଜଣାଇ ଦିଆଯିବ ବୋଲି ଚାନ୍ଦ କହିଛନ୍ତି। ସୂଚନାଯୋଗ୍ୟ, ଓଡ଼ିଶାର ସରକାରୀ ଏବଂ ବେସରକାରୀ କଲେଜ ଓ ଶିକ୍ଷାନୁଷ୍ଠାନରେ ଫାର୍ମାସିଷ୍ଟ, ଏମ୍‌ବିଏ, ଏମ୍‌ସିଏ, ଏମ୍‌ଟେକ୍, ଆର୍କିଟେକ୍ଟ ପଢ଼ିବା ନିମନ୍ତେ ଓଜେଇଇ ହୋଇଥାଏ।

## ପୂର୍ବତନ ମନ୍ତ୍ରୀ ସନାତନ ବିଶିଙ୍କ ପରଲୋକ

ସମ୍ବଲପୁର,୧୪।୪ (ବ୍ୟୁରୋ)

ପୂର୍ବତନ ସ୍ୱାସ୍ଥ୍ୟମନ୍ତ୍ରୀ ସନାତନ ବିଶିଙ୍କ ମଙ୍ଗଳବାର ସକାଳ ୬ଟାରେ ସମ୍ବଲପୁର ଟାଉନ୍ ହଲ୍ ନିକଟସ୍ଥ ବାସଭବନରେ ପରଲୋକ ହୋଇଯାଇଛି। ତାଙ୍କୁ ୭୯ବର୍ଷ ବୟସ ହୋଇଥିଲା। ମୃତ୍ୟୁଶଯ୍ୟା ନିକଟରେ



ସ୍ତ୍ରୀ ଯାଜ୍ଞସେନୀ, ପୁଅ ଆଶିଷଙ୍କ ସହ ବୋହୂ ଓ ପରିବାରବର୍ଗ ଉପସ୍ଥିତ ଥିଲେ। ପ୍ରାୟ ବର୍ଷେ ହେବ ସେ ଶଯ୍ୟାଶାୟୀ ଥିଲେ। ଖବର ପାଇ ବିଭିନ୍ନ ରାଜନୈତିକ ଦଳର ନେତା, ଅନୁଷ୍ଠାନର ସଦସ୍ୟ ଓ ମାନ୍ୟଗଣ୍ୟ ବ୍ୟକ୍ତି ତାଙ୍କ ବାସଭବନରେ ପହଞ୍ଚି ଶେଷଦର୍ଶନ କରିଥିଲେ। କମଳିବଜାର ରାଜଘାଟରେ ☞ପୃଷ୍ଠା-୪

**ଆଜିର ସମ୍ପାଦକୀୟ**

ଚୋର ଅପେକ୍ଷା...

**ଆଜିର ମନ୍ତବ୍ୟ**

" କଂଗ୍ରେସ କ୍ଷମତାରେ ଥାଉ କି ନ ଥାଉ, କୋଭିଡ୍-୧୯ ବିରୋଧୀ ଲଢ଼େଇରେ ଲୋକଙ୍କୁ ସହାୟତା କରିବ।
-ସୋନିଆ ଗାନ୍ଧୀ, କଂଗ୍ରେସ ଅଧ୍ୟକ୍ଷା

## ଦଶମ ଶ୍ରେଣୀ ପାଇଁ ନୂଆ ସିଲାବସ୍

- ୮ଟି ବିଷୟରେ ପରିବର୍ତ୍ତନ
- ନୂଆ ବହି ପାଇବେ ଛାତ୍ରୀଛାତ୍ର
- ଲକ୍‌ଡାଉନ୍ ପରେ ହେବ ମାଟ୍ରିକ ପରୀକ୍ଷା ଖାତାଦେଖା

ଭୁବନେଶ୍ୱର, ୧୪।୪(ବ୍ୟୁରୋ)

ଚଳିତ ବର୍ଷ ନବମ ଶ୍ରେଣୀରୁ ପାସ୍ ହୋଇ ଦଶମକୁ ଯିବାକୁ ଥିବା ପିଲାମାନେ ନୂଆ ବହି ପାଇବେ। ଅର୍ଥାତ୍ ଚଳିତ ବର୍ଷ ଦଶମ ଶ୍ରେଣୀ ସିଲାବସ୍‌ରେ ରାଜ୍ୟ ସରକାର ପରିବର୍ତ୍ତନ କରିଛନ୍ତି। ମୋଟ ୧୪ଟି ବିଷୟ ମଧ୍ୟରୁ ୮ଟିରେ ପରିବର୍ତ୍ତନ କରାଯାଇଛି। ୨୦୧୩ ମସିହାରୁ ଦଶମ ସିଲାବସ୍‌ରେ ପରିବର୍ତ୍ତନ କରାଯାଇ ନ ଥିଲା। ୭ ବର୍ଷ ପରେ ଏଥର ପିଲାମାନେ ନୂଆ ସିଲାବସ୍ ପାଇବେ ବୋଲି ଗଣଶିକ୍ଷା ମନ୍ତ୍ରୀ ସମୀର ରଞ୍ଜନ ଦାଶ ସୂଚନା ଦେଇଛନ୍ତି। ସେ କହିଛନ୍ତି ଯେ, ଦଶମ ବହି ସମ୍ପୂର୍ଣ୍ଣ ପରିବର୍ତ୍ତନ କରାଯାଇ ନ ଥିଲେ ମଧ୍ୟ ଅଧିକାଂଶ ବିଷୟରେ ଆଂଶିକ ପରିବର୍ତ୍ତନ ହୋଇଛି। ମୋଟ ଉପରେ କହିବାକୁ ଗଲେ ଚଳିତ ଥର ପିଲାମାନେ ନୂଆ ବିଷୟ ପଢିବେ ବୋଲି ସେ କହିଛନ୍ତି। ଲକ୍‌ଡାଉନ ଉଠିବା ମାତ୍ରେ ନୂଆ ବହି ବଜାରକୁ ଛଡାଯିବ ବୋଲି ମାଧ୍ୟମିକ ଶିକ୍ଷା ପରିଷଦ ସେକ୍ରେଟାରୀ ରାମାଶିଷ ହାଜିରା ସୂଚନା ଦେଇଛନ୍ତି। ବହି ଛପା ସରି ସମସ୍ତ କାର୍ଯ୍ୟ ଶେଷ ହୋଇ ସାରିଥିବା ମଧ୍ୟ ସେ କହିଛନ୍ତି। ସମୀର ଆହୁରି କହିଛନ୍ତି ଯେ, ଲକ୍‌ଡାଉନ୍ ଯୋଗୁ ଛାତ୍ରୀଛାତ୍ରଙ୍କ ପାଠପଢ଼ାରେ ସମସ୍ୟା ଦେଖାଦେଇଛି। ଏ ସମସ୍ୟା କିପରି ଦୂରହେବ ସେନେଇ ସରକାର ପଦକ୍ଷେପ ନେଉଛନ୍ତି। ପ୍ରଥମ ପର୍ଯ୍ୟାୟରେ କେବଳ ପୁରୀ ଜିଲାରେ ପ୍ରଥମରୁ ଅଷ୍ଟମ ଶ୍ରଣୀ ପିଲାଙ୍କ ପାଖରେ ପାଠ୍ୟପୁସ୍ତକ ପହଞ୍ଚାଇବାକୁ ଜିଲାପାଳଙ୍କ ସହ ଆଲୋଚନା ହୋଇଛି। ଏନେଇ ବ୍ଲକ ଶିକ୍ଷା ଅଧିକାରୀଙ୍କୁ ମଧ୍ୟ ଚିଠି ଦିଆଯାଇଛି। ପ୍ରଥମରୁ ଅଷ୍ଟମ ପର୍ଯ୍ୟନ୍ତ ବହି ବ୍ଲକ ଓ ସ୍କୁଲରେ ପହଞ୍ଚିସାରିଛି। ୨୫ ସୁଦ୍ଧା ପିଲାମାନଙ୍କ ପାଖରେ ବହି ପହଞ୍ଚାଇବା ପାଇଁ ଲକ୍ଷ୍ୟ ରଖାଯାଇଛି ବୋଲି ସେ ସୂଚନା ଦେଇଛନ୍ତି। ଏହାଛଡ଼ା ମେ ୩ ତାରିଖ ଲକ୍‌ଡାଉନ୍ ଅବଧି ଶେଷ ହେବା ପରେ ମାଟ୍ରିକ ଖାତା ଦେଖା ଆରମ୍ଭ ହେବ ବୋଲି ମଧ୍ୟ ସେ କହିଛନ୍ତି।

## ଆଉ ୫ ସଂକ୍ରମିତ ଚିହ୍ନଟ

- ୫ ପଜିଟିଭଙ୍କ ମଧ୍ୟରେ ଭୁବନେଶ୍ୱରର ୪, ଯାଜପୁରର ଜଣେ
- ଆକ୍ରାନ୍ତଙ୍କ ସଂସ୍ପର୍ଶରେ ଆସି ସଂକ୍ରମିତ ହୋଇଛନ୍ତି ସମସ୍ତେ
- ହାଟ, ବଜାର ବୁଲିଛନ୍ତି ଝାରପଡ଼ା ସଂକ୍ରମିତ ରାଜ୍ୟରେ କରୋନା ଆକ୍ରାନ୍ତଙ୍କ ସଂଖ୍ୟା ୬୦ ଛୁଇଁଲା

ଭୁବନେଶ୍ୱର, ୧୪।୪(ବ୍ୟୁରୋ)

ରାଜ୍ୟରେ ଆଉ ୫ଜଣ କରୋନା ଆକ୍ରାନ୍ତ ଚିହ୍ନଟ ହୋଇଛନ୍ତି। ସୋମବାର ୫୬୪ଜଣଙ୍କ ନମୁନା ପରୀକ୍ଷା କରାଯାଇଥିଲା। ଏଥିରୁ ଯାଜପୁରର ଜଣେ ଓ ଭୁବନେଶ୍ୱରର ୪ଜଣଙ୍କ ରିପୋର୍ଟ ପଜିଟିଭ ଆସିଛି ବୋଲି ମଙ୍ଗଳବାର ରାଜ୍ୟ ସ୍ୱାସ୍ଥ୍ୟ ସେବା ନିର୍ଦ୍ଦେଶକ ବିଜୟ ମହାପାତ୍ର ସୂଚନା ଦେଇଛନ୍ତି। ଫଳରେ ଏହାକୁ ମିଶାଇ ରାଜ୍ୟରେ ମୋଟ ଆକ୍ରାନ୍ତଙ୍କ ସଂଖ୍ୟା ୬୦ରେ ପହଞ୍ଚିଛି। ମୋଟ ସଂକ୍ରମିତଙ୍କ ମଧ୍ୟରୁ ଇତିମଧ୍ୟରେ ଜଣଙ୍କର ମୃତ୍ୟୁ ହୋଇଥିବାବେଳେ ୧୮ଜଣ ସୁସ୍ଥ ହୋଇଛନ୍ତି।

ସୂଚନା ଓ ଲୋକ ସମ୍ପର୍କ ବିଭାଗ ପକ୍ଷରୁ ଦିଆଯାଇଥିବା ସୂଚନାନୁସାରେ, ଭୁବନେଶ୍ୱରର ୪ଜଣଙ୍କ ମଧ୍ୟରୁ ଜଣେ ଝାରପଡ଼ା ଅଞ୍ଚଳର ହୋଇଥିବାବେଳେ ୩ଜଣ ବମିଖାଲ ଅଞ୍ଚଳର। ଝାରପଡ଼ା ନୀଳାଦ୍ରିନଗରରେ ରହୁଥିବା ୫୧ବର୍ଷୀୟ ପୁରୁଷ ଜଣକ ୪୨ ନମ୍ବର ଆକ୍ରାନ୍ତ (ପ୍ରଥମ କରୋନା ମୃତ୍ୟୁ)ଙ୍କ ☞ପୃଷ୍ଠା-୪

# ୨୩୪.୪ ବିଲିୟନ ଡଲାର କ୍ଷତି ସହିବ ଭାରତ

**ଦୋହଲିଯିବ ଆର୍ଥିକ ମେରୁଦଣ୍ଡ**

- ଅଭିବୃଦ୍ଧି ପୂର୍ବାନୁମାନ ୦%କୁ କମାଇଲା ବର୍କଲେସ୍





ମୁମ୍ବାଇ, ୧୪।୪

କରୋନା ଭାଇରସ ପ୍ରଭାବକୁ କମାଇବା ଲାଗି ସରକାର ଗତ ୨୧ ଦିନ ଧରି ସାରା ଦେଶକୁ ଲକ୍‌ଡାଉନ କରି ରଖିଥିଲେ। ଏବେ ମଧ୍ୟ କରୋନାର ପ୍ରଭାବ ହ୍ରାସ ହୋଇ ନ ଥିବାରୁ ଲକ୍‌ଡାଉନ୍ ଅବଧିକୁ ମଙ୍ଗଳବାର ମେ ୩ ଯାଏ ବୃଦ୍ଧି କରାଯାଇଛି। ହେଲେ ମାର୍ଚ୍ଚ ୨୫ଠାରୁ ଚାଲିଥିବା ଲକ୍‌ଡାଉନ ଯୋଗୁ ସାରା ଦେଶରେ ଆର୍ଥିକ କାର୍ଯ୍ୟକଳାପ ସମ୍ପୂର୍ଣ୍ଣ ଭାବେ ଠପ୍ ହୋଇଯାଇଛି।

ଲକ୍‌ଡାଉନ ଅବଧି ବଢିଥିବାରୁ ଦେଶର ଅର୍ଥ ବ୍ୟବସ୍ଥା ସ୍ଥିତି ଆହୁରି ବିଗିଡିବ ବୋଲି ଅର୍ଥ ବିଶେଷଜ୍ଞମାନେ ମତ ପ୍ରକାଶ କରିଛନ୍ତି। ଦେଶର ଆର୍ଥିକ ମେରୁଦଣ୍ଡ ଲକ୍‌ଡାଉନ ପାଇଁ ଦୋହଲିଯିବ ବୋଲି ବ୍ରିଟେନର ଏକ ବ୍ରୋକରେଜ ଏଜେନ୍ସି ବର୍କଲେସ ଆଶଙ୍କା ପ୍ରକଟ କରିଛି। ବର୍ଦ୍ଧିତ ଲକ୍‌ଡାଉନ ପାଇଁ ଭାରତ ୨୩୪.୪ ବିଲିୟନ ଡଲାରର କ୍ଷତି ସହିବ। ସେହିଭଳି ଏହି ଏଜେନ୍ସି ଭାରତର ବିକାଶହାର ପୂର୍ବାନୁମାନକୁ ଚଳିତ କ୍ୟାଲେଣ୍ଡର ବର୍ଷ ଲାଗି ୦%କୁ ଖସାଇଛି। ଏବେ ଘରୋଇ ବ୍ୟବସ୍ଥାର ଆର୍ଥିକ ପରିଦୃଶ୍ୟ ସାଂଘାତିକ ଥିବାରୁ ଚଳିତ ଆର୍ଥିକ ବର୍ଷ କିମ୍ବା ଆଗାମୀ ଆର୍ଥିକ ବର୍ଷ ଲାଗି ଏହା ବିକାଶ ହାର ପୂର୍ବବାନୁମାନ ନେଇ କୌଣସି ଆକଳନ କରିନାହିଁ।

ଲକ୍‌ଡାଉନ ପାଇଁ ସାରାଦେଶରେ ଜରୁରୀ ସେବା ବାଦ୍ ଅନ୍ୟ ସବୁ କିଛି ଠପ୍ ହୋଇଯାଇଛି। ବିମାନ ଚଳାଚଳ, ପରିବହନ, ଲଜିଷ୍ଟିକ, ରପ୍ତାନି, ପର୍ଯ୍ୟଟନ ଏବଂ ମାନୁଫାକଚରିଂ ଏବେ ସମ୍ପୂର୍ଣ୍ଣ ଭାବେ ପ୍ରଭାବିତ ସ୍ଥିତିରେ ରହିଛି। ଆର୍ଥିକ ବର୍ଷ ୨୦୨୧ରେ ଭାରତର ବିକାଶ ହାର ୦.୮% ରହିବ ବୋଲି ଏହା ମତ ରଖିଛି। ପୂର୍ବରୁ ଘୋଷଣା ହୋଇଥିବା ୨୧ ଦିନିଆ ଲକ୍‌ଡାଉନରେ ଭାରତ ପ୍ରାୟ ୧୨୦ ବିଲିୟନ ଡଲାରର କ୍ଷତି ସହିବ ବୋଲି ବ୍ରିଟେନର ଏହି ଏଜେନ୍ସି ପ୍ରକାଶ କରିଥିଲା। ସେହିଭଳି ବିକାଶ ହାର ୨୦୨୦ କ୍ୟାଲେଣ୍ଡର ବର୍ଷରେ ୨.୫%କୁ ଖସିବା ନେଇ କହିଥିଲା। ହେଲେ ବର୍ତ୍ତମାନ ଏହାକୁ ୦%କୁ ଖସାଇଦେଇଛି। ☞ପୃଷ୍ଠା-୪

## ୧.୯%କୁ ଖସିବ ଅଭିବୃଦ୍ଧି: ଆଇଏମ୍‌ଏଫ୍

**୧୯୯୧ ପରେ ସବୁଠାରୁ ଖରାପ ସ୍ତର**

ନୂଆଦିଲ୍ଲୀ, ୧୪। ୪ : ୨୦୨୦-୨୧ ଆର୍ଥିକ ବର୍ଷରେ ଭାରତର ଅଭିବୃଦ୍ଧି ହାର ୧.୯%କୁ ଖସିଯିବ ବୋଲି ଅନ୍ତର୍ଜାତୀୟ ମୁଦ୍ରାପାଣ୍ଠି (ଆଇଏମ୍‌ଏଫ୍) ମଙ୍ଗଳବାର ଏହାର ପୂର୍ବାନୁମାନେ କହିଛି। ଚଳିତ ଆର୍ଥିକ ବର୍ଷରେ ଭାରତର ବିକାଶ ହାର ୫.୮% ରହିବ ବୋଲି ଏହା ପୂର୍ବରୁ କହିଥିଲା। ମାତ୍ର କରୋନା ଜନିତ ସ୍ଥିତି ଯୋଗୁ ଘରୋଇ ବଜାରର ବିକାଶ ହାରକୁ ନେଇ ଏଜେନ୍ସି ଖସାଇ ଦେଇଛି। ୧୯୯୧ରେ ଦେଶରେ ଦେଖାଦେଇଥିବା ବାଲାନ୍ସ ଅଫ ପେମେଣ୍ଟ ସଙ୍କଟ ପରଠାରୁ ଏହା ସବୁଠୁ କମ୍ ସ୍ତରର ଅଭିବୃଦ୍ଧି ବୋଲି ଏହି ଅନ୍ତର୍ଜାତୀୟଏଜେନ୍ସି ମତ ପ୍ରକାଶ କରିଛି। ପୂର୍ବରୁ ହୋଇଥିବା ଆକଳନ ଅନୁସାରେ ଭାରତର ବିକାଶ ହାର ୩.୩% ଖସିବା ନେଇ ଏହା ମତ ରଖିଛି। ବିଶ୍ୱ ସ୍ତରର ଆର୍ଥିକ ମାନ୍ଦାବସ୍ଥା ଏବଂ ବର୍ତ୍ତମାନର ଚ୍ୟାଲେଞ୍ଜିଂ ସମୟ ଯୋଗୁ ଆକଳନରେ ଏଭଳି ହ୍ରାସ କରାଯାଇଛି ବୋଲି ଆଇଏମ୍‌ଏଫ୍‌ର ମୁଖ୍ୟ ଅର୍ଥନୀତିଜ୍ଞ ଗୀତା ଗୋପିନାଥ ସୂଚନା ଦେଇଛନ୍ତି।

# ଗଣମାଧ୍ୟମକୁ ଜରୁରୀ ସେବା ଘୋଷଣା କର

**ସରକାରମାନଙ୍କୁ ୟୁନେସ୍କୋର ପରାମର୍ଶ**

ଜାତିସଂଘ,୧୪।୪

ମହାମାରୀ କରୋନା ବିଶ୍ୱର ୨୦୯ ରାଷ୍ଟ୍ରକୁ ଗ୍ରାସ କରିଛି। ଏହାର ମୁକାବିଲା ପାଇଁ ଅଧିକାଂଶ ଦେଶରେ ଲକ୍‌ଡାଉନ୍ ଓ ଶଟଡାଉନ୍ ଘୋଷଣା କରାଯାଇଥିବାବେଳେ ସୃଷ୍ଟି ହୋଇଛି ଅଚଳାବସ୍ଥା। ଏପରି ସମୟରେ ଖବରକାଗଜ ସଂସ୍ଥାଗୁଡ଼ିକ ସର୍ବାଧିକ ପ୍ରଭାବିତ ହୋଇଛନ୍ତି। ଘାତକ କୋଭିଡ୍-୧୯କୁ ରୋକିବା ଲାଗି ସମସ୍ତ ପ୍ରଭାବିତ ଦେଶର ସରକାର ନ୍ୟୁଜ୍ ମିଡିଆକୁ 'ଜରୁରୀ ସେବା' ଭାବେ ଘୋଷଣା କରି ଏହାକୁ ସମର୍ଥନ ଦିଅନ୍ତୁ ବୋଲି ଜାତିସଂଘ ଶୈକ୍ଷିକ, ବୈଜ୍ଞାନିକ ଓ ସାଂସ୍କୃତିକ ସଙ୍ଗଠନ (ୟୁନେସ୍କୋ) ପକ୍ଷରୁ ମଙ୍ଗଳବାର ପରାମର୍ଶ ଦିଆଯାଇଛି। ୟୁନେସ୍କୋର ଯୋଗାଯୋଗ ଓ ସୂଚନା ସମ୍ପର୍କିତ ନୀତି ଏବଂ ରଣନୀତି ନିର୍ଦ୍ଦେଶକ ଗାଏ ବର୍ଜର କହିଛନ୍ତି ଯେ କୋଭିଡ୍-୧୯ ସଙ୍କଟ ସମ୍ପର୍କରେ ଅପପ୍ରଚାର ଓ ଗୁଜବ ବିସ୍ତାର ହୋଇ ନ ଥିବା କୌଣସି ଅଞ୍ଚଳ ଥିବାଭଳି ମନେହେଉ ନାହିଁ। କରୋନା ଭାଇରସ୍‌ର ଉତ୍ପତ୍ତି ସ୍ଥଳରୁ ନେଇ ଅପ୍ରମାଣିତ ନିରାକରଣ ଓ ଉପଶମ ସହ ସରକାର, କମ୍ପାନୀ, ସେଲିବ୍ରିଟିମାନଙ୍କ ପର୍ଯ୍ୟନ୍ତ ସମସ୍ତଙ୍କୁ ନେଇ ନାନା ମିଥ୍ୟା ଖବର ପ୍ରକାଶ ପାଇବାରେ ଲାଗିଛି। ଏପରି କି ଅନେକ ଲୋକ ରାଜନୈତିକ ଉଦ୍ଦେଶ୍ୟ ରଖି, ଆତ୍ମପ୍ରଚାର





ପାଇଁ ଓ ବିଜ୍‌ନେସ୍‌ର ଏକ ମଡେଲ ଭାବେ ମିଥ୍ୟା ଖବର ପ୍ରଚାର କରି ସର୍ବସାଧାରଣଙ୍କ ଦୃଷ୍ଟି ଆକର୍ଷଣ କରୁଥିବା ନଜରକୁ ଆସୁଛି। ଏପରି କରୁଥିବା ଲୋକେ ଜନସାଧାରଣଙ୍କ ଭାବାବେଗ, ଭୟ, ଅନ୍ଧବିଶ୍ୱାସ ଓ ଅଜ୍ଞତାର ସୁଯୋଗ ନେଇ ସ୍ଥିତିକୁ ଅଧିକ ଜଟିଳ କରୁଛନ୍ତି। ଅନିର୍ଭରଶୀଳ ଓ ମିଥ୍ୟା ସୂଚନା ସାରା ବିଶ୍ୱରେ ଏତେମାତ୍ରାରେ ବିସ୍ତାର ଲାଭ କରୁଛି ଯେ କେତେଜଣ ସମୀକ୍ଷକ ମଧ୍ୟ ମିଛ ଖବରର ଅବତାରଣା କରୁଛନ୍ତି। ସାଧାରଣ ଜନତାଙ୍କୁ ଏଥିରୁ ମୁକ୍ତ କରି ଉପଯୁକ୍ତ ଭାବେ ସଚେତନ କରିବା ଲାଗି ଅଭିବ୍ୟକ୍ତିର ସ୍ୱାଧୀନତା ଉପରେ ସରକାରମାନେ କଟକଣା ଜାରି ନ କରିବାକୁ ୟୁନେସ୍କୋ ପକ୍ଷରୁ ନିର୍ଦ୍ଦିଷ୍ଟ ଭାବେ ଅନୁରୋଧ କରାଯାଇଛି। କାରଣ ଗଣମାଧ୍ୟମ ଉପରେ କଟକଣା ଏକ ସ୍ୱାଧୀନ ପ୍ରେସ୍‌ର ଅପରିହାର୍ଯ୍ୟ ଭୂମିକାକୁ କ୍ଷତି ପହଞ୍ଚାଇପାରେ। ସତ୍ୟ ସୂଚନା ଓ ମତାମତକୁ ନେଇ ପ୍ରସ୍ତୁତ ରିପୋର୍ଟ କ୍ଷମତାରେ ଥିବା ଦଳ ବା ନେତାଙ୍କ ଚିନ୍ତା ବଢ଼ାଇପାରେ। ☞ପୃଷ୍ଠା-୪

# ଉହାନ ଲାବ୍‌କୁ ଅର୍ଥ ଦେଇଛି ଆମେରିକା

- ୩.୭ ମିଲିୟନ ଡଲାର ପ୍ରଦାନ
- ସରକାରକୁ ଘେରିଲେ ଆଇନ ପ୍ରଣୟନକାରୀ

ଲଣ୍ଡନ, ୧୪।୪

କରୋନା ଭୂତାଣୁ ଯୋଗୁ ଆମେରିକାରେ ୨୩ ହଜାରରୁ ଅଧିକ ଲୋକଙ୍କ ପ୍ରାଣହାନି ଘଟିଲାଣି। କିନ୍ତୁ ଆଶ୍ଚର୍ଯ୍ୟର ବିଷୟ ଯେ, ଚାଇନାର ଉହାନ ଇନ୍‌ଷ୍ଟିଚ୍ୟୁଟ ଅଫ୍ ଭାଇରୋଲୋଜିରୁ ଏହି ଭୂତାଣୁ ବାହାରିଥିବା କୁହାଯାଉଥିବା ବେଳେ ଉକ୍ତ ପରୀକ୍ଷାଗାରରେ ଆମେରିକା ୩.୭ ମିଲିୟନ ଆମେରିକୀୟ ଡଲାର ବିନିଯୋଗ କରିଥିବା ଏକ ରିପୋର୍ଟରୁ ଜଣାପଡ଼ିଛି। ବ୍ରିଟିଶ ଗଣମାଧ୍ୟମ 'ଡେଲି ମେଲ୍'ରେ ପ୍ରକାଶ ପାଇଛି ଯେ, ଚାଇନାର ୟୁନାନ୍‌ରୁ ଧରାଯାଇଥିବା ସ୍ତନ୍ୟପାୟୀ ପ୍ରାଣୀଙ୍କ ଉପରେ ଉହାନ ଇନ୍‌ଷ୍ଟିଚ୍ୟୁଟ ଅଫ୍ ଭାଇରୋଲୋଜିରେ ହେଉଥିବା କରୋନା ଭାଇରସ୍ ସମ୍ବନ୍ଧୀୟ ପରୀକ୍ଷାନିରୀକ୍ଷା ଲାଗି ଆମେରିକା ପାଣ୍ଠି ଯୋଗାଇଆସିଛି। ମିଡିଆ ହାତରେ ପଡ଼ିଥିବା ଏ ସଂକ୍ରାନ୍ତ କାଗଜପତ୍ରରୁ ଜଣାପଡ଼ିଛି ଯେ, ଆମେରିକାର ଜାତୀୟ ସ୍ୱାସ୍ଥ୍ୟ ପ୍ରତିଷ୍ଠାନ (ଏନ୍‌ଆଇଏଚ୍) ଉହାନର ଉକ୍ତ ଗବେଷଣାଗାରରେ ବାଦୁଡ଼ିମାନଙ୍କ ଉପରେ ହେଉଥିବା ପରୀକ୍ଷଣ ସକାଶେ ଅର୍ଥ



ଦେଉଥିଲା। ଉଲ୍ଲେଖଯୋଗ୍ୟ ଯେ, ଏନ୍‌ଆଇଏଚ୍ ହେଉଛି ଆମେରିକା ସ୍ୱାସ୍ଥ୍ୟ ଓ ମାନବ ସେବା ବିଭାଗ ଅଧୀନ ଏକ ସଂସ୍ଥା ଏବଂ ଏହା ବାୟୋମେଡିକାଲ ତଥା ଜନସ୍ୱାସ୍ଥ୍ୟ ଗବେଷଣା ଉପରେ କାର୍ଯ୍ୟ କରୁଛି। ତେବେ ଗଣମାଧ୍ୟମରେ ☞ପୃଷ୍ଠା-୪

**କରୋନା ବିରୋଧରେ ଭାରତର ପଦକ୍ଷେପକୁ ଡବ୍ଲ୍ୟୁଏଚ୍‌ଓର ପ୍ରଶଂସା**

କରୋନା ଭୂତାଣୁ ସଂକ୍ରମଣ ବିରୋଧରେ ଭାରତର କଠୋର ଓ ସମୟୋଚିତ ପଦକ୍ଷେପକୁ ବିଶ୍ୱ ସ୍ୱାସ୍ଥ୍ୟ ସଂଗଠନ (ଡବ୍ଲ୍ୟୁଏଚ୍‌ଓ) ପକ୍ଷରୁ ପ୍ରଶଂସା କରାଯାଇଛି। ଲକ୍‌ଡାଉନ ସମୟସୀମା ମେ'୩ ପର୍ଯ୍ୟନ୍ତ ବଢ଼ାଇବା ଠିକ୍ ପଦକ୍ଷେପ। ସାମାଜିକ ଦୂରତ୍ୱ ବଜାୟ ରଖିବା ସହ ସଂକ୍ରମିତଙ୍କୁ ଚିହ୍ନଟ କରିବା, ପରୀକ୍ଷା କରିବା ଓ ଆଇସୋଲେସନରେ ରଖିବାରେ ଏହା ସହାୟକ ହେବ।

# ମହାରାଷ୍ଟ୍ରରେ ସଙ୍କଟ, ମେଘାଳୟରେ ଆରମ୍ଭ

| ରାଜ୍ୟ/ୟୁଟି | ମୋଟ ସଂକ୍ରମିତ | ଚିକିତ୍ସାଧୀନ | ଆରୋଗ୍ୟ | ମୃତ୍ୟୁ |
|---|---|---|---|---|
| ମହାରାଷ୍ଟ୍ର | ୨,୪୫୫ | ୨,୦୬୬ | ୨୨୯ | ୧୬୦ |
| ତାମିଲନାଡୁ | ୧,୨୦୪ | ୧,୧୧୧ | ୮୧ | ୧୨ |
| ଦିଲ୍ଲୀ | ୧,୫୧୦ | ୧,୪୫୧ | ୩୧ | ୨୮ |
| ତେଲଙ୍ଗାନା | ୫୯୨ | ୪୭୨ | ୧୦୩ | ୧୭ |
| କେରଳ | ୩୮୬ | ୧୭୩ | ୨୧୧ | ୨ |
| ଉତ୍ତରପ୍ରଦେଶ | ୬୬୦ | ୬୦୨ | ୫୦ | ୮ |
| ଆନ୍ଧ୍ରପ୍ରଦେଶ | ୪୭୩ | ୪୪୮ | ୧୬ | ୯ |
| ରାଜସ୍ଥାନ | ୯୬୯ | ୮୨୫ | ୧୩୩ | ୧୧ |
| ମଧ୍ୟପ୍ରଦେଶ | ୬୧୪ | ୫୧୩ | ୫୧ | ୫୦ |
| କର୍ଣ୍ଣାଟକ | ୨୬୦ | ୧୭୯ | ୭୧ | ୧୦ |
| ଗୁଜରାଟ | ୬୫୦ | ୫୬୩ | ୫୯ | ୨୮ |
| ହରିୟାଣା | ୧୯୮ | ୧୪୦ | ୫୫ | ୩ |
| ଜମ୍ମୁ-କଶ୍ମୀର | ୨୭୮ | ୨୪୪ | ୩୦ | ୪ |
| ପଶ୍ଚିମବଙ୍ଗ | ୧୯୦ | ୧୪୭ | ୩୬ | ୭ |
| ପଞ୍ଜାବ | ୧୮୪ | ୧୪୭ | ୨୫ | ୧୨ |
| ଓଡ଼ିଶା | ୬୦ | ୪୧ | ୧୮ | ୧ |
| ବିହାର | ୬୬ | ୩୬ | ୨୯ | ୧ |
| ଉତ୍ତରାଖଣ୍ଡ | ୩୭ | ୨୮ | ୯ | - |
| ଆସାମ | ୩୧ | ୩୦ | - | ୧ |
| ଚଣ୍ଡିଗଡ଼ | ୨୧ | ୧୪ | ୭ | - |
| ଲଦାଖ | ୧୭ | ୫ | ୧୨ | - |
| ହିମାଚଳ ପ୍ରଦେଶ | ୩୨ | ୧୮ | ୧୨ | ୨ |
| ଆଣ୍ଡାମାନ ଓ ନିକୋବର | ୧୧ | ୧ | ୧୦ | - |
| ଛତିଶଗଡ଼ | ୩୩ | ୨୩ | ୧୦ | - |
| ଗୋଆ | ୭ | ୨ | ୫ | - |
| ପୁଡୁଚେରୀ | ୭ | ୬ | ୧ | - |
| ଝାଡ଼ଖଣ୍ଡ | ୨୭ | ୨୫ | - | ୨ |
| ମଣିପୁର | ୨ | ୧ | ୧ | - |
| ଅରୁଣାଚଳ ପ୍ରଦେଶ | ୧ | ୧ | - | - |
| ଦାଦ୍ରା ଓ ନଗର ହାବେଳି | ୧ | ୧ | - | - |
| ମିଜୋରାମ | ୧ | ୧ | - | - |
| ତ୍ରିପୁରା | ୨ | ୨ | - | - |
| ମୋଟ | ୧୦,୯୮୧ | ୯,୩୧୮ | ୧,୨୯୫ | ୩୬୮ |

https://www.covid19india.org ତଥ୍ୟ ଅନୁଯାୟୀ (ମଙ୍ଗଳବାର ରାତି ୧୦ଟା ସୁଦ୍ଧା)



**ନୂଆଦିଲ୍ଲୀ,୧୪।୪:** ଭାରତରେ କରୋନା ଆକ୍ରାନ୍ତଙ୍କ ସଂଖ୍ୟା ବଢ଼ି ବଢ଼ି ଚାଲିଛି। ମୋଟ ସଂକ୍ରମିତଙ୍କ ସଂଖ୍ୟା ୧୧ ହଜାର ଟପିଲାଣି। ଦେଶରେ ସବୁଠାରୁ ଅଧିକ ପ୍ରଭାବିତ ହୋଇଛି ମହାରାଷ୍ଟ୍ର। ଏଠାରେ ଏବେ ମୃତ୍ୟୁସଂଖ୍ୟା ୧୬୦ ଟପିଥିବା ବେଳେ ସଂକ୍ରମିତଙ୍କ ସଂଖ୍ୟା ବଢ଼ି ୨,୫୦୦ ପରେ ହେଲାଣି। ହେଲେ ଏହି ରାଜ୍ୟରେ ଆକ୍ରାନ୍ତଙ୍କ ସଂଖ୍ୟା ଏତେ କାହିଁକି ବୋଲି ସାଧାରଣରେ ପ୍ରଶ୍ନ ଉଠିଛି। କରୋନା ଭୂତାଣୁ ଆସିବାର ୩ ମାସରୁ ଅଧିକ କାଳ ପର୍ଯ୍ୟନ୍ତ ମେଘାଳୟ ଭଳି ରାଜ୍ୟକୁ ଛୁଇଁପାରି ନ ଥିବାବେଳେ ମହାରାଷ୍ଟ୍ରରେ ଏତେ କରୋନା ରୋଗୀ ବାହାରିବା ପଛରେ କ'ଣ କାରଣ ଥାଇପାରେ। ମେଘାଳୟରେ ଜଣେ କରୋନା ସଂକ୍ରମିତ ଚିହ୍ନଟ ହୋଇଥିବା ବେଳେ କୁହାଯାଇଛି ଅଧିକରୁ ଅଧିକ ସଚେତନତା ଓ ପରୀକ୍ଷା ଯୋଗୁ ମହାରାଷ୍ଟ୍ରରେ ଏଭଳି ସ୍ଥିତି।

ମାର୍ଚ୍ଚ ୯ରେ ମହାରାଷ୍ଟ୍ରରେ ପ୍ରଥମ ୩ କରୋନା ଆକ୍ରାନ୍ତଙ୍କୁ ଚିହ୍ନଟ କରାଯାଇଥିଲା। ସେତେବେଳେ ୧୦୦ ଟେଷ୍ଟ କରିବା ଲାଗି ରାଜ୍ୟର କ୍ଷମତା ଥିଲା। ଏବେ ରୋଗୀସଂଖ୍ୟା ବଢ଼ିବା ପରେ ଘରୋଇ ଲାବ୍‌ଗୁଡ଼ିକୁ ମିଶାଇ ଦିନକୁ ୩ ହଜାର ପରୀକ୍ଷା ସମ୍ଭବ ହୋଇପାରୁଛି। ଏଥିସହ ପ୍ରଶାସନ ପକ୍ଷରୁ ପ୍ରଦୂଷିତ କ୍ଷେତ୍ର ଚିହ୍ନଟ କରାଯାଇ ପଦକ୍ଷେପ ଗ୍ରହଣ କରାଯାଉଛି। ମୁମ୍ବାଇକୁ ମିଶାଇ ଏବେ ରାଜ୍ୟରେ ମୋଟ ୨୨୮ ପ୍ରଦୂଷିତ କ୍ଷେତ୍ର ଚିହ୍ନଟ ହୋଇଛି। ସ୍ୱତନ୍ତ୍ର ଟିମ୍ ଗଠନ କରାଯାଇ ଦୈନିକ ସର୍ଭେ କରାଯାଉଛି। ହାଇ ରିସ୍କ କଣ୍ଟାକ୍ଟ ଜୋନ୍ ଚିହ୍ନଟ କରାଯାଉଛି। ସେଠାରେ ଲୋକଙ୍କୁ ପରୀକ୍ଷା କରାଯିବା ସହ ଅନ୍ୟ ଅଞ୍ଚଳଗୁଡ଼ିକରେ ସରକାରୀ ଆଇସୋଲେଶନର ବ୍ୟବସ୍ଥାକୁ କଡ଼ାକଡ଼ି କରାଯାଇଛି। କସ୍ତୁରବା ହସ୍‌ପିଟାଲ, ସେଣ୍ଟ ଜର୍ଜ ହସ୍‌ପିଟାଲ, ସେଭେନ୍ ହିଲ୍‌ସ ହସ୍‌ପିଟାଲ, ନାନାବତୀ ହସ୍‌ପିଟାଲ, ସେଂଫି ହସ୍‌ପିଟାଲ ଆଦିରେ ବିଭିନ୍ନ ସୁବିଧା କରାଯାଇ ପଜିଟିଭ୍ ରୋଗୀଙ୍କ ଚିହ୍ନଟ ଓ ଚିକିତ୍ସା କରାଯାଉଛି। ଡାକ୍ତର, ପାରାମେଡିକାଲ କର୍ମଚାରୀମାନେ ଘନଘନ ସ୍ଥିତି ସମୀକ୍ଷା କରୁଛନ୍ତି। ପୋଲିସ କର୍ମଚାରୀଙ୍କଠାରୁ ଆରମ୍ଭ କରି ବିଭିନ୍ନ ଉଚ୍ଚପଦସ୍ଥ ସରକାରୀ କର୍ମଚାରୀମାନେ ମହାରାଷ୍ଟ୍ରରେ ସତର୍କ ଓ ସଚେତନ ଅଛନ୍ତି।

**କରୋନା କାଳ**
- ୧୧ ହଜାର ଟପିଲା ସଂକ୍ରମିତଙ୍କ ସଂଖ୍ୟା
- ଜମାତ୍‌କୁ ମହାରାଷ୍ଟ୍ରରୁ ଯାଇଥିଲେ ୧,୫୦୦
- ମେଘାଳୟରେ ବିଳମ୍ବରେ ପହଞ୍ଚିଲା ଭୂତାଣୁ

ମହାରାଷ୍ଟ୍ର ଡ୍ରଗ ବିଭାଗ ପକ୍ଷରୁ ପ୍ରତିଦିନ ସନ୍ଧ୍ୟାରେ ସ୍ଥିତି ସମୀକ୍ଷା କରାଯାଇ ରିପୋର୍ଟ ରଖାଯାଉଛି। ସଂକ୍ରମଣ ବ୍ୟକ୍ତି ଚିହ୍ନଟ ହେବା ପରେ ତାଙ୍କ ସଂସ୍ପର୍ଶରେ ଆସିଥିବା ବିଭିନ୍ନ ବ୍ୟକ୍ତିଙ୍କୁ ତୁରନ୍ତ ପରୀକ୍ଷା କରାଯିବାରୁ ମହାରାଷ୍ଟ୍ର ସ୍ଥିତି ଏଭଳି ହୋଇଛି ବୋଲି କହିଛନ୍ତି ଟାଟା ଇନ୍‌ଷ୍ଟିଚ୍ୟୁଟ ଅଫ୍ ସୋସିଆଲ ସାଇନ୍ସର ପୂର୍ବତନ ଡିନ୍ ଟି. ସୁନ୍ଦରରମନ୍।

ଏଥିସହ ଦିଲ୍ଲୀର ତବ୍‌ଲିଘି ଜମାତ୍ କାର୍ଯ୍ୟକ୍ରମରେ ମହାରାଷ୍ଟ୍ରରୁ ୧,୫୦୦ ଯାଇଥିବା ବେଳେ ସେମାନଙ୍କ ମଧ୍ୟରୁ ୧,୩୫୦ଙ୍କୁ ତତ୍‌କ୍ଷଣାତ୍ କ୍ୱାରାଣ୍ଟାଇନରେ ରଖାଯାଇଥିଲା। ଚିହ୍ନଟ ପ୍ରକ୍ରିୟାରେ ବିଳମ୍ବ ହେଲେ ସଂକ୍ରମଣର ମାତ୍ରା ଅଧିକ ରହିଥାଏ। ତୁରନ୍ତ ଚିହ୍ନଟ ସହ ଏହାର ନିରାକରଣ ପ୍ରତି ବିଶେଷ ଧ୍ୟାନ ଦିଆଗଲେ ସଂକ୍ରମିତଙ୍କ ସଂଖ୍ୟା ବୃଦ୍ଧିପାଇବାର ସମ୍ଭାବନା ରହିଥାଏ। ଏଥିସହ ବିଭିନ୍ନ ବସ୍ତିରେ ରହୁଥିବା ସଂକ୍ରମିତଙ୍କ ଚିହ୍ନଟ ପ୍ରମୁଖତା ରଖିଥାଏ।

ମେଘାଳୟ ଭାରତର ସୀମାରେ ରହିଥିଲେ ହେଁ ଏଠାରେ ବିଳମ୍ବରେ କରୋନା ଭୂତାଣୁ ପହଞ୍ଚିଛି। ମାତ୍ର ଗୋଟିଏ ସଂକ୍ରମିତ ରୋଗୀ ଏଠାରେ ଚିହ୍ନଟ କରାଯାଇଛି। ଏହାର କାରଣ ମଧ୍ୟ ଅନେକ। ଏଠାରେ ଅଧିକାଂଶ ଲୋକେ ଆଦିବାସୀ ସମ୍ପ୍ରଦାୟର। ସେମାନେ ପାରମ୍ପରିକ ଖାଦ୍ୟ ଓ ଅଭ୍ୟାସ ରହିଥାଏ। ପାହାଡ଼ିଆ ଅଞ୍ଚଳ ହୋଇଥିବାରୁ ଜଳବାୟୁ ମଧ୍ୟ ଏଠାରେ ଭିନ୍ନ। ଲକ୍‌ଡାଉନ୍ ଲାଗୁହେବା ପୂର୍ବରୁ ଏହି ରାଜ୍ୟ ଏକପ୍ରକାର ଆଇସୋଲେଟ ଭିତରେ ଥିଲା। ସେଭଳି ବିଦେଶୀଙ୍କ ଚଳପ୍ରଚଳ ଏଠାରେ ଦେଖିବାକୁ ମିଳି ନ ଥିଲା। ମାର୍ଚ୍ଚ ୧୯ରେ ରାଜ୍ୟ ସରକାର ପର୍ଯ୍ୟଟନ ସ୍ଥଳଗୁଡ଼ିକୁ ବନ୍ଦ କରିଦେଇଥିଲେ। ରାଜସ୍ୱହାନି ସତ୍ତ୍ୱେ କରୋନା ଭୂତାଣୁ ସଂକ୍ରମଣକୁ ରାଜ୍ୟ ସଫଳତାର ସହ ରୋକିବାରେ ସକ୍ଷମ ହୋଇଥିଲା। ପ୍ରବଳ କାକର ଯୋଗୁ ଏଠାକାର ପରିବେଶ ସବୁ ରାଜ୍ୟଠାରୁ ଭିନ୍ନ ହୋଇଥାଏ। ସଂକ୍ରମଣ ବ୍ୟାପିବା ଏଥିଲାଗି କାଠିକର ପାଠ ହୋଇଥାଏ। ଏଠାକାର ରାସ୍ତାଘାଟ ଗାଁଗଣ୍ଡା ସବୁବେଳେ ପରିଷ୍କାର। ଜନସଂଖ୍ୟା ଘନତ୍ୱ ମଧ୍ୟ ବହୁତ୍ କମ୍ ରହିଛି। ତେଣୁ ସାମାଜିକ ଦୂରତ୍ୱ ରକ୍ଷା ସମ୍ଭବ ହୋଇପାରିଛି। ଏହା ପାନ, ଲିମ୍ବଗଛ ଭଳି ଔଷଧୀୟ ବୃକ୍ଷବହୁଳ ଅଞ୍ଚଳ। ଭୂତାଣୁକୁ ଦୂରେଇ ରଖିବାରେ ଏସବୁ ସହାୟକ ହୋଇଥାଏ। ଏଥିସହ ପ୍ରଶାସନିକ ପଦକ୍ଷେପ ଓ ସତର୍କତା ଲୋକମାନଙ୍କୁ କରୋନା ଭୂତାଣୁଠାରୁ ଦୂରେଇ ରଖିବାରେ ସଫଳ ହୋଇପାରିଛି। ପଡ଼ା ମୁଖିଆଙ୍କଠାରୁ ସ୍ୱାସ୍ଥ୍ୟକର୍ମୀଙ୍କ ପର୍ଯ୍ୟନ୍ତ ଏଠାରେ ସମସ୍ତେ ଏବେ ସଚେତନ, ତେଣୁ କରୋନା ଭୟ ଏଠାରେ ସେଭଳି ନ ଥିବା କୁହାଯାଇଛି।

## ୨୫ ହଜାର ପିପିଇ ଦାନ କଲେ ଶାହରୁଖ

**ମୁମ୍ବାଇ,୧୪।୪:** କରୋନା ମୁକାବିଲା ପାଇଁ ଅଭିନେତା ଶାହରୁଖ ଖାନ୍ ମହାରାଷ୍ଟ୍ର ମେଡିକାଲ କର୍ମଚାରୀଙ୍କ ଲାଗି ୨୫ ହଜାର ପିପିଇ (ପର୍ସନାଲ ପ୍ରୋଟେକ୍ଟିଭ ଇକ୍ୱିପ୍‌ମେଣ୍ଟ) କିଟ୍ ଦାନ କରିଛନ୍ତି। ଏନେଇ ମହାରାଷ୍ଟ୍ରର ଜନସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ମନ୍ତ୍ରୀ ରାଜେଶ୍ ଟୋପେ ସୂଚନା ଦେଇଛନ୍ତି। ଶାହରୁଖଙ୍କୁ ଧନ୍ୟବାଦ ଦେଇ ଏଭଳି ବଦାନ୍ୟତା କରୋନା ଲଢ଼େଇ କ୍ଷେତ୍ରରେ ଦହଯୋଗ ଆଣିବ ବୋଲି ମନ୍ତ୍ରୀ ପ୍ରକାଶ କରିଛନ୍ତି। ଶାହରୁଖ ମଧ୍ୟ ମାଇକ୍ରୋବ୍ଲଗିଂ ସାଇଟରେ ସମସ୍ତଙ୍କ ଶୁଭକାମନା କରିଛନ୍ତି। ପୂର୍ବରୁ ଶାହରୁଖଙ୍କ ଏନ୍‌ଜିଓ 'ମୀର୍ ଫାଉଣ୍ଡେଶନ' ମହାରାଷ୍ଟ୍ର ଓ ପଶ୍ଚିମବଙ୍ଗ ଲାଗି ୫୦ ହଜାର ପିପିଇ ଦାନ କରିବ ବୋଲି ଘୋଷଣା କରିଥିଲା। ଶାହରୁଖ ଓ ତାଙ୍କ ସ୍ତ୍ରୀ ଗୌରୀ ଖାନ୍ ତାଙ୍କ ୪ ମହଲା ଅଫିସ ବିଲ୍ଡିଂକୁ କରୋନା ଆକ୍ରାନ୍ତଙ୍କ ଚିକିତ୍ସା ଲାଗି ପ୍ରଦାନ କରିଛନ୍ତି। କେନ୍ଦ୍ର ଓ ବିଭିନ୍ନ ରାଜ୍ୟ ସରକାରଙ୍କୁ ସାହାଯ୍ୟ ଲାଗି ଶାହରୁଖଙ୍କ ଅନ୍ୟ କମ୍ପାନୀ 'ରେଡ୍ ଚିଲିଜ୍ ଏଣ୍ଟରଟେନ୍‌ମେଣ୍ଟ', 'କୋଲକାତା ନାଇଟ୍ ରାଇଡର୍ସ', ରେଡ୍ ଚିଲିଜ୍ ଭିଏଫ୍‌ଏକ୍ସ'ର ସହଯୋଗ ଲେକାଡ଼ିଛନ୍ତି।



## ଏମାନଙ୍କୁ ଫରକ ପଡୁନି...



ଲକ୍‌ଡାଉନ୍ ବେଳେ ନୂଆଦିଲ୍ଲୀର ତୁଗ୍‌ଲକ ରୋଡ୍‌ରେ ମୟୂର ସହ ପାରାମାନେ ଦାନା ଖାଉଛନ୍ତି।

## ଟୁଇଟରରେ ପ୍ରୋଫାଇଲ ଫଟୋ ବଦଳାଇଲେ ମୋଦି

**ନୂଆଦିଲ୍ଲୀ,୧୪।୪:** ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ମଙ୍ଗଳବାର ନିଜ ଟୁଇଟର ପ୍ରୋଫାଇଲର ଛବି ବଦଳାଇଛନ୍ତି। ଅପ୍‌ଲୋଡ ହୋଇଥିବା ନୂଆ ଛବିରେ ସେ ମୁହଁରେ ଗାମୁଛା(କଟନ)ର ମାସ୍କ ପିନ୍ଧିଛନ୍ତି। ଏହି ମାସ୍କରେ ତାଙ୍କ ନାକ, ପାଟି ଘୋଡ଼େଇ ହୋଇ ରହିଛି। କରୋନା ଭାଇରସ୍‌ଠାରୁ ଦୂରେଇ ରହିବା ଲାଗି ଦେଶବାସୀଙ୍କୁ ଘରତିଆରି ମାସ୍କ ପିନ୍ଧିବାକୁ କହିଥିବା ମୋଦିଙ୍କ ଏଭଳି ସନ୍ଦେଶ ତାଙ୍କ ଟୁଇଟର ମାଧ୍ୟମରେ ପ୍ରତିଫଳିତ ହୋଇଛି। ଏହାଦ୍ୱାରା ଲୋକମାନେ ସଚେତନ ହେବା ସହ ଘରତିଆରି ମାସ୍କ କିମ୍ବା ଗାମୁଛାକୁ ମୁହଁରେ ବାନ୍ଧି କରୋନାଠାରୁ ଦୂରେଇ ରହିପାରିବେ।



## ୩ ଯାଏ ଟ୍ରେନ୍, ବିମାନ ଚଳାଚଳ ବନ୍ଦ

**ନୂଆଦିଲ୍ଲୀ,୧୪।୪(ପି.ଟି.):** ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଦେଶବ୍ୟାପୀ ଲକ୍‌ଡାଉନ ସମୟସୀମା ଆଉ ୧୯ ଦିନ ବଢ଼ାଇବା ପରେ ଭାରତୀୟ ରେଲୱେ ଏହାର ସମସ୍ତ ଯାତ୍ରୀବାହୀ ଟ୍ରେନ ଚଳାଚଳକୁ ମେ'୩ ପର୍ଯ୍ୟନ୍ତ ବନ୍ଦ ରଖିବାକୁ ନିଷ୍ପତ୍ତି ନେଇଛି। ଏହି ସମୟ ମଧ୍ୟରେ ଯାତ୍ରା କରିବା ଲାଗି ଯେଉଁମାନେ ଅନ୍‌ଲାଇନରେ ଅଗ୍ରିମ ଟିକେଟ କରିଥିବେ, ସେମାନଙ୍କର ସମ୍ପୂର୍ଣ୍ଣ ଦେୟ ସ୍ୱତଃ ଫେରସ୍ତ ମିଳିବ। ଯେଉଁମାନେ କାଉଣ୍ଟରରେ ଟିକେଟ କରିଥିବେ ସେମାନଙ୍କୁ ଜୁଲାଇ ୩୧ ମଧ୍ୟରେ ରିଫଣ୍ଡ ପାଇବା ଲାଗି ଆବେଦନ କରିବାକୁ ହେବ। ସେହିପରି ନିଜଆଡୁ ଟିକେଟ ବାତିଲ କରିଥିବା ଯାତ୍ରୀଙ୍କୁ ମଧ୍ୟ ପୂର୍ଣ୍ଣ ଦେୟ ଫେରସ୍ତ ମିଳିବ ବୋଲି ରେଲୱେ ପକ୍ଷରୁ କୁହାଯାଇଛି। ସେହିପରି ମେ' ୩ ମଧ୍ୟରାତ୍ର ପର୍ଯ୍ୟନ୍ତ ସମସ୍ତ ଅନ୍ତର୍ଜାତୀୟ ଏବଂ ଘରୋଇ ବ୍ୟବସାୟିକ ଯାତ୍ରୀବାହୀ ବିମାନ ଚଳାଚଳ ବନ୍ଦ ରଖିବାକୁ ସରକାର ନିଷ୍ପତ୍ତି ନେଇଛନ୍ତି। ପୂର୍ବରୁ ଘରୋଇ ଓ ଅନ୍ତର୍ଜାତୀୟ ବିମାନ ଚଳାଚଳକୁ ମାର୍ଚ୍ଚ ୨୫ରୁ ଏପ୍ରିଲ ୧୪ ପର୍ଯ୍ୟନ୍ତ ବାତିଲ କରାଯାଇଥିଲା। ଏହାକୁ ମେ' ୩୧ ମଧ୍ୟରାତ୍ର ପର୍ଯ୍ୟନ୍ତ ବଢ଼ାଗଲା ବୋଲି ବେସାମରିକ ବିମାନ ଚଳାଚଳ ମନ୍ତ୍ରଣାଳୟ ପକ୍ଷରୁ କୁହାଯାଇଛି।

## କୋଭିଡ୍ ଫଣ୍ଡ ଗଠନ କଲା ଗିଭ୍‌ଇଣ୍ଡିଆ

ଅଣଲାଭଦାୟକ ସଂସ୍ଥା ଗିଭ୍‌ଇଣ୍ଡିଆ ପକ୍ଷରୁ 'ଇଣ୍ଡିଆ କୋଭିଡ୍ ରେସ୍‌ପନ୍ସ ଫଣ୍ଡ' (ଆଇସିଆର୍‌ଏଫ୍) ଗଠନ କରାଯାଇଛି। ଏଥିପାଇଁ ଉକ୍ତ ସଂସ୍ଥା ପ୍ରଥମ ପର୍ଯ୍ୟାୟରେ ୭୫ କୋଟି ଟଙ୍କା ଦାନ କରିଛି। ସାରା ଦେଶରେ ଅଧିକ ସଂକ୍ରମିତ ଅଞ୍ଚଳ ଚିହ୍ନଟ କରିବା ଓ ଲୋକଙ୍କୁ ସହାୟତା ଯୋଗାଇଦେବାରେ ଏହି ପାଣ୍ଠି ବ୍ୟୟ ହେବ। ଉକ୍ତ ପାଣ୍ଠିକୁ ଦାନ କରିବା ଲାଗି ଗିଭ୍‌ଇଣ୍ଡିଆ ପକ୍ଷରୁ ବିଭିନ୍ନ ବ୍ୟକ୍ତିବିଶେଷ ଓ କମ୍ପାନୀଗୁଡ଼ିକୁ ଅନୁରୋଧ କରାଯାଇଛି। ଦେଶର କୋଟିଏ ଲୋକଙ୍କୁ ସହାୟତା ଯୋଗାଇଦେବା ଲାଗି ଏହି ସଂସ୍ଥା ଲକ୍ଷ୍ୟ ରଖିଛି।

## କ୍ୱାରାଣ୍ଟାଇନ ସେଣ୍ଟରକୁ ନେଇ ସଂଘର୍ଷ

**କୋଲକାତା,୧୪।୪(ପି.ଟି.):** କ୍ୱାରାଣ୍ଟାଇନ ସେଣ୍ଟର ସ୍ଥାପନକୁ ବିରୋଧ କରି ମଙ୍ଗଳବାର ପଶ୍ଚିମବଙ୍ଗ ଆସାନସୋଲ ସହରର ଚରୁଲିଆ ଅଞ୍ଚଳରେ ପୋଲିସ ଓ ସ୍ଥାନୀୟ ଲୋକଙ୍କ ମଧ୍ୟରେ ସଂଘର୍ଷ ଘଟିଛି। ଏଥିରେ ଜଣେ ବରିଷ୍ଠ ଅଧିକାରୀଙ୍କ ସମେତ ୨୦ ପୋଲିସ କର୍ମଚାରୀ ଆହତ ହୋଇଥିବା ଜଣାପଡିଛି। ସ୍ଥାନୀୟ ସ୍ୱାସ୍ଥ୍ୟକେନ୍ଦ୍ରକୁ କ୍ୱାରାଣ୍ଟାଇନ ସେଣ୍ଟରରେ ପରିବର୍ତ୍ତନ କରିବା ଲାଗି ପୌରସଂସ୍ଥା ନିଷ୍ପତ୍ତି ନେଇଥିଲା। ମଙ୍ଗଳବାର ଅପରାହ୍ନରେ ସ୍ୱାସ୍ଥ୍ୟ ବିଭାଗ ଓ ପୌରପାଳିକାର କେତେକ ଅଧିକାରୀ ସେଠାକୁ ପରିଦର୍ଶନରେ ଯାଇଥିବାବେଳେ ସ୍ଥାନୀୟ ଲୋକେ ଏକାଠି ହୋଇ ଏହାର ବିରୋଧ କରିଥିଲେ। ଲୋକମାନେ ଅଫିସରମାନଙ୍କୁ ଗାଳିଗୁଲଜ କରିବା ସହ ଠେଲାପେଲା କରିଥିଲେ। ଫଳରେ ପୋଲିସ ଡାକିବାକୁ ପଡ଼ିଥିଲା। ପୋଲିସକୁ ଦେଖି ଲୋକେ ଉତ୍ତ୍ୟକ୍ତ ହୋଇ ଟେକାମାଡ଼ ଆରମ୍ଭ କରିଦେଇଥିଲେ। ସ୍ଥିତିକୁ ନିୟନ୍ତ୍ରଣ କରିବାକୁ ଯାଇ ପୋଲିସ ଲାଠିଚାଳନା କରିବା ସହ ଲୁହବୁହା ବାଷ୍ପ ପ୍ରୟୋଗ କରିଥିଲା। ଏଥିରେ କେତେଜଣ ଲୋକ ଆହତ ହୋଇଛନ୍ତି। ଆକ୍ରମଣ ପଛରେ ଥିବା ଲୋକମାନଙ୍କୁ ଧରିବା ଲାଗି ପୋଲିସ ତନାଘନା ଚଳାଇଛି।

**୨୦ ପୋଲିସ ଆହତ**



## ମହଜୁଦ ଅଛି ପର୍ଯ୍ୟାପ୍ତ ଜରୁରୀ ସାମଗ୍ରୀ: ଶାହା

**ନୂଆଦିଲ୍ଲୀ,୧୪।୪(ପି.ଟି.)** ଦେଶରେ ଖାଦ୍ୟସାମଗ୍ରୀ, ଔଷଧ ଏବଂ ଅନ୍ୟାନ୍ୟ ଅତ୍ୟାବଶ୍ୟକ ଦ୍ରବ୍ୟ ପର୍ଯ୍ୟାପ୍ତ ପରିମାଣରେ ମହଜୁଦ ରହିଥିବା ସ୍ୱରାଷ୍ଟ୍ର ମନ୍ତ୍ରୀ ଅମିତ୍ ଶାହା ମଙ୍ଗଳବାର କହିଛନ୍ତି। ତେଣୁ ଲକ୍‌ଡାଉନ ସମୟସୀମା ବୃଦ୍ଧି ନେଇ କେହି ବିଚଳିତ ହେବା ଆବଶ୍ୟକ ନାହିଁ ବୋଲି ସେ ଦେଶବାସୀଙ୍କୁ ଆଶ୍ୱାସନା ଦେଇଛନ୍ତି। ଧନୀ ଲୋକମାନେ ସେମାନଙ୍କ ଆଖପାଖରେ ରହୁଥିବା ଗରିବଙ୍କୁ ସହାୟତା କରିବା ଲାଗି ଶାହା ଏକାଧିକ ଟୁଇଟ୍ ଜରିଆରେ ଆହ୍ୱାନ ଦେଇଛନ୍ତି। କରୋନା ମୁକାବିଲା ଦିଗରେ ରାଜ୍ୟ ସରକାରଗୁଡ଼ିକ କେନ୍ଦ୍ର ସହ ମିଶି ଯେଭଳି କାର୍ଯ୍ୟ କରୁଛନ୍ତି ତାହା ପ୍ରଶଂସନୀୟ ବୋଲି ସ୍ୱରାଷ୍ଟ୍ର ମନ୍ତ୍ରୀ କହିଛନ୍ତି। ଏହି ସହଯୋଗ ବୃଦ୍ଧି ପାଇଲେ ସମସ୍ତେ ଠିକ୍‌ଭାବେ ଲକ୍‌ଡାଉନ ପାଳନ କରିବା ସହ କେହି ଅସୁବିଧାର ସମ୍ମୁଖୀନ ହେବେନାହିଁ। କରୋନା ଲଢ଼େଇରେ ସାମିଲ ଡାକ୍ତର, ସ୍ୱାସ୍ଥ୍ୟକର୍ମୀ, ସଫେଇ କର୍ମଚାରୀ, ପୋଲିସ ଓ ସମସ୍ତ ସୁରକ୍ଷା କର୍ମଚାରୀଙ୍କ ଅବଦାନକୁ ଶାହା ଉଚ୍ଚ ପ୍ରଶଂସା କରିବା ସହ ଅନ୍ୟମାନେ ସେମାନଙ୍କୁ ସହଯୋଗ କରିବା ଲାଗି ପରାମର୍ଶ ଦେଇଛନ୍ତି।



## ଆମେରିକା ଧରାଶାୟୀ

**ୱାଶିଂଟନ,୧୪।୪:** କରୋନା ଭୂତାଣୁ ଦ୍ୱାରା ସର୍ବାଧିକ ପ୍ରଭାବିତ ହୋଇଛି ବିଶ୍ୱର ସବୁଠାରୁ ବିତ୍ତଶାଳୀ ଦେଶ ଆମେରିକା। ଚାଇନାରୁ ଆସିଥିବା ଏହି ମହାମାରୀ ଭୂତାଣୁ ଆମେରିକାକୁ ଧରାଶାୟୀ କରିପକାଇଛି। ଏଠାରେ ଏବେ ସଂକ୍ରମିତଙ୍କ ସଂଖ୍ୟା ୫.୯୨ ଲକ୍ଷ ଟପିଥିବାବେଳେ ୨୪ ହଜାର ୬୧୦ ଜୀବନ ଗଲାଣି। ଭୂତାଣୁ ଅର୍ଥ ବ୍ୟବସ୍ଥାକୁ ଖିନ୍‌ଭିନ୍ କରି ଜନଜୀବନକୁ ଅସ୍ତବ୍ୟସ୍ତ କରିପକାଇଛି। ନ୍ୟୁୟର୍କ ସହରରେ ସ୍ପେନ୍, ଇଟାଲୀଠାରୁ ମଧ୍ୟ ଅଧିକ (୧୯୬,୧୪୬) ସଂକ୍ରମିତ ହୋଇଛନ୍ତି। ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପଙ୍କ ସବୁ ଉଦ୍ୟମ ବିଫଳ ହେବା ପରେ ସେ ଅସହାୟ ହୋଇପଡ଼ିଛନ୍ତି। ସ୍ପେନ୍‌ରେ ଆକ୍ରାନ୍ତଙ୍କ ସଂଖ୍ୟା ୧୭୨,୫୪୧ ରହିଥିବାବେଳେ ମୃତ୍ୟୁସଂଖ୍ୟା ୧୮,୦୫୬ରେ ପହଞ୍ଚିଛି। ଫ୍ରାନ୍ସରେ ଆକ୍ରାନ୍ତଙ୍କ ସଂଖ୍ୟା ବଢ଼ି ୧.୩୬ ଲକ୍ଷ ଟପିଥିବାବେଳେ ୧୫ ହଜାର ଲୋକଙ୍କ ଜୀବନ ଗଲାଣି। ଜର୍ମାନୀରେ ୧.୩୧ ଲକ୍ଷ ସଂକ୍ରମିତ ଥିବାବେଳେ ୩,୨୬୧ ବ୍ୟକ୍ତି ପ୍ରାଣ ହରାଇଛନ୍ତି।

**୨୪,୬୧୦ ମୃତ, ୫.୯୨ ଲକ୍ଷ ସଂକ୍ରମିତ**




## ସୁରଟରେ ଦାଦନଙ୍କ ବିକ୍ଷୋଭ

**ସୁରଟ,୧୪।୪:** ଲକ୍‌ଡାଉନ ଯୋଗୁ ଘରକୁ ଫେରି ନ ପାରି ଦାଦନ ଶ୍ରମିକମାନେ ନାହିଁ ନ ଥିବା ଅସୁବିଧାର ସମ୍ମୁଖୀନ ହୋଇଛନ୍ତି। ବିଭିନ୍ନ ରାଜ୍ୟରେ ସରକାର ଓ ସ୍ୱେଚ୍ଛାସେବୀ ସଂଗଠନଗୁଡ଼ିକ ପକ୍ଷରୁ ଖାଦ୍ୟ ଓ ଆଶ୍ରୟ ଦିଆଯାଇଥିଲେ ହେଁ ସନ୍ତୁଷ୍ଟ ନୁହନ୍ତି ଦାଦନ। କୌଣସି ପ୍ରକାରେ ଘରକୁ ଫେରିବା ଲାଗି ସେମାନେ ବ୍ୟଗ୍ର। ୨୧ ଦିନିଆ ଲକ୍‌ଡାଉନ ଶେଷ ହେବା ପରେ ଫେରିଯିବା ସୁଯୋଗ ମିଳିବା ନେଇ ସେମାନେ ଆଶାବାଦୀ ଥିଲେ। ହେଲେ ପ୍ରଧାନମନ୍ତ୍ରୀ ସମୟସୀମା ବଢ଼ାଇଦେବାରୁ ଦାଦନଙ୍କ ମଧ୍ୟରେ ଅସନ୍ତୋଷ ବୃଦ୍ଧି ପାଇଛି। ଗୁଜରାଟର ସୁରଟରେ ଶତାଧିକ ଦାଦନ ମଙ୍ଗଳବାର ଏକାଠି ହୋଇ ଘରକୁ ଫେରିଯିବା ଲାଗି ଦାବି କରିଛନ୍ତି। ସହରର ବରଛା ଅଞ୍ଚଳରେ ସେମାନେ ରାସ୍ତାରେ ବିକ୍ଷୋଭ କରିଥିଲେ। ଧୈର୍ଯ୍ୟ ନ ହରାଇବାକୁ ପୋଲିସ ଓ ପ୍ରଶାସନିକ ଅଧିକାରୀମାନେ ସେମାନଙ୍କୁ ବୁଝାଇଥିଲେ। ଖାଦ୍ୟ ମିଳୁ ନ ଥିବା ନେଇ କେତେଜଣ ଅଭିଯୋଗ କରିବା ପରେ ଏକ ଏନ୍‌ଜିଓକୁ ଡାକି ଖାଦ୍ୟ ଯୋଗାଇବାକୁ କୁହାଯାଇଥିଲା। ତୁରନ୍ତ ଖାଦ୍ୟ ଦିଆଯିବା ପରେ ପରିସ୍ଥିତି ନିୟନ୍ତ୍ରଣକୁ ଆସିଥିଲା ବୋଲି ଜଣେ ପୋଲିସ ଅଧିକାରୀ କହିଛନ୍ତି।



**କେନ୍ଦ୍ରକୁ ଅନୁରୋଧ କଲା ଆଇଏନ୍‌ଏସ୍**

## ଖବରକାଗଜ ଶିଳ୍ପକୁ ବଞ୍ଚାଅ

**ନୂଆଦିଲ୍ଲୀ,୧୪।୪:** ଲକ୍‌ଡାଉନ୍ ହେତୁ ଦେଶରେ ଆର୍ଥିକ ସଙ୍କଟ ଘନେଇବାରେ ଲାଗିଛି। କରୋନା ମାଡ଼ରେ ଖବରକାଗଜ ଶିଳ୍ପ ବହୁଳ ପ୍ରଭାବିତ ହୋଇଛି। ଅଦୃଶ୍ୟ ଭାଇରସ୍ ଖବରକାଗଜକୁ ମିଳୁଥିବା ବିଜ୍ଞାପନ ରାଜସ୍ୱକୁ ସମ୍ପୂର୍ଣ୍ଣ ରୂପେ ଖାଇଗଲାଣି। ଏଥିଲାଗି ଏହି ଶିଳ୍ପକୁ ଅଚଳାବସ୍ଥାରୁ ଉଦ୍ଧାର କରିବା ପାଇଁ ଭାରତୀୟ ଖବରକାଗଜ ସୋସାଇଟି (ଆଇଏନ୍‌ଏସ୍) କେନ୍ଦ୍ର ସରକାରଙ୍କୁ ଅନୁରୋଧ କରିଛି।

- ନ୍ୟୁଜ୍‌ପ୍ରିଣ୍ଟ ଉପରେ ୫% ଆମଦାନୀ ଶୁଳ୍କ ହ୍ରାସ କରାଯାଉ
- ୨ ବର୍ଷ ପାଇଁ ଗଣମାଧ୍ୟମ ସଂସ୍ଥାର ଟିକସ ଛାଡ଼ ହେଉ
- ଡିଏଭିପି ବିଜ୍ଞାପନ ୫୦% ବଢାଯାଉ



ଆଇଏନ୍‌ଏସ୍ ପକ୍ଷରୁ କେନ୍ଦ୍ରକୁ ଲେଖାଯାଇଥିବା ଏକ ପତ୍ରରେ ଦୁଇବର୍ଷ ପାଇଁ ଟାକ୍ସ ଛାଡ଼ ଓ ନ୍ୟୁଜ୍‌ପ୍ରିଣ୍ଟ ଉପରେ ଆମଦାନୀ ଶୁଳ୍କକୁ ହଟାଇବା ଲାଗି ଦାବିକୁ ଦୋହରାଯାଇଛି। ଏଥିରେ ଉଲ୍ଲେଖ କରାଯାଇଛି ଯେ, କରୋନା ଭାଇରସ୍ ମୁଦ୍ରଣ ଶିଳ୍ପକୁ ତିନିଗୁଣା ପ୍ରଭାବିତ କରିଛି। ବିଜ୍ଞାପନ ହାର ଦ୍ରୁତଗତିରେ କମିବାରେ ଲାଗିଛି। ଏହାସହ ନ୍ୟୁଜ୍‌ପ୍ରିଣ୍ଟ ଉପରେ ଆମଦାନୀ ଶୁଳ୍କ ଅଭୂତପୂର୍ବ ସ୍ଥିତି ସୃଷ୍ଟି କରିଛି। ଫଳରେ ଘରୋଇ ଖବରକାଗଜ ଶିଳ୍ପ ଖୁବ୍ କମ୍ ସମୟ ମଧ୍ୟରେ ଭୁଶୁଡ଼ିଯିବାର ଦ୍ୱାରଦେଶରେ ଛିଡ଼ା ହୋଇଛି। ଏସବୁକୁ ଦୃଷ୍ଟିରେ ରଖି ଆଇଏନ୍‌ଏସ୍ ପକ୍ଷରୁ ସୂଚନା ଓ ପ୍ରସାରଣ ମନ୍ତ୍ରଣାଳୟକୁ ଏହି ସଙ୍କଟରୁ ଖବରକାଗଜ ଶିଳ୍ପକୁ ମୁକ୍ତ କରିବା ଲାଗି ଅନୁରୋଧ କରାଯାଇଛି। ମନ୍ତ୍ରଣାଳୟ ସଚିବ ରବି ମିତ୍ତଲ କହିଛନ୍ତି, ଲକ୍‌ଡାଉନ୍ ଯୋଗୁ ବିଜ୍ଞାପନ ରାଜସ୍ୱ ମିଳୁ ନ ଥିବାବେଳେ ଇନ୍‌ପୁଟ୍ କଷ୍ଟ ଓ ନ୍ୟୁଜ୍‌ପ୍ରିଣ୍ଟ ଉପରେ ଇମ୍ପୋର୍ଟ ଡ୍ୟୁଟି ବଢ଼ିବାରେ ଲାଗିଥିବାରୁ ଖବରକାଗଜ ଶିଳ୍ପ ଏକ ଅଭୂତପୂର୍ବ ସଙ୍କଟର ସମ୍ମୁଖୀନ ହେଉଛି। ଫଳରେ ଗଣମାଧ୍ୟମ ସଂସ୍ଥାଗୁଡ଼ିକ ସେମାନଙ୍କ ଖବରକାଗଜ ପୃଷ୍ଠାଗୁଡ଼ିକୁ କମ୍ କରିବା ପାଇଁ ବାଧ୍ୟ ହେଉଛନ୍ତି। ଏପରିକି ସାପ୍ତାହିକ ସପ୍ଲିମେଣ୍ଟଗୁଡ଼ିକୁ ମଧ୍ୟ ମୁଖ୍ୟ ସଂସ୍କରଣ ସହ ମିଶାଇ ଦେଇଛନ୍ତି। ଏହି ପଦକ୍ଷେପ ସତ୍ତ୍ୱେ ଖବରକାଗଜ ସଂସ୍ଥାଗୁଡ଼ିକୁ ପ୍ରତିଦିନ ବହୁ କ୍ଷତି ସହିବାକୁ ପଡୁଛି ବୋଲି ଆଇଏନ୍‌ଏସ୍ ଉକ୍ତ ଚିଠିରେ ଉଲ୍ଲେଖ କରିଛି। ତେଣୁ ଅନେକ ଛୋଟ ଓ ମଧ୍ୟମ ଧରଣର ଖବରକାଗଜ ସେମାନଙ୍କ ପ୍ରକାଶନ ବନ୍ଦ କରିଦେଇଥିବାବେଳେ ଆଉ କେତେକେ ବଡ଼ ଚ୍ୟାଲେଞ୍ଜର ସମ୍ମୁଖୀନ ହେଉଛନ୍ତି। ଏଭଳି ସ୍ଥିତି ଲାଗିରହିଲେ ଅନେକ ଗଣମାଧ୍ୟମ ସଂସ୍ଥା ସମ୍ପୂର୍ଣ୍ଣ ବନ୍ଦ ହୋଇଯିବା ଆଶଙ୍କା ସୃଷ୍ଟି ହୋଇଛି। ଫଳରେ ଖବରକାଗଜ ଶିଳ୍ପ ଓ ପ୍ରିଣ୍ଟିଂ ପ୍ରେସ୍ ସହ ଜଡ଼ିତ ବହୁସଂଖ୍ୟକ କର୍ମଚାରୀ, ବିତରକ, ବିକ୍ରେତା ଏବଂ ସେମାନଙ୍କ ପରିବାର ପ୍ରଭାବିତ ହେବେ। ଏସବୁକୁ ଦୃଷ୍ଟିରେ ରଖି ନ୍ୟୁଜ୍‌ପ୍ରିଣ୍ଟ ଉପରେ ୫% ଆମଦାନୀ ଶୁଳ୍କ ହ୍ରାସ କରି ପ୍ରତି ଷ୍ଟାନର ଦୁଇବର୍ଷ ପାଇଁ ଟିକସ ଛାଡ଼ କରିବା ଏବଂ ଡିଏଭିପି ବିଜ୍ଞାପନରେ ୫୦% ବୃଦ୍ଧି ପାଇଁ ଆଇଏନ୍‌ଏସ୍ କେନ୍ଦ୍ର ସରକାରଙ୍କୁ ଅନୁରୋଧ କରିଛି। ଏହାସହ ପ୍ରିଣ୍ଟ ମିଡିଆ ପାଇଁ ୧୦୦% ବଜେଟ ବୃଦ୍ଧି ଲାଗି ମଧ୍ୟ ଉକ୍ତ ପତ୍ରରେ ଦାବି କରାଯାଇଛି।

# ଲାଭ ଦେବନି ଆର୍‌ବିଆଇ ଘୋଷଣା

ଭୁବନେଶ୍ୱର, ୧୪।୪(ବ୍ୟୁରୋ)

କରୋନା ପ୍ରଭାବରେ ସାରା ଦେଶରେ ଲକ୍‌ଡାଉନ ଜାରି ରହିଛି। ଫଳରେ ଏବେ ସରକାରୀ, ବେସରକାରୀ କାର୍ଯ୍ୟାଳୟଠାରୁ ଆରମ୍ଭକରି ଛୋଟ, ବଡ଼ ଦୋକାନ ବଜାର ସବୁକିଛି ବନ୍ଦ କରିଦିଆଯାଇଛି। ଲକ୍‌ଡାଉନ ଘୋଷଣା ପରେ ସ୍ୱଳ୍ପ ଆୟକାରୀ ଲୋକମାନେ ନିଜର ବ୍ୟାଙ୍କ ଋଣ ପରିଶୋଧକୁ ନେଇ ଗଭୀର ଚିନ୍ତାରେ ପଡିଛନ୍ତି। କିଛିଦିନ ତଳେ ଆର୍‌ବିଆଇ ଲୋକମାନଙ୍କୁ ବ୍ୟାଙ୍କ କିସ୍ତି ଦାଖଲ କ୍ଷେତ୍ରରେ ୩ ମାସର ମୋରାଟୋରିୟମ ମିଳିବ ବୋଲି ଘୋଷଣା କରିଥିଲା। କେନ୍ଦ୍ରୀୟ ବ୍ୟାଙ୍କର ଏହି ଘୋଷଣା ପରେ ସାଧାରଣ ଲୋକମାନେ ୩ ମାସର କିସ୍ତି ନ ଦେଲେ ଚଳିଯିବ ଭାବି ଆଶ୍ୱସ୍ତ ହୋଇଗଲେ। ମାତ୍ର ସେହି ସ୍ୱଳ୍ପ ଆୟକାରୀଙ୍କ ଏହି ଭାବନା ବର୍ତ୍ତମାନ ଭୁଲ୍ ପ୍ରମାଣିତ ହୋଇଛି। ଆର୍‌ବିଆଇର ଘୋଷଣା ଋଣ ନେଇଥିବା ଗରିବ ଏବଂ ମଧ୍ୟବିତ୍ତଙ୍କ ଆର୍ଥିକ ସମସ୍ୟା ଆହୁରି ବଢ଼ିଯିବ ବୋଲି ବିଭିନ୍ନ ଆଡୁ ମତ ପ୍ରକାଶ ପାଇବାରେ ଲାଗିଛି।

ଆର୍‌ବିଆଇ ପକ୍ଷରୁ କରାଯାଇଥିବା ଘୋଷଣା ଅନୁଯାୟୀ ଯେଉଁମାନେ ବ୍ୟାଙ୍କରୁ ଋଣ ନେଇ କିସ୍ତି ଶୁଝୁଥିଲେ, ସେମାନେ ଯଦି ଆସନ୍ତା ୩ ମାସ ପର୍ଯ୍ୟନ୍ତ ଏହା ବନ୍ଦ ରଖିବାକୁ ଚାହିଁବେ ସେମାନଙ୍କ ସିଭିଲ ସ୍କୋର ଉପରେ ପ୍ରଭାବ ପକାଇବ ନାହିଁ। ହେଲେ ଏହି ୩ ମାସର ସୁଧ କିନ୍ତୁ ବ୍ୟାଙ୍କ ନେବ। ଏନେଇ ସର୍ବଭାରତୀୟ ବ୍ୟାଙ୍କ କର୍ମଚାରୀ ମହାସଂଘ ସଭାପତି ଦାମୋଦର ନନ୍ଦ କହିଛନ୍ତି ଯେ, ଆର୍‌ବିଆଇ

## ଚିନ୍ତାରେ ବ୍ୟାଙ୍କ ଋଣୀ

ଯେଉଁ ଘୋଷଣା କରିଛି, ତାହା ଲୋକଙ୍କ ସମସ୍ୟା କମାଇବନି ବରଂ ବଢାଇଦେବ। ଯେଉଁମାନେ ଏବେ କାମଧନ୍ଦା ବନ୍ଦ କାରଣରୁ ବ୍ୟାଙ୍କରୁ ନେଇଥିବା ଋଣ ନ ଶୁଝିବେ, ସେମାନେ ଆଗକୁ ଅଧିକ ଟଙ୍କା ସୁଧ ଗଣିବେ। ଏହା ମଧ୍ୟବିତ୍ତ ଏବଂ ଗରିବ ଲୋକଙ୍କ ଲାଗି ଅଧିକ କଷ୍ଟଦାୟକ ହେବ। ଲକ୍‌ଡାଉନ ଖୋଲିବା କ୍ଷଣି ସବୁ ସଂସ୍ଥା ନିଜ ବ୍ୟବସାୟକୁ ହଠାତ୍ ସ୍ୱାଭାବିକ ସ୍ଥିତିକୁ ଆଣିପାରିବେ ନାହିଁ। ସେହି ଅନୁଯାୟୀ କର୍ମଚାରୀଙ୍କ ଦରମା ପ୍ରଦାନ କ୍ଷେତ୍ରରେ ମଧ୍ୟ ବ୍ୟାପକ ସମସ୍ୟା ସୃଷ୍ଟି ହେବ। ଏପରି ହେଲେ ସ୍ୱଳ୍ପ ଆୟକାରୀଙ୍କୁ କିସ୍ତି ଦେବାରେ ଆହୁରି ଅସୁବିଧା ହୋଇପାରେ। ତେଣୁ ଆର୍‌ବିଆଇ ବିନା ସୁଧ ଆଦାୟରେ ଆହୁରି ୬ମାସ ମୋରାଟୋରିୟମ ପ୍ରଦାନ କରିବା ଜରୁରୀ ବୋଲି ନନ୍ଦ କହିଛନ୍ତି।

ଏହି ଘଟଣା ସମ୍ପର୍କରେ ସାଧାରଣ ଲୋକମାନେ କିଛିଦିନ ତଳେ ଜାଣିପାରି ନ ଥିବାବେଳେ ଋଣ ପରିଶୋଧ ସମୟ ଆସିବାପରେ ଧୀରେ ଧୀରେ ଆର୍‌ବିଆଇ ଘୋଷଣା ସମ୍ପର୍କରେ ଜାଣି ଅଧିକ ଚିନ୍ତାରେ ପଡିଯାଇଛନ୍ତି। ଏକ ଘରୋଇ କମ୍ପାନୀରେ ସାଧାରଣ ଚାକିରି କରିଥିବା ସଞ୍ଜୟ ମିଶ୍ରଙ୍କୁ ପଚାରିବାରୁ ସେ କହିଛନ୍ତି ଯେ, ଲକ୍‌ଡାଉନ ଘୋଷଣା ପରେ ୩ ମାସର ବ୍ୟାଙ୍କ କିସ୍ତି ବର୍ତ୍ତମାନ ଦେବାକୁ ପଡିବନି ଜାଣି ବହୁ ଖୁସି ଲାଗିଥିଲା। ହେଲେ ୩ ମାସର କିସ୍ତି ନ ଦେଲେ ବ୍ୟାଙ୍କ ସୁଧ ନେବା କଥା ଜାଣି ନ ଥିଲୁ। ଯେହେତୁ ବାହାରକୁ ଯିବା ଆସିବା ବନ୍ଦ ଅଛି ସେନେଇ ବ୍ୟାଙ୍କ ପାଖରେ ମଧ୍ୟ ପହଞ୍ଚିପାରିଲୁ ନାହୁଁ। ଏବେ ହଠାତ୍ ସୁଧ ଦେବା ଜରୁରୀ ବୋଲି ଜାଣିବା ବେଳକୁ ପାଖରେ ଟଙ୍କା ନ ଥିବା କଥା ମିଶ୍ର କହିଛନ୍ତି। ସେହିପରି ରାଜଧାନୀରେ ଘରଭଡ଼ା ନେଇ ଏକ ଘରୋଇ ସଂସ୍ଥାରେ କାର୍ଯ୍ୟ କରୁଥିବା ତପନ ବେହେରା କହିଛନ୍ତି, ବର୍ତ୍ତମାନ ତାଙ୍କ ଅଫିସ ବନ୍ଦ ରହିଛି। ଲକ୍‌ଡାଉନ ଘୋଷଣା ପରେ ସବୁ ଜିନିଷର ଦରଦାମ୍ ହଠାତ୍ ବଢିଯାଇଛି। ଅଫିସ ବନ୍ଦ ହେବା କାରଣରୁ ପୂର୍ବ ମାସର ଦରମା ମଧ୍ୟ ମିଳିନାହିଁ। ଆଗକୁ କେବେ ସବୁକିଛି ସ୍ୱାଭାବିକ ହେବ ସେକଥା ଜଣାନାହିଁ। ଏଭଳି ଏକ ପରିସ୍ଥିତି ସୃଷ୍ଟି ହେବ ବୋଲି ଜଣା ନ ଥିଲା। ପୁଣି ପାଖରେ ସଞ୍ଚୟ ମଧ୍ୟ ନାହିଁ। ଯେତେବେଳେ ସବୁ ସ୍ୱାଭାବିକ ହେବ ପିଲାଙ୍କ ପାଠପଢା ଖର୍ଚ୍ଚ, ଘରଭଡ଼ା ଓ ଅନ୍ୟାନ୍ୟ ଖର୍ଚ୍ଚ ହଠାତ୍ ବଢ଼ିଯିବ। ତେଣୁ ଏହି ସମୟରେ ବ୍ୟାଙ୍କ ଋଣ ଶୁଝିବା ଆହୁରି କଷ୍ଟକର ହୋଇପଡିବ। ତେଣୁ ଆର୍‌ବିଆଇ ପରେ କିସ୍ତି ନ ନେଇ ଯଦି ଏତିକି ଦିନର ସୁଧ ଏବେ ନିଏ ତେବେ ନିମ୍ନ ମଧ୍ୟବିତ୍ତଙ୍କ ପାଇଁ ବୋଝ ଉପରେ ନଳିତାବିଡ଼ା ସଦୃଶ ହେବ ବୋଲି ବେହେରା କହିଛନ୍ତି।

ସ୍ଥାନୀୟ ଏକ ବ୍ୟାଙ୍କ ମ୍ୟାନେଜର ନିଜ ନାମ ଗୋପନ ରଖିବା ସର୍ତ୍ତରେ କହିଛନ୍ତି, ଲୋକମାନେ ୩ ମାସ କିସ୍ତି ନ ଦେଲେ ସୁଧ ବଢ଼ିଯିବ ବୋଲି ଜାଣି ନ ଥିଲେ। ସେହି ଅନୁଯାୟୀ ଋଣ ପରିଶୋଧ ସମୟ ବିଷୟ ନେଇ ଚର୍ଚ୍ଚା ହେବାପରେ ଆସିବାପରେ ଉପଭୋକ୍ତାଙ୍କ ଅଧିକ ଫୋନ ଆସିବାରେ ଲାଗିଛି। କେହି ହେଲେ ବୁଝିବାକୁ ରାଜି ନାହାନ୍ତି, ଆର୍‌ବିଆଇ ଘୋଷଣାରେ ସେମାନଙ୍କୁ ୩ ମାସର ସୁଧ ଦେବାକୁ ପଡ଼ିବ ବୋଲି। ଏହା ବ୍ୟାଙ୍କଗୁଡିକ ପାଇଁ ମଧ୍ୟ ସମସ୍ୟା ବଢାଇ ଦେଇଛି ବୋଲି ସେ କହିଛନ୍ତି।

# ବିସିଜି ଟିକା କରୋନାରୁ ସୁରକ୍ଷା ଦେବାର ପ୍ରମାଣ ନାହିଁ: ଡବ୍ଲ୍ୟୁଏଚ୍‌ଓ

ନୂଆଦିଲ୍ଲୀ, ୧୪।୪




ଯକ୍ଷ୍ମା ନିରାକରଣ ପାଇଁ ବ୍ୟବହାର କରାଯାଉଥିବା ବିସିଜି (ବାସିଲସ୍ କାଲ୍‌ମେଟ୍ ଗ୍ୟୁରେନ) ଟିକା କରୋନା ସଂକ୍ରମଣକୁ ସୁରକ୍ଷା ଦେବା ନେଇ କୌଣସି ପ୍ରମାଣ ନାହିଁ। ବିଶ୍ୱ ସ୍ୱାସ୍ଥ୍ୟ ସଂଗଠନ(ଡବ୍ଲ୍ୟୁଏଚ୍‌ଓ) ପକ୍ଷରୁ ଏହା କୁହାଯାଇଛି। ବିସିଜି ଟିକାକରଣ କରୁଥିବା ଦେଶରେ କମ୍‌ସଂଖ୍ୟକ କରୋନା ସଂକ୍ରମିତ ରହିଥିବା ନେଇ ସଦ୍ୟ ପ୍ରକାଶିତ ୩ଟି ପ୍ରିପ୍ରିଣ୍ଟ ଅଧ୍ୟୟନରେ ଯେଉଁ ଦାବି ହେଉଛି ସେଥିରୁ କୌଣସି ପ୍ରମାଣ ମିଳି ନ ଥିବା ଡବ୍ଲ୍ୟୁଏଚ୍‌ଓ କହିଛି। ଡବ୍ଲ୍ୟୁଏଚ୍‌ଓ ଦ୍ୱାରା ପ୍ରକାଶିତ ଏକ ସଂକ୍ଷିପ୍ତ ବୈଜ୍ଞାନିକ ନିବନ୍ଧରେ କୁହାଯାଇଛି ଯେ, ଏହି ତିନୋଟି ଅଧ୍ୟୟନରେ ଜାତୀୟ ଜନସଂଖ୍ୟା ଏବଂ ରୋଗ ଭାରରେ ପାର୍ଥକ୍ୟ, କୋଭିଡ୍-୧୯ ସଂକ୍ରମଣର ପରୀକ୍ଷା ହାର ଓ ପ୍ରତ୍ୟେକ ଦେଶରେ ଏହି ମହାମାରୀର ପର୍ଯ୍ୟାୟକୁ ନେଇ ଅନେକ ଦ୍ୱନ୍ଦ୍ୱ ରହିଛି। ଉଭୟ ପ୍ରାଣୀ ଓ ମାନବ କ୍ଷେତ୍ରରେ ହୋଇଥିବା ଅଧ୍ୟୟନରୁ ରୋଗ ପ୍ରତିରୋଧକ ପ୍ରଣାଳୀ ଉପରେ ବିସିଜି ଟିକା ଅଣନିର୍ଦ୍ଦିଷ୍ଟ ପ୍ରଭାବ ପକାଇଥିବାର ପରୀକ୍ଷାମୂଳକ ପ୍ରମାଣ ଥିବା ଡବ୍ଲ୍ୟୁଏଚ୍‌ଓ କହିଛି। କିନ୍ତୁ ପ୍ରିପ୍ରିଣ୍ଟ ଷ୍ଟଡିଜ୍‌ରେ ଏହି ପ୍ରଭାବଗୁଡିକ ଭଲ ଭାବରେ ବର୍ଣ୍ଣିତ ହୋଇ ନ ଥିଲା ଏବଂ ସେମାନଙ୍କର କ୍ଲିନିକାଲ ପ୍ରାସଙ୍ଗିକତା ମଧ୍ୟ ଜଣାନାହିଁ। ନ୍ୟୁୟର୍କ ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ଟେକ୍ନୋଲୋଜି, ଟେକ୍ସାସର ଆଣ୍ଡରସନ କ୍ୟାନ୍‌ସର୍ ସେଣ୍ଟର ଏବଂ ଚଣ୍ଡିଗଡ଼ର ପୋଷ୍ଟ ଗ୍ରାଜୁଏଟ ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ମେଡିକାଲ ଏଜୁକେଶନ ଆଣ୍ଡ ରିସର୍ଚ୍ଚ ସମେତ ବିଭିନ୍ନ ଅନୁଷ୍ଠାନର ଅନୁସନ୍ଧାନକାରୀଙ୍କ ଦ୍ୱାରା ଏହି ପ୍ରିପ୍ରିଣ୍ଟ ଅଧ୍ୟୟନ ପ୍ରକାଶ ପାଇଥିଲା। ବର୍ତ୍ତମାନ ବିସିଜି ଟିକାର ବ୍ୟବହାରକୁ ନେଇ ୨ଟି କ୍ଲିନିକାଲ ପରୀକ୍ଷା ଜାରି ରହିଛି। କିନ୍ତୁ ପ୍ରମାଣ ଅଭାବରୁ କୋଭିଡ୍-୧୯ ରୋକିବା ପାଇଁ ବିସିଜି ଟିକାକରଣକୁ ସୁପାରିସ କରାଯିବ ନାହିଁ ବୋଲି ଡବ୍ଲ୍ୟୁଏଚ୍‌ଓ କହିଛି।

# ଘରୋଇ ହିଂସା ରୋକିବାକୁ ପଦକ୍ଷେପ

କଟକ ଅଫିସ୍, ୧୪।୪

- ନିର୍ଦ୍ଦେଶନାମା ଜାରି କଲେ ଡିଜିପି
- ଘରକୁ ଯାଇ ଏଫ୍‌ଆଇଆର୍ ଆଣିବ ପୋଲିସ
- ହେଲ୍‌ପଲାଇନ୍ ନମ୍ବର ସକ୍ରିୟ କରାଯିବ
- ଏସ୍‌ଆଇ ପାହ୍ୟାର ଅଧିକାରୀଙ୍କୁ ତଦନ୍ତ ଦାୟିତ୍ୱ

କରୋନା ମୁକାବିଲା ନେଇ ମଙ୍ଗଳବାର ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ରାଜ୍ୟର ବରିଷ୍ଠ ପ୍ରଶାସନିକ ଅଧିକାରୀଙ୍କ ସହ ଆଲୋଚନା କରିଥିଲେ। ସେ ଲକ୍‌ଡାଉନ୍ ସମୟରେ ବଢୁଥିବା ଘରୋଇ ହିଂସାକୁ ନେଇ ଚିନ୍ତା ପ୍ରକଟ କରିଥିଲେ । ଘରୋଇ ହିଂସା ରୋକିବା ଦିଗରେ ପଦକ୍ଷେପ ନେବା ପାଇଁ ରାଜ୍ୟ ପୋଲିସକୁ ନିର୍ଦ୍ଦେଶ ଦେଇଥିଲେ। ମୁଖ୍ୟମନ୍ତ୍ରୀଙ୍କଠାରୁ ନିର୍ଦ୍ଦେଶ ପାଇବା ପରେ ସକ୍ରିୟ ହୋଇଛି ରାଜ୍ୟ ପୋଲିସ। ମଙ୍ଗଳବାର ଏନେଇ ପୋଲିସ ମହାନିର୍ଦ୍ଦେଶକ(ଡିଜିପି) ଅଭୟ ଏକ ନିର୍ଦ୍ଦେଶନାମା ଜାରି କରିଛନ୍ତି। ଅଭିଯୋଗ ଦାଖଲ କରିବାକୁ ଥାନାକୁ ଆସିବାର ଆବଶ୍ୟକ ନାହିଁ। ପୋଲିସ ଅଧିକାରୀମାନେ ନିଜେ ଅଭିଯୋଗକାରୀଙ୍କ ଘରକୁ ଯାଇ ଏଫ୍‌ଆଇଆର୍ ଆଣିବାକୁ ସେ ନିର୍ଦ୍ଦେଶ ଦେଇଛନ୍ତି।

ରାଜ୍ୟ ପୋଲିସ ମୁଖ୍ୟାଳୟ ପକ୍ଷରୁ କୁହାଯାଇଛି, ଲକ୍‌ଡାଉନ୍ ସମୟରେ ଅନେକ ଦେଶ ଏବଂ ରାଜ୍ୟରେ ଘରୋଇ ହିଂସା ବଢୁଥିବା ଦେଖିବାକୁ ମିଳିଛି। ଓଡିଶାରେ ମଧ୍ୟ ଏଭଳି ସ୍ଥିତିର ସମ୍ଭାବନାକୁ ଏଡ଼ାଇ ଦିଆଯାଇ ନ ପାରେ। ମୁଖ୍ୟମନ୍ତ୍ରୀଙ୍କ ନିର୍ଦ୍ଦେଶ ପାଳନ କରିବାକୁ ଯାଇ ଡିଜିପି ଅଭୟ କେତେକ ନିର୍ଦ୍ଦେଶନାମା ଜାରି କରିଛନ୍ତି। ଘରୋଇ ହିଂସା ମାମଲାକୁ ପ୍ରଥମେ ଗୁରୁତ୍ୱ ଦିଆଯିବ। ଏପର୍ଯ୍ୟନ୍ତ ଏହିପରି ମାମଲାର ସେମିତି କିଛି ବୃଦ୍ଧି ଘଟିନାହିଁ। ତଥାପି ଏଥିପାଇଁ ସତର୍କ ରହିବାର ଆବଶ୍ୟକତା ରହିଛି। ରାଜ୍ୟର ବିଭିନ୍ନ ଥାନା ଓ ଜିଲାସ୍ତରରେ କାର୍ଯ୍ୟ କରୁଥିବା ୬ଶହରୁ ଅଧିକ ହେଲ୍‌ପଲାଇନ୍ ଏବଂ ଜିଲା ନିୟନ୍ତ୍ରଣ କକ୍ଷ ଟେଲିଫୋନ୍ ନମ୍ବରଗୁଡ଼ିକର ବ୍ୟାପକ ପ୍ରଚାର ଓ ସକ୍ରିୟ କରାଯିବ। ଫଳରେ ଏହାର ବହୁଳ ବ୍ୟବହାର ହୋଇପାରିବ। ଘରୋଇ ହିଂସାର ଶିକାର ହେଉଥିବା ବ୍ୟକ୍ତି ନିଜେ ଅଭିଯୋଗ ଦାଖଲ କରିବା ପାଇଁ ଥାନାକୁ ଯିବାର ଆବଶ୍ୟକତା ନାହିଁ। ଏନେଇ ଫୋନ୍‌କଲ୍ ପାଇବା ପରେ, ପୋଲିସ ଅଧିକାରୀମାନେ ନିଜେ ଅଭିଯୋଗକାରୀଙ୍କ ଘରେ ପହଞ୍ଚି ତାଙ୍କ ସହ ଆଲୋଚନା କରି ଏଫ୍‌ଆଇଆର୍ ସଂଗ୍ରହ କରିବେ। ତଦନ୍ତ ସହ ଆବଶ୍ୟକ ପଦକ୍ଷେପ ନିଆଯିବ। କେବଳ ଫୋନ୍‌କଲ୍ ନୁହଁ, ସେମାନେ ଚାହିଁଲେ ଓଡ଼ିଶା ପୋଲିସ ସିଟିଜେନ୍ ପୋର୍ଟାଲ୍ ଏବଂ ସହାୟତା ମୋବାଇଲ୍ ଆପ୍ ଜରିଆରେ ମଧ୍ୟ ପୋଲିସ ସହ ଯୋଗାଯୋଗ କରିପାରିବେ। ଲକ୍‌ଡାଉନ ସମୟରେ ଘରୋଇ ହିଂସା ସମ୍ପର୍କିତ ସମସ୍ତ ମାମଲାଗୁଡ଼ିକୁ ସବ୍-ଇନ୍ସପେକ୍ଟର କିମ୍ବା ତଦୂର୍ଦ୍ଧ୍ୱ ପାହ୍ୟାର ଅଧିକାରୀମାନେ ତଦନ୍ତ କରିବେ। ଘରୋଇ ହିଂସା ସମ୍ପର୍କିତ ସମସ୍ତ ମାମଲାର ତଦାରଖ ଡିଏସ୍‌ପି କିମ୍ବା ତଦୂର୍ଦ୍ଧ୍ୱ ପାହ୍ୟାର ଅଧିକାରୀଙ୍କ ଦ୍ୱାରା କରାଯିବ। ଜିଲା ପୋଲିସରେ କାର୍ଯ୍ୟରତ ମହିଳା ବିରୋଧୀ ହିଂସା ମାମଲାର ତଦନ୍ତକାରୀ ୟୁନିଟ୍(ଆଇୟୁସିଏଡବ୍ଲ୍ୟୁ) ଏହି ମାମଲାଗୁଡ଼ିକ ତଦାରଖ କରିବ ବୋଲି ଡିଜିପି ଅଭୟ ନିର୍ଦ୍ଦେଶ ଦେଇଛନ୍ତି।

# ଅଭ୍ୟାସଗତ ଅପରାଧୀଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ନିର୍ଦ୍ଦେଶ

ଭୁବନେଶ୍ୱର, ୧୪।୪(ବ୍ୟୁରୋ)

- ଉଦ୍‌ବେଗ ପ୍ରକାଶ କଲେ ମୁଖ୍ୟମନ୍ତ୍ରୀ
- ଲକ୍‌ଡାଉନ୍ ଯୋଗୁ ପରିବାରରେ ବଢୁଛି ଅସନ୍ତୋଷ

ରାଜ୍ୟରେ ଲକ୍‌ଡାଉନକୁ ୨୧ଦିନ ପୂରିଲା। ଲୋକମାନେ ନିଜ ପରିବାର ସହିତ ସମୟ ବିତାଉଛନ୍ତି। କେତେକ କ୍ଷେତ୍ରରେ ପରିବାରର ସମସ୍ତ ସଦସ୍ୟ ଏକାଠି ରହିବାର ସୁଯୋଗ ପାଇଛନ୍ତି। ଦେଶ ବିଦେଶରେ ଥିବା ପିଲାମାନେ ନିଜ ଘରକୁ ଫେରି ଆସିଛନ୍ତି। କେତେକ ପରିବାରରେ ଖୁସିର ମାହୋଲ ଥିବାବେଳେ ଆଉ କେତେକ ପରିବାରରେ ଲକ୍‌ଡାଉନ ସମସ୍ୟା ସୃଷ୍ଟି କରିଛି। ଦୀର୍ଘ ଦିନ ଗୋଟିଏ ସ୍ଥାନରେ ବାନ୍ଧି ହୋଇ ରହିବା ଯୋଗୁ ଘରୋଇ ହିଂସା ବୃଦ୍ଧି ପାଇଛି। ମହିଳାମାନଙ୍କ ଉପରେ ଚାପ ବଢ଼ି ଯାଇଛି। ଘରୋଇ କାମ ସାଙ୍ଗକୁ ଛ’ ତିଅଣ କରି ସେମାନେ ହାଲିଆ ହୋଇ ଗଲେଣି। ହୋଟେଲ ଓ ରେଷ୍ଟୁରାଣ୍ଟ ବନ୍ଦ ଥିବାରୁ ଘରେ ହିଁ ସବୁ ପ୍ରକାର ବ୍ୟଞ୍ଜନ ପ୍ରସ୍ତୁତ କରିବାକୁ ପଡୁଛି। ଏପରି କି ବେଳେବେଳେ ବିଭିନ୍ନ କଥାକୁ ନେଇ ପରିବାରରେ ପାଟିତୁଣ୍ଡ ମଧ୍ୟ ହେଉଛି। ଏଭଳିସ୍ଥିତିରେ ମହିଳାମାନେ ଘରୋଇ ହିଂସାର ଶିକାର ହେଉଥିଲେ ମଧ୍ୟ ଥାନାକୁ ଯାଇ ଅଭିଯୋଗ କରିପାରୁ ନାହାନ୍ତି। କିଛି କ୍ଷେତ୍ରରେ ଅଭିଯୋଗ ହେଲେ ମଧ୍ୟ ଲକ୍‌ଡାଉନରେ ବ୍ୟସ୍ତ ଥିବା ଦର୍ଶାଇ ପୋଲିସ କାର୍ଯ୍ୟାନୁଷ୍ଠାନ ନେଇ ପାରୁ ନାହିଁ। ଘରୋଇ ବା ପାରିବାରିକ ହିସାଂକୁ ନେଇ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ମଙ୍ଗଳବାର ଉଦ୍‌ବେଗ ପ୍ରକାଶ କରିଛନ୍ତି। ଲକ୍‌ଡାଉନ ଯୋଗୁ ମହିଳାମାନଙ୍କ ଉପରେ ଚାପ ବଢ଼ି ଯାଉଥିବାରୁ ମୁଖ୍ୟମନ୍ତ୍ରୀ ଘରୋଇ କାର୍ଯ୍ୟରେ ମହିଳାମାନଙ୍କୁ ସହଯୋଗ କରିବାକୁ ଲୋକମାନଙ୍କୁ ପୂର୍ବରୁ ଅନୁରୋଧ କରିଥିଲେ। ଏହା ସତ୍ତ୍ୱେ କେତେକ ସ୍ଥାନରେ ଅଭ୍ୟାସଗତ ଅପରାଧିଙ୍କ ଯୋଗୁ ପାରିବାରିକ ହିଂସା ହେଉଛି। ସେହି ଅପରାଧୀଙ୍କୁ ଚିହ୍ନଟ କରି ସାବାଡ କରିବାକୁ ମୁଖ୍ୟମନ୍ତ୍ରୀ ପୋଲିସକୁ ନିର୍ଦ୍ଦେଶ ଦେଇଛନ୍ତି। ଏଥିସହିତ ଟେଲିଫୋନ କଲ୍ ଜରିଆରେ ଅଭିଯୋଗକାରୀଙ୍କୁ ସହାୟତା ଯୋଗାଇ ଦେବାକୁ ମୁଖ୍ୟମନ୍ତ୍ରୀ ପରାମର୍ଶ ଦେଇଛନ୍ତି। ମଙ୍ଗଳବାର ନବୀନ ନିବାସଠାରେ ମୁଖ୍ୟମନ୍ତ୍ରୀ ଭିଡିଓ କନଫରେନ୍ସିଂ ଜରିଆରେ ବରିଷ୍ଠ ଅଧିକାରୀଙ୍କ ସହିତ ଆଲୋଚନାବେଳେ ଏହି ନିର୍ଦ୍ଦେଶକୁ କଡ଼ାକଡ଼ି ଭାବେ କାର୍ଯ୍ୟକାରୀ କରିବାକୁ ନିର୍ଦ୍ଦେଶ ଦେଇଛନ୍ତି।





कोरोना हारेगा
भारत जीतेगा

अपील

पूरा देश माननीय प्रधानमंत्री श्री नरेन्द्र मोदी जी के नेतृत्व में वैश्विक महामारी कोरोना पर नियंत्रण हेतु मजबूती से लड़ रहा है। संकट की इस घड़ी में उत्तर प्रदेश सरकार अपने हर नागरिक, चाहे वह उत्तर प्रदेश में निवास करता हो या देश के अन्य किसी राज्य में रह रहा हो, के साथ पूरी प्रतिबद्धता के साथ खड़ी है। विशेषज्ञों की राय में कोरोना वायरस के संक्रमण चक्र को तोड़ने के लिए लॉकडाउन एवं सोशल डिस्टेन्सिंग ही एकमात्र विकल्प है।

उत्तर प्रदेश सरकार अन्य राज्य सरकारों से समन्वय स्थापित कर वहां रहने वाले प्रत्येक उत्तर प्रदेश वासी को हर संभव सहायता उपलब्ध करा रही है। हर राज्य के लिए एक वरिष्ठ प्रशासनिक अधिकारी एवं एक वरिष्ठ पुलिस अधिकारी को उस प्रदेश का नोडल अधिकारी नामित किया गया है। किसी भी प्रकार की सहायता के लिए नोडल अधिकारियों के दूरभाष अथवा मोबाइल नम्बर पर संपर्क किया जा सकता है।

कोरोना वायरस के विरुद्ध लड़ाई में मेरा विनम्र अनुरोध है कि आप लॉकडाउन एवं सोशल डिस्टेन्सिंग का कड़ाई से पालन करें। लॉकडाउन के दौरान जहाँ हैं, वहीं रहें । यही आप और आपके परिवार के उत्तम स्वास्थ्य एवं देश के सुरक्षित भविष्य के हित में है।

योगी आदित्यनाथ
मुख्यमंत्री, उत्तर प्रदेश

उड़ीसा के लिए नामित नोडल प्रशासनिक एवं पुलिस अधिकारी

प्रभात कुमार सारंगी
स्थानिक आयुक्त, एन.सी.आर. नई दिल्ली
8800094167

असीम अरूण
अपर पुलिस महानिदेशक
9454400133, 0522-2390240

मुख्यमंत्री हेल्पलाइन नं.: 1076

मुख्यमंत्री ट्विटर हेल्पलाइन : @CMHelpline1076
सूचना एवं जनसम्पर्क विभाग, उत्तर प्रदेश


# ୩ ନୁହେଁ, ୨ବର୍ଷ ଅଟକ ଥିବା ପ୍ରବାସୀଙ୍କୁ ମୁକ୍ତ କର

ନୂଆଦିଲ୍ଲୀ, ୧୪।୪(ପି.ଟି.)



**ପୂର୍ବ ରାୟ କୋହଳ କଲେ ସୁପ୍ରିମକୋର୍ଟ**

**କରୋନା ପ୍ରଭାବ**

ଜାତୀୟ ନାଗରିକ ପଞ୍ଜିକା(ଏନ୍‌ଆର୍‌ସି)ରୁ ବାଦ୍ ପଡ଼ି ଉତ୍ତର-ପୂର୍ବାଞ୍ଚଳ ରାଜ୍ୟ ଆସାମର ବିଭିନ୍ନ ଅଟକ କେନ୍ଦ୍ରରେ ରହୁଥିବା ପ୍ରବାସୀଙ୍କୁ ମୁକ୍ତ କରିବା ପାଇଁ ସୁପ୍ରିମକୋର୍ଟ ସୋମବାର ସାନି ନିର୍ଦ୍ଦେଶନାମା ଜାରି କରିଛନ୍ତି। ସମ୍ପ୍ରତି କରୋନାର ଭୟାବହତା ଏବଂ ବିଭିନ୍ନ ଅଟକ କେନ୍ଦ୍ରରେ ସଂକ୍ରମଣ ରୋକିବା ଉଦ୍ଦେଶ୍ୟରେ ସେଠାରେ ଥିବା ପ୍ରବାସୀ ବା ଅନୁପ୍ରବେଶକାରୀଙ୍କ ମୁକ୍ତି ପାଇଁ ସର୍ବୋଚ୍ଚ ଅଦାଲତ ତାଙ୍କ ପୂର୍ବ ରାୟରେ କିଛିଟା କୋହଳ କରିଛନ୍ତି। ଯେଉଁ ପ୍ରବାସୀ ଅର୍ଥାତ ଡିକ୍ଲାର୍ଡ ଫରେନର୍ସ ୨ବର୍ଷରୁ ଉର୍ଦ୍ଧ୍ୱ ସମୟ ଧରି ଅଟକ ରହିଲେଣି, ସେମାନଙ୍କୁ ସସର୍ତ୍ତ ମୁକ୍ତ କରିବାକୁ କୋର୍ଟ ନିର୍ଦ୍ଦେଶ ଦେଇଛନ୍ତି। ଏପରିକି ସେମାନଙ୍କୁ ୧ଲକ୍ଷ ଟଙ୍କାର ମୁଚାଲିକା ପରିବର୍ତ୍ତେ ୫ହଜାର ଟଙ୍କାର ବ୍ୟକ୍ତିଗତ ମୁଚାଲିକାରେ ଛାଡ଼ିବାକୁ ପ୍ରଧାନ ବିଚାରପତି ଏସ୍.ଏ. ବୋବ୍‌ଡେ, ଜଷ୍ଟିସ ଏଲ୍.ଏନ୍. ରାଓ ଏବଂ ଏମ୍.ଶାନ୍ତାନାଗୌଡରଙ୍କୁ ନେଇ ଗଠିତ ଖଣ୍ଡପୀଠ ରାୟ ଦେଇଛନ୍ତି। ୨୦୧୯ ମେ ୧୦ରେ ସର୍ବୋଚ୍ଚ ଅଦାଲତ ଏକ ଆବେଦନର ଶୁଣାଣି କରି ଆସାମର ବିଭିନ୍ନ ଅଟକ କେନ୍ଦ୍ରରେ ୩ବର୍ଷରୁ ଉର୍ଦ୍ଧ୍ୱକାଳ ଧରି ରହିଥିବା ପ୍ରବାସୀଙ୍କୁ ୧ଲକ୍ଷ ଟଙ୍କାର ମୁଚାଲିକାରେ ଛାଡ଼ି ଦେବାକୁ ନିର୍ଦ୍ଦେଶ ଦେଇଥିଲେ। ମାତ୍ର ବର୍ତ୍ତମାନ ସାରା ଦେଶରେ ଦେଖାଯାଇଥିବା ପରିସ୍ଥିତିକୁ ଅନୁଧ୍ୟାନ କରିବା ପରେ ଅଟକ ସମୟସୀମା ୩ବର୍ଷରୁ ୨ବର୍ଷ ଏବଂ ମୁଚାଲିକା ରାଶି ୧ଲକ୍ଷ ଟଙ୍କାରୁ ୫ହଜାର ଟଙ୍କାକୁ କୋହଳ କରାଯାଇଛି। ତେବେ ପୂର୍ବରୁ ଥିବା ଅନ୍ୟସମସ୍ତ ନିର୍ଦ୍ଦେଶନାମା ବଳବତ୍ତର ରହିବ ବୋଲି ଖଣ୍ଡପୀଠ ସ୍ପଷ୍ଟ କରିଛନ୍ତି।

ମହାମାରୀ କରୋନା ଭୂତାଣୁର ସଂକ୍ରମଣ ଏବଂ ତଜ୍ଜନିତ ଭୟାବହତାକୁ ଲକ୍ଷ୍ୟକରି ଆସାମର ଚାରିଟେବଲ ଟ୍ରଷ୍ଟ ‘ଜଷ୍ଟିସ ଫର ଲିବର୍ଟି ଇନିସିଏଟିଭ’ ରାଜ୍ୟର ୬ଟି ଅଟକ କେନ୍ଦ୍ରରେ ରହିଥିବା ପ୍ରବାସୀଙ୍କ ମୁକ୍ତି ପାଇଁ ସୁପ୍ରିମ୍‌କୋର୍ଟରେ ଏକ ଆବେଦନ କରିଥିଲା। ସୋମବାର ଶୁଣାଣି ସମୟରେ ଆର୍ଟର୍ନି ଜେନେରାଲ କେ. କେ. ବେଣୁଗୋପାଳ ଏହାକୁ ଘୋର ବିରୋଧ କରିଥିଲେ। ବେଣୁଗୋପାଳଙ୍କ ମତରେ ଯଦି ଏବେ ଅଟକଙ୍କୁ ମୁକ୍ତ କରାଯିବ ତେବେ ସେମାନେ ଯେଉଁଆଡ଼େ ଯିବେ ଅନ୍ୟମାନଙ୍କୁ ସଂକ୍ରମିତ କରିବାର ଯଥେଷ୍ଟ ଆଶଙ୍କା ରହିଛି। ତେଣୁ ତାଙ୍କୁ ମୁକ୍ତ ନ କରିବାକୁ ସେ ଯୁକ୍ତି ବାଢ଼ିଥିଲେ। ଅପରପକ୍ଷରେ ଆବେଦନକାରୀଙ୍କ ପକ୍ଷରୁ ଲଢୁଥିବା ଓକିଲ ସୋଏବ ଆଲାମ୍ ଆର୍ଟର୍ନି ଜେନେରାଲଙ୍କ ଯୁକ୍ତିକୁ ଖଣ୍ଡନ କରିବା ସହ ଯେଉଁମାନେ ମୁକ୍ତ ହେବେ ସେମାନେ ଯେ, ସଂକ୍ରମିତ ତାହା ଭାବିବା ଠିକ୍ ନୁହେଁ ବୋଲି ଦର୍ଶାଇଥିଲେ। ଏପରି କି ଏଭଳି ପରିସ୍ଥିତିରେ ଅଟକ ଅବଧିକୁ ଯଥାସମ୍ଭବ କମ୍ କରି ସେମାନଙ୍କୁ ମୁକ୍ତ କରିବା ଆବଶ୍ୟକ ବୋଲି ଆଲାମ ନିବେଦନ କରିଥିଲେ। ଉଭୟ ପକ୍ଷଙ୍କ ଯୁକ୍ତି ଶୁଣିବା ପରେ ଖଣ୍ଡପୀଠ ପୂର୍ବ ରାୟକୁ ସଂଶୋଧନ କରି ୨ବର୍ଷ ଧରି ଅଟକ ଥିବା ପ୍ରବାସୀଙ୍କ ସର୍ତ୍ତମୂଳକ ଖଲାସ ପାଇଁ ଏହି ନୂଆ ନିର୍ଦ୍ଦେଶନାମା ଜାରି କରିଛନ୍ତି।

କରୋନା ମହାମାରୀ ରୂପ ନେଇଥିବାବେଳେ ଆସାମର ଅଟକ କେନ୍ଦ୍ରଗୁଡ଼ିକରେ ୮୦୨ ଜଣ ବନ୍ଦୀ ଅତି ଦୟନୀୟ ଅବସ୍ଥାରେ ଦିନ କାଟୁଛନ୍ତି। ଏପରି କି ଧାରଣ କ୍ଷମତାଠାରୁ ଅଧିକ ସଂଖ୍ୟାରେ ବନ୍ଦୀ ରହୁଥିବାରୁ ସେମାନଙ୍କୁ ଠିକ ଭାବେ ମୌଳିକ ସୁବିଧା ମିଳିପାରୁ ନାହିଁ। ପାରୋଲରେ ଯିବାକୁ ମଧ୍ୟ ଅନୁମତି ମିଳିପାରୁ ନାହିଁ। ଏନେଇ ଆଇନଜୀବୀ ତଲ୍‌ହା ଅବଦୁଲ୍ ରହେମାନ୍ ଏକ ଆବେଦନ କରିଥିଲେ। ଏହାର ଶୁଣାଣି କରି ଗତ ମାସ ୧୬ରେ ସର୍ବୋଚ୍ଚ ଅଦାଲତ ଏକ ଗୁରୁତ୍ୱପୂର୍ଣ୍ଣ ରାୟ ପ୍ରକାଶ କରିଥିଲେ। କରୋନା ଭୂତାଣୁର ସଂକ୍ରମଣକୁ ପ୍ରତିହତ କରିବା ପାଇଁ ଅଟକ କେନ୍ଦ୍ରଗୁଡ଼ିକରେ ଉପଯୁକ୍ତ ବ୍ୟବସ୍ଥା କରିବା ସହ ଏହାର ଅନୁଧ୍ୟାନ ପାଇଁ ଏକ ଉଚ୍ଚ କ୍ଷମତାସମ୍ପନ୍ନ କମିଟି ଗଠନ କରି କେଉଁମାନଙ୍କୁ ପାରୋଲରେ ଛଡ଼ାଯିବ ସେନେଇ ପଦକ୍ଷେପ ନେବାକୁ ନିର୍ଦ୍ଦେଶ ଦେଇଥିଲେ।

## ଡଗଡମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଡଗଡମାଳିକୁ ପାଠିକା-ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)

**ଆନ ମାଇପର ଆନ ଚିନ୍ତା**
**ଥୋଇ ମାଇପର ଘଇତା ଚିନ୍ତା।**

ଯୌବନ ଢଳିଗଲେ ରୂପ ମଉଳିଯାଏ। ଯେଉଁ ନାରୀ ବାହା ନ ହୋଇ ନିଜ ରୂପ ଲାବଣ୍ୟ ତଥା ସୌନ୍ଦର୍ଯ୍ୟ ବଳରେ ପରପୁରୁଷଙ୍କୁ ଆକୃଷ୍ଟ କରି ବା ବଶୀଭୂତ କରି ତା'ର ପାଖେ ରଖିଥାଏ, ସେଭଳି ନାରୀ ସବୁବେଳେ ଭାବିତବ୍ୟ ଅବସ୍ଥାରେ ରହିଥାଏ। କାଳେ ଯୌବନ ଖସିଗଲେ ସେ ଉତ୍ତର ବୟସରେ ଉପେକ୍ଷିତ ହୋଇ ନ ଯିବ ସେନେଇ ତା'ର ବ୍ୟତିବ୍ୟସ୍ତତା ବଢ଼ିଥିବା ଅର୍ଥରେ ଏଭଳି ଉକ୍ତି ଉଲ୍ଲେଖ କରାଯାଇଛି।

**ଆରେ ଆନ**
**ବାଳିଆ ମାଛର କି ନାକ କାନ।**

ବାଳିଆ ମାଛର ନାକ କି କାନ ନ ଥାଏ। ସାଧାରଣତଃ ଧୂର୍ତ୍ତ ବ୍ୟକ୍ତି ଚିକ୍କଣିଆ କଥା କହି ସରଳିଆ ବ୍ୟକ୍ତିଙ୍କୁ ସହଜରେ ଠକି ଦେଇଥାନ୍ତି। ମନରେ କୌଣସି ପ୍ରକାରର ଛଳ କପଟ, ବାଛବିଚାର ନ ଥିବାରୁ ସରଳ ନିଷ୍କପଟ ବ୍ୟକ୍ତି ମିଛକୁ ସତ ମଣି ଭଳି ଯାଇଥାନ୍ତି। ପ୍ରକୃତ ଜିନିଷ ନ ଦେଇ ତା' ବଦଳରେ ଅଲଗା ଜିନିଷ ଧରେଇ ଭଣ୍ଡେଇବା ଅର୍ଥରେ ଏଭଳି ଉକ୍ତି ପ୍ରକାଶ କରାଯାଇଛି।

ଓଡ଼ିଆ ଡଗଡମାଳି ଓ ରୂଢ଼ି ପ୍ରୟୋଗ
-ଏ.କେ.ମିଶ୍ର ପବ୍ଲିସର୍ସ ପ୍ରା.ଲି.

ପ୍ରଥମ ପୃଷ୍ଠାରୁ...

## ଆଉ ୫ ସଂକ୍ରମିତ ...

ସଂସ୍ପର୍ଶରେ ଆସି ସଂକ୍ରମିତ ହୋଇଛନ୍ତି। ସେ ମାର୍ଚ୍ଚ ୨୨ରୁ ଏପ୍ରିଲ ୧୩ ପର୍ଯ୍ୟନ୍ତ ଘରେ ରହିଥିଲେ। ଏହା ମଧ୍ୟରେ ସେ ସଉଦା ପାଇଁ ହାଟ ଓ ବଜାର ବୁଲିଥିଲେ। ପଟ୍ଟାଶୁଣୀ, ରସୁଲଗଡ ଓ କେସୁରା ହାଟକୁ ଯାଇଥିବା ଜଣାପଡିଛି। ମଙ୍ଗଳବାର ନମୁନା ପଜିଟିଭ ଆସିବା ପରେ ତାଙ୍କୁ କିମ୍ସ କୋଭିଡ୍ ହସ୍ପିଟାଲରେ ଭର୍ତ୍ତି କରାଯାଇଛି। ବମିଖାଲ ଅଞ୍ଚଳରୁ ଚିହ୍ନଟ ୩ଜଣଙ୍କ ମଧ୍ୟରେ ଜଣେ ୫୧ବର୍ଷୀୟା ମହିଳା ରହିଛନ୍ତି। ଏହି ଆକ୍ରାନ୍ତଙ୍କ ଜଣେ ବମିଖାଲର ଅନ୍ୟ ପଜିଟିଭ୍ ଆକ୍ରାନ୍ତଙ୍କ ପଡ଼ୋଶୀ। ସେ ମାର୍ଚ୍ଚ ୨୨ରୁ ଏପ୍ରିଲ ୧୩ ପର୍ଯ୍ୟନ୍ତ ନିଜ ଘରେ ରହିଥିଲେ। ସେହିପରି ଆଉଜଣେ ଆକ୍ରାନ୍ତ ହେଉଛନ୍ତି ୬୫ବର୍ଷୀୟ ପୁରୁଷ। ସେ ମଧ୍ୟ ପଡ଼ୋଶୀଙ୍କ ସଂସ୍ପର୍ଶରେ ଆସି ସଂକ୍ରମିତ ହୋଇଛନ୍ତି। ସେ ମାର୍ଚ୍ଚ ୨୨ରୁ ଏପ୍ରିଲ ୧୩ ପର୍ଯ୍ୟନ୍ତ ଘରେ ଥିଲେ। ବମିଖାଲର ତୃତୀୟ ଆକ୍ରାନ୍ତ ହେଉଛନ୍ତି ୫୦ ବର୍ଷର ପୁରୁଷ। ଅନ୍ୟମାନଙ୍କ ଭଳି ଏହି ଆକ୍ରାନ୍ତ ଜଣକ ବମିଖାଲ ଅଞ୍ଚଳର ୭, ୮, ୨୨ ଓ ୩୧ ନମ୍ବର ଆକ୍ରାନ୍ତଙ୍କ ପଡ଼ୋଶୀ। ସେ ମଧ୍ୟ ମାର୍ଚ୍ଚ ୨୨ରୁ ଏପ୍ରିଲ ୧୩ ପର୍ଯ୍ୟନ୍ତ ଘରେ ରହିଥିଲେ। କଣ୍ଟେନମେଣ୍ଟ ଅଞ୍ଚଳରେ ରହିଥିବା ସମସ୍ତଙ୍କର ନମୁନା ପରୀକ୍ଷଣ ପାଇଁ ପଠାଯାଇଥିଲା। ପଜିଟିଭ୍ ଆସିବା ପରେ ବର୍ତ୍ତମାନ ସମସ୍ତଙ୍କୁ କିମ୍ସ କୋଭିଡ୍ ହସ୍ପିଟାଲରେ ଭର୍ତ୍ତି କରାଯାଇଛି।

ସେପଟେ ଯାଜପୁରରେ ଚିହ୍ନଟ ହୋଇଥିବା ୫୬ନମ୍ବର ଆକ୍ରାନ୍ତ ଜଣକ ମାର୍ଚ୍ଚ ୨୮ରେ କୋଲକାତାରୁ ମାଛ ଗାଡ଼ିରେ ୧୨ଜଣଙ୍କ ସହିତ ଆସିଥିଲେ। ସେଥି ଗାଡିରେ ସାଥୀପୁରରେ ପହଞ୍ଚିଥିଲେ। ସେଠାରୁ ସେ ଗଣେଶପୁର ହୋଇ ଯାଜପୁର ଟାଉନରେ ୨୯ ତାରିଖରେ ପହଞ୍ଚିଥିଲେ। ୨୯ରୁ ଏପ୍ରିଲ ୧୩ ପର୍ଯ୍ୟନ୍ତ ସେ ଯାଜପୁରର ସଦରର ସାନ ତ୍ରିଲୋଚନପୁରରେ ହୋମ୍ କ୍ୱାରାଣ୍ଟାଇନ୍‌ରେ ରହିଥିଲେ। ୧୩ ତାରିଖରେ ତାଙ୍କର ନମୁନା ପରୀକ୍ଷଣ ହୋଇଥିଲା। ପଜିଟିଭ୍ ଆସିବା ପରେ ୧୪ ତାରିଖରେ ତାଙ୍କୁ ଅଶ୍ୱିନୀ କୋଭିଡ୍ ହସ୍ପିଟାଲରେ ଭର୍ତ୍ତି କରାଯାଇଛି। ଏହି ପଜିଟିଭ୍ ରୋଗୀ ଚିହ୍ନଟ ହେବାପରେ ଜିଲା ପ୍ରଶାସନ ପକ୍ଷରୁ ଯାଜପୁରର ସାନତ୍ରିଲୋଚନପୁର ଓ ସହିପୁର-୩ ଗାଁକୁ କଣ୍ଟେନମେଣ୍ଟ ଅଞ୍ଚଳ ଭାବେ ଘୋଷଣା କରାଯାଇଛି। ତେବେ ଆକ୍ରାନ୍ତ ଜଣକ ଉକ୍ତ ଗାଡ଼ି ନମ୍ବର ମନେରଖି ନ ଥିବାରୁ ତାଙ୍କ ସଂସ୍ପର୍ଶରେ ଆସିଥିବା ଲୋକଙ୍କୁ ଚିହ୍ନଟ ଚିନ୍ତା ବଢ଼ିଛି।

## ଅବଧି ବୃଦ୍ଧିକୁ ..

ଯାହା ସାରା ଦେଶରେ ଚିନ୍ତା ବଢ଼ାଇ ଦେଇଥିଲା। ମଙ୍ଗଳବାର ସନ୍ଧ୍ୟାରେ ବାନ୍ଦ୍ରା ଷ୍ଟେଶନରେ ଅନୁରୂପ ସ୍ଥିତି ଦେଖାଯାଇଛି। ଘରକୁ ଫେରିବା ଲାଗି ଟ୍ରେନ ଚଳାଚଳ କରାଇବା ଲାଗି ଶ୍ରମିକମାନେ ଦାବି କରିଥିଲେ। ଖାଦ୍ୟ ଓ ଅନ୍ୟ ଅତ୍ୟାବଶ୍ୟକ ସାମଗ୍ରୀ ମିଳୁ ନ ଥିବାରୁ ସେମାନେ ଲକ୍‌ଡାଉନକୁ ବିରୋଧ କରିଥିଲେ ବୋଲି ରେଲୱେର ଜଣେ ଅଧିକାରୀ କହିଛନ୍ତି। ବୁଝାସୁଝା ସତ୍ତ୍ୱେ ସେମାନେ ନ ଫେରିବାରୁ ଲାଠିଚାଳନା କରିବାକୁ ପଡ଼ିଲା ବୋଲି ମୁମ୍ବାଇ ପୋଲିସ କହିଛି। ଶ୍ରମିକଙ୍କ ବିକ୍ଷୋଭ ପାଇଁ ମହାରାଷ୍ଟ୍ର ମନ୍ତ୍ରୀ ଆଦିତ୍ୟ ଠାକ୍‌ରେ କେନ୍ଦ୍ର ସରକାରଙ୍କୁ ଦାୟୀ କରିଛନ୍ତି। ସେମାନେ ଘରକୁ ଫେରିଯିବାକୁ ଚାହାନ୍ତି। ଅଧିକାଂଶ ଶ୍ରମିକ ଆଶ୍ରୟସ୍ଥଳରେ ରହିବାକୁ ଚାହୁଁନାହାନ୍ତି ବୋଲି ଆଦିତ୍ୟ ଟୁଇଟ୍ କରିଛନ୍ତି। ସୂଚନାଯୋଗ୍ୟ, କରୋନା ସଂକ୍ରମଣ ରୋକିବା ଲାଗି ପ୍ରଥମେ ଯେଉଁଦିନ ଟ୍ରେନ ଚଳାଚଳ ବନ୍ଦ ହେଲା, ସେତେବେଳେ ଦାଦନ ଶ୍ରମିକ ଫେରିଯିବା ଲାଗି ଆଉ ୨୪ ଘଣ୍ଟା ଟ୍ରେନ ଚଳାଇବାକୁ ମହାରାଷ୍ଟ୍ର ସରକାର ଅନୁରୋଧ କରିଥିଲେ। ମୁଖ୍ୟମନ୍ତ୍ରୀ ଉଦ୍ଧବ ଠାକ୍‌ରେ ପ୍ରଧାନମନ୍ତ୍ରୀଙ୍କ ସହ ଭିଡିଓ କନ୍‌ଫରେନ୍ସ ବେଳେ ଏହି ପ୍ରସଙ୍ଗ ଉଠାଇଥିଲେ। ଗୁଜରାଟର ସୁରଟରେ ମଧ୍ୟ ଅନୁରୂପ ସ୍ଥିତି ଦେଖାଦେଇଛି। ଅଧିକାଂଶ ଦାଦନ ଆଶ୍ରୟସ୍ଥଳରେ ରହିବା କିମ୍ବା ସେଠାରେ ଖାଇବାକୁ ଚାହୁଁନାହାନ୍ତି। ଲକ୍‌ଡାଉନ ଯୋଗୁ ମହାରାଷ୍ଟ୍ରର ବିଭିନ୍ନ ଆଶ୍ରୟସ୍ଥଳରେ ୬ ଲକ୍ଷରୁ ଅଧିକ ଲୋକ ରହିଥିବା ଠାକ୍‌ରେ ଟୁଇଟ୍ କରିଛନ୍ତି।

## ପୂର୍ବତନ ମନ୍ତ୍ରୀ ସନାତନ...

ଅପରାହ୍ନରେ ତାଙ୍କର ଅନ୍ତିମ ସଂସ୍କାର କରାଯାଇଛି। ପୁଅ ଆଶିଷ ମୁଖାଗ୍ନି ଦେଇଥିଲେ। ୧୯୪୧ ନଭେମ୍ବର ୧୬ ତାରିଖରେ ବିଶି ସମ୍ବଲପୁରରେ ଜନ୍ମ ଗ୍ରହଣ କରିଥିଲେ। ଦଲେଇପଡା ପ୍ରାଥମିକ ସ୍କୁଲ, ଚନ୍ଦ୍ରଶେଖର ବେହେରା ଜିଲା ସ୍କୁଲ, ସମ୍ବଲପୁର ଗଙ୍ଗାଧର ମେହେର କଲେଜ, ଲାଲା ଲଜ୍‌ପତ୍‌ରାୟ ଆଇନ ମହାବିଦ୍ୟାଳୟରେ ସେ ଅଧ୍ୟୟନ କରିଥିଲେ। ଛାତ୍ର ଜୀବନରେ ଆନ୍ଦୋଳନ କରି ସେ ଗିରଫ ହୋଇଥିଲେ। ୧୯୬୮ରେ ସମ୍ବଲପୁର କୋର୍ଟରୁ ଓକିଲାତି ଆରମ୍ଭ କରିଥିଲେ। ଏଥିସହିତ ଚାଷୀ, ଶ୍ରମିକ ଆନ୍ଦୋଳନରେ ସେ ସକ୍ରିୟ ଭୂମିକା ଗ୍ରହଣ କରିଥିଲେ। ଜଣେ କ୍ରୀଡ଼ା ସଂଗଠକ ଭାବେ ତାଙ୍କର ସୁନାମ ଥିଲା। ୧୯୯୪ରେ ସେ ଜନତା ଦଳରୁ ରାଜ୍ୟ ସଭାକୁ ଯାଇଥିଲେ। ୨୦୦୨ରେ ବିଜୁ ଜନତା ଦଳ ପକ୍ଷରୁ ରେଢ଼ାଖୋଲ ବିଧାନସଭା ଉପନିର୍ବାଚନରେ ପ୍ରାର୍ଥୀ ହୋଇ ବିଜୟୀ ହୋଇଥିଲେ। ଦ୍ୱିତୀୟ ଥର ପାଇଁ ୨୦୦୪ ସାଧାରଣ ନିର୍ବାଚନରେ ସେ ରେଢ଼ାଖୋଲରୁ ବିଜେଡି ଟିକେଟରେ ବିଧାନ ସଭାକୁ ନିର୍ବାଚିତ ହୋଇଥିଲେ। ନବୀନଙ୍କ ଦ୍ୱିତୀୟ କାର୍ଯ୍ୟକାଳର ଶେଷ ଆଡକୁ ସେ ମନ୍ତ୍ରୀ ହୋଇଥିଲେ। ପଶ୍ଚିମ ଓଡ଼ିଶା ବିକାଶ ପରିଷଦ ଗଠନରେ ତାଙ୍କର ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଥିଲା। ବୁର୍ଲା ଭିମ୍‌ସାରକୁ ସ୍ୱୟଂଶାସିତ ଓ ବୀର ସୁରେନ୍ଦ୍ର ସାଏ ଷ୍ଟାଡିୟମର ଉନ୍ନତୀକରଣ କରିଥିଲେ। ସେ ସ୍ୱଳ୍ପ ସମୟ ସ୍ୱାସ୍ଥ୍ୟମନ୍ତ୍ରୀ ରହିଥିଲେ ବି ରାଜ୍ୟରେ ୪୯ଟି ନୂଆ ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ରକୁ ମଞ୍ଜୁରୀ ଦେଇଥିଲେ। ତାଙ୍କ ବିୟୋଗରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ସମେତ ରାଜ୍ୟର ବହୁ ବିଶିଷ୍ଟ ବ୍ୟକ୍ତି ଶୋକ ପ୍ରକାଶ କରିଛନ୍ତି। ଟୁଇଟ୍ ମାଧ୍ୟମରେ ମୁଖ୍ୟମନ୍ତ୍ରୀ କହିଛନ୍ତି ଯେ, ବିଶିଷ୍ଟ ସମାଜସେବୀ ତଥା ପୂର୍ବତନ ମନ୍ତ୍ରୀ ସନାତନ ବିଶିଙ୍କ ଦେହାନ୍ତ ବିଷୟରେ ଜାଣି ମୁଁ ଦୁଃଖିତ। ତାଙ୍କର ସରଳତା ତାଙ୍କୁ ସମସ୍ତଙ୍କ ପ୍ରିୟ କରିଥିଲା। ତାଙ୍କ ବିୟୋଗ ସମସ୍ତଙ୍କ ପାଇଁ ଏକ ଅପୂରଣୀୟ କ୍ଷତି।

## ୨୩୪.୪ ବିଲିୟନ ଡଲାର ...

ସେହିଭଳି ଆର୍ଥିକ ବର୍ଷ ୨୦୨୧ରେ ଅଭିବୃଦ୍ଧି ୩.୫% ରହିବ ବୋଲି ଏହା କହିଥିବା ବେଳେ ଏହାକୁ ପୁଣି ଖସାଇ ମାତ୍ର ୦.୮% ରଖିଛି। ଲକ୍‌ଡାଉନ ଅବଧି ବଢିଥିବାରୁ ପୂର୍ବରୁ ଆକଳନ ହୋଇଥିବା କ୍ଷୟକ୍ଷତି ମଧ୍ୟ ବଢିଯିବ ବୋଲି ଏହା ଆଶଙ୍କା ପ୍ରକଟ କରିଛି।

ଏହି ଫାର୍ମ କହିଯେ, ଏବେ ଯାଏ ଭାରତରେ ଗୋଷ୍ଠୀଗତ ସଂକ୍ରମଣ ହୋଇନାହିଁ। ମାତ୍ର ସାରା ଦେଶରେ ଲକ୍‌ଡାଉନ ଘୋଷଣା ଯୋଗୁ ଅର୍ଥ ବ୍ୟବସ୍ଥାକୁ ଗଭୀର ଭାବେ କ୍ଷତି ପହଞ୍ଚିଛି। ଲକ୍‌ଡାଉନ ଫଳରେ ମାଇନିଂ, ମାନୁଫାକଚରିଂ ସମେତ ୟୁଟିଲିଟି ଭଳି କ୍ଷେତ୍ରରେ ଅନୁମାନଠାରୁ ଅଧିକ ପରିମାଣର କ୍ଷତି ଦେଖାଯାଇଛି। ଲକ୍‌ଡାଉନ ପ୍ରଭାବ ଜୁନ ଶେଷଆଡକୁ ସ୍ୱାଭାବିକ ହେବା ନେଇ ଅନୁମାନ କରିଛି। କଟକଣା ଉଠିବା ପରେ ଏହି କ୍ଷେତ୍ରର କାର୍ଯ୍ୟକଳାପ ପୁଣି ଥରେ ଆରମ୍ଭ ହେବ। ବିଭିନ୍ନ କ୍ଷେତ୍ରରେ ଇନଭେଣ୍ଟୋରି ପୁନଃ କାର୍ଯ୍ୟଶୀଳ ହେବ ବୋଲି ଏହା ଆଶା ପ୍ରକଟ କରିଛି।

## ଗଣମାଧ୍ୟମକୁ ଜରୁରୀ...

ଏହାସତ୍ତ୍ୱେ ଜର୍ନାଲିଜମ୍‌କୁ ମିଥ୍ୟା ସୂଚନା ବିରୋଧରେ ଏକ ଶକ୍ତି ଭାବେ ବିବେଚନା କରାଯାଉ। ସାମ୍ପ୍ରତିକ ସ୍ଥିତିରେ ନ୍ୟୁଜ୍ ମିଡିଆକୁ ଏକ ଅତ୍ୟାବଶ୍ୟକ ସେବା ଭାବେ ସ୍ୱୀକୃତି ପ୍ରଦାନ କରନ୍ତୁ ବୋଲି ୟୁନେସ୍କୋ ପକ୍ଷରୁ ବିଭିନ୍ନ ରାଷ୍ଟ୍ରର ସରକାରମାନଙ୍କୁ ପରାମର୍ଶ ଦିଆଯାଇଛି।

# ଆହୁରି ବଢ଼ିବ ତାତି

- ୪୦ ଡିଗ୍ରୀ ଉପରେ ୬ ସହର
- ୧୯ ଯାଏ ଝଡ଼ବର୍ଷା ସମ୍ଭାବନା

ଭୁବନେଶ୍ୱର,୧୪।୪(ବ୍ୟୁରୋ)

ସକାଳ ୯ଟାରୁ ମାଡି ଆସୁଛି ପ୍ରଚଣ୍ଡ ଖରା। ଦେହ ମୁଣ୍ଡ ପୋଡି ଜଳିଯାଉଛି। କରୋନା(କୋଭିଡ-୧୯) ସଂକ୍ରମଣ ଆଶଙ୍କା ଥିବାରୁ ଲକ୍‌ଡାଉନ କଟକଣା ପାଇଁ ଲୋକମାନେ ଘରେ ରହୁଛନ୍ତି। ଏଥିଯୋଗୁ ଲୋକମାନଙ୍କୁ ଗ୍ରୀଷ୍ମ କଷ୍ଟ ସେତେଟା ଅନୁଭୂତ ହେଉ ନାହିଁ। ତେବେ ଚାଷବାସ, ପନିପରିବା ବ୍ୟବସାୟ ପାଇଁ ଯାଉଥିବା ଲୋକମାନଙ୍କୁ ତାତି ଅସ୍ତବ୍ୟସ୍ତ କରିଛି। ଗତ କିଛି ଦିନ ହେବ ତାତି ପ୍ରକୋପ ବହୁ ମାତ୍ରାରେ ବଢିଯାଇଛି। ଅଧିକାଂଶ ସ୍ଥାନରେ ପାରଦ ୪୦ ଡିଗ୍ରୀ ସେଲସିୟସ୍ ଉପରକୁ ଟପି ଯାଉଛି। ମଙ୍ଗଳବାର ରାଜ୍ୟର ୬ଟି ସହରରେ ସର୍ବୋଚ୍ଚ ତାପମାତ୍ରା ୪୦ଡିଗ୍ରୀକୁ ଟପି ଯାଇଛି । ଆଞ୍ଚଳିକ ପାଣିପାଗ କାର୍ଯ୍ୟାଳୟ ସୂତ୍ରରୁ ମିଳିଥିବା ସୂଚନା ଅନୁଯାୟୀ, ବଲାଙ୍ଗୀରରେ ସର୍ବାଧିକ ୪୧.୫ ଡିଗ୍ରୀ ସେଲସିୟସ୍ ତାପମାତ୍ରା ରେକର୍ଡ କରାଯାଇଥିବା ବେଳେ ଭୁବନେଶ୍ୱର ୪୧.୨, ଅନୁଗୋଳ ୪୦.୫, ତାଳଚେରର ୪୧.୧, ମାଲକାନଗିରି ୪୦.୨, ନୟାଗଡ ୪୦ ଏବଂ ବୌଦ୍ଧରେ ସର୍ବାଧିକ ୪୦.୫ ଡିଗ୍ରୀ ସେଲସିୟସ୍ ରେକର୍ଡ କରାଯାଇଛି। ସେହିପରି ଚାନ୍ଦବାଲିରେ ସର୍ବାଧିକ ୩୯ ଡିଗ୍ରୀ ସେଲସିୟସ୍ ରେକର୍ଡ କରାଯାଇଥିବା ବେଳେ କଟକ ୩୯.୫, ଝାରସୁଗୁଡା ୩୯.୬, ଏବଂ ସମ୍ବଲପୁରରେ ୩୯.୮ ଡିଗ୍ରୀ ସେଲସିୟସ୍ ରେକର୍ଡ କରାଯାଇଛି। ପ୍ରଚଣ୍ଡ ଖରା ସାଙ୍ଗକୁ ଅପରାହ୍ନରେ ଝଡବର୍ଷା ମଧ୍ୟ ରାଜ୍ୟର ଅଧିକାଂଶ ଜିଲାକୁ ହେବାର ସମ୍ଭାବନା ରହିଛି । ଆସନ୍ତା ୧୯ ତାରିଖ ଯାଏ ଦକ୍ଷିଣ ଓଡିଶାଠାରୁ ଆରମ୍ଭ କରି ଉପକୂଳ ଓଡିଶା ଯାଏ ଝଡବର୍ଷା ତାଣ୍ଡବ ରଚାଇବ। ଆସନ୍ତା ୨୪ ଘଣ୍ଟା ମଧ୍ୟରେ କୋରାପୁଟ, କନ୍ଧମାଳ,କଳାହାଣ୍ଡି, ରାୟଗଡା, ମୟୂରଭଞ୍ଜ ଏବଂ ବାଲେଶ୍ୱର ଜିଲାର ଗୋଟିଏ କିମ୍ବା ଦୁଇଟି ସ୍ଥାନରେ ପ୍ରବଳ ଝଡ ତୋଫାନ ହେବ ବୋଲି ପାଣିପାଗ ବିଭାଗ ପକ୍ଷରୁ ଏଲୋୱାର୍ନିଂ ଜାରି କରାଯାଇଛି।

# ପ୍ରସ୍ତୁତ ରହିବାକୁ ଜିଲାପାଳଙ୍କୁ ଏସ୍‌ଆର୍‌ସିଙ୍କ ନିର୍ଦ୍ଦେଶ

ଭୁବନେଶ୍ୱର,୧୪।୪(ବ୍ୟୁରୋ)

**ପ୍ରଚଣ୍ଡ ଗ୍ରୀଷ୍ମ ପ୍ରବାହ**

ଗତ କିଛି ଦିନ ହେବ ରାଜ୍ୟରେ ପ୍ରଚଣ୍ଡ ଗ୍ରୀଷ୍ମ ପ୍ରବାହ ଜାରି ରହିଛି। ଅଧିକାଂଶ ସ୍ଥାନରେ ପାରଦ ୪୦ ଡିଗ୍ରୀ ସେଲସିୟସ୍ ଉପରକୁ ଉଠିଯାଉଛି। ତାତି ଆହୁରି କଲବଲ କରିବ ବୋଲି ପାଣିପାଗ ବିଭାଗ ପୂର୍ବାନୁମାନ କରିଛି। ଏହାକୁ ଦୃଷ୍ଟିରେ ରଖି ସ୍ୱତନ୍ତ୍ର ରିଲିଫ କମିଶନର(ଏସ୍‌ଆରସି)ଙ୍କ କାର୍ଯ୍ୟାଳୟ ଗ୍ରୀଷ୍ମ ପ୍ରବାହର ମୁକାବିଲା କରିବା ପାଇଁ ପ୍ରସ୍ତୁତି କରିବାକୁ ଜିଲାପାଳମାନଙ୍କୁ ନିର୍ଦ୍ଦେଶ ଦିଆଯାଇଛି। ମଙ୍ଗଳବାର ଅତିରିକ୍ତ ମୁଖ୍ୟ ଶାସନ ସଚିବ ତଥା ଏସ୍‌ଆରସି ପ୍ରଦୀପ କୁମାର ଜେନା ଏ ନେଇ ଜିଲାପାଳଙ୍କୁ ଚିଠି ଲେଖିଛନ୍ତି। ଚିଠିରେ କୁହାଯାଇଛ, ରାଜ୍ୟରେ ଗ୍ରୀଷ୍ମ ପ୍ରବାହ ବୃଦ୍ଧି ପାଇଛି। ରାଜସ୍ୱ ବିଭାଗ ପକ୍ଷରୁ ପ୍ରକାଶ କରାଯାଇଥିବା କୋଭିଡ୍-୧୯ ଗାଇଡ୍‌ଲାଇନ ଅନୁଯାୟୀ କୃଷି, ଉଦ୍ୟାନ କୃଷି, ମତ୍ସ୍ୟ ଓ ପ୍ରାଣୀ ସମ୍ପଦ, ଜଙ୍ଗଲ କ୍ଷେତ୍ର ଏବଂ ମହାତ୍ମା ଗାନ୍ଧୀ ଜାତୀୟ ଗ୍ରାମୀଣ ନିଶ୍ଚିତ କର୍ମ ନିଯୁକ୍ତି ଯୋଜନା(ଏମ୍‌ଜିଏନ୍‌ଆରଇଜିଏସ୍), ମାଲ ପରିବହନ ଆଦି କାର୍ଯ୍ୟକ୍ରମ ଚାଲୁ ରହିବ। ଲୋକମାନଙ୍କୁ ଗ୍ରୀଷ୍ମ ପ୍ରକୋପରୁ ରକ୍ଷା କରିବା ଲାଗି କୋଭିଡ୍-୧୯ ସଂକ୍ରମଣ ମୁକାବିଲା କାର୍ଯ୍ୟରୁ କିଛି ସମୟ ବାହାର କରି ଗ୍ରୀଷ୍ମ ପ୍ରବାହ ମୁକାବିଲା ପ୍ରସ୍ତୁତି ନେଇ ସମୀକ୍ଷା କରିବାକୁ ଜିଲାପାଳଙ୍କୁ ନିର୍ଦ୍ଦେଶ ଦିଆଯାଇଛି। ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ର, ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର, ପ୍ରାଣୀ ଚିକିତ୍ସାଳୟକୁ ୨୪ ଘଣ୍ଟିଆ ବିଦ୍ୟୁତ୍ ଯୋଗାଣ, ପାନୀୟ ଜଳ ବଣ୍ଟନର ସମୀକ୍ଷା ପାଇଁ ଜିଲାସ୍ତରରେ ଏକ ସମନ୍ୱୟ ସମିତି ଗଠନ କରିବାକୁ କୁହାଯାଇଛି। ପାନୀୟ ଜଳ ଯୋଗାଣ ସମୟରେ ସାମାଜିକ ଦୂରତ୍ୱକୁ ଯେପରି କଡାକଡି ଭାବେ ପାଳନ କରାଯିବ ସେ ନେଇ ଦୃଷ୍ଟିଦେବାକୁ ପରାମର୍ଶ ଦିଆଯାଇଛି। ଗ୍ରାମାଞ୍ଚଳ ଓ ସହରାଞ୍ଚଳ ପ୍ରାଣୀମାନଙ୍କ ଲାଗି ଜଳ ଯୋଗାଣ ବ୍ୟବସ୍ଥା କରିବା ସହିତ ବନ୍ୟଜନ୍ତୁଙ୍କ ଲାଗି ମଧ୍ୟ ଜଳ ଯୋଗାଣ କରିବାକୁ ଜିଲାପାଳଙ୍କୁ ଏସ୍‌ଆରସି ନିର୍ଦ୍ଦେଶ ଦେଇଛନ୍ତି।

# ଲେୟାର ଫାର୍ମସକୁ ସହାୟତା ପାଇଁ ସରକାରଙ୍କୁ ଅନୁରୋଧ

ଭୁବନେଶ୍ୱର,୧୪।୪(ବ୍ୟୁରୋ)-ଲକ୍‌ଡାଉନ୍ ଯୋଗୁ ନିଖିଳ ଓଡ଼ିଶା ଲେୟାର ଫାର୍ମସ ଆସୋସିଏଶନ୍ ବହୁଳ ଭାବେ ପ୍ରଭାବିତ ହୋଇଛନ୍ତି। ତେଣୁ ସେମାନଙ୍କୁ ସହାୟତା କରିବା ପାଇଁ ରାଜ୍ୟ ପ୍ରଶାସନକୁ ଆସୋସିଏଶନ୍ ପକ୍ଷରୁ ଅନୁରୋଧ କରାଯାଇଛି। ଏ ନେଇ ଆସୋସିଏଶନ୍ ପକ୍ଷରୁ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କୁ ଲିଖିତ ଭାବେ ଦାବିପତ୍ର ପ୍ରଦାନ କରାଯାଇଛି। ଦାବିପତ୍ରରେ ଆସୋସିଏଶନ୍‌ର ଅଧ୍ୟକ୍ଷ ମାନସ ମଙ୍ଗରାଜ ଉଲ୍ଲେଖ କରିଛନ୍ତି ଯେ, ଏହି ବ୍ୟବସାୟ ସମ୍ବନ୍ଧୀୟ ସମସ୍ତ ଋଣ ବାବଦକୁ ୫ ପ୍ରତିଶତ ସୁଧ ପ୍ରଦାନରେ ସହାୟତା ଦିଆଯାଉ। ବର୍ତ୍ତମାନ ଋଣ ପରିଶୋଧ ପାଇଁ ଗୋଟିଏ ବର୍ଷର ଅଧିକ ମୋରାଟୋରିୟମ ସୁଯୋଗ ଦିଆଯାଉ। ୱାର୍କିଂ କ୍ୟାପିଟାଲ ସମ୍ବନ୍ଧୀୟ ଋଣକୁ ୫ ବର୍ଷିଆ ଟର୍ମ ଲୋନରେ ପରିଣତ କରାଯାଉ। ଭବିଷ୍ୟତରେ କୁକୁଡା ଚାଷୀମାନଙ୍କୁ ୱାର୍କିଂ କ୍ୟାପିଟାଲ ଋଣ ପ୍ରଦାନ, ଅଧିକ କୁକୁଡା ଫାର୍ମ ପାଇଁ ଆର୍ଥିକ ସହାୟତା ପ୍ୟାକେଜ ଘୋଷଣା ଏବଂ ଦାନା କ୍ରୟ ଉପରେ ଜିଏସ୍‌ଟି ଛାଡ ପାଇଁ ଦାବି କରାଯାଇଛି। ସାମାଜିକ ଗଣମାଧ୍ୟମରେ କୁକୁଡା ମାଂସ ଏବଂ ଅଣ୍ଡାକୁ ନେଇ ବିଭିନ୍ନ ପ୍ରକାର ବିଭ୍ରାନ୍ତିକର ତଥ୍ୟ ଘୂରି ବୁଲିଲା, ଫଳରେ ଲୋକମାନେ ଆତଙ୍କିତ ହୋଇ ଉଭୟ କୁକୁଡା ଅଣ୍ଡା ଓ ମାଂସ କ୍ରୟ କଲେ ନାହିଁ। ଏହାର ସିଧା ପ୍ରଭାବ କୁକୁଡା ଚାଷୀ ଓ ବ୍ୟବସାୟୀଙ୍କ ଉପରେ ପଡିଲା। ସେମାନେ ପ୍ରବଳ ବ୍ୟବସାୟିକ କ୍ଷତି ସହିଥିବା ମାନସ କହିଛନ୍ତି। ତେବେ ଚାଷୀଙ୍କୁ ଏହି କ୍ଷତିରୁ ଉଦ୍ଧାର କରିବା ପାଇଁ ବ୍ୟାପକ ଅଣ୍ଡାକ୍ରୟ ଦିଗରେ ସରକାର ପଦକ୍ଷେପ ନିଅନ୍ତୁ ବୋଲି ଆସୋସିଏଶନ୍ ପକ୍ଷରୁ ଦାବି କରାଯାଇଛି। ବିଭିନ୍ନ ସରକାରୀ ଯୋଜନା ଯଥା ମଧ୍ୟାହ୍ନ ଭୋଜନ ଏବଂ ଏସ୍‌ଏନ୍‌ପି ପାଇଁ ଅଣ୍ଡା କ୍ରୟ କରାଯାଉ, ଏଥିସହ ସ୍କୁଲ ଛାତ୍ରୀଛାତ୍ରଙ୍କୁ ଛୁଟି ସମୟରେ ଅଣ୍ଡା ବଣ୍ଟନ ପାଇଁ ଦାବି ହୋଇଛି। ଲକ୍‌ଡାଉନ କାରଣରୁ ବର୍ତ୍ତମାନ ସୁଦ୍ଧା ୧୨ଟି କୁକୁଡା ଫାର୍ମ ଆର୍ଥିକ କ୍ଷତି ସହିବା ପରେ ବନ୍ଦ ଆଡକୁ ଯାଉଛି। ତେଣୁ ରାଜ୍ୟ ସରକାର ସମସ୍ତ ଦିଗକୁ ଦୃଷ୍ଟିରେ ରଖି ଉପଯୁକ୍ତ ପଦକ୍ଷେପ ନେବାକୁ ଆସୋସିଏଶନ୍ ପକ୍ଷରୁ ଦାବି କରାଯାଇଛି।

## ମେ' ୩ ଯାଏ ...

ପାଇଁ ସୁପାରିସ୍ କରିଥିଲେ। ପୂର୍ବରୁ ଓଡ଼ିଶା, ତାମିଲନାଡୁ, ଅରୁଣାଚଳପ୍ରଦେଶ, ପଞ୍ଜାବ, ମହାରାଷ୍ଟ୍ର, ତେଲଙ୍ଗାନା, ପଶ୍ଚିମବଙ୍ଗ ଏବଂ କର୍ନାଟକ ସରକାର ଲକ୍‌ଡାଉନ ସମୟସୀମାକୁ ଏପ୍ରିଲ ୩୦ ପର୍ଯ୍ୟନ୍ତ ବୃଦ୍ଧି କରିସାରିଛନ୍ତି। ମେ' ୧ ସରକାରୀ ଛୁଟିଦିନ ଏବଂ ୨ ଓ ୩ ସପ୍ତାହାନ୍ତ ହୋଇଥିବାରୁ କେନ୍ଦ୍ର ସରକାର ୩ ତାରିଖ ପର୍ଯ୍ୟନ୍ତ ଲକ୍‌ଡାଉନ ବଢ଼ାଇବାକୁ ନିଷ୍ପତ୍ତି ନେଇଛନ୍ତି।

ଆର୍ଥିକ କାରବାର ଆରମ୍ଭ କରିବା ଲାଗି କେତେକ ମହଲରେ ଦାବି ହେଉଛି। ଏହାକୁ ଦୃଷ୍ଟିରେ ରଖି ପ୍ରଥମ ୧ ସପ୍ତାହ ଲକ୍‌ଡାଉନକୁ କଡ଼ାକଡ଼ି ପାଳନ କରିବା ସହ ପ୍ରତ୍ୟେକ ଅଞ୍ଚଳର ସ୍ଥିତି ଅନୁଧ୍ୟାନ କରିବାକୁ ନିଷ୍ପତ୍ତି ହୋଇଛି। ଏହି ପରୀକ୍ଷାରେ ଯେଉଁ ଅଞ୍ଚଳ ଉତ୍ତୀର୍ଣ୍ଣ ହେବେ ବା ହଟ୍‌ସ୍ପଟ ବର୍ଗରେ ନ ଥିବେ କିମ୍ବା ସେଭଳି ହେବାର ସମ୍ଭାବନା ନ ଥିବ, ୨୦ ତାରିଖ ପରେ ସେଠାରେ କେତେକ ଜରୁରୀ କାର୍ଯ୍ୟ ଆରମ୍ଭ କରିବାକୁ ଅନୁମତି ମିଳିବ। ତେବେ ଏହି ଅନୁମତି ସର୍ତ୍ତମୂଳକ ଏବଂ ବାହାରକୁ ବାହାରିବା ନିୟମ କଡ଼ାକଡ଼ି ପାଳନ ହେବ। ଏହାର ଉଲ୍ଲଂଘନ ହେଲେ ଅନୁମତିକୁ ତୁରନ୍ତ ପ୍ରତ୍ୟାହାର କରିନିଆଯିବ ବୋଲି ପ୍ରଧାନମନ୍ତ୍ରୀ କହିଛନ୍ତି।

କରୋନା ସଂକ୍ରମଣ ଓ ମୃତ୍ୟୁହାରରେ ଭାରତ ଅନେକ ବିକଶିତ ରାଷ୍ଟ୍ରଠାରୁ ବେଶ୍ ଭଲ ସ୍ଥିତିରେ ରହିଛି। ତେଣୁ ଲକ୍‌ଡାଉନ ଠିକ୍ ମାର୍ଗ ବୋଲି ଆମ ଅଭିଜ୍ଞତାରୁ ଏହା ସ୍ପଷ୍ଟ ହୋଇଛି। ଲକ୍‌ଡାଉନ ବେଳେ ପରିବାରର ବରିଷ୍ଠଙ୍କର ଅଧିକ ଯତ୍ନ ନେବା, ବାହାରକୁ ଯିବାବେଳେ ମୁହଁକୁ ଘର ତିଆରି ମାସ୍କ କିମ୍ବା କପଡ଼ାରେ ଢାଙ୍କିବା, ଲକ୍‌ଡାଉନରେ ପ୍ରଭାବିତ ଗରିବଙ୍କୁ ଯଥାସାଧ୍ୟ ସହାୟତା କରିବା ଲାଗି ପ୍ରଧାନମନ୍ତ୍ରୀ ପରାମର୍ଶ ଦେଇଛନ୍ତି।

ପ୍ରଧାନମନ୍ତ୍ରୀଙ୍କ ଭାଷଣକୁ ବିରୋଧୀ ଦଳ କଂଗ୍ରେସ ପକ୍ଷରୁ ସମାଲୋଚନା କରାଯାଇଛି। ଏହା ମୋଦିଙ୍କ ବାକ୍‌ପଟୁତା ଏବଂ ଫମ୍ପା ଭାଷଣ। ଏଥିରେ ଗରିବଙ୍କ ପାଇଁ ନା ରହିଛି ଆର୍ଥିକ ପ୍ୟାକେଜ ନା ଅର୍ଥନୀତିକୁ ସଜାଡିବା ଲାଗି ଦୃଢ଼ ପଦକ୍ଷେପ ବୋଲି କଂଗ୍ରେସ ମୁଖପାତ୍ର ରଣଦୀପ୍ ସୁର୍ଜେୱାଲା କହିଛନ୍ତି। ଲୋକମାନଙ୍କୁ ସେମାନଙ୍କ ଦାୟିତ୍ୱ ସମ୍ପର୍କରେ ବୁଝାଇବା ନେତୃତ୍ୱର ଅର୍ଥ ନୁହେଁ, ବରଂ ଦେଶବାସୀଙ୍କ ପ୍ରତି ସରକାରଙ୍କ ଉତ୍ତରଦାୟିତ୍ୱ ପୂରଣ କରିବା । କରୋନା ଲଢ଼େଇର ରୋଡ୍‌ମ୍ୟାପ୍ କାହିଁ ବୋଲି ରଣଦୀପ୍ ପ୍ରଶ୍ନ କରିଛନ୍ତି। ୨୧ ଦିନିଆ ଲକ୍‌ଡାଉନକୁ ଆଉ ୧୯ ଦିନ ବଢ଼ାଇଦିଆଯାଇ ଗରିବଙ୍କ ଭାଗ୍ୟ ସେମାନଙ୍କ ଉପରେ ଛାଡ଼ିଦିଆଯାଇଛି। ଗରିବଙ୍କୁ ଖାଦ୍ୟ କିମ୍ବା ଅର୍ଥ ଯୋଗାଇବା କଥା ସରକାର ଅନୁଭବ କରୁନାହାନ୍ତି ବୋଲି ବରିଷ୍ଠ କଂଗ୍ରେସ ନେତା ପି. ଚିଦାମ୍ବରମ ଟୁଇଟ୍ କରିଛନ୍ତି। ସେହିପରି କଂଗ୍ରେସ ମୁଖପାତ୍ର ଅଭିଷେକ ମନୁ ସିଙ୍ଘଭି ମଧ୍ୟ ପ୍ରଧାନମନ୍ତ୍ରୀଙ୍କ ଭାଷଣକୁ ଡେନମାର୍କର ଯୁବରାଜ ବିହୀନ ହାମଲେଟ ସହ ତୁଳନା କରିଛନ୍ତି।

# ମୋଦିଙ୍କ ୭ ମନ୍ତ୍ର

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଦେଶବ୍ୟାପୀ ଲକ୍‌ଡାଉନ ସମୟସୀମା ମେ' ୩ ପର୍ଯ୍ୟନ୍ତ ବଢ଼ାଇବା ସହ ୭ଟି କ୍ଷେତ୍ରରେ ଜନସାଧାରଣଙ୍କ ସହଯୋଗ ଲୋଡ଼ିଛନ୍ତି। ସେଗୁଡ଼ିକ ହେଲା-

**୧- ଅଧିକ ସଂକ୍ରମଣ ସମ୍ଭାବନା ଥିବା ବରିଷ୍ଠ ନାଗରିକଙ୍କ ସ୍ୱତନ୍ତ୍ର ଯତ୍ନ ନିଅନ୍ତୁ। ଯେଉଁମାନଙ୍କଠାରେ ପୁରୁଣା ରୋଗ ରହିଛି ସେମାନଙ୍କର ବିଶେଷ ଯତ୍ନ ନେବାକୁ ପଡିବ।**

**୨- ଲକ୍‌ଡାଉନ ଓ ସାମାଜିକ ଦୂରତ୍ୱର ଲକ୍ଷ୍ମଣରେଖାକୁ କଡ଼ାକଡ଼ି ପାଳନ କରନ୍ତୁ ଏବଂ ଘରତିଆରି ମାସ୍କ ନିଶ୍ଚୟ ବ୍ୟବହାର କରନ୍ତୁ।**



**୩- ରୋଗ ପ୍ରତିରୋଧକ ଶକ୍ତି ବଢ଼ାଇବା ପାଇଁ ଆୟୁଷ ମନ୍ତ୍ରଣାଳୟ ପକ୍ଷରୁ ଜାରି ନିୟମାବଳୀକୁ ପାଳନ କରନ୍ତୁ, ନିୟମିତ ଗରମ ପାଣି ପିଅନ୍ତୁ।**

**୪- କରୋନା ଭୂତାଣୁ ସଂକ୍ରମଣ ରୋକିବାରେ ସହାୟତା ପାଇଁ 'ଆରୋଗ୍ୟ ସେତୁ' ମୋବାଇଲ ଆପ୍ ଡାଉନଲୋଡ୍ କରନ୍ତୁ।**

**୫- ଆଖପାଖରେ ଥିବା ଗରିବ ପରିବାରକୁ ଯଥାସାଧ୍ୟ ସହାୟତା କରନ୍ତୁ, ସେମାନଙ୍କ ଖାଦ୍ୟ ଅଭାବ ପୂରଣ କରିବାକୁ ଚେଷ୍ଟା କରନ୍ତୁ।**

**୬- ଆପଣଙ୍କ ବ୍ୟବସାୟ ବା ଶିଳ୍ପରେ କାମ କରୁଥିବା କର୍ମଚାରୀଙ୍କ ପ୍ରତି ସହାନୁଭୂତିଶୀଳ ହୁଅନ୍ତୁ, କାହାକୁ ଜୀବିକାରୁ ବଞ୍ଚିତ କରନ୍ତୁ ନାହିଁ।**

**୭-ଡାକ୍ତର, ନର୍ସ, ସଫେଇ କର୍ମଚାରୀ ଓ ପୋଲିସ ହେଉଛନ୍ତି 'କରୋନା ଯୋଦ୍ଧା'। ସେମାନଙ୍କୁ ଯଥେଷ୍ଟ ସମ୍ମାନ ଦିଅନ୍ତୁ।**

## ଉହାନ ଲାବ୍‌କୁ ଅର୍ଥ ...

ଏଭଳି ଚାଞ୍ଚଲ୍ୟକର ତଥ୍ୟ ପ୍ରକାଶ ପାଇବା ପରେ ଆମେରିକାରେ ହଇଚଇ ସୃଷ୍ଟି ହେଇଛି। ଏପରି କି ସେଠାକର ଆଇନ ପ୍ରଣୟନକାରୀମାନେ ସରକାରଙ୍କୁ ଘେରିଛନ୍ତି। ୟୁନାନ୍‌ରୁ ମିଳିଥିବା ବାଦୁଡ଼ିଙ୍କଠାରେ କୋଭିଡ୍ -୧୯ ଥିବା ନେଇ ଗବେଷଣା କରାଯାଇଛି। ଉହାନ ଇନ୍‌ଷ୍ଟିଚ୍ୟୁଟ ଅଫ୍ ଭାଇରୋଲୋଜି ହେଉଛି ଚାଇନାର ଅତ୍ୟାଧୁନିକ ଗବେଷଣାଗାର। ଏହା ପ୍ରାଣୀ ବଜାରଠାରୁ ୨୦ ମାଇଲ ଦୂରରେ ଅବସ୍ଥିତ, ଯେଉଁଠାରୁ କରୋନା ଭାଇରସ୍ ପ୍ରଥମେ ମଣିଷ ଦେହକୁ ସଂକ୍ରମିତ ହୋଇଥିବା ବିଶ୍ୱାସ କରାଯାଉଛି। ମାଂସ କଟାଯାଉଥିବା ବଜାରରୁ କରୋନା ଭୂତାଣୁ ଉତ୍ପନ୍ନ ହୋଇଥିଲା ବୋଲି କୁହାଯାଉଥିଲା। ହେଲେ ମିଳିଥିବା ତଥ୍ୟ ଅନୁଯାୟୀ ବାସ୍ତବରେ ଉହାନ୍ ଲାବ୍ ହେଉଛି ଉକ୍ତ ଭାଇରସ୍‌ର ଆଦ୍ୟପୀଠ ବୋଲି ଅନୁସନ୍ଧାନରୁ ଜଣାପଡ଼ିଛି। ଏଭଳି ଖବରକୁ ଗଣମାଧ୍ୟମରୁ ଆବିଷ୍କାର କରାଯିବା ପରେ ଆମେରିକା ଆଇନ ପ୍ରଣୟନକାରୀମାନେ ସରକାରଙ୍କୁ ସମାଲୋଚନା କରିବା ସହ ଏପରି ଏକ ଭୟଙ୍କର ତଥା ଅମାନବୀୟ ପରୀକ୍ଷଣ କରାଯିବା ଲାଗି ଉକ୍ତ ପ୍ରତିଷ୍ଠାନକୁ ପାଣ୍ଠି ପ୍ରଦାନ କରିବା ନିନ୍ଦନୀୟ ବୋଲି କହିଛନ୍ତି। ଆମେରିକା ନେତା ତଥା ଆଇନଜୀବୀ ମାଟ୍ ଗେଜ୍ ତାଙ୍କ ଦେଶ ଏଭଳି ହୀନ କାର୍ଯ୍ୟ ପାଇଁ ପାଣ୍ଠି ବିନିଯୋଗ କରୁଥିବା ବିଷୟ ଶୁଣିବା ପରେ ସେ ବିରକ୍ତିଭାବ ପ୍ରକାଶ କରିଛନ୍ତି। ଅନ୍ୟପକ୍ଷରେ କରୋନା ଭୂତାଣୁ ସଂକ୍ରମଣ ଯୋଗୁ ଆମେରିକାରେ ଅନେକ ଲୋକଙ୍କ ମୃତ୍ୟୁ ଘଟିବା ପରେ ଚଳିତ ମାସ ପ୍ରାରମ୍ଭରେ ଚାଇନା ସରକାରଙ୍କ ବିରୋଧରେ ୨୦ ଟ୍ରିଲିୟନ ଆମେରିକୀୟ ଡଲାର କ୍ଷତିପୂରଣ ଦେବା ନେଇ ଏକ ମାମଲା ରୁଜୁ କରାଯାଇଥିଲା। ସୂଚନାଯୋଗ୍ୟ ଯେ ଏବେ ବିଶ୍ୱବ୍ୟାପୀ ସଂକ୍ରମିତ ହୋଇଥିବା ଦେଶଗୁଡ଼ିକ ମଧ୍ୟରେ ଆମେରିକାରେ ସର୍ବାଧିକ ୨୩ ହଜାର ୬୪୯ ଜଣଙ୍କ ମୃତ୍ୟୁ ଘଟିଥିବା ବେଳେ ୫ ଲକ୍ଷ ୮୭ ହଜାର ଲୋକ ସଂକ୍ରମିତ ହୋଇଛନ୍ତି।

# ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ, କାଦୁଆ, ଗଞ୍ଜାମ

**ମେଷ**
ସ୍ୱରାଶିରେ ରବିଥିବାରୁ ପୂର୍ବାହ୍ନରେ ଜଣେ ପଦସ୍ଥ ବ୍ୟକ୍ତିଙ୍କ ସାନ୍ନିଧ୍ୟ ଲାଭ କରିବେ। ବନ୍ଧୁମାନଙ୍କ ସହ ଗୁରୁତ୍ୱପୂର୍ଣ୍ଣ ଆଲୋଚନାରେ ସାମିଲ ହୋଇପାରନ୍ତି। ରାଜନୈତିକ,ଆନୁଷ୍ଠାନିକ ତଥା ସାଂଗଠନିକ ସ୍ଥିତି ବେଶ୍ ମଜଭୁତ ରହିବ। କଥାରେ ଅନ୍ୟମାନଙ୍କୁ ଆପ୍ୟାୟିତ କରି ଜୀବନରେ ଶାନ୍ତି ଓ ସ୍ଥିରତା ଆଣିବାରେ ସମର୍ଥ ହେବେ।

**ବୃଷ**
ଶୁକ୍ର ପ୍ରଭାବରେ ଆପଣଙ୍କ କଥା ଯେମିତି କାମ ମଧ୍ୟ ଠିକ୍ ସେମିତି କରିବାରେ ସଫଳତା ହାସଲ କରିବେ। ନିଜ ଲୋକମାନେ ବିରୋଧ କରୁଥିଲେ ମଧ୍ୟ ଶୁଭେଚ୍ଛୁମାନେ ଆପଣଙ୍କୁ ସୁହାଇଲା ଭଳି କଥା କହିପାରନ୍ତି। ମୃଗଶିରାର ପାରିବାରିକ ଅଶାନ୍ତି ହେତୁ ମନରେ ଭାବନାର ଜୁଆର କେନ୍ଦ୍ରୀଭୂତ ହେବ।

**ମିଥୁନ**
ଏକାଧିକଗ୍ରହ ଧନଭାବକୁ ଦେଖୁଥିବାରୁ ଅର୍ଥଲାଭ ସହ କର୍ମକ୍ଷେତ୍ରରେ ପ୍ରତିଷ୍ଠାର୍ଜନ କରିବେ। କଥା ଓ କାମରେ ସନ୍ତୁଷ୍ଟ କରାଇ ନିଜ ବନ୍ଧୁମାନଙ୍କୁ ଆପଣେଇ ନେବାରେ ସମର୍ଥ ହେବେ। ବିଭିନ୍ନ ଯୋଜନା କ୍ଷେତ୍ରରେ ସମସ୍ୟା ସମାଧାନ ପୂର୍ବକ ଅନୁକୂଳ ବାତାବରଣ ସୃଷ୍ଟି ହେବ।

**କର୍କଟ**
ଗ୍ରହଦୃଷ୍ଟି ପ୍ରଭାବରେ ଶାରୀରିକ ସ୍ୱାସ୍ଥ୍ୟ, ଯାତ୍ରା କରିବା, ବ୍ୟବସାୟ, ସ୍ତ୍ରୀ ସମ୍ପର୍କ, ବିବାଦ ଓ କିଛି ନୂତନ କାମ ସମ୍ପର୍କରେ ଦୁଶ୍ଚିନ୍ତା ଦେଖାଦେଇପାରେ । କର୍ମକ୍ଷେତ୍ରରେ ପ୍ରତିକୂଳ ପରିସ୍ଥିତି ଯୋଗୁଁ ଯୋଜନାଗୁଡିକ ଠିକ୍‌ଭାବେ ସମ୍ପୂର୍ଣ୍ଣ ହେବ ନାହିଁ। ବନ୍ଧୁଙ୍କ ସ୍ୱାସ୍ଥ୍ୟାବସ୍ଥାରେ ଉନ୍ନତି ଘଟିବାରୁ ଏକ ପ୍ରକାର ଆଶ୍ୱସ୍ତି ଲାଭ କରିବେ।

**ସିଂହ**
ରାଶ୍ୟାଧିପ ଭାଗ୍ୟସ୍ଥାନରେ ଥିବାରୁ ଆପଣଙ୍କ ସକାଶେ ଆଜି ପ୍ରତ୍ୟେକ କ୍ଷେତ୍ରରେ ଅନୁକୂଳ ବାତାବରଣ ସୃଷ୍ଟିହେବ। ଜମିଜମା କ୍ରୟବିକ୍ରୟ, ନିର୍ମାଣାଧୀନ କାମ, ଆମଦାନୀ କାରବାର, ବିଦେଶ ଯାତ୍ରା, ପ୍ରଶାସନିକ କ୍ଷେତ୍ର ପାଇଁ ଦିନଟି ବହୁତ ଭଲ। ଜନକଲ୍ୟାଣମୂଳକ କାମରେ ନିଜକୁ ନିୟୋଜିତ କରି ଖୁସୀ ରହିବେ।

**କନ୍ୟା**
ରାହୁଙ୍କ ଅବସ୍ଥିତିଜନିତ ବିଭିନ୍ନ ପ୍ରକାରର ସମସ୍ୟା ମଧ୍ୟରେ କର୍ମକ୍ଷେତ୍ର ଅଶାନ୍ତ ରହିପାରେ। ବିରୋଧୀମାନଙ୍କ ଦ୍ୱାରା ହଠାତ୍ କୌଣସି ମିଥ୍ୟା ଗୁଜବ ମନକୁ ଚହଲାଇ ଦେବାର ଆଶଙ୍କା ରହିଛି। ସାମାଜିକ ସ୍ତରରେ ମଙ୍ଗଳଜନକ କାର୍ଯ୍ୟରେ ନିଜକୁ ନିୟୋଜିତ କରିପାରନ୍ତି। ଯାନ୍ତ୍ରିକ ଶିଳ୍ପ ଓ ପରିବହନ କ୍ଷେତ୍ରରେ ଆଶା ଅନୁରୂପ ଫଳ ପାଇବେ।

**ତୁଳା**
ଲାଭାଧିପତି ରାଶିକୁ ଦେଖୁଥିବାରୁ ଯାହା ପାଇବା ପାଇଁ ଆଶା ରଖିଛନ୍ତି ତାହା ନିଶ୍ଚିତ ପାଇପାରିବେ। କିନ୍ତୁ ପ୍ରତିଦ୍ୱନ୍ଦ୍ୱିତା କଲେ ଲାଭ କିଛି ହେବନି କିମ୍ବା ମାଲିମକଦ୍ଦମା ମଧ୍ୟ ସପକ୍ଷରେ ନ ଯାଇପାରେ। କର୍ମକ୍ଷେତ୍ରରେ ବିଭିନ୍ନ ପ୍ରକାରର ସମସ୍ୟା ଲାଗି ରହିଥିବା ହେତୁ ପୂର୍ବରୁ କଳହ ଲାଗିଥିବା ବନ୍ଧୁଟି ପ୍ରତି ସତର୍କ ରହନ୍ତୁ।

**ବିଛା**
ଅନୁକୂଳ ଗ୍ରହସ୍ଥିତି ପ୍ରଭାବରେ ଯେଉଁ କାମରେ ହାତଦେବେ ନିଶ୍ଚିତ ଭାବରେ ସଫଳତା ହାସଲ କରିବେ। କିଛି ପ୍ରତିଶ୍ରୁତି ମାଧ୍ୟମରେ ମନ ବୁଝିଲା ଭଳି କଥା କହି ବନ୍ଧୁଙ୍କୁ ଆପଣେଇ ନେବେ ଓ କାମ ହାସଲ କରିବେ। ପାଖ ପଡୋଶୀମାନଙ୍କ ନିମନ୍ତ୍ରଣ କ୍ରମେ ମନୋରଞ୍ଜନରେ ଆଗ୍ରହ ପ୍ରକାଶ କରିପାରନ୍ତି।

**ଧନୁ**
ରାଶିରେ କେତୁ ଦ୍ୱିତୀୟସ୍ଥ ପାପଗ୍ରହ ହେତୁ ଆପଣଙ୍କ ପାଇଁ ସମୟର ପ୍ରତିକୂଳ ବାତାବରଣ ଲାଗିରହିଛି। ପାରିବାରିକ କ୍ଷେତ୍ରରେ ନିଜକୁ ନ ସୁଧାରିଲେ ବହୁତ ଅସୁବିଧାର ସମ୍ମୁଖୀନ ହେବାକୁ ପଡିପାରେ। କୌଣସି ବ୍ୟକ୍ତିର ପରୋକ୍ଷ ମନ୍ତ୍ରଣା ମାନସିକ ସୁସ୍ଥତାକୁ ନଷ୍ଟ କରିବ। ଅର୍ଥ ଓ ସମ୍ମାନ ମିଳିବ,ବ୍ୟବସାୟିକ ଉନ୍ନତି କରିବେ।

**ମକର**
ଶନିଙ୍କ ସହ ଅନ୍ୟଗ୍ରହମାନଙ୍କ ସ୍ଥିତି ଶାରୀରିକ ଓ ମାନସିକ ସ୍ଥିତିକୁ ସୁସ୍ଥ ରଖି ନ ପାରେ। ବନ୍ଧୁଙ୍କ କଥାକୁ ଅକ୍ଷରେ ଅକ୍ଷରେ ପାଳନ କରି କାମ କରିପାରିଲେ ତାହା ଆପଣଙ୍କ ଉପକାରରେ ଆସିବ । ପରିବହନ, ପ୍ରଶାସନ, ପ୍ରକାଶନ, ସାହିତ୍ୟ, ସାମ୍ବାଦିକତା ତଥା ରଚନାତ୍ମକ କାମ ପାଇଁ ପ୍ରତିବନ୍ଧକର ସମ୍ମୁଖୀନ ହେବେ।

**କୁମ୍ଭ**
ବୁଧଙ୍କ ପ୍ରଭାବରେ ଅପ୍ରିୟଭାଷଣଜନିତ ବନ୍ଧୁଙ୍କ ସହ ଟେନ୍ସନ ଲାଗି ରହିବ। ଘରର ବରାଦ ଅନୁଯାୟୀ ଆଜି ନୂତନ ଜିନିଷ କ୍ରୟ କରିବା ସକାଶେ ମନ ବଳାଇ ପାରନ୍ତି। ଅବଶ୍ୟ ଉଦାରତାଗୁଣ ସକାଶେ ସ୍ଥାନୀୟ ବ୍ୟକ୍ତିବିଶେଷଙ୍କ ଦ୍ୱାରା ଉପକୃତ ହେବେ। ପରିବାର ମଧ୍ୟରେ ଛୋଟ କଥାକୁ ଧରି ବସନ୍ତୁ ନାହିଁ।

**ମୀନ**
ଅଷ୍ଟମାଧିପତି ତୃତୀୟସ୍ଥ ଯୋଗୁଁ ଭାଇ, ବନ୍ଧୁ କିମ୍ବା ପଡୋଶୀଙ୍କ ସହ କଳହ ଲାଗିପାରେ। ଆପଣଙ୍କ ଚିନ୍ତାଧାରା ଭଲ ହେଲେ ମଧ୍ୟ କ'ଣ ହେବ ସତକହି କହି ସମସ୍ୟାକୁ ଡାକି ଆଣିବେ। ବ୍ୟବସାୟରେ ଲାଭ ମିଳିବ ଏବଂ କୌଣସି ଅନ୍ୟ ଏକ ଉଦ୍ଦେଶ୍ୟରେ ସେହି ଟଙ୍କାକୁ ବିନିଯୋଗ କରିପାରନ୍ତି।

ଆଜି ବୈଶାଖ କୃଷ୍ଣ ଅଷ୍ଟମୀଯୁକ୍ତ ନବମୀ ବୁଧବାର, ଶ୍ରୀମନ୍ଦିରରେ ରାମାଭିଷେକ, ଏପ୍ରିଲ ୧୫ ତାରିଖ, ରାଶି ନକ୍ଷତ୍ର-ଉତ୍ତରାଷାଢା/ମକର, ଅଷ୍ଟମୀର ଏକୋଦ୍ଦିଷ୍ଟ ଓ ପାର୍ବଣ ଶ୍ରାଦ୍ଧ, ଦିବା ଘ.୦୫.୩୨ମି. ଗତେ ଘ.୦୭. ୧୨ମି. ମଧ୍ୟେ, ଘ.୦୯.୪୧ମି. ଗତେ ଘ.୧୧.୨୧ମି. ମଧ୍ୟେ, ଘ.୦୩.୩୧ମି. ଗତେ ଘ.୦୫.୧୧ମି. ମଧ୍ୟେ, ସନ୍ଧ୍ୟା ଘ.୦୬.୪୭ମି. ଗତେ ଘ.୦୯.୦୫ମି. ମଧ୍ୟେ, ରାତ୍ରି ଘ.୦୧.୪୧ମି. ଗତେ ଘ.୦୫.୩୧ମି. ମଧ୍ୟେ ଅମୃତବେଳା। ଦିବା ଘ. ୦୧.୫୧ମି. ଗତେ ଘ.୦୩.୩୧ମି. ମଧ୍ୟେ, ରାତ୍ରି ଘ.୦୯.୦୫ମି. ଗତେ ଘ.୧୦.୩୭ମି. ମଧ୍ୟେ ମାହେନ୍ଦ୍ରବେଳା। ଦିବା ଘ.୧୧.୪୬ମି. ଗତେ ଘ.୦୧.୨୦ମି. ମଧ୍ୟେ ରାହୁକାଳ।

# ଆରୋଗ୍ୟ ପରେ ବି କମୁନି ଚିନ୍ତା

ନୂଆଦିଲ୍ଲୀ,୧୪।୪




■ ଆର୍‌ଏନ୍‌ଏ ଭାଇରସ୍ ଭଳି ମଣିଷ ଶରୀରରେ ଦୀର୍ଘ ସମୟ ରହିପାରେ କରୋନା ଭାଇରସ୍

■ ଚାଇନାର ୧୫% ଆରୋଗ୍ୟଙ୍କ ନମୁନା ପୁଣି ପଜିଟିଭ ବାହାରିଛି

■ ଡିସ୍‌ଚାର୍ଜ ପରେ ୧୪ ଦିନ ଆଇସୋଲେଶନରେ ରହିବା ଜରୁରୀ

କରୋନା ସଂକ୍ରମଣର ଠିକ୍ ଚିକିତ୍ସା କିମ୍ବା ଟିକା ବାହାରି ନ ଥିବାରୁ ସାରା ବିଶ୍ୱରେ ସଂକ୍ରମିତଙ୍କ ସଂଖ୍ୟା ୧୯ ଲକ୍ଷ ଟପିଲାଣି। କିନ୍ତୁ ଚିକିତ୍ସା ବିଜ୍ଞାନ ସମ୍ପୂର୍ଣ୍ଣ ହାରିଯାଇନାହିଁ। ଫଳସ୍ୱରୂପ ମୋଟ ସଂକ୍ରମିତଙ୍କ ମଧ୍ୟରୁ ସାଢ଼େ ୪ ଲକ୍ଷରୁ ଊର୍ଦ୍ଧ୍ୱ ବ୍ୟକ୍ତି ଆରୋଗ୍ୟ ହୋଇଛନ୍ତି। ସେମାନଙ୍କ ନମୁନା ନେଗେଟିଭ ଆସିବା ପରେ ହସ୍ପିଟାଲରୁ ଘରକୁ ଫେରିଛନ୍ତି। କିନ୍ତୁ ସେମାନେ କେତେ ସୁରକ୍ଷିତ ସେ ନେଇ ମଧ୍ୟ ପ୍ରଶ୍ନ ଉଠିଛି। ଅର୍ଥାତ୍ ସେମାନଙ୍କ ନମୁନା ପରବର୍ତ୍ତୀ ସମୟରେ ପୁଣି ପଜିଟିଭ ବାହାରୁଛି। ଉଦାହରଣ ସ୍ୱରୂପ ଦକ୍ଷିଣ କୋରିଆରେ ୯୦ ସଂକ୍ରମିତଙ୍କ କ୍ଷେତ୍ରରେ ଦେଖିବାକୁ ମିଳିଛି ଯେ, ସେମାନଙ୍କ ନମୁନା ପ୍ରଥମେ ନେଗେଟିଭ୍ ରହିଥିଲା। କିନ୍ତୁ ପରେ ପୁଣି ପଜିଟିଭ ଚିହ୍ନଟ ହୋଇଥିଲା। ଏହା ବଡ଼ ଚିନ୍ତାଜନକ ହୋଇଥିବାବେଳେ ଏହାର ଉପାୟ ବାହାର କରିବା ପାଇଁ ସରକାର ଓ ଚିକିତ୍ସା ବିଜ୍ଞାନୀମାନେ ଉଦ୍ୟମ ଚଳାଇଛନ୍ତି। ପ୍ରତ୍ୟେକ ରୋଗର ଏକ ଉପଚାର ପ୍ରୋଟୋକଲ ରହିଛି। ତାହାକୁ ପ୍ରାୟ ସମସ୍ତେ ଗ୍ରହଣ ଓ ପାଳନ କରନ୍ତି। କିନ୍ତୁ କରୋନା ପାଇଁ ସାର୍ବଜନୀନ ଉପଚାର ପ୍ରୋଟୋକଲ ପ୍ରସ୍ତୁତ ହେବା ବାକି ରହିଛି। ବର୍ତ୍ତମାନ ପ୍ରାୟ ସବୁ ଦେଶ ଚାଇନାର କରୋନା ଆରୋଗ୍ୟ ପାଇଁ ଉଦ୍ଦିଷ୍ଟ ଡିସ୍‌ଚାର୍ଜ ପ୍ରୋଟୋକଲକୁ ସାମାନ୍ୟ ବଦଳାଇ ଗ୍ରହଣ କରି ନେଇଛନ୍ତି। କିନ୍ତୁ ସୁସ୍ଥ ହୋଇଥିବା ରୋଗୀଙ୍କ ସ୍ୱାସ୍ଥ୍ୟସ୍ଥିତି ଉପରେ ଲମ୍ବା ସମୟ ଯାଏ ସତର୍କ ନଜର ରଖାଯିବାର ଆବଶ୍ୟକତା ରହିଛି।

ଚାଇନାରେ ମୋଟ ସଂକ୍ରମିତଙ୍କ ସଂଖ୍ୟା ୮୨ହଜାରରୁ ଊର୍ଦ୍ଧ୍ୱ ଥିବାବେଳେ ସେମାନଙ୍କ ମଧ୍ୟରୁ ୭୭, ୭୩୮ଜଣ ଆରୋଗ୍ୟ ହୋଇଛନ୍ତି। କିନ୍ତୁ ଚାଇନାର ଏକ ଅନୁସନ୍ଧାନରୁ ଜଣାପଡ଼ିଛି ଯେ, କରୋନାରୁ ଆରୋଗ୍ୟ ହୋଇଥିବା ୧୫ ପ୍ରତିଶତ ବ୍ୟକ୍ତିଙ୍କ ନମୁନା ପୁଣି ପଜିଟିଭ ବାହାରୁଛି। ଏଥିପାଇଁ ଅତିରିକ୍ତ ଉପାୟ ଆବଶ୍ୟକ ଥିବା ଗବେଷକମାନେ କହୁଛନ୍ତି। ଗତ ସପ୍ତାହରେ ଚାଇନାରେ ଡିସ୍‌ଚାର୍ଜ ପ୍ରୋଟୋକଲ ଜାରି କରାଯାଇଛି। ତାହାକୁ ଜାନୁୟାରୀରୁ ଡିସ୍‌ଚାର୍ଜ ହୋଇଥିବା ଆରୋଗ୍ୟ ବ୍ୟକ୍ତିମାନେ ଯେଭଳି ପାଳନ କରିବେ ସେଥିପାଇଁ ବ୍ୟବସ୍ଥା କରାଯାଇଛି। ଚାଇନାରେ ଯେଉଁ ସଂକ୍ରମିତଙ୍କୁ ୩ ଦିନ ଧରି ଜ୍ୱର ନ ଥିବ, ଶ୍ୱାସକ୍ରିୟା ସମ୍ବନ୍ଧୀୟ ଲକ୍ଷଣରେ ଉନ୍ନତି ଆସିଥିବ, ଶ୍ୱାସକ୍ରିୟାରେ ପ୍ରଦାହ କମ୍ ହୋଇଥିବ ଏବଂ ୨୪ ଘଣ୍ଟା ବ୍ୟବଧାନରେ ସଂଗ୍ରହ ହୋଇଥିବା ନମୁନା ନେଗେଟିଭ ରହିବ ତାଙ୍କୁ ଡିସ୍‌ଚାର୍ଜ ପାଇଁ ଏବେ ଅନୁମତି ଦିଆଯାଉଛି। କିନ୍ତୁ ଡିସ୍‌ଚାର୍ଜ ହୋଇଥିବା ରୋଗୀ ୧୪ ଦିନ ଯାଏ ଘରେ କାହା ସହିତ ମିଳାମିଶା ନ କରି ଏକାକୀ ରହିବେ ଓ ଖାଇବେ ଏବଂ ବାହାରକୁ ବୁଲିବାକୁ ଯିବେନାହିଁ। ଭଲ ଭାବେ ବାୟୁ ଚଳପ୍ରଚଳ ହେଉଥିବା କୋଠରିରେ ସେମାନେ ରହିବା ସହ ମୁହଁରେ ମାସ୍କ ପିନ୍ଧିବାକୁ ବାଧ୍ୟତାମୂଳକ କରାଯାଇଛି। ୨ ସପ୍ତାହ ପରେ ସେମାନେ ହସ୍ପିଟାଲକୁ ସ୍ୱାସ୍ଥ୍ୟ ଯାଞ୍ଚ ପାଇଁ ଯିବେ। ପୁଣି ୪ ସପ୍ତାହ ପରେ ସ୍ୱାସ୍ଥ୍ୟ ପରୀକ୍ଷା କରାଇବେ। ଭାରତ, ଇଟାଲୀ ଓ ଅନ୍ୟ ୟୁରୋପୀୟ ଦେଶ ମଧ୍ୟ ପ୍ରାୟ ଏଭଳି ପନ୍ଥା ଆପଣାଇଛନ୍ତି। କିନ୍ତୁ ସାରା ବିଶ୍ୱର ବିଶେଷଜ୍ଞମାନେ ଏହି ପଦକ୍ଷେପ ଉପରେ ତୀକ୍ଷ୍ଣ ନଜର ରଖିଛନ୍ତି।

ଆର୍‌ଏନ୍‌ଏ ଭାଇରସ୍ ଭଳି କରୋନା ଭାଇରସ୍ ଶରୀରର ତରଳ ପଦାର୍ଥରେ ଦୀର୍ଘ ସମୟ ଧରି ତିଷ୍ଠି ରହିପାରେ। ଏହାର ଅର୍ଥ ନୁହେଁ ଯେ, ବ୍ୟକ୍ତିଜଣକ ସଂକ୍ରମିତ ହୋଇରହିବ ବୋଲି ୟୁରୋପିଆନ୍ ସେଣ୍ଟର ଫର୍ ଡିଜିଜ୍ କଣ୍ଟ୍ରୋଲ ଆଣ୍ଡ ପ୍ରିଭେନଶନ ଦ୍ୱାରା କରୋନା ସମ୍ପର୍କିତ ବୈଷୟିକ ରିପୋର୍ଟରେ କୁହାଯାଇଛି।

# ପର୍ଯ୍ୟଟନ, ହୋଟେଲ ଶିଳ୍ପକୁ ବଡ଼ ଝଟକା

ଭୁବନେଶ୍ୱର, ୧୪।୪(ବ୍ୟୁରୋ)

■ ସହାୟତା ପାଇଁ ଅନୁରୋଧ କଲା ଏଚ୍‌ଆର୍‌ଏଓ

■ ଜିଏସ୍‌ଟି ଉଠାଇବାକୁ ଆସୋସିଏଶନର ଦାବି

■ ଏଚ୍‌ଆର୍‌ଏଓ ସହ ଆଲୋଚନା କଲେ ପର୍ଯ୍ୟଟନ ସଚିବ

କରୋନା ଯୋଗୁ ବିପୁଳ କ୍ଷତି ସହିଥିବା ରାଜ୍ୟର ହୋଟେଲ ଏବଂ ଟ୍ରାଭେଲ ଟ୍ରେଡ୍ ଇଣ୍ଡଷ୍ଟ୍ରି ଆଗାମୀ ଦିନରେ ଆହୁରି କ୍ଷତିଗ୍ରସ୍ତ ହେବା ଆଶଙ୍କା କରାଯାଉଛି। ଲକ୍‌ଡାଉନ୍ ଯୋଗୁ ହୋଟେଲ ଶିଳ୍ପକୁ ବଡ଼ ଝଟ୍‌କା ଲାଗିଛି। ସେହିପରି ଫନୀ ଯୋଗୁ ୨ ହଜାର କୋଟିରୁ ଊର୍ଦ୍ଧ୍ୱ ଟଙ୍କାର କ୍ଷତି ସହିଥିବା ରାଜ୍ୟ ପର୍ଯ୍ୟଟନ ଶିଳ୍ପ ଏଥର ଗୁରୁତର ଆର୍ଥିକ ସଂକଟର ସମ୍ମୁଖୀନ ହେବାକୁ ଯାଉଛି।



ଓଡ଼ିଶାକୁ ବାର୍ଷିକ ପ୍ରାୟ ୧.୫ କୋଟି ପର୍ଯ୍ୟଟକ ଆସୁଥିବାବେଳେ ଏମାନଙ୍କ ମଧ୍ୟରୁ ବିଦେଶୀଙ୍କ ସଂଖ୍ୟା ଲକ୍ଷାଧିକ ରହିଥାଏ। ସେହିଭଳି ଅନ୍ୟ ରାଜ୍ୟରୁ ପ୍ରାୟ ୫୮ ଲକ୍ଷ ଓ ରାଜ୍ୟ ଭିତରୁ ୮୫ ଲକ୍ଷ ପର୍ଯ୍ୟଟକ ବିଭିନ୍ନ ପର୍ଯ୍ୟଟନସ୍ଥଳୀକୁ ଯାଇଥାନ୍ତି। ହେଲେ କରୋନା ଓ ଲକ୍‌ଡାଉନ୍ ପାଇଁ ପର୍ଯ୍ୟଟନସ୍ଥଳୀ ଖାଁ ଖାଁ ହୋଇପଡିଥିବାବେଳେ ହୋଟେଲ ଶିଳ୍ପ ଠପ୍ ହୋଇଯାଇଛି। ଲକ୍‌ଡାଉନ୍ ସରିବା ପରେ କେନ୍ଦ୍ର ଓ ରାଜ୍ୟ ସରକାର ପର୍ଯ୍ୟଟନ ଏବଂ ହୋଟେଲ ଶିଳ୍ପର ପୁନରୁତ୍ଥାନ ଲାଗି ମାଷ୍ଟରପ୍ଲାନ୍ ପ୍ରସ୍ତୁତ କରିବାକୁ ପରାମର୍ଶ ଦେଇଛି ହୋଟେଲ ଆଣ୍ଡ୍ ରେଷ୍ଟୁରାଣ୍ଟ ଆସୋସିଏଶନ୍ ଅଫ୍ ଓଡ଼ିଶା(ଏଚ୍‌ଆର୍‌ଏଓ)। ଉଭୟ ଦୀର୍ଘମିଆଦି ଓ ସ୍ୱଳ୍ପମିଆଦି ସ୍ତରରେ ବିକାଶ ଲାଗି ପ୍ରସ୍ତାବ ଦିଆଯାଇଛି। ବିଶେଷକରି ମାଇସ୍ ଟୁରିଜିମ୍‌କୁ ଫୋକସ୍ କରିବା ସହ ରାଜ୍ୟର ପ୍ରମୁଖ କର୍ପୋରେଟ୍ ସଂସ୍ଥା ନିଜର ସେମିନାର, ମିଟିଂ, କନ୍‌ଫରେନ୍ସ ଭଳି ବଡ଼ ବଡ଼ କାର୍ଯ୍ୟକ୍ରମକୁ ଆଗାମୀ ୨ ବର୍ଷ ପାଇଁ ରାଜ୍ୟ ମଧ୍ୟରେ ଥିବା ହୋଟେଲଗୁଡ଼ିକରେ ଆୟୋଜନ କରିବାକୁ ଅନୁରୋଧ କରାଯାଇଛି।

ଅନ୍ୟପକ୍ଷରେ ପର୍ଯ୍ୟଟକଙ୍କ ଲାଗି ଓଡ଼ିଶା ସୁରକ୍ଷିତ ବୋଲି ରାଜ୍ୟ ସରକାର ଏବଂ ରାଜ୍ୟ ପର୍ଯ୍ୟଟନ ଏକ ବ୍ୟାପକ କ୍ୟାମ୍ପେନ୍ କରିବା ଆବଶ୍ୟକ। ନୂଆ ଟୁରିଜମ୍ ପଲିସି ଆଣି ପର୍ଯ୍ୟଟନ ଭିତ୍ତିଭୂମିର ବିକାଶ କରାଯିବା ଉଚିତ୍। ପର୍ଯ୍ୟଟନ ବିଭାଗ ଅଧିକାରୀଙ୍କ ସହ ଏଚ୍‌ଆର୍‌ଏଓ ସଦସ୍ୟଙ୍କୁ ନେଇ ଏକ ସ୍ୱତନ୍ତ୍ର କୋଭିଡ୍ ଟାସ୍କଫୋର୍ସ ଗଠନ କରି ତା' ମାଧ୍ୟମରେ ସ୍ୱତନ୍ତ୍ର ସହାୟତା ପ୍ୟାକେଜ୍ ପ୍ରସ୍ତୁତ କରିବାକୁ ମତ ରଖିଛି ଆସୋସିଏଶନ। ଆଗାମୀ ଦିନରେ ବିଏମ୍‌ସି, ଶକ୍ତି ବିଭାଗ, ଅର୍ଥ ଓ ସମବାୟ ବିଭାଗ ଭଳି ବିଭିନ୍ନ ବିଭାଗ ସହ ଆସୋସିଏଶନ ଆଲୋଚନା କରିବ ବୋଲି ଏଚ୍‌ଆର୍‌ଏଓ ଅଧ୍ୟକ୍ଷ ଜେ. କେ. ମହାନ୍ତି କହିଛନ୍ତି। ପର୍ଯ୍ୟଟନ ସଚିବ ବିଶାଳ ଦେବ ଟେଲି କନ୍‌ଫରେନ୍ସ ଯୋଗେ ଆସୋସିଏଶନ ସଦସ୍ୟଙ୍କ ସହ ଆଲୋଚନା କରିଥିବାରୁ ଏଚ୍‌ଆର୍‌ଏଓ କୃତଜ୍ଞତା ଜଣାଇଛି। ଏଥିସହ ୩ ମାସ ପରିବର୍ତ୍ତେ ୧ ବର୍ଷ ପର୍ଯ୍ୟନ୍ତ ହୋଟେଲ ଶିଳ୍ପକୁ ଋଣ ଓ ସମସ୍ତ ଇଏମ୍‌ଆଇ କୋହଳ କରିବାକୁ ଅନୁରୋଧ କରାଯାଇଛି। ପରିସ୍ଥିତି ସ୍ୱାଭାବିକ ନ ହେବା ପର୍ଯ୍ୟନ୍ତ ବ୍ୟାଙ୍କ୍‌ଗୁଡ଼ିକୁ କୋହଳ ନୀତି ଅବଲମ୍ବନ କରିବାକୁ ରାଜ୍ୟ ସରକାର ନିର୍ଦ୍ଦେଶ ଦେବା ଉଚିତ୍। ଏହାବ୍ୟତୀତ ହୋଟେଲ ଶିଳ୍ପ ଉପରୁ ଜିଏସ୍‌ଟି ଓ ଏସ୍‌ଜିଏସ୍‌ଟି ନିଆ ନ ଯାଉ। ବିଏମ୍‌ସି ହୋଲ୍ଡିଂ ଟ୍ୟାକ୍ସ, ବାର୍ ଲାଇସେନ୍ସ ଫି, ଗ୍ରାଉଣ୍ଡ୍ ୱାଟର ଫି, ଇଲେକ୍ଟ୍ରିସିଟି ଫି ଆଦିକୁ କିଛି ମାସ ପାଇଁ ଛାଡ଼ କରାଯାଉ। କର୍ମଚାରୀମାନଙ୍କୁ ଠିକ୍ ସମୟରେ ଦରମା ଦେବାକୁ ଓଡ଼ିଶା ଶ୍ରମିକ ମଙ୍ଗଳ ପାଣ୍ଠିରୁ ସହାୟତା ପ୍ରଦାନ କରିବାକୁ ଏଚ୍‌ଆର୍‌ଏଓ ଅଧ୍ୟକ୍ଷ ମହାନ୍ତି ଦାବି କରିଛନ୍ତି।

# ସରକାରଙ୍କ ତଥ୍ୟ ଭେଲିକି, ଭୟରେ ଜନତା

ଭୁବନେଶ୍ୱର,୧୪।୪(ବ୍ୟୁରୋ)

ରାଜ୍ୟରେ କରୋନା ସ୍ଥିତିକୁ ନେଇ ପ୍ରତିଦିନ ସରକାରଙ୍କ ପକ୍ଷରୁ ଖବରଦାତା ସମ୍ମିଳନୀରେ ସୂଚନା ଦିଆଯାଉଛି। ଏପରିକି ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ ଏବଂ ସୂଚନା ଓ ଲୋକ ସମ୍ପର୍କ ବିଭାଗ ପକ୍ଷରୁ ଟୁଇଟ୍ ଏବଂ ୱେବ୍‌ସାଇଟ ଯୋଗେ ମଧ୍ୟ ସୂଚନା ଦିଆଯାଇଥାଏ। କରୋନା ସ୍ଥିତି ଉପରେ ରାଜ୍ୟ ସରକାର ଦେଉଥିବା ପ୍ରତ୍ୟେକ ସୂଚନାକୁ ଲୋକମାନେ ଭରସା କରୁଛନ୍ତି। ହେଲେ ମଙ୍ଗଳବାର ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ଜାରି କରାଯାଇଥିବା ତଥ୍ୟକୁ ନେଇ ଲୋକଙ୍କ ମଧ୍ୟରେ ଦ୍ୱନ୍ଦ୍ୱ ପ୍ରକାଶ ପାଇଛି। ରାଜ୍ୟରେ ୬୦କୁ କରୋନା ଆକ୍ରାନ୍ତଙ୍କ ସଂଖ୍ୟା ବୃଦ୍ଧି ପାଇଥିବା ନେଇ ପ୍ରଥମେ ସୂଚନା ଦିଆଯାଇଥିଲା। ପରେ ନୂଆ ୫ଆକ୍ରାନ୍ତଙ୍କ ତଥ୍ୟ ସମ୍ପର୍କରେ ଟୁଇଟ୍ ଯୋଗେ ସୂଚନା ଦିଆଗଲା। ତେବେ କିଛି ସମୟ ଅନ୍ତରରେ ୫୭ନମ୍ବର ଆକ୍ରାନ୍ତଙ୍କ ସମ୍ପର୍କରେ ୨ଥର ଭିନ୍ନ ତଥ୍ୟ ଦିଆଯାଇଥିବା ଦେଖିବାକୁ ମିଳିଥିଲା। ପ୍ରଥମ ତଥ୍ୟକୁ ନେଇ ଲୋକଙ୍କ ମଧ୍ୟରେ ଏକ ପ୍ରକାର ଭୟ ସୃଷ୍ଟି ହୋଇଥିଲା। ମାତ୍ର ଏହାର କିଛି ସମୟ ପରେ ଉକ୍ତ ତଥ୍ୟକୁ ପରିବର୍ତ୍ତନ କରାଯାଇଥିଲା। ସରକାର ନିଜର ଦୁର୍ବଳତା ଲୁଚାଇବାକୁ ୨ୟ ଥର ପାଇଁ ଏକ ଭିନ୍ନ ତଥ୍ୟ ପ୍ରକାଶ କରିଥିବା ଆଲୋଚନା ହେଉଛି।




ପ୍ରଥମେ ଦିଆଯାଇଥିବା ତଥ୍ୟ।




ପରେ ଦିଆଯାଇଥିବା ତଥ୍ୟ।

ସୂଚନାନୁସାରେ ୫୭ନମ୍ବର ଆକ୍ରାନ୍ତଙ୍କ ସମ୍ପର୍କରେ ପ୍ରଥମେ ଯେଉଁ ତଥ୍ୟ ଜାରି କରାଯାଇଥିଲା ସେଥିରେ ଉଲ୍ଲେଖ ରହିଥିଲା ଯେ, ବମିଖାଲ୍ କଣ୍ଟେନ୍‌ମେଣ୍ଟ ଅଞ୍ଚଳରେ ରହୁଥିବା ୫୦ବର୍ଷୀୟ ଏହି ବ୍ୟକ୍ତିଜଣଙ୍କ ମାର୍ଚ୍ଚ ୨୨ରୁ ଏପ୍ରିଲ ୧୩ପର୍ଯ୍ୟନ୍ତ ସ୍ଥାନୀୟ ଜୟଦୁର୍ଗାନଗରସ୍ଥିତ ବେବିଲୋନ ଆପାର୍ଟମେଣ୍ଟ ଘରେ ଥିଲେ। ଏହି ସମୟ ମଧ୍ୟରେ ସେ ପରିବା, ଗ୍ରସେରି କିଣିବା ପାଇଁ ବାହାରକୁ ଯାଇଥିଲେ। ସ୍ଥାନୀୟ ଗଣେଶ ମଣ୍ଡପ ପରିବା ଦୋକାନ, ଓଭରବ୍ରିଜ ନିକଟ ରିଲାଏନ୍ସ ଫ୍ରେଶ୍‌କୁ ଯାଇଥିଲେ। ଏପରି କି ବମିଖାଲ ଏବଂ ରସୁଲଗଡ଼ ମାର୍କେଟ ମଧ୍ୟ ଯାଇଥିଲେ। ଉକ୍ତ ବ୍ୟକ୍ତିଙ୍କ କୌଣସି ଲକ୍ଷଣ ନ ଥିଲା ବୋଲି ଉକ୍ତ ତଥ୍ୟରେ ଉଲ୍ଲେଖ ରହିଥିଲା। ସରକାରଙ୍କ ପକ୍ଷରୁ ଏହି ତଥ୍ୟ ଦିଆଯିବା ପରେ ଲୋକଙ୍କ ମନରେ ଅନେକ ପ୍ରଶ୍ନ ଉଠିଥିଲା। ବମିଖାଲକୁ ଗତ ୩ତାରିଖ ରାତିରୁ ଆବଦ୍ଧ ଅଞ୍ଚଳ(କଣ୍ଟେନମେଣ୍ଟ ଜୋନ୍) ଭାବେ ଘୋଷଣା କରାଯାଇଛି, ଯାହାଫଳରେ ସେହି ଅଞ୍ଚଳରେ ଥିବା ଲୋକେ ବାହାରକୁ ଆସିପାରିବେ ନାହିଁ କିମ୍ବା ବାହାର ଲୋକ ସେ ଅଞ୍ଚଳ ଭିତରକୁ ପ୍ରବେଶ କରିପାରିବେ ନାହିଁ। ତେବେ ଆବଦ୍ଧ ଅଞ୍ଚଳରେ ଥାଇ ୫୭ ନମ୍ବର ଆକ୍ରାନ୍ତ ଜଣଙ୍କ କିପରି ବାରମ୍ବାର ବାହାରକୁ ଆସିଲେ ଏବଂ ହାଟ ବଜାର ବୁଲିଲେ, ତାକୁ ନେଇ କରୋନା କଟକଣା ବାବଦରେ ପ୍ରଶାସନର ଆନ୍ତରିକତା ଏବଂ ଦକ୍ଷତା ଉପରେ ଅନେକ ପ୍ରଶ୍ନ ଉଠିଥିଲା। ତେବେ ଏହାର କିଛି ସମୟ ପରେ ବିଭାଗ ପକ୍ଷରୁ ଉକ୍ତ ତଥ୍ୟକୁ ବଦଳାଇ ଦିଆଯାଇଥିଲା। ନୂଆ ତଥ୍ୟ ଅନୁସାରେ ଉକ୍ତ ଆକ୍ରାନ୍ତ ଜଣଙ୍କ ମାର୍ଚ୍ଚ ୨୨ରୁ ଏପ୍ରିଲ ୧୩ତାରିଖ ପର୍ଯ୍ୟନ୍ତ ଘରେ କେବଳ ରହିଥିଲେ ବୋଲି ସୂଚନା ଦିଆଯାଇଛି। ଯଦି ରାଜ୍ୟ ସରକାରଙ୍କ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ ଭୁଲକ୍ରମେ ୫୭ନମ୍ବର ଆକ୍ରାନ୍ତ ସମ୍ପର୍କରେ ଏଭଳି ଭୁଲ୍ ତଥ୍ୟ ପ୍ରକାଶ କରିଥିବେ ତାହା ଅତ୍ୟନ୍ତ ସାଂଘାତିକ। କାରଣ ସରକାରଙ୍କ ତଥ୍ୟ ଉପରେ ଆସ୍ଥା ପ୍ରକାଶ କରୁଥିବା ସାଧାରଣ ଲୋକଙ୍କ ମାନସିକ ସ୍ଥିତି ସମ୍ପୂର୍ଣ୍ଣ ଭାବରେ ନିର୍ଭର କରୁଛି। ଲକ୍‌ଡାଉନ ଯୋଗୁ କଷ୍ଟରେ ସମୟ ବିତାଉଥିବା ଲୋକେ ଏଭଳି ତଥ୍ୟ ପାଇବାପରେ ଆତଙ୍କିତ ହୋଇ ଯଦି କିଛି ଭଲମନ୍ଦ କରି ବସିଲେ, ସେଥିପାଇଁ ଦାୟୀ କିଏ ହେବ। ଅନ୍ୟପକ୍ଷରେ ଯଦି ପ୍ରଥମ ପ୍ରକାଶିତ ତଥ୍ୟ ଠିକ୍ ଥିଲା ଏବଂ ଲୁଚାଇବାକୁ ଯାଇ ପରବର୍ତ୍ତୀ ସମୟରେ ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ଭିନ୍ନ ତଥ୍ୟ ଦିଆଗଲା ତାହା ମଧ୍ୟ ଅତ୍ୟନ୍ତ ବିପଦପୂର୍ଣ୍ଣ। କୋଭିଡ-୧୯ ଭଳି ସମ୍ବେଦନଶୀଳ ଘଟଣାରେ ଯଦି ସରକାରୀ ବିଭାଗ ପକ୍ଷରୁ ତଥ୍ୟ ଘୋଟାଲା କରାଯିବ ତେବେ ଲୋକେ କାହାକୁ ବିଶ୍ୱାସ କରିବେ। ଏଠାରେ ଉଲ୍ଲେଖଯୋଗ୍ୟ ଯେ, କିଛିଦିନ ତଳେ ଖବରଦାତା ସମ୍ମିଳନୀରେ କୋଭିଡ୍-୧୯ ପାଇଁ ନିଯୁକ୍ତ ସରକାରୀ ମୁଖପାତ୍ର ସୁବ୍ରତୋ ବାଗ୍‌ଚୀ ଏକ ଦିବସୀୟ କ୍ରିକେଟରେ ଯେପରି ବଲ୍ ପିଚ୍ଛା ବିବରଣୀ ପ୍ରକାଶ କରାଯାଏ, ସେଭଳି ଭାବେ କରୋନା ସମ୍ପର୍କରେ ଗଣମାଧ୍ୟମ ପ୍ରତିନିଧିମାନେ ସରକାରଙ୍କ ଠାରୁ ତଥ୍ୟ ଆଶା କରନ୍ତୁ ନାହିଁ ବୋଲି ଚେତାବନୀ ଦେଇଥିଲେ। ଏପରି କି ସେ କହିଥିଲେ ଯେ, ଯେତିକି ଆବଶ୍ୟକ ତଥ୍ୟ ସରକାର ଦେଉଛନ୍ତି ସେତିକି ଗଣମାଧ୍ୟମ ପ୍ରକାଶ କରନ୍ତୁ। ମଙ୍ଗଳବାର ୫୭ନମ୍ବର ଆକ୍ରାନ୍ତଙ୍କ ସମ୍ପର୍କରେ ତଥ୍ୟ ପରିବର୍ତ୍ତନ ପରେ ମୁଖପାତ୍ରଙ୍କ ଉକ୍ତ ମନ୍ତବ୍ୟ ଏକ ଭିନ୍ନ ଦିଗକୁ ଇଙ୍ଗିତ କରୁଛି ବୋଲି ସାଧାରଣରେ ଆଲୋଚନା ହେଉଛି।

# କୃଷିଜାତ ଦ୍ରବ୍ୟର ବାଧାମୁକ୍ତ ପରିବହନକୁ ନିଶ୍ଚିତ କର

ଭୁବନେଶ୍ୱର,୧୪।୪(ବ୍ୟୁରୋ)

ଆଗକୁ ଚାଷ କାର୍ଯ୍ୟ ଆରମ୍ଭ ହେବାକୁ ଯାଉଛି। ଚାଷୀମାନେ ଯେପରି କୃଷି କାର୍ଯ୍ୟକୁ ସୁରୁଖୁରୁରେ କରିପାରିବେ ଏବଂ ସେମାନଙ୍କ ଉତ୍ପାଦିତ ଦ୍ରବ୍ୟ ପରିବହନ କ୍ଷେତ୍ରରେ ଯେପରି କୌଣସି ସମସ୍ୟା ସୃଷ୍ଟି ନ ହେବ ସେଥିପ୍ରତି ସ୍ୱତନ୍ତ୍ର ଦୃଷ୍ଟି ଦେବାକୁ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ପୋଲିସ ମହାନିର୍ଦ୍ଦେଶକ(ଡିଜି)ଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ମଙ୍ଗଳବାର ପୂର୍ବାହ୍ନରେ ମୁଖ୍ୟମନ୍ତ୍ରୀ ନବୀନ ନିବାସରୁ ଭିଡିଓ କନଫରେନ୍ସିଂ ଜରିଆରେ ମୁଖ୍ୟ ଶାସନ ସଚିବ ଏବଂ ରାଜ୍ୟର ବରିଷ୍ଠ ଅଧିକାରୀଙ୍କ ସହିତ କରୋନା(କୋଭିଡ-୧୯) ସଂକ୍ରମଣର ସ୍ଥିତି, ଚାଷୀଙ୍କ ସମସ୍ୟା ଓ ଅତ୍ୟାବଶ୍ୟକ ସାମଗ୍ରୀ ପରିବହନ ସଂକ୍ରାନ୍ତରେ ଆଲୋଚନା କରିଥିଲେ।

**ଆସନ୍ତା ସପ୍ତାହରେ ପ୍ରତି ଜିଲାରେ ହେବ କୋଭିଡ୍ ହସ୍ପିଟାଲ**

ଆସନ୍ତା ୧ ସପ୍ତାହ ମଧ୍ୟରେ ରାଜ୍ୟର ସମସ୍ତ ଜିଲାରେ କୋଭିଡ-୧୯ ହସ୍ପିଟାଲ ବ୍ୟବସ୍ଥା କରିବାକୁ ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ଚଳିତ ମାସ ଶେଷ ସୁଦ୍ଧା ରାଜ୍ୟର ୩୬ଟି ସ୍ଥାନରେ ୬ ହଜାର ଶଯ୍ୟା ବିଶିଷ୍ଟ କୋଭିଡ ହସ୍ପିଟାଲ ବ୍ୟବସ୍ଥା କରିବାକୁ ସରକାର ଲକ୍ଷ୍ୟ ରଖିଛନ୍ତି। ଦକ୍ଷିଣ ଓଡ଼ିଶାର ଏମ୍‌କେସିଜି ହସ୍ପିଟାଲରେ କୋଭିଡ୍ ନମୁନା ପରୀକ୍ଷଣ ଆରମ୍ଭ କରାଯାଇଥିବାରୁ ମୁଖ୍ୟମନ୍ତ୍ରୀ ସନ୍ତୋଷ ବ୍ୟକ୍ତ କରିଥିଲେ। ଆସନ୍ତା ଦୁଇ ଦିନ ମଧ୍ୟରେ ଅର୍ଥାତ ଏପ୍ରିଲ ୧୬ ତାରିଖ ସୁଦ୍ଧା ବୁର୍ଲାର ଭିମ୍‌ସାରରେ କୋଭିଡ ପରୀକ୍ଷା ସୁବିଧା ଉପଲବ୍ଧ କରିବା ପାଇଁ ପଦକ୍ଷେପ ନେବାକୁ ନିର୍ଦ୍ଦେଶ ଦେଇଛନ୍ତି। ରାଉରକେଲାସ୍ଥିତ ଆର୍‌ଜିଏଚ୍‌ରେ କୋଭିଡ ପରୀକ୍ଷଣ ଆରମ୍ଭ କରାଯାଇଥିବା ବିଷୟ ବୈଠକରେ ସୂଚନା ଦିଆଯାଇଥିଲା। କୋଭିଡ ସଂକ୍ରମଣ ନିୟନ୍ତ୍ରଣରେ ନିୟୋଜିତ ପୋଲିସ ଓ ପ୍ରଶାସନିକ ଅଧିକାରୀଙ୍କୁ ଉତ୍ତମ ତାଲିମ ଯୋଗାଇ ଦେବାକୁ ମୁଖ୍ୟମନ୍ତ୍ରୀ ନିର୍ଦ୍ଦେଶ ଦେଇଛନ୍ତି। ଏପର୍ଯ୍ୟନ୍ତ ବିଭିନ୍ନ ଅନୁଷ୍ଠାନର ପ୍ରାୟ ଦେଢ ଲକ୍ଷ ଲୋକଙ୍କୁ ବିଭିନ୍ନସ୍ତରରେ ତାଲିମ ଦିଆଯାଇ ସାରିଥିବା ବୈଠକରେ ସୂଚନା ଦିଆଯାଇଥିଲା। କରୋନା ସଂକ୍ରମଣ ନିୟନ୍ତ୍ରଣରେ ଓଡ଼ିଶା ଭଲ କାମ କରିଥିବାରୁ ମୁଖ୍ୟମନ୍ତ୍ରୀ ସ୍ୱାସ୍ଥ୍ୟସେବାରେ ନିୟୋଜିତ ସମସ୍ତ ଡାକ୍ତର, ସ୍ୱାସ୍ଥ୍ୟକର୍ମୀ, ପ୍ରଶାସନ, ପୋଲିସ ଅଧିକାରୀ, ସଫେଇ କର୍ମଚାରୀ ଏବଂ ଜନ ସାଧାରଣଙ୍କୁ ଧନ୍ୟବାଦ ଦେଇଛନ୍ତି।

# ସାନତ୍ରିଲୋଚନପୁର, ସଇପୁର ଅଞ୍ଚଳ କଣ୍ଟେନମେଣ୍ଟ ଜୋନ୍ ଘୋଷିତ

ଯାଜପୁର ଅଫିସ,୧୪।୪

**ଯାଜପୁର ଜିଲାରେ ଦ୍ୱିତୀୟ କରୋନା ପଜିଟିଭ**

■ ଆକ୍ରାନ୍ତଙ୍କ ସଂସ୍ପର୍ଶରେ ଆସିଥିବା ସମସ୍ତ ଲୋକଙ୍କୁ ଖୋଜା ଚାଲିଛି

■ ୭ ପରିବାର ସଦସ୍ୟଙ୍କ ସ୍ୱାବ୍ ନମୁନା ସଂଗ୍ରହ

ଯାଜପୁର ଜିଲାରେ ମଙ୍ଗଳବାର ଦ୍ୱିତୀୟ କରୋନା ଆକ୍ରାନ୍ତ ଚିହ୍ନଟ କରାଯାଇଛି। ରାଜ୍ୟରେ ଚିହ୍ନଟ ହୋଇଥିବା ଏହି ୫୬ ନମ୍ବର କରୋନା ଆକ୍ରାନ୍ତ ଯାଜପୁର ଜିଲାର ଯାଜପୁର ବ୍ଲକ ଅନ୍ତର୍ଗତ ଜାଫରପୁର ପଞ୍ଚାୟତ ସାନତ୍ରିଲୋଚନପୁର ଗ୍ରାମର ବୋଲି ସୂଚନା ମିଳିଛି। ତେଣୁ ମଙ୍ଗଳବାର ଯାଜପୁର ଜିଲା ପ୍ରଶାସନ ସାନତ୍ରିଲୋଚନପୁର ଓ ସଇପୁର-୩କୁ ମଙ୍ଗଳବାର ମଧ୍ୟାହ୍ନ ୧୨ଟାରୁ ଆସନ୍ତା ୨୧ତାରିଖ ମଧ୍ୟାହ୍ନ ୧୨ଟା ପର୍ଯ୍ୟନ୍ତ କଣ୍ଟେନମେଣ୍ଟ ଜୋନ୍‌ଭାବେ ଘୋଷଣା କରିଛି।

ଯାଜପୁର ଜିଲାପାଳ ରଞ୍ଜନ କୁମାର ଦାସ ମଙ୍ଗଳବାର ଏ ସମ୍ପର୍କରେ ସୂଚନା ଦେଇ କହିଛନ୍ତି ଯେ, ଏହି କରୋନା ପଜିଟିଭ ବ୍ୟକ୍ତି ଜଣକ କୋଲକତାରୁ ମାର୍ଚ୍ଚ ୨୮ ରାତିରେ ବାହାରି ୨୯ ତାରିଖ ଭୋରରୁ ପାଣିକୋଇଲିରେ ଏକ ଟାଟା ମ୍ୟାଜିକ ଗାଡ଼ିରେ ପହଞ୍ଚିଥିଲେ। ସେହି ଗାଡ଼ିରେ ଅନ୍ୟ ୧୭ଜଣ ଆସିଥିଲେ। ଏଥିରେ କୋରେଇ ଓ ପାଣିକୋଇଲି ଅଞ୍ଚଳର ୪ଜଣ, ମୁକୁନ୍ଦପୁର ଓ ମଥୁରାପୁର ଗ୍ରାମର ୬ଜଣ ରହିଥିବା କୁହାଯାଇଛି। ଅନ୍ୟମାନଙ୍କୁ ପ୍ରଶାସନ ପକ୍ଷରୁ ଖୋଜା ଆରମ୍ଭ ହୋଇଛି। ଏହାବାଦ୍ ଏମାନଙ୍କ ସଂସ୍ପର୍ଶରେ ସମୁଦାୟ ୨୬ଜଣଙ୍କୁ ଏଯାଏ ଚିହ୍ନଟ କରାଯାଇଥିବା ସିଡିଏମ୍‌ଓ ସୁଧାଂଶୁ ଶେଖର ବଳ ସୂଚନା ଦେଇଛନ୍ତି। ଆକ୍ରାନ୍ତ ବ୍ୟକ୍ତିଙ୍କ ୭ଜଣ ପରିବାର ସଦସ୍ୟଙ୍କଠାରୁ ସ୍ୱାବ ନମୁନା ସଂଗ୍ରହ କରାଯାଇଛି। କରୋନା ଆକ୍ରାନ୍ତ ବ୍ୟକ୍ତି ପାଣିକୋଇଲିରୁ କୌଣସି ଏକ ଗାଡ଼ିରେ ଯାଜପୁରଟାଉନକୁ ଆସି ଚିକିତ୍ସା ପାଇଁ ଜିଲାମୁଖ୍ୟ ଚିକିତ୍ସାଳୟକୁ ଯାଇଥିଲେ। ସେଠାରେ ସେ ଗତ ୨୯ ତାରିଖ ସକାଳ ସାଢେ ୭ଟାରେ ଧାଡ଼ିରେ ରହି ନାମ ପଞ୍ଜୀକୃତ କରାଇଥିଲେ। ପରେ ନିଜ ଗ୍ରାମକୁ ଯାଇ ସେବେଠାରୁ ହୋମ କ୍ୱାରାଣ୍ଟାଇନରେ ରହିଥିଲେ। ଥଣ୍ଡାକାଶ ଇତ୍ୟାଦି କାରଣରୁ ଏପ୍ରିଲ ୧୦ରେ ତାଙ୍କ ସ୍ୱାବ ନମୁନା ପରୀକ୍ଷା ପାଇଁ ପଠାଯାଇଥିଲା। ୧୩ ତାରିଖ ରାତିରେ ସେ କରୋନା ପଜିଟିଭ ଥିବା ଜଣାପଡ଼ିଥିଲା। ଏହାପରେ ତାଙ୍କ ପରିବାରର ଅନ୍ୟ ସଦସ୍ୟଙ୍କୁ ହୋମ କ୍ୱାରାଣ୍ଟାଇନରେ ରଖାଯାଇଥିବାବେଳେ ଆକ୍ରାନ୍ତ ବ୍ୟକ୍ତିଙ୍କୁ କଟକସ୍ଥିତ ଅଶ୍ୱିନୀ ହସ୍ପିଟାଲକୁ ପଠାଯାଇଛି।

ଆକ୍ରାନ୍ତ ବ୍ୟକ୍ତିଙ୍କ ଘର ଓ ଅଞ୍ଚଳକୁ ବିଶୋଧିତ କରାଯାଇଛି। କଣ୍ଟେନମେଣ୍ଟ ଅଞ୍ଚଳକୁ ଅତ୍ୟାବଶ୍ୟକ ସାମଗ୍ରୀ ଯୋଗାଣ ପାଇଁ ଯାଜପୁର ବିଡିଓ, ସ୍ୱାସ୍ଥ୍ୟସେବା ପାଇଁ ମାର୍କଣ୍ଡପୁର ସ୍ୱାସ୍ଥ୍ୟାଧିକାରୀ ଆଲୋକନାଥ ସାମଲଙ୍କୁ ଦାୟିତ୍ୱ ଦିଆଯାଇଛି। ଯାଜପୁର ତହସିଲଦାରଙ୍କୁ ସମ୍ପୃକ୍ତ ଅଞ୍ଚଳକୁ ବିଶୋଧନ କରାଇବା ଓ ପୋଲିସ ସହ ମିଶି ଆଇନ ଶୃଙ୍ଖଳା ରକ୍ଷା ପାଇଁ ନିର୍ଦ୍ଦେଶ ଦିଆଯାଇଛି। ତାଙ୍କ ସମ୍ପର୍କରେ ଆସିଥିବା ବ୍ୟକ୍ତିମାନେ ସ୍ୱାସ୍ଥ୍ୟ ପରୀକ୍ଷା କରାଇ ନେବା ସହ ନିଜକୁ ନିଜେ କ୍ୱାରାଣ୍ଟାଇନରେ ରଖିବାକୁ ଜିଲାପାଳ ଦାସ ଅନୁରୋଧ କରିଛନ୍ତି।

# ସ୍ୱତନ୍ତ୍ର ପ୍ୟାକେଜ ଘୋଷଣାକୁ ଉଦ୍ୟୋଗ ସଂଘର ଦାବି

ଭୁବନେଶ୍ୱର,୧୪।୪(ବ୍ୟୁରୋ)

**ଏମ୍‌ଏସ୍‌ଏମ୍‌ଇକୁ ଝଟକା**

ଲକ୍‌ଡାଉନ ଯୋଗୁ ରାଜ୍ୟରେ ଥିବା ୨ ଲକ୍ଷରୁ ଊର୍ଦ୍ଧ୍ୱ ଅଣୁ, କ୍ଷୁଦ୍ର ଓ ମଧ୍ୟମ ଉଦ୍ୟୋଗ (ଏମ୍‌ଏସ୍‌ଏମ୍‌ଇ)ଗୁଡିକ ଗୁରୁତର ଭାବେ ପ୍ରଭାବିତ ହୋଇଛି। ଏସବୁ ଠିକ୍ ସ୍ଥିତିକୁ ଆସିବାକୁ ୨ ବର୍ଷରୁ ଊର୍ଦ୍ଧ୍ୱ ସମୟ ଲାଗିବ। ଏଭଳି ଘଡିସନ୍ଧି ମୁହୂର୍ତ୍ତରେ ସେହି ସବୁ କ୍ଷୁଦ୍ର ଓ ମଧ୍ୟମ ଉଦ୍ୟୋଗଗୁଡିକୁ ପୁଣି ଥରେ କାର୍ଯ୍ୟକ୍ଷମ କରିବାକୁ ଉଭୟ କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ସହାୟତା ଲୋଡାଯାଇଛି। ଏ ନେଇ ଜଗରନଟ ଆସୋସିଏଶନ ଫର ଏଣ୍ଟରପ୍ରିନିୟର୍ସ ପକ୍ଷରୁ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କୁ ଦାବିପତ୍ର ପ୍ରଦନ କରାଯାଇଛି।

ବିଦ୍ୟୁତ୍ ଶୁଳ୍କ ବିଳମ୍ବ ପାଇଁ ଆଦାୟ ଜରିମାନା ଛାଡ କରିବା ସହ ଏମ୍‌ଏସ୍‌ଏମ୍‌ଇଗୁଡିକରୁ ଆସନ୍ତା ସେପ୍ଟେମ୍ବର ୩୦ ପର୍ଯ୍ୟନ୍ତ ବିଦ୍ୟୁତ୍ ଯୋଗାଣ ବିଚ୍ଛିନ୍ନ ନ କରିବା, ବିଲ୍ ଦେବା ପାଇଁ ସମୟ ଦେବା, ଲକ୍‌ଡାଉନ ହଟିବା ପରେ ଏକ ସର୍ଭେ କରାଯାଇ କ୍ଷୁଦ୍ର ଶିଳ୍ପଗୁଡିକର ପୁନରୁଦ୍ଧାର ପାଇଁ ସରକାର ଏକ ସ୍ୱତନ୍ତ୍ର ପ୍ୟାକେଜ ଘୋଷଣା କରିବାକୁ ଦାବି କରାଯାଇଛି। ଏଥିସହିତ ଲକ୍‌ଡାଉନ ପୂର୍ବରୁ ଯେଉଁ ଏମ୍‌ଏସ୍‌ଏମ୍‌ଇଗୁଡିକ ବିଦ୍ୟୁତ୍ ବିଲ୍ ପାଇଛନ୍ତି। ସେମାନେ ଲକ୍‌ଡାଉନ ଯୋଗୁ ନିର୍ଦ୍ଦିଷ୍ଟ ସମୟରେ ବିଲ୍ ପଇଠ କରିପାରି ନାହାନ୍ତି। ଏହି ବିଲ୍‌ଗୁଡିକ ଉପରେ ବିଳମ୍ବ ଦେୟ ବା ଲେଟ ଫି ଆଦାୟ ନ କରିବାକୁ ସଂଘ ପକ୍ଷରୁ ମୁଖ୍ୟମନ୍ତ୍ରୀଙ୍କୁ ଅନୁରୋଧ କରାଯାଇଛି। ୨୦୨୦ ଡିସେମ୍ବର ଯାଏ ବିଦ୍ୟୁତ୍ ଓ ଜଳଯୋଗାଣ ବିଲ୍ ଅଦାୟ ନ କରିବା, କ୍ଷୁଦ୍ର ଶିଳ୍ପଗୁଡିକ ପାଇଁ ଆବଶ୍ୟକ କଞ୍ଚାମାଲ ଶସ୍ତାରେ ଯୋଗାଇ ଦେବା, ଶୀତଳ ଭଣ୍ଡାରଗୁଡିକର ପୁନରୁଦ୍ଧାର ପାଇଁ ସ୍ୱତନ୍ତ୍ର ସହାୟତା ବ୍ୟବସ୍ଥା କରିବା ଆଦି ୧୬ ଦଫା ଦାବି କରାଯାଇଛି।


ଦକ୍ଷିଣ ପୂର୍ବ ମଧ୍ୟ ରେଳପଥ

ଶୁଦ୍ଧିପତ୍ର

ଶୁଦ୍ଧିପତ୍ର ନଂ.୧ ତାରିଖ: ୨୬।୦୩।୨୦୨୦

ଖୋଲା ଟେଣ୍ଡର ବିଜ୍ଞପ୍ତି ନଂ. ସିନିୟର୍ ଡିଇଇ/ଜି/ବିଏସ୍‌ପି/ଓଟିପି/୧୯-୨୦/୨୩ ତାରିଖ: ୨୦।୦୩।୨୦୨୦ ବାବଦରେ ନିମ୍ନଲିଖିତ ଶୁଦ୍ଧିପତ୍ର ଜାରି କରାଯାଉଛି ।

ବର୍ଣ୍ଣନା: ଟେଣ୍ଡର ସମାପ୍ତିର ତାରିଖ ଓ ସମୟ। ଟେଣ୍ଡର ବିଜ୍ଞପ୍ତିରେ ରହିଥିବା ଅନୁଯାୟୀ: ତା୧୩।୦୪।୨୦୨୦ରିଖ, ୧୫.୦୦ ଘଟିକା । ଏବେ ପଢ଼ାଯିବ: ତା୦୪।୦୫।୨୦୨୦ରିଖ, ୧୫.୦୦ ଘଟିକା।

ଟେଣ୍ଡରରେ ପ୍ରକାଶିତ ଅନ୍ୟ ସମସ୍ତ ବିଷୟବସ୍ତୁ ଅପରିବର୍ତ୍ତିତ ରହିବ।

ସିନିୟର ଡିଭିଜନାଲ ଇଲେକ୍ଟ୍ରିକାଲ ଇଞ୍ଜିନିୟର (ଜି)

CPR/10/08 ଏସ୍.ଇ.ସି. ରେଳପଥ, ବିଳାସପୁର

South East Central Railway @secrail



# ODISHA JOINT ENTRANCE EXAMINATION - 2020
# ( OJEE - 2020 )

No: OJEE/116 Date: 14.04.2020

**NOTICE**

In continuation to earlier OJEE notifications, it is hereby announced that in view of the extension of lockdowns recently declared by the Central and the State Govt. to check the spread of COVID -19 (Coronavirus), **OJEE – 2020, originally scheduled in the 1st week of May, 2020, is postponed till further notice.** The detailed schedule regarding revised dates of the Examination (OJEE – 2020) and related activities like Online Submission of Application Forms and Downloading of Admit Cards etc. will be notified, in due course of time, on assessment of the prevailing situation.

Thus, all concerned are advised not to be unduly worried, but to abide, for the time being, by all the preventive measures being laid down, from time to time, by various Govt. Agencies to check the spread of Coronavirus, and also visit the official websites of OJEE (**www.ojee.nic.in** / **www.odishajee.com**) regularly for updated information.

Sd/-
CHAIRMAN,
OJEE, Odisha

ସବୁକଥାକୁ ଉଦାରତାର ସହିତ ସ୍ମିତ ହାସ୍ୟରେ ଦେଖ। ଯୋଉ ସବୁ କଥା ତୁମକୁ ଉତ୍ତ୍ୟକ୍ତ କରୁଛନ୍ତି- ସେଗୁଡ଼ିକୁ ଦେଖି ନିଜେ ଶିକ୍ଷା କର। ତା ହେଲେ ଯାଇ ତୁମର ଜୀବନ ଅଧିକ ଶାନ୍ତିପୂର୍ଣ୍ଣ ଓ ଅଧିକ ସଫଳ ହୋଇ ପାରିବ। -ଶ୍ରୀମା

# ଚୋର ଅପେକ୍ଷା...

କରୋନା ଭୂତାଣୁ ସଂକ୍ରମଣ ଯୋଗୁ ଅଦ୍ୟାବଧି ବିଶ୍ୱରେ ୧ ଲକ୍ଷ ୨୦ ହଜାର ଲୋକଙ୍କ ମୃତ୍ୟୁ ଘଟିଥିବା ବେଳେ ୧୯ ଲକ୍ଷରୁ ଅଧିକ ସଂକ୍ରମିତ ହୋଇଛନ୍ତି। ଏବେ ଯାଏ ସମସ୍ତେ ଆଲୋଚନା କରୁଛନ୍ତି ଯେ, ଚାଇନାର ଉହାନରୁ ଏହି ଭୂତାଣୁ ସୃଷ୍ଟି ହୋଇଥିବାରୁ ସବୁ ଦୋଷ ବେଜିଂର। କିନ୍ତୁ ବ୍ରିଟିଶ ଗଣମାଧ୍ୟମ 'ଡେଲି ମେଲ୍'ରେ ପ୍ରକାଶିତ ଏକ ରିପୋର୍ଟ ଅନୁଯାୟୀ ଉହାନ ଇନ୍‌ଷ୍ଟିଚ୍ୟୁଟ ଅଫ୍ ଭାଇରୋଲୋଜିରେ ବାଦୁଡ଼ିଙ୍କ ଉପରେ ହେଉଥିବା ଗବେଷଣା ପ୍ରକଳ୍ପରେ ଆମେରିକା ୩.୭ ମିଲିୟନ ଡଲାର ଲଗାଇଥିଲା। ଅନୁସନ୍ଧାନମୂଳକ ରିପୋର୍ଟରେ କୁହାଯାଇଛି ଯେ, ଉକ୍ତ ପ୍ରୋଜେକ୍ଟକୁ ଆମେରିକାର ଜାତୀୟ ସ୍ୱାସ୍ଥ୍ୟ ପ୍ରତିଷ୍ଠାନ ପାଣି ଯୋଗାଇଆସୁଥିବାର ପ୍ରମାଣ ମିଳିଛି। ଏଭଳି ଆଶ୍ଚର୍ଯ୍ୟଜନକ ତଥ୍ୟ ମିଳିବା ପରେ ଆମେରିକାର ଆଇନ ପ୍ରଣୟନକାରୀମାନେ ସେଠାକାର ସରକାରଙ୍କୁ ଘେରିଛନ୍ତି। ଉଦ୍ଭଟ ଓ ଅମାନୁଷିକ ପରୀକ୍ଷଣ ସକାଶେ ପାଣି ବିନିଯୋଗର କି ଆବଶ୍ୟକତା ରହିଥିଲା ବୋଲି ସେମାନେ ପ୍ରଶ୍ନ କରିବା ସ୍ୱାଭାବିକ। ବାସ୍ତବରେ କରୋନା ଭୂତାଣୁ ପ୍ରସାର କରି ବିଶ୍ୱବାସୀଙ୍କୁ ଚାଇନା ଅତିଷ୍ଠ କରି ଦେଇଥିଲେ ମଧ୍ୟ ଏହା ପଛରେ ଆମେରିକା ରହିଥିବା ସବୁଠାରୁ ବିସ୍ମୟକର ବିଷୟ ହୋଇଛି।

ବିଶ୍ୱ ବ୍ୟାପାର, ତାହା ଭଲ ହେଉ ବା ଭେଲ ପ୍ରଭୃତି କ୍ଷେତ୍ରରେ ଆମେରିକାର ହସ୍ତକ୍ଷେପ ରହିଆସିଛି। ଅତୀତକୁ ଦେଖିଲେ ଅଲ୍ କାଏଦା ଭଳି ଆତଙ୍କବାଦୀ ସଙ୍ଗଠନକୁ ଆମେରିକା ଆର୍ଥିକ ପ୍ରୋତ୍ସାହନ ଦେଇ ବଢ଼ାଇ ଆସିଥିଲା। ମୁଖ୍ୟ ଉଦ୍ଦେଶ୍ୟ ଥିଲା ବିଶ୍ୱ ସ୍ତରରେ ରୁଷିଆର ମାମଲତକାରୀ ପ୍ରଭାବକୁ କମାଇବା ଲାଗି ବିଶୃଙ୍ଖଳା ସୃଷ୍ଟି କରିପାରୁଥିବା ଏକ ଆତଙ୍କବାଦୀ ସଙ୍ଗଠନ ଗଢ଼ିବା। ତାହା ହିଁ ହେଲା। ହେଲେ ପରବର୍ତ୍ତୀ ସମୟରେ ସେହି ସଙ୍ଗଠନ ଜରିଆରେ ଆମେରିକା ଭସ୍ମାସୁର ପାଲଟି ନିଜ ମୁଣ୍ଡରେ ହାତ ରଖିଥିବାରୁ ୯/୧୧ ଭଳି ଆକ୍ରମଣ ଘଟିଲା। ପରବର୍ତ୍ତୀ ସମୟରେ ଓସାମା ବିନ୍ ଲାଡେନ୍‌ଙ୍କୁ ହତ୍ୟା କରାଯିବା କିମ୍ବା ଉକ୍ତ ସଙ୍ଗଠନକୁ ଦୁର୍ବଳ କରିବା ଲାଗି ଆମେରିକା ପଦକ୍ଷେପ ନେବା ସେତେଟା ଗୁରୁତ୍ୱ ବହନ କରିନାହିଁ। ଆଜିର ପରିସ୍ଥିତି ଦେଖିଲେ ଭୟଙ୍କର କରୋନା ଭାଇରସ୍ ସୃଷ୍ଟି ହେବା ପଛରେ ଆମେରିକାର ଅର୍ଥ ବିନିଯୋଗ ଆଉ ଏକ ଅମାନୁଷିକ କାର୍ଯ୍ୟକ୍ରମକୁ ପ୍ରୋତ୍ସାହନ ଦେଉଛି ବୋଲି କୁହାଯାଇପାରିବ। ଉହାନ ଇନ୍‌ଷ୍ଟିଚ୍ୟୁଟ ଅଫ୍ ଭାଇରୋଲୋଜି ହେଉଛି ଚାଇନାର ସବୁଠାରୁ ଅତ୍ୟାଧୁନିକ ଗବେଷଣାଗାର। ସେଠାରେ ଆମେରିକା କାହିଁକି ପାଣି ବିନିଯୋଗ କରିଥିଲା ଓ ଭୂତାଣୁ ସୃଷ୍ଟି ପଛରେ କି ରହସ୍ୟ ରହିଥିଲା, ତାହା ଜଣାପଡ଼ି ନାହିଁ। କିନ୍ତୁ ଯାହା ଆମେରିକାକୁ ବର୍ତ୍ତମାନ ଖ୍ରଣ୍ଡନ୍ କରିଚାଲିଛି, ତାହା ପରୋକ୍ଷରେ ନିଜ ଦ୍ୱାରା ସୃଷ୍ଟ କୋଭିଡ୍-୧୯ ଯୋଗୁ ଘଟିଥିବା ଭଳି ମନେହେଉଛି। ଅଦ୍ୟାବଧି ଆମେରିକାରେ ୨୩ ହଜାରରୁ ଅଧିକ ଲୋକଙ୍କ ମୃତ୍ୟୁ ଘଟିଥିବା ବେଳେ ୫ ଲକ୍ଷ ୬୦ ହଜାରରୁ ଊର୍ଦ୍ଧ୍ୱ ସଂକ୍ରମିତ ହୋଇଛନ୍ତି। ଚାଇନାରୁ ଜନ୍ମ ନେଇଥିବା ଏହି ଭୂତାଣୁ ଆମେରିକାରେ ସର୍ବାଧିକ କ୍ଷତି କଲା।

ପୃଥିବୀରେ ଦୀର୍ଘକାଳ ସୁପରପାୱାର ହୋଇ ବସିବା ଆମେରିକାର ଲକ୍ଷ୍ୟ ରହିଆସିଥିବାରୁ ଯେନତେନ ପ୍ରକାରେ ଏହାର ରାଷ୍ଟ୍ରମୁଖ୍ୟମାନେ ବିଭିନ୍ନ ସମୟରେ ନିଜକୁ ସୁହାଇଲା ଭଳି ପଦକ୍ଷେପ ନେଇଥାଆନ୍ତି। କିନ୍ତୁ ବିନାଶକାରୀ ଶକ୍ତିକୁ ପୁଷ୍ଟ କରିବା ଲାଗି ପ୍ରୟାସ କରାଯିବା ମାନେ ନିଜ ଗୋଡ଼ରେ କୁରାଢ଼ି ମାରିବା ସହ ସମାନ। କାହାକୁ ନିଜର ବଶତା ସ୍ୱୀକାର କରେଇବା ଲାଗି ଏହିଭଳି ଉପାୟ ପାଞ୍ଚିବା ହେଉଛି ସମ୍ପୂର୍ଣ୍ଣ ଅନୈତିକ ଓ ଅଦୂରଦର୍ଶିତାର ପରିଚୟ ଦେଉଛି। ଅନ୍ୟପକ୍ଷରେ ଦେଖିଲେ ପ୍ରାୟ ସବୁ କଥାରେ ଆମେରିକା ବାହାଦୁରି ନେବା ପାଇଁ ବ୍ୟସ୍ତ। ଶୀତଳ ଯୁଦ୍ଧ ପରେ ରୁଷିଆ ଦୁର୍ବଳ ହୋଇଯାଇଥିବାରୁ ଆମେରିକାକୁ ଅତିକ୍ରମ କରିବା ଭଳି ଅନ୍ୟ କୌଣସି ରାଷ୍ଟ୍ର ବଳବାନ୍ ହୋଇପାରୁ ନାହାନ୍ତି। ତଥାପି ଆମେରିକାର କ୍ଷମତା ଭୋଗ ମେଣ୍ଟୁ ନାହିଁ। କୌତୂହଳର ବିଷୟ ଯେ, ଆମେରିକାରେ କୋଭିଡ୍-୧୯ ବ୍ୟାପକ କ୍ଷତି କରିଥିବାରୁ ଚାଇନା ସରକାର ବିରୋଧରେ ୨୦ ଟ୍ରିଲିୟନ ଡଲାର କ୍ଷତିପୂରଣ ନେଇ ମାମଲା ରୁଜୁ କରାଯାଇଛି। ହେଲେ ବର୍ତ୍ତମାନର ପରିସ୍ଥିତିରେ କିଏ ପ୍ରକୃତ ଦୋଷୀ ତାହା ଜଳ ଜଳ ଦିଶିଯାଉଛି। ଏହି ପରିପ୍ରେକ୍ଷୀରେ ଓଡ଼ିଆ ଢଗ ମନେପଡ଼େ-ଚୋର ଅପେକ୍ଷା ଚୋର ମାଉସୀ ବଡ଼।

## ଚିରନ୍ତନୀ

ବସି ତହିଁ
ଉଦାସ ବେଦନା ବହି
ଚକ୍ରବାକ ନିର୍ବାକ ଦମ୍ପତି
ଭାଳେ ହରାଇବ ଅବା କି ସ୍ୱର୍ଗ-ସମ୍ପତ୍ତି।

(ଚକ୍ରବାକ)

-କାଳିନ୍ଦୀ ଚରଣ ପାଣିଗ୍ରାହୀ

# କରୋନା: ଆଶୀର୍ବାଦର ରୂପ ନେଉ



ଡା.ଭାରତ ଭୂଷଣ ରଥ

କରୋନା ଭୂତାଣୁର ଦ୍ରୁତ ବିସ୍ତାର ବିଶ୍ୱକୁ ଅସ୍ତବ୍ୟସ୍ତ କରିଦେଇଛି । ଚାଇନାର ଉହାନ ସହରରୁ ଆରମ୍ଭ ହୋଇ ଏହା ପାଞ୍ଚମାସ ଭିତରେ ବିଶ୍ୱକୁ ନିଜ ପଞ୍ଝାରେ ବାନ୍ଧି ରଖିପାରିଛି । ଏହାଦ୍ୱାରା ବିଶ୍ୱର ବଡବଡ ସମୃଦ୍ଧଶାଳୀ ରାଷ୍ଟ୍ରମାନେ ଏକପ୍ରକାର ଉପାୟଶୂନ୍ୟ । ଭାରତରେ ଏହାର ପ୍ରକୋପ ବଢିନାହିଁ ଏହା ନିଶ୍ଚୟ ଭଗବାନଙ୍କର ଆଶୀର୍ବାଦ । କାରଣ ଭାରତ ଭଳି ଏକ ଜନବହୁଳ ଦେଶରେ ଏହା ଦ୍ରୁତଗତିରେ ବ୍ୟାପିବାର ଆଶଙ୍କା ନିଶ୍ଚୟ ରହିଛି । ବିଶେଷଭାବରେ ଭାରତରେ ସ୍ୱାସ୍ଥ୍ୟ ବ୍ୟବସ୍ଥାର ଯେଉଁ ସ୍ଥିତି ତାହା କରୋନା ସଂକ୍ରମଣକୁ ରୋକିବାରେ କେତେଦୂର ସମର୍ଥ ତାହା ମଧ୍ୟ ଆମେ ଊଣା ଅଧିକେ ଜାଣି ସାରିଲେଣି । ତନ୍ମଧ୍ୟରେ ଆଉ ଗୋଟିଏ କଥା ଆଖି ଆଗରେ ଜଳଜଳ ହୋଇ ଦିଶୁଛି ; ତାହା ହେଲା ଆମ ଦେଶର ଲୋକଙ୍କର ସଚେତନତା । ବିନା କାରଣରେ ବିପଦକୁ ଡାକିବା ପାଇଁ ଆମ ଦେଶର ଅନେକ ଲୋକ 'ତାଲାବନ୍ଦ' ନିୟମକୁ ଉଲ୍ଲଂଘନ କରିବା ପରିଲକ୍ଷିତ ହେଉଛି । ଯଦିଓ ଏ କ୍ଷେତ୍ରରେ ଅତ୍ୟାବଶ୍ୟକ ଦ୍ରବ୍ୟ ସଂଗ୍ରହ ଏକ ଗୁରୁତ୍ୱପୂର୍ଣ୍ଣ ବିଷୟ କିନ୍ତୁ ବାହାରେ ବୁଲୁଥିବା ସମସ୍ତ ବ୍ୟକ୍ତିବିଶେଷଙ୍କର ଯେ ସେଇ ଗୋଟିଏ ଲକ୍ଷ୍ୟ ତାହା ଅସମ୍ଭବ । ବିନା କାମରେ ବାହାରେ ବୁଲୁଥିବା ବ୍ୟକ୍ତିମାନେ ନିଶ୍ଚୟ ଦେଶଦ୍ରୋହୀ । କିନ୍ତୁ ବାହାରେ ବୁଲୁଥିବା ସେହିଭଳି ବ୍ୟକ୍ତିମାନଙ୍କ ଭିତରେ ରହିଯାଇଛନ୍ତି କିଛି ଏଭଳି ବ୍ୟକ୍ତି ଯେଉଁମାନଙ୍କ ପାଖରେ ଏ ଦେଶ ଉତ୍ତରଦାୟୀ । ସେମାନେ ହେଲେ ଦେଶର କୋଟି କୋଟି ଗରିବ, ଖଟିଖିଆ ଓ ଦିନମଜୁରିଆ । ନବ ଭାରତକୁ ନିର୍ମାଣ କରିଥିବା ବିନ୍ଧାଣୀମାନେ ଯେ ଏତେ ଦୁର୍ଦ୍ଦଶା ଦେଇ ଗତି କରୁଛନ୍ତି ତାହା ଦିଲ୍ଲୀଠାରୁ ପଲ୍ଲି ଯାଏ ସ୍ପଷ୍ଟ ବାରିହୋଇ ଯାଇଛି ଏବଂ ଏହା ସୂଚେଇ ଦେଉଛି ଯେ, ଭାରତର ଯାହା ବି ଭୌତିକ ବିକାଶ ହୋଇଛି ତାହା ମୂଲ୍ୟହୀନ । କରୋନାର ଭୟାବହତା ; ଯେଉଁଠି ଗୋଟିଏ ବ୍ୟକ୍ତି ପାଖରେ ଆଉ ଗୋଟିଏ ବ୍ୟକ୍ତି ଛିଡାହେଲେ ବି ମୃତ୍ୟୁର ଭୟ ରହିଛି ସେଠି ସବୁ ଜାଣିଶୁଣି ବି ହଜାର ହଜାର ଶ୍ରମିକ ନିଜ ଜୀବନକୁ ଜଳାଞ୍ଜଳି ଦେଇ ଏକାଠି ହୋଇ ନିଜ ଭିଟାମାଟିକୁ ଫେରିଯିବାକୁ ନେହୁରା ହେଉଛନ୍ତି ; ଏହାଠାରୁ ଲଜ୍ଜା ଆମ ଭାରତୀୟମାନଙ୍କ ପାଖରେ ଆଉ କ'ଣ ବା ଥାଇପାରେ ? କରୋନାର ମୃତ୍ୟୁର ଭୟ ସେମାନଙ୍କ ପାଇଁ ତୁଚ୍ଛ ଥିଲା ସେ ସମୟରେ । ବର୍ତ୍ତମାନ ଦେଶର ପରିସ୍ଥିତି ଏବଂ ଏ ପରିସ୍ଥିତିରେ ଶ୍ରମିକମାନଙ୍କର ସ୍ଥିତି ନିଶ୍ଚୟ ଚିନ୍ତନୀୟ ବିଷୟ । ସେମାନଙ୍କର ଏ ଦୁର୍ଦ୍ଦଶା କାହାପାଇଁ ? କ'ଣ ଏଥିପାଇଁ ସେ ନିଜେ ଦାୟୀ ? ବର୍ତ୍ତମାନର କେନ୍ଦ୍ର ସରକାର ତଥା ରାଜ୍ୟ ସରକାରମାନେ ସାମାନ୍ୟ ଖାଦ୍ୟ ଦେଇ ସ୍କୁଲ ଘର ଭିତରେ ତାଙ୍କୁ ଅବରୁଦ୍ଧ କରି ରଖିଦେଲେ କ'ଣ ସେମାନଙ୍କର ସମସ୍ୟାର ସମାଧାନ ହୋଇଗଲା ? ଯେଉଁ ଶ୍ରମିକମାନେ ଦିନ ତମାମ ଖଟିଖଟି ସଂଧ୍ୟାବେଳେ ଗଣ୍ଡେ ଖାଇବାକୁ ପାଇବେ କିନ୍ତୁ ରାତିରେ ଶୋଇଲା ବେଳକୁ ସକାଳର ପେଟଚିନ୍ତା ମାଡିବସୁଥିବ ; ସେମାନଙ୍କର ସମସ୍ୟାର ସମାଧାନ କ'ଣ କିଛି ଦିନର ଖାଦ୍ୟ ଓ ବାସସ୍ଥାନ ? ଆଜିର ଜୀବନ ଯା' ପାଇଁ ସ୍ଥିର ନୁହେଁ ଭବିଷ୍ୟତ କରୋନାର ମୃତ୍ୟୁ ତା' ପାଇଁ କ'ଣ ଭୟଙ୍କର ହୋଇପାରିବ ? ସମଗ୍ର ଭାରତରେ ଦୁଃଖ ଏବଂ ଦୁର୍ବିଷହରେ ବିତୁଥିବା ଶ୍ରମିକ ମାନଙ୍କର ଦୁଃଖ ଦେଖି ଅନୁମାନ କରାଯାଏ ଚାଇନା, ଇଟାଲି, ଆମେରିକା, ଫ୍ରାନ୍ସ ପ୍ରଭୃତି ଅତ୍ୟଧିକ କରୋନା କ୍ଷତିଗ୍ରସ୍ତ ଦେଶ ଅପେକ୍ଷା ଆମ ଭାରତ ବହୁତ କ୍ଷତିଗ୍ରସ୍ତ ।

ଦିନୁଦିନ ବିକାଶ କରୁଥିବା ନବଭାରତର ନିର୍ମାତାମାନେ ଯେ ଏତେ ଦୁଃସ୍ଥ ଏବଂ ନିଷ୍ପେଷିତ ସେଭଳି ଦୃଷ୍ଟି ଅନ୍ୟ କୌଣସି କରୋନା ପ୍ରଭାବିତ ଦେଶରେ ଦେଖାଯାଇନାହିଁ । ବାସ୍ତବରେ ଦେଖିବାକୁ ଗଲେ ଆଜକୁ ଶହ ଶହ ବର୍ଷ ଧରି ଭାରତର ଶ୍ରମିକମାନେ ଅଜ୍ଞାତ କରୋନାର ପ୍ରଭାବରେ ଜର୍ଜରିତ । ପ୍ରଶାସନର ପ୍ରଭାବରେ ଆମେ ଶ୍ରମିକମାନଙ୍କୁ ଶାନ୍ତି କରିଦେବା ସତ, କିନ୍ତୁ ଏହାଦ୍ୱାରା ଭାରତର ଚିତ୍ର ବଦଳିପାରିବ ନାହିଁ । ତେଣୁ ଶିକ୍ଷା, ସ୍ୱାସ୍ଥ୍ୟ, ବିଜ୍ଞାନ, ଭିତ୍ତିଭୂମି ପ୍ରଭୃତି ସମସ୍ତ ବିକାଶ କରିବା ସଙ୍ଗେ ସଙ୍ଗେ କେନ୍ଦ୍ର ଏବଂ ରାଜ୍ୟ ସରକାରମାନଙ୍କର ସମାନ ଚିନ୍ତନ ଶ୍ରମିକମାନଙ୍କର ବିକାଶ ପ୍ରତି ରହିବା ଆବଶ୍ୟକ । ଏଥିରେ ଦେଶର ପ୍ରତ୍ୟେକଟି ନାଗରିକଙ୍କର ଗୁରୁତ୍ୱପୂର୍ଣ୍ଣ ଭୂମିକା ଅନିବାର୍ଯ୍ୟ । ଶ୍ରମିକ ଯେ ଜଣେ ମଣିଷ ; ଏ ତତ୍ତ୍ୱକୁ କେହି ବି ଭୁଲିଯିବା ଅନୁଚିତ । ତେବେ ସୂକ୍ଷ୍ମ ଦୃଷ୍ଟିରେ ବିଚାରକଲେ ଦେଖାଯାଏ, ପ୍ରତ୍ୟେକଟି ଶ୍ରମିକ ବିପଦ ବେଳରେ ତା' ଭିଟାମାଟିକୁ ଚାଲିଯିବାକୁ ଶ୍ରେୟସ୍କର ମଣୁଛି । ଅପରପଟେ ଦେଖାଯାଏ ଶ୍ରମିକମାନେ ଗୋଟିଏ ରାଜ୍ୟରୁ ଅନ୍ୟ ରାଜ୍ୟକୁ ଯାଇ କାମ କରୁଛନ୍ତି । ତେବେ ନିଜ ରାଜ୍ୟରେ କାମ ଥାଇ ମଧ୍ୟ ଶ୍ରମିକ ଅନ୍ୟ ରାଜ୍ୟରେ କାମକରିବାର ଚିନ୍ତନକୁ ସରକାରଙ୍କୁ ଅନୁଧ୍ୟାନ କରିବାକୁ ପଡିବ । ଆମେ ଦେଖୁ ଓଡ଼ିଶାରେ ଆନ୍ଧ୍ରପ୍ରଦେଶ, ୱେଷ୍ଟବେଙ୍ଗଲ ତଥା ବିହାର ପ୍ରଭୃତି ରାଜ୍ୟର ଅନେକ ଶ୍ରମିକ ନିୟୋଜିତ । ଠିକ୍ ସେହିଭଳି ଆନ୍ଧ୍ରପ୍ରଦେଶ, କେରଳ, ତାମିଲ୍‌ନାଡୁ ପ୍ରଭୃତି ପ୍ରଦେଶରେ ଓଡ଼ିଶାର ଶ୍ରମିକ ନିଯୁକ୍ତ । ଏ ପ୍ରକ୍ରିୟା ସମଗ୍ର ଭାରତରେ ଅଛି । ନିଜ ରାଜ୍ୟରେ ଜଣେ ଶ୍ରମିକ ଯେତିକି ରୋଜଗାର କରୁଛି ଅନ୍ୟ ରାଜ୍ୟରେ ଯଦି ସେହି ସମାନ ରୋଜଗାର ତେବେ ଯାତାୟାତ ଖର୍ଚ୍ଚ ତଥା ଘରଠାରୁ ଅନେକ ଦୂର ଯାଇ ଶ୍ରମିକମାନଙ୍କର ଲାଭ କ'ଣ ? ଏହା ସରକାରଙ୍କର ପ୍ରଥମ କର୍ତ୍ତବ୍ୟ ରାଜ୍ୟରେ କାମ କରୁଥିବା ଠିକାଦାରଙ୍କୁ ନିର୍ଦ୍ଦେଶ ଦିଆଯାଉ ଯେଉଁ ରାଜ୍ୟରେ କାମ ହେଉଛି ସେହି ରାଜ୍ୟର ଶ୍ରମିକଙ୍କୁ କାର୍ଯ୍ୟରେ ନିୟୋଜିତ କରାଯାଉ । ବେଳେବେଳେ ନିଜ ରାଜ୍ୟର ଶ୍ରମିକମାନଙ୍କର ମନମାନି ମଧ୍ୟ ନଜରକୁ ଆସେ। ତେଣୁ ଏ କ୍ଷେତ୍ରରେ କାର୍ଯ୍ୟ କରିବାର ପ୍ରଣାଳୀ ଏବଂ ସମୟ ନିର୍ଘଣ୍ଟ କରି ଏ ସମସ୍ୟାର ସମାଧାନ ଏକାନ୍ତ ଜରୁରୀ । ଦ୍ୱିତୀୟତଃ ଗାଁ ଗାଁରେ କୃଷି ବର୍ତ୍ତମାନ ଏକପ୍ରକାର ଧରାଶାୟୀ । କୃଷକର ପରିବାର କୃଷି ନ କରି ବାହାରେ ଡ୍ରାଇଭର ହୋଇ ବେଶି ଟଙ୍କା ରୋଜଗାର କରୁଛି । ଅଥଚ ଓଡ଼ିଶାରେ ଚାଷଜମି ପଡିଆ ପଡୁଛି । ଏ ସ୍ଥିତି ଆଉ କେତେଦିନ ଚାଲିବ ? ରାଜ୍ୟ ସରକାରଙ୍କ କୃଷି ବିଭାଗର ଏ ଦାୟିତ୍ୱ ନୁହେଁ କି ଜମି କାହିଁକି ଚାଷ ହେଉନାହିଁ ସେ ତତ୍ତ୍ୱକୁ ବିଚାର କରି କୃଷକଙ୍କୁ ପ୍ରୋତ୍ସାହିତ କରିବା । ଯଦି କୃଷକ ନିଜ ଘରେ ରହି ଉପଯୁକ୍ତ ରୋଜଗାର କରିପାରିବ ତେବେ ବିପଦ ବେଳେ ସେ ନ ଖାଇ ନ ପିଇ ଭିଟାମାଟି କାହିଁକି ଖୋଜିବ ? ଓଡ଼ିଶାର ଅନେକ ଶ୍ରମିକ ବାହାରେ ଲଘୁ ଉଦ୍ୟୋଗ କଳକାରଖାନାରେ କାମ କରନ୍ତି, ମାଛ ଚାଷ କରନ୍ତି ତଥା ମୂଲ ଲାଗନ୍ତି । ସେହି ଶ୍ରମିକମାନେ ହିଁ ଆମକୁ ମାର୍ଗ ଦେଇଦେବେ କେଉଁ ଉପାୟରେ ସେମାନେ ନିଜ ଘରେ ରହି ନିଜ ପାଇଁ କର୍ମ ଯୋଗାଡ କରିପାରିବେ । ପ୍ରତି ପଞ୍ଚାୟତରେ ଲଘୁ ଉଦ୍ୟୋଗ, ମାଛଚାଷ, କପାଚାଷ ପ୍ରଭୃତି କରି ଶ୍ରମିକମାନଙ୍କୁ ସ୍ୱାବଲମ୍ବୀ କରାଯାଇପାରିବ । ତେଣୁ ସରକାର ଏ କ୍ଷେତ୍ରରେ ଏକ ସୁଚିନ୍ତିତ ପଦକ୍ଷେପ ନେଇ ଦେଶର ସମୃଦ୍ଧିକୁ ଅଗ୍ରସର କରାଇବା ପାଇଁ ପ୍ରଯତ୍ନ କରନ୍ତୁ । ଆଶା ଏହି କରୋନା ସଂକ୍ରମଣ ଶ୍ରମିକମାନଙ୍କର ଦୁର୍ଦ୍ଦଶାକୁ ପ୍ରତ୍ୟେକ ରାଜ୍ୟର ସରକାରଙ୍କୁ ଉଜ୍ଜୀବିତ କରିବା ସହିତ କେନ୍ଦ୍ର ସରକାରଙ୍କୁ ମଧ୍ୟ ଶ୍ରମିକ ସୁରକ୍ଷା ଦିଗରେ ସଚେତନ କରାଇବ ।

କେନ୍ଦ୍ରୀୟ ସଂସ୍କୃତ ବିଶ୍ୱବିଦ୍ୟାଳୟ,
ତିରୁପତି, ଆନ୍ଧ୍ରପ୍ରଦେଶ
ମୋ -୮୮୯୭୪୨୬୨୪୩

# ଚୋରଟିଏ ପ୍ରତି ବିଭାଗରେ

ସାରଦା ପ୍ରସାଦ କର

କଖାରୁ ଚୋର, କାକୁଡ଼ି ଚୋର, ଖଣି ଚୋର, ପାଣି ଚୋର, ସ୍ୱାସ୍ଥ୍ୟକେନ୍ଦ୍ରର ପଥ୍ୟ ଚୋର, ସଚିବାଳୟରୁ ତଥ୍ୟ ଚୋର, ଗୋରୁ ଚୋର, ପିଲାଚୋର, ଦିଲ୍ ଚୋର ଆଦି କେତେ ପ୍ରକାରର ଚୋର। ପୁଣି କଥାରେ ଅଛି, 'ନେଇଆଣି ଥୋଇ ଜାଣିଲେ ଚୋରି ବିଦ୍ୟା ଭଲ'। ନାଉରୀ ନାଆରେ ଲୋକଙ୍କୁ ଏପଟରୁ ସେପଟ କରିବା ଭଳି ଚୋର ମଧ୍ୟ ଜିନିଷଟାକୁ ଏଠୁ ନେଇ ସେଠି କରେ। ମଗଜ ଖଟେଇ ଚୋରି କରୁ କରୁ ଅଭିଜ୍ଞତା ବଢ଼େ। ମଗଜ ପାକଳ ହେଲେ ଯେମିତି ବୁଢ଼ା କାକୁଡ଼ି ସେମିତି ମଗଜ ପାକଳ ହେଲେ ବୁଢ଼ା ଚୋର। ପ୍ରାଚୀନ ଗ୍ରୀସ୍‌ର ପୋଲିସ ଦଳରେ ଜଣେ ଦୁଇଜଣ ପୁରୁଖା ଚୋରଙ୍କୁ ସାମିଲ କରାଯାଉଥିଲା। ଫଳରେ ବିନା ଅକ୍ଳେଶରେ ଚୋର ଧରିବା କାର୍ଯ୍ୟ ସଫଳ ହେଉଥିଲା। ହୁଏତ ସେଥିପାଇଁ ଆମ ସମାଜରେ ଲୋକ କଥାଟିଏ ଅଛି 'ଚୋରକୁ ଚୋର ଚିହ୍ନେ, ପୁରୁଣା ଚୋରକୁ ଚଉକିଆ ଚିହ୍ନେ।' ଟ୍ରେନ୍‌ରେ ମହିଳାଯାତ୍ରୀଙ୍କ ପର୍ସ ଚୋରିରେ ପୋଲିସ୍‌ର ସଂପୃକ୍ତିକୁ ଆମେ ଗଣମାଧ୍ୟମରୁ ଜାଣୁ। ଆମ ପ୍ରଦେଶରେ ଜଣେ ପୋଲିସ୍ କନଷ୍ଟେବଲ ଥାନା ଟ୍ରେଜେରିରୁ ୧୨ହଜାର ଟଙ୍କା ଚୋରି କରି ନିଜ ଅଣ୍ଟା, ଟୋପି ଓ ପକେଟ୍ ଭିତରେ ଲୁଚାଇଥିବା ଅବସ୍ଥାରେ ଗିରଫ ହୋଇଥିବା ନଜିର ଅଛି। ପୁଣି ତାଙ୍କ ଚୋରି ବେଳେ ନିକଟରେ ଥିବା କଏଦୀ କେତେଜଣ ଏହା ଦେଖିଥିଲେ। ସେ ପୋଲିସ୍ ମହାଶୟ ଜଣକ ଦଣ୍ଡିତ ହେବା ବିଲ୍‌କୁଲ୍ ଠିକ୍। ନ ହେଲେ ଲୋକେ ଭାବିବେ ପୋଲିସ୍ ନା ଫୋଲିସ୍। ଚୋରି କରି ମଧ୍ୟ ଚୋରି କରିପାରୁନାହିଁ, ଚୋର ଧରିବ କେମିତି ? ଆଇ.ପି.ସି. ଧାରା ୩୭୮କୁ ଚୋରି କରୁଥିବା ପୋଲିସ୍ କମ୍ ସେ କମ୍ ୧୦୦ ଥର ପଢ଼ିବା ଉଚିତ। ପେଟ ବିକଳରେ ଦକ୍ଷିଣ ସୁଦାନ୍ ଓ ସୋମାଲିଆର ଚୋରମାନେ ଜାହାଜ ଅପହରଣ କରିବାକୁ ବି ପଛଉ ନାହାନ୍ତି। ଜାତିସଂଘର 'ସୁଖ-ସମୃଦ୍ଧି' ରିପୋର୍ଟ-୨୦୧୯ ଅନୁଯାୟୀ ୧୫୬ଟି ଦେଶ ମଧ୍ୟରୁ ଭାରତର ସ୍ଥାନ ୧୪୦। ଏହାକୁ କ'ଣ ଆମେ ଭାବିବା କିଛି ଲୋକଙ୍କ ଯୋଗୁ ଦେଶର ଅନ୍ୟ ସମସ୍ତଙ୍କ ପାଖରୁ ସୁଖ-ସମୃଦ୍ଧି ଚୋରି ହୋଇଯାଇଛି? ରାଜା ଚିତ୍ରରଥଙ୍କ ସୁନ୍ଦର ଉଦ୍ୟାନରୁ ଫୁଲ୍ ଚୋରାଉଥିବା ଗନ୍ଧର୍ବ ପୁଷ୍ପଦନ୍ତ ଏକଦା ଅଦୃଶ୍ୟ ହେବାର କଳା ହରାଇଲେ। କାରଣ ଥିଲା ରାଜା ଚିତ୍ରରଥ ଚୋରକୁ ଧରିବାକୁ ଶିବଙ୍କର ବେଲପତ୍ର ଉଦ୍ୟାନର ସବୁଆଡେ ବିଞ୍ଚି ଦେଇଥିଲେ। ପାଦରେ ବାଜିବାରୁ ପୁଷ୍ପଦନ୍ତ ନିଜର ଅଦୃଶ୍ୟ ହେବାର କଳା ହରେଇ ପ୍ରମାଦରେ ପଡ଼ିବା ସହ ଶିବସ୍ତୋତ୍ର ଜପ କରି ପୁନର୍ବାର ନିଜ କଳା ଫେରିପାଇଲେ। ଚୋରି କରୁଥିବା ଅଧିକାରୀଙ୍କୁ ଶିବସ୍ତୋତ୍ର ଜପ ଅଭ୍ୟାସ କରିବା ଦରକାର।

ଜେଲ୍ ବିଭାଗରେ ସଂସ୍କାର ପରି ସମ୍ପୂର୍ଣ୍ଣ ପୋଲିସ୍ ବିଭାଗରେ ସଂସ୍କାର ଲୋଡ଼ା। ସମାଜ ବଦଳିଛି, ମଣିଷର ବେଶଭୂଷା, ରୁଚି ଆଉ ସେହି ଅନୁଯାୟୀ ଚୋର ବଦଳୁଛି। ସେହି ଅନୁସାରେ ଚୋରି ସାମାନ୍ ମଧ୍ୟ ବଦଳିଛି। ଜର୍ମାନର ଏକ ଷ୍ଟାଡିୟମରେ ୱେବ୍ କ୍ୟାମେରା ଖଞ୍ଜା ଯାଇ ମଧ୍ୟ ମହିଳା ଆଥ୍‌ଲେଟ ଅଞ୍ଜୁ ବବି ଜର୍ଜଙ୍କର ପାସ୍‌ପୋର୍ଟ ଥିବା ପର୍ସଟି ଚୋରି ହୋଇଯିବା ଚୋର ମହାଶୟଙ୍କ ପ୍ରତି ମହା ସଫଳତା। ଅନ୍ୟ ଚୋରମାନେ ଭବିଷ୍ୟତରେ ଉତ୍ସାହ ପାଇବେ। ୨୦୦୧ରେ ଆମ ସହର ଭିତରେ ପ୍ରସିଦ୍ଧ ଶୈବ ପୀଠ ଲିଙ୍ଗରାଜଙ୍କ ଅଭେଦ୍ୟ ପାଚେରି ଡେଇଁ ଦୁର୍ମୂଲ୍ୟ ମଦନମୋହନ ମୂର୍ତ୍ତି ଆଉ ଏହାର ଏକ ସପ୍ତାହ ଅନ୍ତରରେ ପୁରୀ ଶ୍ରୀମନ୍ଦିରରୁ ୨ଟି ମୂଲ୍ୟବାନ ମୂର୍ତ୍ତି ଚୋରି ହୋଇଯିବା ପରେ ମାଙ୍ଗାଲୋର ପୋଲିସ ଦ୍ୱାରା ଗିରଫ ହୋଇଥିବା ଚୋରକୁ ପ୍ରଥମ ଶ୍ରେଣୀ ପୋଲିସ୍ ଅଧିକାରୀ ଭାବରେ ନିଯୁକ୍ତ କଲେ ମୋ ମତରେ ଅନ୍ୟାନ୍ୟ ଚୋରି ଠାବ କରିବାରେ ସମୟ ଲାଗନ୍ତା ନାହିଁ। ମ୍ୟୁଜିୟମରୁ ପୋଥି ଚୋର, ଫିଲ୍ମ ସେଲିବ୍ରିଟିମାନଙ୍କର ଅନ୍ତଃବସ୍ତ୍ର ଚୋରମାନେ ଛୋଟ ଚୋର ନୁହନ୍ତି, ଏ ସବୁ ଚୋରିରେ ଶାରୀରିକ କଷ୍ଟ ଥାଉ ନ ଥାଉ, ମାନସିକ ପ୍ରସ୍ତୁତି ଯଥେଷ୍ଟ ଥାଏ। ଛୋଟିଆ ଜିନିଷ ନିଲାମ ଡାକିଲେ ମୋଟା ଆୟ। ସିଧା ଆଙ୍ଗୁଠିରେ ଘିଅ ଉଠିବା ମୁସ୍‌କିଲ୍। ସାଧାରଣ ଚଳଣିରେ ରହି ରାତିଅଧିଆ କୋଟିପତି ହେବା ମଧ୍ୟ ମୁସ୍‌କିଲ୍। ଚୋରିରେ ଚାଲିଛି ଦେଶ। ମନୋରଞ୍ଜନ ଶିଳ୍ପରେ ତ ପ୍ରକାଣ୍ଡ ପ୍ରକାଣ୍ଡ ଚୋର। ସଂଗୀତ ଚୋର, କାହାଣୀ ଚୋରଙ୍କ ଦାଉରେ ଅସଲ ସଂଗୀତ ସଂରଚକ ଆଉ କାହାଣୀ ଲେଖକ ନିଜ ରୟାଲିଟି ଗଣ୍ଡାକ ହରେଇ ମୁଣ୍ଡରେ ହାତ ମାରିଲେଣି। ମଦ ବୋତଲ ଆଉ ନାମୀ ଔଷଧ ଉପରେ ଲେବୁଲ୍ ମାରି ଦେଶକୁ ଚକ୍‌ମା ଦେଲେଣି ଚୋରଦଳ। ଏମାନେ ହେଲେ ଦିନ ଦ୍ୱିପ୍ରହରର ବେପାରୀ ଚୋର ଆଉ ବେପରୁଆ। ଆଜି ଗିରଫ ହେଲେ କାଲି ଆସି ଦାଣ୍ଡରେ ବୁଲିବେ। ଆମ ଭାରତରେ କିନ୍ତୁ ଉତ୍ତର ନ ଥିବା ବଡ଼ ଚୋର ହେଉଛନ୍ତି ପାଠ ଚୋର। କେନ୍ଦ୍ରାପଡ଼ା ଓଡ଼ିଆପୁଅର ବୈଜ୍ଞାନିକ ସନ୍ଦର୍ଭଟି ଅଷ୍ଟ୍ରେଲିଆର ଜନୈକ ବୈଜ୍ଞାନିକଙ୍କ ନାମରେ ପ୍ରକାଶ ପାଇଲା। ଭାରତର କପି ରାଇଟ୍ ଆଇନ୍ ବିଶ୍ୱର ବିକଶିତ ରାଷ୍ଟ୍ରମାନଙ୍କ ସହ ତୁଳନୀୟ। ଛାପା ପ୍ରକାଶନରେ ଦେଶମାନଙ୍କ ମଧ୍ୟରେ ୭ମ, ଅଡିଓ କ୍ୟାସେଟ୍ ଓ ସିନେମା ତିଆରିରେ ଭାରତ ଏବେ ଅଦ୍ୱିତୀୟ। ମୁମ୍ବାଇସ୍ଥିତ ଇଣ୍ଟେଲେକ୍ଟୁଆଲ୍ ପ୍ରପର୍ଟି ରାଇଟ୍ ଅଧିନିୟମଭୁକ୍ତ 'କପି ରାଇଟ୍' ଏବେ କିଛି ଅର୍ଥ ଦେଲେ ତ ମିଳିଯାଉଛି। ସରକାରଙ୍କର କପି ରାଇଟ୍ ରିଜର୍ଭ ତା' ବାଟରେ ନକଲୀକରଣ ତା' ବାଟରେ। ମୂଳ କଥାଟି ହେଲା ଏ ଦେଶ ପାଇଁ ଚୋରଟିଏ ଲୋଡ଼ା। ପ୍ରତି ବିଭାଗରେ ଉଚ୍ଚପଦସ୍ଥ ଅନ୍ୟୂନ ଗୋଟିଏ କିମ୍ବା ଦେଶ ହିତ ପାଇଁ ଚୋର ମନ୍ତ୍ରଣାଳୟଟିଏ। ଚୋର ମନ୍ତ୍ରଣାଳୟଟିଏ ଥିଲେ ଶ୍ରୀଜଗନ୍ନାଥଙ୍କ ରତ୍ନଭଣ୍ଡାର ଚାବି ଚୋର ପତ୍ତା ମିଳିବା ପାଇଁ ଶେଷରେ ମାନ୍ୟବର ଜଷ୍ଟିସ୍ ରଘୁବୀର ଦାସଙ୍କ କମିଶନ ବସିଥାନ୍ତା ୩୨୪ ପୃଷ୍ଠାର ତଦନ୍ତ ରିପୋର୍ଟ ପାଇଁ! ପରେ ରେକର୍ଡ ରୁମ୍‌ରୁ ଚଉମୁଦ ଦିଆ ଲଫାପା ଭିତରୁ ଚାବିଟି ମିଳିଗଲା। ପାକିସ୍ତାନର ଲଳନା ମାୟାରେ ବାଲେଶ୍ୱରର ଓଡ଼ିଆ ପୁଅ ଚାନ୍ଦିପୁର କ୍ଷେପଣାସ୍ତ୍ରର ଫଟୋ ଦେଇ ଜେଲ୍‌ରେ। ବାଡ଼ ଯଦି ଫସଲ ଖାଇଲା ଏକଥା କହିବା କାହାକୁ? ସୀମାରେ ରାତି ଉଜାଗର ସଶସ୍ତ୍ର ପ୍ରହରୀ ଲାଗି ଆମେ ବେଧଡ଼କ୍‌ରେ ଶୋଉ ରାତିରେ ବାଦଶାହ ପରି। ହେଲେ ସୀମା ଅତିକ୍ରମ କରୁଥିବା ଚାଇନା ନିର୍ମିତ ଏକେ-୪୭ ଆସି ଯେତେବେଳେ ମାଓବାଦୀ ହାତରେ ପଡ଼ିଲା ଆମେ କ'ଣ ଆମ ସବୁ ଲଡୁଆ ପୁଅଙ୍କୁ ଜଣେ ଦୁଇଜଣଙ୍କ ଲାଗି ଖରାପ ଆଖିରେ ଦେଖିପାରିବା? ଧନୀ ହେବା ପାଇଁ ମନ ଅସ୍ଥିର, ଅପମିଶ୍ରଣରେ ବଜାର ଅସ୍ଥିର, ଚୋରି-ଲାଞ୍ଚ-ଲୁଟ୍‌ପାଟ୍‌ରେ କାର୍ଯ୍ୟାଳୟ ଅସ୍ଥିର, ଭାରି ପାରିବାର ଯୋଗାଣ ବିଭାଗ ମନ୍ତ୍ରଣାଳୟଟିଏ ଥାଇ ମଧ୍ୟ ସିନ୍ଥେଟିକ୍ ଡାଲି ଚୋବେଇ ଚୋବେଇ ଦାନ୍ତ ଅସ୍ଥିର। ଜାଣିବାର ଅଧିକାର ଯୁଗରେ କାର୍ଯ୍ୟାଳୟ ସବୁରୁ ଧୀରେ ଧୀରେ ଗାନ୍ଧୀ ଫଟୋଗୁଡ଼ାକ ଅଦୃଶ୍ୟ କରୁଥିବା ଚୋରଙ୍କୁ ଜାଣିବାର ଅଧିକାର ଏ ଦେଶର ନାଗରିକଙ୍କର ଅଛି କି ନାହିଁ? ସିବିଆଇ ପୋଲିସ୍ ଓ ରାଜ୍ୟ ପୋଲିସ୍‌ର ମୁଣ୍ଡ ଲଢ଼େଇରେ କିଏ ଚୋର ଆଉ କିଏ ପୋଲିସ୍ ଜାଣିବାର ଅଧିକାର ଏ ଦେଶ ଜନତାଙ୍କର ଅଛି କି ନାହିଁ?

ପୁରୁଣା ଭୁବନେଶ୍ୱର,
ମୋ- ୮୨୪୯୮୨୭୧୪୮,
EMAIL: KARSARADA@YAHOO.COM

## ଏଇ ଭାରତରେ

ପରିବେଶକୁ ପ୍ରଦୂଷଣ କରୁଥିବା ପ୍ଲାଷ୍ଟିକ ବ୍ୟବହାର ରୋକିବା ପାଇଁ ତାମିଲନାଡୁର ତେନିଥ୍ ଆଦିତ୍ୟ କଦଳୀ ପତ୍ରରେ ବିଭିନ୍ନ ବ୍ୟବହାର ଉପଯୋଗୀ ଜୈବିକ ଜିନିଷ ତିଆରି କରୁଛନ୍ତି। ସେ କୌଣସି କେମିକାଲ ବ୍ୟବହାର ନ କରି କଦଳୀ ପତ୍ରରେ ଡିସ୍‌ପୋଜେବଲ କପ୍, ପ୍ଲେଟ, ଏନ୍‌ଭଲପ, ଷ୍ଟ୍ର ଆଦି ଉତ୍ପାଦ ପ୍ରସ୍ତୁତ କରୁଛନ୍ତି। ଏହି ଜିନିଷଗୁଡିକ ବି ବର୍ଷେ ଯାଏ ସୁରକ୍ଷିତ ରହିପାରିବ ଓ ବ୍ୟବହାର ଉପଯୋଗୀ ବି ହେଉଛି। ବିରୁଧୁନଗର ଜିଲା ୱାଟରପ୍ ଗାଁରେ ରହନ୍ତି ଆଦିତ୍ୟ। ପରିବେଶ ଉପଯୋଗୀ 'ବାନାନା ଲିଫ୍ ଟେକନୋଲୋଜି'ରେ ଏଭଳି ଜିନିଷ ସେ ତିଆରି କରୁଛନ୍ତି। ଏହି ଟେକ୍‌ନୋଲୋଜି ପାଇଁ ଜାତୀୟ ସ୍ତରରେ ଦୁଇଟି, ଆନ୍ତର୍ଜାତିକ ସ୍ତରରେ ୭ଟି ପୁରସ୍କାର ଲାଭ କରିଛନ୍ତି ଆଦିତ୍ୟ। ସାଧାରଣତଃ କଦଳୀ ପତ୍ରରେ ତିଆରି ଜିନିଷ ଅତିବେଶିରେ ତିନିଦିନ ଯାଏ ରହିପାରେ, କିନ୍ତୁ ଏହି ଟେକ୍‌ନୋଲୋଜିରେ ତିଆରି ହେଉଥିବା ଜିନିଷ ନଷ୍ଟ ନ ହୋଇ ବର୍ଷେଯାଏ ରହିବା ସମସ୍ତଙ୍କୁ ଆଶ୍ଚର୍ଯ୍ୟ କରିଦେଇଛି। ଏହା ପ୍ରତିକୂଳ ପାଗରେ ବି ସୁରକ୍ଷିତ ରହୁଛି। ଏହି ଟେକ୍‌ନୋଲୋଜିରେ ସେ କଦଳୀପତ୍ରରେ ଥିବା ସେଲ୍ ବୃଦ୍ଧି କରିବା ସହ ସେଲ୍ ୱାଲ୍‌କୁ ମଜଭୁତ କରୁଛନ୍ତି। ପତ୍ରରୁ ରୋଗ ସୃଷ୍ଟିକାରୀ ସେଲ୍‌କୁ ବାହାର କରିବା ପରେ ସେ ଜିନିଷ ତିଆରି କରିବା ପାଇଁ ବ୍ୟବହାର କରୁଛନ୍ତି। ଆଦିତ୍ୟଙ୍କୁ ଏବେ ବୟସ ୨୨। ସେ ଏହା ବିନା କେମିକାଲରେ କରୁଛନ୍ତି । ଆଦିତ୍ୟ କହନ୍ତି ଯେ, ଏହି ସବୁ ଜିନିଷ ଶତ ପ୍ରତିଶତ ଜୈବିକ। ବିଭିନ୍ନ ଜିନିଷ ପ୍ରସ୍ତୁତ କରିବାକୁ ସେ ମେଶିନ ବ୍ୟବହାର କରୁଛନ୍ତି। ଆଦିତ୍ୟ ଏବେ ଏହି ଜିନିଷ କିପରି ଅଧିକ ତିଆରି କରାଯାଇପାରିବ ସେଥିପାଇଁ ୧୦ଟି କମ୍ପାନୀ ସହ ଯୋଗାଯୋଗ କରୁଛନ୍ତି। ଏହା ସମ୍ଭବ ହେଲେ ଦେଶରେ ଡିସ୍‌ପୋଜାଲ ପ୍ଲାଷ୍ଟିକ ବ୍ୟବହାର ପୂରା କମିଯିବ ବୋଲି କହନ୍ତି ଆଦିତ୍ୟ।

## su | do | ku — ସୁ-ଡୋ-କୁ

Puzzles by Srikant Ghosh

| | | | | | | | | | | | | | | |
|---|---|---|---|---|---|---|---|---|---|---|---|---|---|---|
| | 8 | | 9 | | A | 3 | C | 6 | | | 4 | | | |
| | 2 | | | | | | 4 | | | | | | | |
| | 6 | 7 | | 5 | | | 8 | 9 | | | 1 | | | 2 |
| 9 | | 1 | | 6 | 2 | | | 7 | | | | | | |
| | C | 5 | | 3 | | A | | | | | B | 7 | D | |
| | 0 | A | | | | | | 1 | | | | | 4 | |
| | 5 | E | 0 | | | B | | | A | | | | | C |
| | | | | 9 | | D | 3 | C | 0 | | | | 7 | |
| | 9 | | | 7 | | 2 | | | | | | 8 | | D |
| | | | | 2 | | | 7 | E | | | 8 | | B | |
| | D | B | 8 | | | | | 0 | | | 2 | | A | |
| 8 | 1 | | | | | 6 | | 4 | | | | B | 9 | |
| 6 | | | C | | | | | | | 4 | | | | 5 |
| | | | D | | | C | 1 | | 8 | | A | | 2 | |
| C | | | 3 | E | | | A | | | | 0 | | 1 | 4 |

ଏହାର ଉତ୍ତର ଆସନ୍ତାକାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡ଼ି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୦ରୁ ୯ ପର୍ଯ୍ୟନ୍ତ ଅଙ୍କ ଓ A ରୁ E ପର୍ଯ୍ୟନ୍ତ ଇଂଲିଶ ଲିପି ରହିବ।

| | | | | | | | | | | | | | | |
|---|---|---|---|---|---|---|---|---|---|---|---|---|---|---|
| 4 | 8 | 1 | 9 | 6 | 3 | 5 | 7 | 0 | A | D | C | 2 | B | E |
| 0 | B | D | 4 | 1 | 2 | 6 | A | E | 7 | 9 | 8 | 5 | C | 3 |
| 3 | 7 | 9 | E | 5 | D | 8 | C | B | 0 | 2 | 4 | 6 | 1 | A |
| 2 | C | 6 | 7 | 8 | A | D | 1 | 3 | B | 5 | E | 4 | 0 | 9 |
| E | A | 5 | 0 | B | C | 4 | 2 | 9 | 6 | 1 | 3 | 8 | D | 7 |
| C | 0 | 4 | 2 | E | 5 | 9 | D | 6 | 1 | 3 | B | A | 7 | 8 |
| 1 | 3 | A | 8 | 7 | B | 0 | 4 | 2 | C | E | D | 9 | 5 | 6 |
| 6 | 2 | 8 | C | D | 4 | B | 3 | 7 | 5 | A | 9 | 0 | E | 1 |
| 7 | 5 | E | A | 3 | 9 | 1 | 8 | C | 4 | 0 | 6 | B | 2 | D |
| D | 9 | B | 1 | 0 | 6 | E | 5 | A | 2 | 8 | 7 | C | 3 | 4 |
| 9 | D | 7 | 5 | A | 8 | 2 | 0 | 4 | E | C | 1 | 3 | 6 | B |
| A | 6 | C | B | 9 | 0 | 3 | E | 1 | 8 | 7 | 2 | D | 4 | 5 |
| 8 | E | 2 | 3 | 4 | 1 | C | 6 | 5 | D | B | A | 7 | 9 | 0 |
| B | 4 | 0 | D | C | E | 7 | 9 | 8 | 3 | 6 | 5 | 1 | A | 2 |
| 5 | 1 | 3 | 6 | 2 | 7 | A | B | D | 9 | 4 | 0 | E | 8 | C |

ଗତକାଲିର ଉତ୍ତର

## ପାଠକ ଶ୍ରେଷ୍ଠ ବିଚାରକ

### ରାଜ୍ୟରେ ଗରିବ ବୃଦ୍ଧି ଉଦ୍‌ବେଗଜନକ

ମହାଶୟ,

ଧରିତ୍ରୀ (୨୭।୨)ରେ 'ରାଜ୍ୟ ଖାଦ୍ୟ ସୁରକ୍ଷା' ଶୀର୍ଷକରେ ଚଳିତ ବିଧାନସଭାରେ ପ୍ରଶ୍ନୋତ୍ତର କାଳରେ ନୂଆ ଆବେଦନକାରୀଙ୍କୁ ରାଶନ କାର୍ଡ ମିଳୁ ନ ଥିବାର ଖବର ପ୍ରକାଶ ପାଇଛି। ଜାତୀୟ ଖାଦ୍ୟ ସୁରକ୍ଷା ଯୋଜନାରେ ଏ ପର୍ଯ୍ୟନ୍ତ ୩, ୨୪, ୭୩, ୩୭୦ ସଦସ୍ୟ ଅନ୍ତର୍ଭୁକ୍ତ ହୋଇଥିବା ବେଳେ ରାଜ୍ୟ ଖାଦ୍ୟ ସୁରକ୍ଷା ଯୋଜନାରେ ୩, ୧୨, ୩୦୧ ଜଣଙ୍କୁ ସାମିଲ କରାଯାଇଛି। ତେବେ ବିଭାଗୀୟ ମନ୍ତ୍ରୀ ତାଙ୍କ ଉତ୍ତରରେ କହିଥିଲେ ଯେ, ଆହୁରି ୭, ୧୮, ୬୦୫ ଆବେଦନପତ୍ର ଆସିଛି। ରାଜ୍ୟରେ ସମୁଦାୟ ଜନସଂଖ୍ୟା ୪ କୋଟି ୨୦ ଲକ୍ଷ ପାଖାପାଖି ହୋଇଥିବାବେଳେ ତନ୍ମଧ୍ୟରୁ ୩, ୨୭, ୮୫, ୬୭୧ ଜଣ ଏହି ଉଭୟ ଯୋଜନାରେ ତାଲିକାଭୁକ୍ତ ହୋଇ ଚାଉଳ ଓ ଗହମ କିଲୋ ୧ ଟଙ୍କା ଦରରେ ମୁଣ୍ଡପିଛା ୫ କିଲୋ ଲେଖାଏଁ ଗ୍ରହଣ କରି ଯୋଗ୍ୟ ହିତାଧିକାରୀ ରୂପେ ଗୃହୀତ ହୋଇ ଓଡ଼ିଶାର ଗରିବ ହାରର ସୂଚକ ପାଲଟିଛନ୍ତି। କେହି ଅନାହାରରେ ଦେଶରେ ରହିବେ ନାହିଁ ବୋଲି ସରକାରଙ୍କର ନୀତି ଧାର୍ଯ୍ୟ ହୋଇଥିବା ବେଳେ ଗରିବ ହାର ବର୍ଷକୁ ବର୍ଷ ବୃଦ୍ଧି ହେବା ଉଦ୍‌ବେଗଜନକ। ସରକାର ଜନକଲ୍ୟାଣକାରୀ ଯୋଜନାରେ କୋଟି କୋଟି ଟଙ୍କା ଖର୍ଚ୍ଚ କରୁଥିବା ବେଳେ ଜନସାଧାରଣଙ୍କ ଆର୍ଥିକ ଅବସ୍ଥାରେ କୌଣସି ଉନ୍ନତି ନ ହେବା ପରିତାପର ବିଷୟ। ଅନ୍ୟପକ୍ଷରେ ପୁଣି ଲକ୍ଷ ଲକ୍ଷ ଆବେଦନପତ୍ର ଆସିବା ଗ୍ରହଣୀୟ ହେଉନାହିଁ। ଏଥିରୁ ଜଣାପଡୁଛି ଆଗାମୀ ଦିନରେ ରାଜ୍ୟକୁ ଗରିବୀ ପୂରାମାତ୍ରାରେ ଗ୍ରାସ କରିବା ଅସମ୍ଭବ ନୁହେଁ। ସବୁଠାରୁ ଆଶ୍ଚର୍ଯ୍ୟର ବିଷୟ, ଗଳା ବାଟ ଦେଇ ରାଶନ କାର୍ଡ ହାତେଇଥିବା ବ୍ୟକ୍ତିଙ୍କଠାରୁ ଜବତ ହୋଇ ସେମାନଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇନାହିଁ। ରାଜ୍ୟରେ ପ୍ରଚୁର ଖାଦ୍ୟଶସ୍ୟ ଉତ୍ପାଦନ ହୋଇ କୃଷିକର୍ମଣ ପୁରସ୍କାର ମିଳୁଥିଲେ ମଧ୍ୟ ଓଡ଼ିଶା ଏକ ଦରିଦ୍ର ରାଜ୍ୟ ରୂପେ ପରିଗଣିତ ହେବା ସମୀଚୀନ ନୁହେଁ।

ହରମୋହନ ମହାନ୍ତି, ଦଉତୋଟା, ପୁରୀ

### ଅର୍ଥ ବିଭାଗର ନୀରବତା

କେନ୍ଦ୍ର ସରକାର ତାଙ୍କ କର୍ମଚାରୀ ଓ ପେନସନରମାନଙ୍କ ପାଇଁ ଜୁଲାଇ ପହିଲାରୁ ପ୍ରାପ୍ୟ ୫ ପ୍ରତିଶତ ମହଙ୍ଗାଭତ୍ତା ମଞ୍ଜୁର କରିବା ଦିନଠାରୁ ଚାରିମାସ ଅତୀତ ହୋଇଗଲାଣି। ମାତ୍ର ଓଡିଶା ସରକାର ତାଙ୍କ କର୍ମଚାରୀ ଓ ପେନସନରମାନଙ୍କ ପାଇଁ ଏହି ମହଙ୍ଗା ଭତ୍ତା ଏବେ ସୁଦ୍ଧା ମଞ୍ଜୁର କରିନାହାନ୍ତି। ଏ ସଂକ୍ରାନ୍ତରେ ରାଜ୍ୟ ଅର୍ଥ ବିଭାଗର ନୀରବତା ଦୁର୍ଭାଗ୍ୟଜନକ। ମହଙ୍ଗାଭତ୍ତା ମଞ୍ଜୁରରେ ବିଳମ୍ବ ହେତୁ ରାଜ୍ୟର ୫ ଲକ୍ଷରୁ ଅଧିକ ସରକାରୀ କର୍ମଚାରୀ ଓ ୩ ଲକ୍ଷରୁ ଅଧିକ ପେନସନର ଆର୍ଥିକ ଚାପରେ ଅଛନ୍ତି। ଏଣୁ ରାଜ୍ୟ ଅର୍ଥ ବିଭାଗ ୫ ପ୍ରତିଶତ ମହଙ୍ଗାଭତ୍ତା ଶୀଘ୍ର ମଞ୍ଜୁର କରିବାକୁ ଅନୁରୋଧ ।

ଅକ୍ଷୟ କୁମାର ମହାନ୍ତ, ହାଜିପୁର, ବିରିଡି, ଜଗତ୍‌ସିଂହପୁର

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି-୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୭୫୧୦୧୦
କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail:dharitripress@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com
:miku11@yahoo.com (Use only for advertisements,commercial queries)



ଏକ ପଙ୍କିଳ ସ୍ଥାନରୁ ଅଗ୍ନି ଉଦ୍‌ଗିରଣ ହେଉଛି। ପାଣି ଫୁଟିବା ଭଳି ପଙ୍କ ଫୁଟିବାର ଦୃଶ୍ୟ ଦେଖାଯାଉଛି। ଏହି ଭିଡିଓକୁ ଶେୟାର କରିଛନ୍ତି ପରଭିନ୍ ନାମକ ଜଣେ ଆଇଏଏସ୍ ଅଫିସର। ପୃଥିବୀର ବିଭିନ୍ନ ଜୋନ୍‌ରେ ଏଭଳି ଭୋଲ୍‌କାନୋ ଦେଖିବାକୁ ମିଳିଥାଏ। ଏହି ସ୍ଥାନରେ ଟେକ୍ଟୋନିକ୍ ପ୍ଲେଟ୍ ମାଡ ହେବା ଫଳରେ ଏଭଳି ଅବସ୍ଥା ହୋଇଥାଏ। ଭାରତରେ ବାରାତାଙ୍ଗ ଦ୍ୱୀପ, ଆଣ୍ଡାମାନ୍ ନିକୋବର ଦ୍ୱୀପରେ ଏଭଳି ମଡ୍ ଭୋଲ୍‌କାନୋ ଦେଖିବାକୁ ମିଳିଥାଏ। ତେବେ ପ୍ରକୃତିର ଏହି ସୁନ୍ଦର ରୂପ ସମସ୍ତଙ୍କୁ ଆକୃଷ୍ଟ କରିଥାଏ।



# ତାମିଲ ଫିଲ୍ମର ହିନ୍ଦୀ ରିମେକ୍‌ରେ ଅଜୟ୍



**ମୁମ୍ବାଇ:** ବଲିଉଡ ଅଭିନେତା ଅଜୟ ଦେବଗନ୍ ତାନାଜୀର ସଫଳତାର ଭରପୁର ମଜା ନେଇଛନ୍ତି। ତାଙ୍କର ଏହି ଫିଲ୍ମଟି ୩୦୦ କୋଟିରୁ ଅଧିକ ଆୟ କରି ବ୍ଲକ୍‌ବଷ୍ଟର ହୋଇଯାଇଛି। ତେବେ ଏଥିମଧ୍ୟରେ ଅଜୟଙ୍କ ଆଗାମୀ ଫିଲ୍ମକୁ ନେଇ ମଧ୍ୟ ଏକ ବଡ଼ ଖବର ସାମ୍ନାକୁ ଆସିଛି। ଆଗକୁ ଅଜୟ ଏକ ସୁପରହିଟ୍ ତାମିଲ ଫିଲ୍ମର ହିନ୍ଦୀ ରିମେକ୍‌ରେ ନଜର୍ ଆସିବେ। ସୂଚନା ଅନୁଯାୟୀ ଅଜୟ ୨୦୧୯ରେ ଆସିଥିବା ସୁପରହିଟ୍ ଫିଲ୍ମ 'କୈଥି'ର ଅଫିସିଆଲ ହିନ୍ଦୀ ରିମେକ୍‌ରେ ନଜର ଆସିବେ। ତେବେ ଏହାପୂର୍ବରୁ ଏହି ଫିଲ୍ମର ଲିଡ୍ ହିରୋ ପାଇଁ ସଲ୍‌ମାନ ଖାନ୍ ଓ ହ୍ରିତିକ୍ ରୋଶନଙ୍କ ନାଁ ଚର୍ଚ୍ଚାରେ ଥିଲା। ହେଲେ ବର୍ତ୍ତମାନ ଅଜୟଙ୍କ ନାଁ ଫାଇନାଲ ହୋଇଯାଇଛି। ତେବେ ପୂର୍ବରୁ ଏହି ହିନ୍ଦୀ ରିମେକ୍ ଫିଲ୍ମର ନିର୍ଦ୍ଦେଶନା, ଓରିଜିନାଲ ଫିଲ୍ମର ନିର୍ଦ୍ଦେଶକ ଲୋକେଶ କନଗରାଜ୍ ଦେବେ ବୋଲି କୁହାଯାଉଥିଲା। କିନ୍ତୁ ସେ ଅନ୍ୟ ଫିଲ୍ମରେ ବ୍ୟସ୍ତ ଥିବାରୁ ଏହାକୁ ନିର୍ଦ୍ଦେଶନା ଦେଇପାରିବେ ନାହିଁ। ଅଜୟଙ୍କ ଏହି ଫିଲ୍ମର ନିର୍ଦ୍ଦେଶନା ଧର୍ମେନ୍ଦ୍ର ଶର୍ମା ଦେବେ। ଧର୍ମେନ୍ଦ୍ର ଜଣେ ଫିଲ୍ମ ଏଡିଟର। ସେ ଅଜୟଙ୍କ ଫିଲ୍ମ 'ତାନାଜୀ'ରେ ଏଡିଟିଂ କାମ କରିଥିଲେ। ସେ ଏହି ଫିଲ୍ମ ଜରିଆରେ ନିର୍ଦ୍ଦେଶନାରେ ପାଦ ଥାପିବାକୁ ଯାଉଛନ୍ତି। ସେ ଅଜୟଙ୍କ ସମ୍ପର୍କୀୟ ଭାଇ ମଧ୍ୟ। ଏହି ଫିଲ୍ମକୁ ନେଇ ଅଜୟ ବେଶ୍ ଉତ୍ସାହିତ ଅଛନ୍ତି।

# ଡ୍ରୋନ୍ ବାଣ୍ଟିଲା ପାନ ମସଲା

**ଅହମଦାବାଦ:** ଭାରତରେ କରୋନା ସଂକ୍ରମଣ ରୋକିବା ପାଇଁ ସରକାରଙ୍କ ପକ୍ଷରୁ ଉଦ୍ୟମ ଅବ୍ୟାହତ ରହିଛି। ଏହି ମର୍ମରେ ସୁରକ୍ଷା ଲାଗି ଘରେ ରହିବା ଏବଂ ସାମାଜିକ ଦୂରତା ବଜାୟ ରଖିବା ଅପରିହାର୍ଯ୍ୟ ହୋଇପଡ଼ିଛି। କେନ୍ଦ୍ର ସରକାରଙ୍କ ପକ୍ଷରୁ ଦେଶବ୍ୟାପୀ ଲକ୍‌ଡ଼ାଉନ୍ ଘୋଷଣା କରାଯାଇଛି। ମାତ୍ର କେତେକ ଏହାର ଗୁରୁତ୍ୱକୁ ଉପଲବ୍ଧି ନ କରି ଉଲ୍ଲଂଘନ କରୁଥିବା ଦେଖିବାକୁ ମିଳୁଛି। ଏହାର ସଦ୍ୟତମ ଏକ ଘଟଣା ଗୁଜରାଟର ରାଜକୋଟ ଅନ୍ତର୍ଗତ ମୋରବି ଅଞ୍ଚଳରେ ଘଟିଛି। ଏଠାରେ ଦୁଇଜଣ ଯୁବକ ଲକ୍‌ଡାଉନ୍ ସମୟରେ ଗୋଟିଏ ସ୍ଥାନରୁ ଅନ୍ୟ ସ୍ଥାନକୁ ଡ୍ରୋନ୍ ଦ୍ୱାରା ପାନ ମସଲା ପଠାଉଥିବାର ୧୫ ସେକେଣ୍ଡର ଏକ ଟିକ୍‌ଟକ୍ ଭିଡ଼ିଓ ସୋସିଆଲ୍ ମିଡ଼ିଆରେ ଶେୟାର ହୋଇଛି। ଭିଡ଼ିଓରେ ଜଣେ ଯୁବକଙ୍କ ପାଖକୁ ଡ୍ରୋନ୍ ଦ୍ୱାରା ପାନ ମସଲା ଆସି ପହଞ୍ଚିଛି। ଯୁବକ ଜଣକ ଛାତରେ ଠିଆ ହୋଇଥିବା ଭିଡ଼ିଓରେ ଦେଖିବାକୁ ମିଳୁଛି। ପରେ ଏହି ଭିଡ଼ିଓ ସୋସିଆଲ୍ ମିଡ଼ିଆରେ ଭାଇରାଲ ହୋଇଥିଲା। ପୋଲିସ ପକ୍ଷରୁ ତଦନ୍ତ କରାଯାଇ



ଏଥିରେ ସମ୍ପୃକ୍ତଥିବା ହିରେନ୍ ପଟେଲ ଏବଂ ରବି ନାମକ ଦୁଇ ଜଣ ଯୁବକଙ୍କୁ ଗିରଫ କରାଯାଇଛି। ରବି ୨୫,୦୦୦ ଟଙ୍କାରେ ଡ୍ରୋନ୍ ନିର୍ମାଣ କରି ଏହାଦ୍ୱାରା ହିରେନ୍‌ଙ୍କ ପାଖକୁ ପାନ ମସଲା ପଠାଇଥିବା ରାଜକୋଟ ପୋଲିସ ସୂଚନା ଦେଇଛି। ପାନ ମସଲା ନେବା ଆଣିବା କାର୍ଯ୍ୟରେ ବ୍ୟବହୃତ ଡ୍ରୋନ୍‌କୁ ପୋଲିସ ଜବତ କରିଛି।

# ନବଜାତକର ନାମ 'ସାନିଟାଇଜର୍'



**ଲକ୍ଷ୍ନୌ:** ଦେଶ ସହିତ ସମଗ୍ର ବିଶ୍ୱରେ କରୋନା ତା'ର କାୟା ବିସ୍ତାର କରିବାରେ ଲାଗିଛି। ଭାରତରେ ପ୍ରଥମେ ୨୧ ଦିନ ପାଇଁ ଲକ୍‌ଡାଉନ୍ ଘୋଷଣା କରାଯାଇଥିଲା। ଏହା ମଧ୍ୟରେ ଏଭଳି ବହୁତ ବାପା-ମା କରୋନାକୁ ନେଇ ଜନ୍ମିତ ଶିଶୁର ନାମକରଣ କରୁଛନ୍ତି। ପୂର୍ବରୁ ଉତ୍ତରପ୍ରଦେଶର ଦେବରିଆ ଅଞ୍ଚଳରେ ଏକ ପୁଅର ନାମ ଲକ୍‌ଡାଉନ୍ ରଖାଯାଇଥିଲା। ସେହିପରି ଉତ୍ତରପ୍ରଦେଶର ଶହାରନ୍‌ପୁରରେ ଏକ ନବଜାତକ ଜନ୍ମ ନେଇଛି। ଶିଶୁର ବାପା-ମା' ତା'ର ନାମ ରଖିଛନ୍ତି ସାନିଟାଇଜର୍। ଏହି ନାଁ ରଖି ସେମାନେ ବହୁତ ଖୁସି ଥିବା କହିଛନ୍ତି। ସେମାନଙ୍କ କହିବା ଅନୁଯାୟୀ ସାରା ଦେଶରେ କରୋନା ସଂକ୍ରମଣ ବ୍ୟାପିବାରେ ଲାଗିଛି। ଏଥିରୁ ସତର୍କ ରହିବା ପାଇଁ ସରକାର ଏବଂ ପ୍ରଶାସନ ପ୍ରାଣପଣେ ଉଦ୍ୟମ ଜାରି ରଖିଛନ୍ତି। ଏଥିରୁ ନିରାପଦ ରହିବା ପାଇଁ ପ୍ରଶାସନ ହାତକୁ ବାରମ୍ବାର ସାନିଟାଇଜ୍ କରିବା ପାଇଁ କହୁଛନ୍ତି। ଚାରିଆଡେ କରୋନା ସଂକ୍ରମଣରୁ ରକ୍ଷା କରିବାକୁ ସାନିଟାଇଜର୍ ସ୍ପ୍ରେ କରାଯାଉଛି। ଏଥିରେ ସରକାର ଏବଂ ପ୍ରଶାସନିକ ଉଦ୍ୟମ ଏବଂ ଯୋଗଦାନ ରହିଛି। ତେଣୁ ଆମେ ବି ଭାବିଲୁ ଆମରମଧ୍ୟସମାନଭାବେଗୁରୁଦାୟିତ୍ୱରହିବାଦରକାରବୋଲିପୁଅରବାପାକହିଛନ୍ତି। ସେଥିଲାଗିଆମେଆମପୁଅନାଁସାନିଟାଇଜର୍ ଦେଲୁ। ଏହାଦ୍ୱାରା ଆମେ ହାତ ସଫା ରଖିବାକୁ ସବୁବେଳେ ମନେ ରଖିବୁ ଓ ଅନ୍ୟମାନଙ୍କୁ ଏହା କରିବା ଲାଗି ପ୍ରେରଣା ଦେବୁ।

# ଲକ୍‌ଡାଉନ୍‌ରେ ଘରୋଇ ଚିତ୍ରକଳା



**ମସ୍କୋ:** ଲକ୍‌ଡାଉନ୍ ସମୟରେ ଘରେ ବସି ବସି ଲୋକେ ଏବେ ବହୁ କ୍ରିଏଟିଭ୍ କାମ କରିବାକୁ ପସନ୍ଦ କରୁଛନ୍ତି। ଏମିତି ଏକ କଳାତ୍ମକ କାମକରି ସୋସିଆଲ୍ ମିଡିଆରେ ପ୍ରଭାବ ପକାଇ ପାରିଛନ୍ତି ରୁଷିଆର ଲୋକେ। ବିଭିନ୍ନ ସୋସିଆଲ୍ ମିଡିଆରେ ରୁଷିଆ ଲୋକେ ସୁନ୍ଦର ସୁନ୍ଦର ଚିତ୍ରକରି ଲୋକଙ୍କୁ ଆକୃଷ୍ଟ କରିପାରିଛନ୍ତି। ଏହି ସବୁ ଚିତ୍ରଗୁଡ଼ିକ ଏବେ ସୋସିଆଲ୍ ମିଡିଆରେ ଚର୍ଚ୍ଚାର କେନ୍ଦ୍ରବିନ୍ଦୁ ପାଲଟିଛି। ସବୁଠୁ ବଡ଼ କଥା ହେଉଛି ସୋସିଆଲ୍ ମିଡିଆରେ ପୋଷ୍ଟ ହୋଇଥିବା ପ୍ରାୟ ହଜାରେରୁ ଅଧିକ ଚିତ୍ର ଘରୋଇ କାମକୁ ମେକ୍‌ଅପ୍ ସାମଗ୍ରୀ ମାଧ୍ୟମରେ କରାଯାଇଛି। ବହୁ ସଂଖ୍ୟାରେ ସବୁ ବର୍ଗର ଲୋକେ ଏସବୁ କଳାକୃତିକୁ ଅନୁସରଣ କରୁଛନ୍ତି। ରୁଷିଆର ଏଭଳି ହଜାର ହଜାର ଚିତ୍ରକଳାକୁ ସୋସିଆଲ୍ ମିଡିଆରେ ଲକ୍ଷ ଲକ୍ଷ ଲୋକ ଅନୁସରଣ କରୁଛନ୍ତି।

# ଆଳୁ, ଟମାଟୋ ବି ହେଉଛି ସାନିଟାଇଜ୍

**ପାଟନା:** କରୋନା ଭୟ ଏବେ ଲୋକଙ୍କୁ ଏଭଳି ଘାରିଛି ଯେ, ଲୋକେ ଏବେ ଅଜବ ପ୍ରକାରର କାମ କରିବାକୁ ପଛାଉ ନାହାନ୍ତି। ଏମିତିକି ଆଳୁ, ଟମାଟୋକୁ ବି କିଛିଲୋକ ସାନିଟାଇଜ୍ କରିବା ପରେ ଖାଉଛନ୍ତି। କରୋନା ଭୟରେ ଏଭଳି କାମ କରୁଛନ୍ତି ଆମେରିକାରେ ରହୁଥିବା ବିହାରର ଏକ ପରିବାର। ବିହାରର ଭାଗଲପୁର ଅଞ୍ଚଳର ରାଜୀବ ଝା ଆମେରିକାର ଟେକ୍ସାସ୍‌ରେ ରହୁଛନ୍ତି। ଏବେ ସେଠାରେ କରୋନାର ଭୟ ଯେଉଁଭଳି ଲୋକଙ୍କୁ ଗ୍ରାସ କରିଛି ସେଥିପାଇଁ ସାଧାରଣ ଲୋକେ ଅତ୍ୟଧିକ ସତର୍କ ହେବା ସ୍ୱାଭାବିକ। ସେଥିପାଇଁ ରାଜୀବଙ୍କ ପରିବାର ମଧ୍ୟ କରୋନାରୁ ରକ୍ଷାପାଇବା ପାଇଁ ନିଜର ଅନୁଭୂତି ବାଣ୍ଟିଛନ୍ତି। ରୋଗ ସଂକ୍ରମଣ ଭୟରେ ସେମାନେ କେହି ଘରୁ ବାହାରୁ ନାହାନ୍ତି, କିନ୍ତୁ ଜରୁରି ସାମଗ୍ରୀ ସବୁ ଅନ୍‌ଲାଇନ୍‌ରେ ମଗାଉଛନ୍ତି। ତେବେ ସବୁ ସାମଗ୍ରୀକୁ ସେମାନେ ପ୍ରଥମେ ଭଲଭାବେ ସାନିଟାଇଜ୍ କରିବା ପରେ ହିଁ ବ୍ୟବହାର କରୁଛନ୍ତି। ଅନ୍‌ଲାଇନରେ ଡେଲିଭରି ଜିନିଷକୁ ବାହାରେ ରଖି ପ୍ରଥମେ ପ୍ୟାକେଟ୍‌କୁ ସାନିଟାଇଜ୍ କରିବା ପରେ ପ୍ୟାକେଟ୍ ଭିତରେ ଥିବା ପନିପରିବା ସବୁକୁ ଆଣି ସାନିଟାଇଜ୍ କରୁଛନ୍ତି। ଏମିତିକି ଆଳୁ ଟମାଟୋକୁ ମଧ୍ୟ ସାନିଟାଇଜ୍ କରି ସେମାନେ ବ୍ୟବହାର କରୁଛନ୍ତି। ପ୍ରଥମେ ସାନିଟାଇଜର ତା'ପରେ ସାବୁନ ପାଣିରେ ଧୋଇବା ପରେ ଶେଷରେ ସଫା ପାଣିରେ ଧୋଉଛନ୍ତି। ବିହାର ଦମ୍ପତିଙ୍କ ଏଭଳି କାମ ଏବେ ଲୋକଙ୍କୁ ବେଶ୍ ପ୍ରଭାବିତ କରିଛି। ଅନେକ ଏହି ଘଟଣାକୁ ସୋସିଆଲ ମିଡିଆରେ ଶେୟାର କରିଛନ୍ତି।



# ମା' ଠାରୁ ଶିଶୁକୁ ରହିଛି ସଂକ୍ରମଣ ଭୟ



**ନୂଆଦିଲ୍ଲୀ:** କରୋନା ସଂକ୍ରମିତ ମା'ଙ୍କଠାରୁ ଜନ୍ମିତ ନବଜାତକଙ୍କୁ ବି ସଂକ୍ରମଣର ଆଶଙ୍କା ରହିଛି। ତେବେ ଏହା ମା'ଙ୍କଠାରେ କେତେ ପରିମାଣର ସଂକ୍ରମଣ ହୋଇଛି ତାହା ଉପରେ ନିର୍ଭର କରିଥାଏ। କରୋନା ସଂକ୍ରମଣ ସମ୍ପର୍କରେ ଭାରତୀୟ ମେଡିକାଲ ରିସର୍ଚ୍ଚ କାଉନସିଲ୍(ଆଇସିଏମ୍ଆର୍) ପକ୍ଷରୁ ହୋଇଥିବା ଏକ ଗବେଷଣା ରିପୋର୍ଟରେ ଏହା ପ୍ରକାଶ ପାଇଛି। ଏଥିରେ ଦର୍ଶାଯାଇଛି ଯେ, ବର୍ତ୍ତମାନ ସୁଦ୍ଧା ମା' କ୍ଷୀରରେ କରୋନା ସଂକ୍ରମଣ ନେଇ ହୋଇଥିବା ପରୀକ୍ଷାରେ କୌଣସି ପଜିଟିଭ୍ ରିପୋର୍ଟ ମିଳିନାହିଁ। ଅପରପକ୍ଷରେ କରୋନା ସଂକ୍ରମିତ ଗର୍ଭବତୀ ମହିଳାଙ୍କ ଗର୍ଭପାତର କୌଣସି ଘଟଣା ମଧ୍ୟ ଏପର୍ଯ୍ୟନ୍ତ ଘଟିନାହିଁ। ମା' କ୍ଷୀରରେ ସଂକ୍ରମଣ ନ ଥିବାରୁ ନବଜାତକ କରୋନା ସଂକ୍ରମିତ ମା'ଙ୍କଠାରୁ ସ୍ତନ୍ୟପାନ କରିବାରେ କୌଣସି ପ୍ରତିବନ୍ଧକ ନ ଥିବା ଆଇସିଏମ୍ଆର କହିଛି। ହାର୍ଟ ସମସ୍ୟା, ଉଚ୍ଚ ରକ୍ତଚାପ, ଡାଇବେଟିସ୍ ତଥା କିଡ୍‌ନୀ ସମସ୍ୟା ଥିବା ଗର୍ଭବତୀ ମହିଳାଙ୍କୁ କରୋନା ସଂକ୍ରମଣ ହେଲେ ସ୍ଥିତି ଜଟିଳ ହେବାର ଆଶଙ୍କା ରହିଥାଏ ବୋଲି ଆଇସିଏମ୍ଆର ପକ୍ଷରୁ ପ୍ରକାଶିତ ଏହି ରିପୋର୍ଟରେ ଉଲ୍ଲେଖ କରାଯାଇଛି।

# ଭୂତ ଶିଖାଉଛି ସାମାଜିକ ଦୂରତ୍ୱ

**ଜାକର୍ତ୍ତା:** ସୋସିଆଲ୍ ଡିଷ୍ଟାନ୍ସ ବା ସାମାଜିକ ଦୂରତା ରକ୍ଷା କରିବା ଦ୍ୱାରା ହିଁ କରୋନା ସଂକ୍ରମଣକୁ ରୋକା ଯାଇପାରିବ। ଏକଥାକୁ ନେଇ ଲୋକଙ୍କୁ ସଚେତନ କରିବା ନିମନ୍ତେ ଏକ ଅଜବ କାମ କରିଛନ୍ତି ଇଣ୍ଡୋନେସିଆବାସୀ। ଇଣ୍ଡୋନେସିଆର କେପୁହ ନାମକ ଏକ ଗାଁରେ ସୋସିଆଲ୍ ଡିଷ୍ଟାନ୍ସର କଥା ଏବେ ବୁଝାଉଛନ୍ତି ଭୂତମାନେ। ଗାଁ ଲୋକେ ରାସ୍ତାର ବିଭିନ୍ନ ସ୍ଥାନରେ ଭୂତ ଭଳି ବିଭିନ୍ନ ଆକୃତି (ପୋକୋଂ) କରି ରଖିଛନ୍ତି। ସବୁଠୁ ବଡ଼ କଥା ହେଉଛି ଏହି ପୋକଂଗୁଡ଼ିକୁ ବି ସାମାଜିକ ଦୂରତା ବଜାର ରଖିବା ପାଇଁ ଅଲଗା ଅଲଗା ସ୍ଥାନରେ ରଖାଯାଇଛି। ଗାଁରେ ଏଭଳି ପୋକୋଂ ରଖି ଲୋକଙ୍କୁ ସଚେତନ କରିବା ପାଇଁ ଯୁବପିଢି ଗାଁ ମୁଖିଆଙ୍କ ସହିତ ପରାମର୍ଶ କରିଥିଲେ। ଶେଷରେ ପୋଲିସର ଅନୁମତି ନେବା ପରେ ଲୋକେ ଏଭଳି ପ୍ରତୀକାତ୍ମକ ଭୂତମାନଙ୍କୁ ରାସ୍ତାରେ ରଖି ଲୋକଙ୍କୁ ସଚେତନ କରୁଛନ୍ତି। କେହି ଯେପରି ଘରୁ ନ ବାହାରିବେ ଏବଂ ସାମାଜିକ ଦୂରତାକୁ ବଜାୟ ରଖିବେ ସେଥିପାଇଁ ଏହି ପୋକୋଂଗୁଡ଼ିକ ଲୋକଙ୍କ ମନରେ ବେଶ୍ ପ୍ରଭାବ ପକାଉଛନ୍ତି। କିଛିଲୋକଙ୍କୁ ଏହି ଭୂତ ଭୟରେ ଘରୁ ନ ବାହାରିବାକୁ କୁହାଯାଉଛି।





ପିଟ୍‌ବୁଲ

# କରୋନାକୁ ନେଇ ପିଟ୍‌ବୁଲଙ୍କ ନୂଆ ଗୀତ

**ନୂଆଦିଲ୍ଲୀ:** ଆମେରିକାନ ଫେମସ୍ ରାପର ପିଟ୍‌ବୁଲ ନିଜର ନୂଆ ସଙ୍ଗ ରିଲିଜ୍ କରିଛନ୍ତି। ମହାମାରୀ କରୋନା ଭାଇରସ୍ ସମଗ୍ର ବିଶ୍ୱରେ ଯେଉଁ ମୃତ୍ୟୁ ତାଣ୍ଡବ ସୃଷ୍ଟି କରିଛି, ତାକୁ ନେଇ ପିଟ୍‌ବୁଲ ତାଙ୍କର ନୂଆ ଅଡିଓ ସଙ୍ଗ୍ ତିଆରି କରିଛନ୍ତି। ଆଉ ଏକ ଗୁରୁତ୍ୱପୂର୍ଣ୍ଣ କଥା ହେଉଛି ଏହି ସଙ୍ଗ୍‌ରୁ ଯାହା ଆୟ ହେବ ସେସବୁ କୋଭିଡ-୧୯ର ଚିକିତ୍ସା ପାଇଁ ଦାନ କରାଯିବ। ପିଟ୍‌ବୁଲ ନିଜର ଇନ୍‌ଷ୍ଟାରେ ଏହି ଗୀତ ବିଷୟରେ ଉଲ୍ଲେଖ କରି କହିଛନ୍ତି ଯେ, ଏହି ଗୀତ ଦ୍ୱାରା ସାରା ବିଶ୍ୱରେ ଥିବା ବରିଷ୍ଠ ବ୍ୟକ୍ତି, ସ୍ୱାସ୍ଥ୍ୟ କର୍ମୀ ଏବଂ ଛାତ୍ରଙ୍କୁ ଏହି ଭିଡିଓରେ ସାମିଲ ହେବାକୁ ଆହ୍ୱାନ ଦିଆଯାଇଛି। ଏହି ଭିଡିଓ ପୋଷ୍ଟ କରି ସେ ଆହୁରି ମଧ୍ୟ ଲେଖିଛନ୍ତି, ଏହି ସଙ୍ଗ୍‌ର ସମସ୍ତ ଆୟ ବିଶ୍ୱର ସମସ୍ତ ଚାରିଟିକୁ ଦିଆଯିବ। ପିଟ୍‌ବୁଲ ନିଜ ଇନଷ୍ଟାରେ ଶେୟାର କରିଛନ୍ତି ଯେ, ସମସ୍ତେ ଘରେ ସୁରକ୍ଷିତ ରୁହନ୍ତୁ। ଅତି ଆବଶ୍ୟକ ନ ଥିଲେ ଘରୁ ବାହାରନ୍ତୁ ନାହିଁ। ସାମାଜିକ ଦୂରତ୍ୱର ପାଳନ କରନ୍ତୁ। ଏହି ସମୟରେ ଆମେ ନ ଡରି ସତର୍କ ରହି କରୋନାକୁ ହରେଇ ପାରିବା। ସୂଚନାଥାଉ କି, କରୋନା ମହାମାରୀ ଯୋଗୁ ବିଶ୍ୱର ୨୧୦ ଦେଶ ଏବେ ପ୍ରଭାବିତ ହୋଇଥିବା ବେଳେ ପ୍ରାୟ ୨୦ ଲକ୍ଷ ଲୋକ ଏହା ଦ୍ୱାରା ପ୍ରଭାବିତ ହୋଇଛନ୍ତି।

# 'କ୍ୱାରାଣ୍ଟାଇନ୍ ଲଭ୍'

**ମୁମ୍ବାଇ:** ଅଭିନେତ୍ରୀ ଚାହତ ଖାନ୍ନାଙ୍କ ସହ ଲୋକପ୍ରିୟ ଗାୟକ ମିକା ସିଂହ ଆଜିକାଲି ବେଶ୍ ଚର୍ଚ୍ଚାରେ। ତେବେ ସେମାନଙ୍କ ସୋସିଆଲ ମିଡିଆରେ ପୋଷ୍ଟ ଯୋଗୁ ଏତେସବୁ ଚର୍ଚ୍ଚା ଚାଲିଛି। ଉଭୟଙ୍କୁ ଦେଖିଲେ ଲାଗିବ ସତେ ଯେପରି ଦୁହେଁ ଦୁହିଁଙ୍କୁ ଡେଟ୍ କରୁଛନ୍ତି। କିନ୍ତୁ ସତ ହେଉଛି ଦୁହେଁ ଏକ ଗୀତ ଶୁଟିଂରେ ବ୍ୟସ୍ତ। ଯାହାର ନାମ ହେଲା 'କ୍ୱାରାଣ୍ଟାଇନ୍ ଲଭ୍'। ଚାହତ ଆହୁରି ମଧ୍ୟ କହିଛନ୍ତି ଯେ, ଲୋକମାନେ ମୋ ମୁଣ୍ଡ ଖାଉଛନ୍ତି। ବାସ୍ତବରେ ଲୋକେ କହୁଛନ୍ତି, ମିକାଙ୍କୁ ଡେଟ୍ କରନ୍ତୁ ନାହିଁ। ସେ ବହୁତ ଝିଅଙ୍କ ହୃଦୟ ଭାଙ୍ଗିଛନ୍ତି। ତେବେ ମିକା ଏବଂ ତାଙ୍କ ଯୋଡ଼ିକୁ ଅନେକ ପ୍ରଶଂସା ମଧ୍ୟ କରିଛନ୍ତି। ତାଙ୍କର ଏହି କ୍ୱାରାଣ୍ଟାଇନ ଲଭ୍ ସଙ୍ଗ ନିକଟରେ ରିଲିଜ୍ ହେବାକୁ ଯାଉଛି। ଆହୁରି ସେ କହିଛନ୍ତି ଯେ, ଆମେ ଏହି ଗୀତକୁ ଘରେ ଶୁଟ୍ କରିଛୁ। ମୁଁ ଏହି ଗୀତକୁ ପ୍ରମୋସନ କରୁଛି। ଲୋକମାନେ ଭାବୁଛନ୍ତି, ଆମେ ଡେଟ୍ କରୁଛୁ। ତେବେ ଆମେ ଦୁହେଁ ଭାବିଥିଲୁ ଯେ, କିଛି ଗୋଟିଏ ଏମିତି ପ୍ଲାନ କରିବା ଯେପରି ଲୋକେ ଆମ କଥା ଭାବିବାକୁ ବାଧ ହେବେ।



## ସଂକ୍ଷେପରେ

### କରୋନା ପୀଡ଼ିତଙ୍କ ପାଇଁ କୁମ୍ଭି ଭାଙ୍ଗିଲେ କୁନିଝିଅ

**ରସୁଲପୁର,୧୪।୪(ଡିଏନଏ):** ରସୁଲପୁର ବ୍ଲକ ବାହାଦଲାପୁର ପଞ୍ଚାୟତ ବଡନିରଞ୍ଜନପୁର ଗ୍ରାମର ସୁଜିତ ଜେନାଙ୍କ ୫ବର୍ଷର ଝିଅ ସ୍ନେହା ସମୀକ୍ଷା ଜେନା ସ୍ୱସଞ୍ଚିତ ୧ହଜାର ଟଙ୍କା କରୋନା ପୀଡିତଙ୍କ ପାଇଁ ଦାନ କରିଛନ୍ତି। ସ୍ନେହା ନିଜ ହାତଖର୍ଚ୍ଚକୁ ଏକ କୁମ୍ଭିରେ ସଞ୍ଚୟ କରି ରଖିଥିଲେ। କୁମ୍ଭିରୁ ୧୦୦୫ ଟଙ୍କା ବାହାରି ଥିଲା। ସେଥିରୁ ସେ ଏକ ହଜାର ଟଙ୍କା ରସୁଲପୁର ତହସିଲଦାର ଜ୍ୟୋତିକାନ୍ତ ଭୁଜବଳଙ୍କ ଜରିଆରେ ମୁଖ୍ୟମନ୍ତ୍ରୀଙ୍କ ରିଲିଫ ପାଣ୍ଠିକୁ ଦାନ କରିଛନ୍ତି। ପିଲା ଦିନରୁ ସ୍ନେହା ସମୀକ୍ଷାଙ୍କ ସାହାଯ୍ୟ ମନୋଭାବ ଅନେକଙ୍କ ପାଇଁ ପ୍ରେରଣା ପାଲଟିବ ବୋଲି ଆଲୋଚନା ହେଉଛି।

### ବାର୍ହା ମାଂସ ଜବତ, ୪ ଗିରଫ

**ରାଜନଗର, ୧୪।୩ (ଡି.ଏନ୍.ଏ.)-** ରାଜନଗର ବ୍ଲକସ୍ଥିତ ଭିତରକନିକା ଜାତୀୟ ଉଦ୍ୟାନରୁ ବାର୍ହା ଶିକାର କରିଥିବା ୪ ଜଣଙ୍କୁ ବନ ବିଭାଗ ପକ୍ଷରୁ ଗିରଫ କରାଯାଇଛି। ସେମାନେ ହେଲେ ଧରଣୀଧର ବେହେରା(୪୫), ନାରାୟଣ ଗିରି(୩୭), ଜନକର ମହାନ୍ତି(୪୬) ଓ ଝାଡେଶ୍ୱର ମଣ୍ଡଳ(୪୦)। କନିକା ବନାଞ୍ଚଳ ଅଧିକାରିଣୀ ସ୍ୱାତି ମହାନ୍ତି ସଦଳବଳ ସମ୍ପୃକ୍ତ ଶିକାରୀଙ୍କ ଘରେ ଚଢ଼ାଉ କରି ବାର୍ହା ମାଂସ ଜବତ କରିଛନ୍ତି।

### ତାମିଲନାଡୁରେ ଓଡ଼ିଆ ଶ୍ରମିକ ମୃତ

**ନୟାଗଡ଼ ଅଫିସ,୧୪।୪:** ତାମିଲନାଡୁର କୋଏମ୍ବାଟୁରରେ ନୟାଗଡ଼ ବ୍ଲକ ନୋତର ପଞ୍ଚାୟତ ବଉଳସାହିର ସଚ୍ଚିଦାନନ୍ଦ ପଢ଼ିଆରୀ ନାମକ ଜଣେ ଶ୍ରମିକଙ୍କ ସୋମବାର ମୃତ୍ୟୁ ହୋଇଛି। ପେଟରେ ଯନ୍ତ୍ରଣା ହୋଇ ଏପରି ଅଘଟଣ ଘଟିଥିବା ଜଣାପଡିଛି। ଖବର ପାଇବା ପରେ ସେଠାକାର ଜିଲାପାଳଙ୍କ ସହ ନୟାଗଡ଼ ଜିଲାପାଳ ପୋମା ଟୁଡୁ କଥା ହୋଇଥିଲେ। ମୃତଦେହକୁ ନୟାଗଡ ପଠାଇବା ପାଇଁ ଅନୁରୋଧ କରିଛନ୍ତି। ଏହା ଜଣାପଡିବା ପରେ ସଚ୍ଚିଦାନନ୍ଦଙ୍କ ଘରେ ଚୁଲି ଜଳୁନି।

### ଗ୍ରାମବାସୀ ଭିକ୍ଷା କରି ରିଲିଫ୍ ପାଣ୍ଠିକୁ ଦେଲେ ୧୧ ହଜାର

**ଭାପୁର,୧୪।୪(ଡି.ଏନ.ଏ.):** କରୋନା ରୋକିବା ପାଇଁ ଲକ୍‌ଡାଉନ ଜାରି ହୋଇଥିବାରୁ ଦେଶ ଓ ରାଜ୍ୟର ଆର୍ଥିକ ମେରୁଦଣ୍ଡ ଦୋହଲି ଯାଇଛି। ଏପରିସ୍ଥିତିରେ ଭାପୁର ବ୍ଲକ ବାଇଗୁଣିଆଁ ଗ୍ରାମବାସୀ ଭିକ୍ଷାକରି ମୁଖ୍ୟମନ୍ତ୍ରୀଙ୍କ ରିଲିଫ୍ ପାଣ୍ଠିକୁ ୧୧,୬୦୦ ଟଙ୍କା ଦାନ କରିଛନ୍ତି। ଗ୍ରାମର ଶିକ୍ଷକ କାର୍ତ୍ତିକ ଚନ୍ଦ୍ର ଦଲେଇ, ଉଦୟନାଥ ଲେଙ୍କା, ଦିଲୀପ ମଲ୍ଲିକ ଓ ଯୋଗୀନାଥ ମହାରଣାଙ୍କ ନେତୃତ୍ୱରେ ଯୁବକମାନେ ସମସ୍ତ ନିୟମ ପାଳନ କରି ସାହି ସାହି ବୁଲି ଲୋକଙ୍କୁ ସଚେତନ କରିବା ସହ କରୋନା ମୁକାବିଲା ପାଇଁ ଦାନ କରିବାକୁ କହିଥିଲେ। ସ୍ୱେଚ୍ଛାରେ ଯିଏ ଯାହା ଦେଲେ ସେମାନେ ତାହା ଗ୍ରହଣ କରିଥିଲେ। ଶେଷରେ ଆଦାୟ ହୋଇଥିବା ଟଙ୍କା ମୁଖ୍ୟମନ୍ତ୍ରୀଙ୍କ ରିଲିଫ୍ ପାଣ୍ଠି ଉଦ୍ଦେଶ୍ୟରେ ଭାପୁର ତହସିଲଦାର ସୁନିତା ଜେନାଙ୍କୁ ଦାନ କରିଥିଲେ।

# ପରିବହନ ଗାଡ଼ି ସାଜିଛି ଯାତ୍ରୀବାହୀ

**ଯାଜପୁର ଅଫିସ,୧୪।୪**

କରୋନା ଭାଇରସ ଯୋଗୁ ସାରା ରାଜ୍ୟ ଲକଡାଉନ ହୋଇଥିବାବେଳେ ସମସ୍ତ ଟ୍ରେନ ଓ ଯାତ୍ରୀବାହୀ ବସ ଚଳାଚଳକୁ ମାର୍ଚ୍ଚ ୨୪ରୁ କଟକଣା କରାଯାଇଛି। ତେବେ ରାଜ୍ୟବାସୀଙ୍କ ଖାଦ୍ୟ ଚାହିଦା ପୂରଣ ପାଇଁ ପରିବହନ ଗାଡି ଚଳାଚଳକୁ ଅନୁମତି ଦିଆଯାଇଛି। କିନ୍ତୁ ବାହାର ରାଜ୍ୟରେ ଫସିଥିବା ଶତାଧିକ ଶ୍ରମିକ ଏହି ପରିବହନ ଗାଡିକୁ ଏବେ ଯାତ୍ରୀବାହୀ ଗାଡ଼ିଭାବେ ପରିଣତ କରିଦେଇଛନ୍ତି ବୋଲି ମତପ୍ରକାଶ ପାଇଛି। ପରିବହନ କରୁଥିବା ଗାଡି ଡ୍ରାଇଭରଙ୍କୁ ଅଧିକ ଟଙ୍କା ଦେଇ ଓଡ଼ିଶାକୁ ଆସିଥିବା ଯାଜପୁର ଜିଲାର ଦ୍ୱିତୀୟ କରୋନା ଆକ୍ରାନ୍ତ ଘଟଣାରୁ ଏହା ସ୍ପଷ୍ଟ ହେଉଛି। ଏଭଳିସ୍ଥିତିରେ ରାଜ୍ୟ ସୀମା ସିଲ ଉପରେ ସାଧାରଣରେ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି।

ଲକଡାଉନ ଯୋଗୁ ସାରା ଦେଶରେ ଲକ୍ଷଲକ୍ଷ ପ୍ରବାସୀ ଶ୍ରମିକ ବିଭିନ୍ନ ସ୍ଥାନରେ ଅଟକ ରହିଛନ୍ତି। ଓଡିଶା ସରକାରଙ୍କ ଆକଳନ ଅନୁସାରେ ଅନ୍ୟ ରାଜ୍ୟର ପ୍ରାୟ ୭୦ହଜାର ଶ୍ରମିକ ଓଡ଼ିଶାରେ ଅଟକି ରହିଛନ୍ତି। କଳିଙ୍ଗନଗର ଶିଳ୍ପାଞ୍ଚଳର ବିଭିନ୍ନ କାରଖାନା ସମେତ ଖଣି, ଇଟାଭାଟି, ଛୋଟଛୋଟ ମିଲ ଆଦି ସ୍ଥାନରେ ବହୁ ଅସ୍ଥାୟୀ ଶ୍ରମିକ ରହିଛନ୍ତି। ଫଳରେ ଓଡ଼ିଶା ସମେତ ବାହାର ରାଜ୍ୟ ସରକାର ପ୍ରବାସୀ ଶ୍ରମିକଙ୍କୁ ଦୁଇ ବେଳା ଖାଇବା ଓ ରହିବାର ସର୍ବନିମ୍ନ ବନ୍ଦୋବସ୍ତ କରିଥିବା କହୁଥିବାବେଳେ ବାସ୍ତବ ସ୍ଥିତି କିନ୍ତୁ ଭିନ୍ନ। ବିଭିନ୍ନ ସ୍ଥାନରେ ନିଯୁକ୍ତ ନୋଡାଲ ଅଫିସର ବା ପଞ୍ଚାୟତ କାର୍ଯ୍ୟକର୍ତ୍ତାଙ୍କୁ ପ୍ରବାସୀ ଶ୍ରମିକଙ୍କ ଖାଇବା ଓ ରହିବା ବନ୍ଦୋବସ୍ତ କରିବାକୁ ଦାୟିତ୍ୱ ଦିଆଯାଇଛି। ସେମାନେ ଦୁଇତିନି ଦିନ ବନ୍ଦୋବସ୍ତ କରିବା ପରେ ଶ୍ରମିକଙ୍କ କଥା ଭଲଭାବେ ବୁଝୁନାହାନ୍ତି ବୋଲି ବିଭିନ୍ନ ଶ୍ରମିକ ସଂଗଠନ ପକ୍ଷରୁ ଅଭିଯୋଗ ହୋଇଛି। ପରିଣାମତଃ ଶ୍ରମିକମାନେ ଭୋକ ଉପାସରେ କାଳ କାଟୁଥିବାବେଳେ ଅନ୍ୟପକ୍ଷରେ ସେମାନଙ୍କ ପରିବାର ଓ ପ୍ରିୟଜନଙ୍କଠାରୁ ଦୂରରେ ରହି ତୀବ୍ର ମାନସିକ ଯନ୍ତ୍ରଣାରେ କାଳାତିପାତ କରୁଛନ୍ତି। ଏଥିଯୋଗୁ ଯେନତେନ ପ୍ରକାରେ ଶ୍ରମିକମାନେ ଘରକୁ ଫେରିବାକୁ ବାଟ ଖୋଜୁଛନ୍ତି। ଏହିକ୍ରମରେ ପରିବହନ ଗାଡ଼ି ହିଁ ସେମାନଙ୍କ ପାଇଁ ଏକମାତ୍ର ଉପାୟ ହୋଇଛି। ଲକଡାଉନ ଚାଲିଥିବା ସମୟରେ ମାର୍ଚ୍ଚ ୨୮ରେ କୋଲକୋତାର ବାବୁଘାଟରୁ ପାଖାପାଖି ୨୦ଜଣ ଶ୍ରମିକ ଏକ ମାଛ ଗାଡ଼ିରେ ଓଡ଼ିଶା ଆସି ଯାଜପୁର, ଭଦ୍ରକ ଜିଲାରେ ପହଞ୍ଚିଛନ୍ତି। ସେମାନଙ୍କ ମଧ୍ୟରୁ ମଙ୍ଗଳବାର ଜଣେ ବ୍ୟକ୍ତିଙ୍କର କରୋନା ପଜିଟିଭ ବାହାରିଛି। ଏହାବ୍ୟତୀତ ଆଳୁ, ପିଆଜ, କଦଳି, ଡାଲି, ମାଛ ଆଦି ଅତ୍ୟାବଶ୍ୟକ ସାମଗ୍ରୀ ଆସୁଥିବା ଗାଡିଗୁଡ଼ିକରେ ଜଣକା ୧୫୦୦ରୁ ୨୦୦୦ ଟଙ୍କା ଲେଖାଏଁ ଦେଇ ଓଡିଶାକୁ ଆସୁଥିବା ଜଣାପଡିଛି। ଯେଉଁ ଗାଡିରେ ପରିବହନ ହେଉଛି ତାହା ଏଠାରେ ଖାଲି ହେବା ପରେ ଏଠାରୁ ମଧ୍ୟ ଶ୍ରମିକମାନେ ବାହାର ରାଜ୍ୟକୁ ଯାଉଥିବା ସନ୍ଦେହ କରାଯାଉଛି। ଏଭଳିସ୍ଥିତିରେ ରାଜ୍ୟ ପୋଲିସ ପକ୍ଷରୁ ଜାତୀୟ ରାଜପଥ କିମ୍ବା ରାଜ୍ୟର ସୀମା ସିଲ କିପରି ଭାବେ ହେଉଛି ତାହା ସହଜେ ଅନୁମେୟ। ଏ ସଂକ୍ରାନ୍ତରେ ଯାଜପୁର ଏସ୍‌ପି ଚରଣସିଂ ମୀନାଙ୍କୁ ପଚାରିବାରୁ, ସମସ୍ତ ଚେକିଂ ପୋଷ୍ଟଗୁଡିକରେ ଯାଞ୍ଚ କଡାକଡି କରାଯାଉଛି ବୋଲି କହିଛନ୍ତି।



ସୀମାରେ ପୋଲିସ ଯାଞ୍ଚ କରୁଛନ୍ତି।

- ରାଜ୍ୟ ସୀମା ସିଲ୍‌କୁ ନେଇ ପ୍ରଶ୍ନବାଚୀ
- ପରିବହନ ଗାଡିରେ ଆସିଥିଲେ ଯାଜପୁରର ଦ୍ୱିତୀୟ କରୋନା ପଜିଟିଭ
- ପୂର୍ବରୁ ଆସିଛନ୍ତି ହଜାର ହଜାର ବହିରାଗତ

## ଠିକ୍ ସମୟରେ ଆସିଲାନି ଆମ୍ବୁଲାନ୍ସ

# ଟ୍ରଲିରେ ନେଲେ ଡାକ୍ତରଖାନା, ରୋଗୀଙ୍କ ମୃତ୍ୟୁ

**ଯାଜପୁର ଟାଉନ,୧୪।୪(ଡି.ଏନ.ଏ)**

ଫୋନ କରିବା ପରେ ବି ଆମ୍ବୁଲାନ୍ସ ଆସିଲାନି। ଫଳରେ ବାଧ ହୋଇ ରୋଗୀକୁ ଟ୍ରଲିରେ ନେଉଥିବାବେଳେ ବାଟରେ ରୋଗୀଙ୍କର ମୃତ୍ୟୁ ଘଟିଛି। ଏଭଳି ଘଟଣା ଯାଜପୁର ଜିଲା ଯାଜପୁର ସଦର ଥାନା ବଡ଼ ତ୍ରିଲୋଚନପୁର ଗାଁରେ ଦେଖିବାକୁ ମିଳିଛି। ଏହି ଗ୍ରାମର ମଲି ମାଝି (୪୨) ନାମକ ଜଣେ ମହିଳାଙ୍କ ଦେହ ଅସୁସ୍ଥ ହେବାରୁ ତାଙ୍କ ସମ୍ପର୍କୀୟ ମହିଳାଙ୍କୁ ଯାଜପୁର ଟାଉନ ଡାକ୍ତରଖାନା ନେବା ପାଇଁ ୧୦୮ ନମ୍ବରକୁ ଯୋଗାଯୋଗ କରିଥିଲେ। କିନ୍ତୁ ଆମ୍ବୁଲାନ୍ସ ଠିକ୍ ସମୟରେ ନ ଆସିବାରୁ ବାଧ ହୋଇ ସମ୍ପର୍କୀୟ ଜଣକ ତାଙ୍କୁ ଟ୍ରଲିରେ ଯାଜପୁର ଟାଉନ ମୁଖ୍ୟ ଡାକ୍ତରଖାନାକୁ ନେଉଥିବାବେଳେ ବାଟରେ ଆମ୍ବୁଲାନ୍ସ ପହଞ୍ଚି ମହିଳାଙ୍କୁ ନେଇ ଡାକ୍ତରଖାନାରେ ଭର୍ତ୍ତି କରିଥିଲେ। ମାତ୍ର ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ଆମ୍ବୁଲାନ୍ସ ଠିକ ସମୟରେ ନ ଆସିବାରୁ ରୋଗୀଙ୍କ ମୃତ୍ୟୁ ହୋଇଥିବା ସମ୍ପର୍କୀୟ ଅଭିଯୋଗ କରିଛନ୍ତି। ଏହି ଘଟଣାର ତଦନ୍ତ କରିବାକୁ ସାଧାରଣରେ ଦାବି ହୋଇଛି। ଏ ସମ୍ପର୍କରେ ମୁଖ୍ୟ ଚିକିତ୍ସାଧିକାରୀ ସୁଧାଂଶୁ ଶେଖର ବଳ ଫୋନ ନ ଉଠାଇବାରୁ ତାଙ୍କ ମତାମତ ମିଳିପାରି ନାହିଁ।



ରୋଗୀଙ୍କୁ ସମ୍ପର୍କୀୟମାନେ ଟ୍ରଲିରେ ନେଉଛନ୍ତି।

## ଚିକିତ୍ସାଧୀନ ପୁଅକୁ ଭେଟିବା ପାଇଁ ବ୍ୟାକୁଳ

# ୧୦ଦିନ ଚାଲିଲେ ବିଧବା ମା', ଭଉଣୀ

**ରସୁଲପୁର,୧୪।୪(ଡିଏନଏ)**

କରୋନା କେଉଁଠି ଅନେକ ଦିନପରେ ମା ପୁଅକୁ ଏକାଠି କରିବାର ସୁଯୋଗ ସୃଷ୍ଟି କରିଛି ତ ଆଉ କାହାକୁ ପରିବାର ଲୋକଙ୍କଠାରୁ ଅଲଗା କରିଦେଇଛି। ପୁଣି କିଏ କରୋନା ବ୍ୟାପିବା ଭୟରେ ରକ୍ତକୁ ନିଜଠାରୁ ଅଲଗା କରିବାକୁ ବାଧ ହୋଇଛି। ଏଭଳି ସ୍ଥିତିରେ କଟକ ବଡ଼ ଡାକ୍ତରଖାନାରେ ଚିକିତ୍ସାଧୀନ ପୁଅକୁ ଭେଟିବା ପାଇଁ ସୁନ୍ଦରଗଡ଼ରୁ ୭ ବର୍ଷର କୁନି ଝିଅକୁ ଧରି ୧୦ ଦିନ ଧରି ଚାଲିଛନ୍ତି ବିଧବା ମା' ଅଞ୍ଜଳି କର। ଏଭଳି ଦୃଶ୍ୟ ସାମ୍ନାକୁ ଆସିବା ପରେ ତାଙ୍କୁ ସହାୟତାର ହାତ ବଢ଼ାଇଛନ୍ତି ସାମାଜିକ କର୍ମୀ ହିମାଂଶୁ ଶେଖର ସାହୁ। ହିମାଂଶୁ ଧର୍ମଶାଳା ଥାନାଧିକାରୀ ଓ ଧର୍ମଶାଳା ତହସିଲଦାରଙ୍କୁ ଯୋଗାଯୋଗ କରି ପାସ ସଂଗ୍ରହ କରିବା ପରେ ଉଭୟ ମା ଓ ଝିଅକୁ ନେଇ କଟକ ବଡ଼ ଡାକ୍ତରଖାନା ଅଭିମୂଖେ ଯାତ୍ରା କରିଥିଲେ। ସେଠାରେ ମଙ୍ଗଳାବାଗ ଥାନାରେ ମା ଓ ଝିଅକୁ ଜିମା ଦେଇ ଫେରି ଆସିଥିଲେ।

ପ୍ରକାଶ ଯେ, ସୁନ୍ଦରଗଡ ଜିଲା ଟେନସା ଅଞ୍ଚଳରେ ଏକ ସର୍କସ ପାର୍ଟିରେ କାମ କରୁଥିବା ଅମିତ କରଙ୍କ ଅକାଳ ବିୟୋଗ ପରେ ସ୍ତ୍ରୀ ଅଞ୍ଜଳି କୋଇଡା ଅଞ୍ଚଳକୁ ପଳାଇ ଆସି ସେଠାରେ ଏକ ଚା ଦୋକାନ କରି ପୁଅ ଓ ଝିଅ ଦୁହିଁଙ୍କ ପ୍ରତିପୋଷଣ କରୁଥିଲେ। ହେଲେ ପୁଅ ସୁନୀଲ (୧୫) ୨ବର୍ଷ ହେବ କେନ୍ଦୁଝର ଅଞ୍ଚଳରେ ରହି ଏକ ମୀନାବଜାରରେ କାମ କରୁଥିଲେ। ୧୦ଦିନ ତଳେ ସୁନୀଲ ଏକ ସଡ଼କ ଦୁର୍ଘଟଣାରେ ଗୁରୁତର ହୋଇଥିଲେ। ତାଙ୍କୁ କେନ୍ଦୁଝର ଜିଲା ମୁଖ୍ୟ ଡାକ୍ତରଖାନାରେ ଚିକିତ୍ସିତ କରାଯାଉଛି ବୋଲି ଖବର ପାଇଥିଲେ। ଏହାଜାଣି ମା' ପୁଅଙ୍କୁ ଦେଖା କରିବା ପାଇଁ କେନ୍ଦୁଝର ଅଭିମୁଖେ ଯାତ୍ରା କରିଥିଲେ। ଚାରିଆଡ଼େ ଲକଡାଉନ ଥିବାରୁ ସେ ଝିଅକୁ ଧରି ଚାଲିବା ଆରମ୍ଭ କରିଥିଲେ। ୩ଦିନ ପରେ ସେ କେନ୍ଦୁଝରରେ ପହଞ୍ଚି ଥିଲେ। ସେଠାରୁ ପୁଅ କଟକ ବଡ଼ ଡାକ୍ତରଖାନାକୁ ସ୍ଥାନାନ୍ତର ହୋଇଯାଇଛି ବୋଲି ଜାଣିବାକୁ ପାଇ ପୁଣି ସେଠାରୁ ଚାଲିଚାଲି ଆସି ବାରବାଟୀରେ ପହଞ୍ଚିଥିଲେ। ସେଠାରେ ତାଙ୍କୁ ସାମାଜିକ କର୍ମୀ ସାହୁ ଦେଖି ସହାୟତା ପାଇଁ ଆଗେଇ ଆସିଥିଲେ। ତେବେ ଇତି ମଧ୍ୟରେ ସେ ୧୦ ଦିନ ଚାଲି ସାରିଲେଣି ବୋଲି ତାଙ୍କ ବୟାନରୁ ଜଣାପଡିଛି। ସେ ପ୍ରତ୍ୟେହ ରାସ୍ତାକଡ଼ରେ ରାତ୍ରିଯାପନ କରନ୍ତି ଏବଂ ବାଟରେ ଯାହା କିଛି ଖାଇବାକୁ ମିଳେ ତାକୁ ଖାଇ ମା, ଝିଅ ବଞ୍ଚିଛନ୍ତି। ତାଙ୍କୁ ଅନେକ ଲୋକ ଖାଇବାକୁ ଦେଇଥିଲେ ହେଁ କେହି ତାଙ୍କୁ ତାଙ୍କ ପୁଅ ନିକଟରେ ପହଞ୍ଚାଇବାକୁ ବ୍ୟବସ୍ଥା କରି ନ ଥିଲେ ବୋଲି କହିଛନ୍ତି।



ସାମାଜିକ କର୍ମୀ ମା, ଭଉଣୀଙ୍କୁ ସହାୟତା କରୁଛନ୍ତି।

**ସହାୟ ହେଲେ ସାମାଜିକ କର୍ମୀ**

# କାର୍ଯ୍ୟକ୍ଷମ ହେଲା କେନ୍ଦ୍ରାପଡ଼ା କୋଭିଡ୍-୧୯ ହସ୍ପିଟାଲ

**ଡେରାବିଶ, ୧୪।୪ (ସ୍ୱ.ପ୍ର.)**

କରୋନା ସଂକ୍ରମିତଙ୍କୁ ସହଜ ଓ ସୁବିଧାରେ ଉପଯୁକ୍ତ ସେବା ଯୋଗାଇଦେବା ସକାଶେ ରାଜ୍ୟର କେତେକ ସ୍ଥାନରେ ରାଜ୍ୟ ସରକାର ଅସ୍ଥାୟୀ କୋଭିଡ୍-୧୯ ହସ୍ପିଟାଲ ସ୍ଥାପନ କରିଛନ୍ତି। ଏହି କ୍ରମରେ କେନ୍ଦ୍ରାପଡ଼ା ଜିଲା ଡେରାବିଶ ବ୍ଲକର ଛତାସ୍ଥିତ କେନ୍ଦ୍ରାପଡ଼ା ପଲିଟେକ୍‌ନିକ୍ କଲେଜ ପରିସରରେ ଏକ ଅସ୍ଥାୟୀ କୋଭିଡ୍-୧୯ ହସ୍ପିଟାଲ ଖୋଲାଯାଇଛି। ଜିଲା ପ୍ରଶାସନ ଓ ଭୁବନେଶ୍ୱରସ୍ଥିତ ସମ୍ ହସପିଟାଲ୍ ମିଳିତ ସହଯୋଗରେ ଖୋଲିଥିବା ଉକ୍ତ ହସ୍ପିଟାଲ ସୋମବାର ଜିଲାପାଳ ସମର୍ଥ ବର୍ମା ଓ ବିଭିନ୍ନ ବିଭାଗର ଉଚ୍ଚ ପଦାଧିକାରୀ ଓ ସମ୍ ହସ୍ପିଟାଲ୍ ଡାକ୍ତରଙ୍କ ଉପସ୍ଥିତିରେ କାର୍ଯ୍ୟକ୍ଷମ ହୋଇଛି। ଉକ୍ତ ହସ୍ପିଟାଲରେ କରୋନା ରୋଗୀଙ୍କ ଚିକିତ୍ସା ପାଇଁ ଅତ୍ୟାଧୁନିକ ଯନ୍ତ୍ରପାତି ରଖାଯାଇଥିବା ବେଳେ ଅଭିଜ୍ଞ ଡାକ୍ତର ଓ ନର୍ସମାନଙ୍କୁ ସଜାଗ ରଖାଯାଇଛି। ଏଠାରେ ୧୧୦ ଶଯ୍ୟା ରଖାଯାଇଥିବା ବେଳେ ୧୦ଟି ଆଇସିୟୁ ବେଡ୍ ବ୍ୟବସ୍ଥା କରାଯାଇଛି। ଏହାସହିତ ୫ ଭେଣ୍ଟିଲେଟରର ସୁବିଧା ଯୋଗାଇ ଦିଆଯାଇଛି। ଏତଦ୍‌ବ୍ୟତୀତ ଇକୋ ମେଶିନ୍, ଅଲଟ୍ରାସାଉଣ୍ଡ, ମନିଟରର ବ୍ୟବସ୍ଥା କରାଯାଇଛି। କୋଭିଡ୍-୧୯ର ପରୀକ୍ଷା ପାଇଁ ଅତ୍ୟାଧୁନିକ ପରୀକ୍ଷାଗାର ମଧ୍ୟ ପ୍ରସ୍ତୁତ ରଖାଯାଇଛି। ଏଣିକି ଜିଲାରେ କେହି କରୋନା ସଂକ୍ରମିତ ହେଲେ ଉକ୍ତ ମେଡିକାଲରେ ଚିକିତ୍ସିତ ହୋଇପାରିବେ। ଏହାର ଅନତି ଦୂରରେ ଅନ୍ୟ ଏକ ବିଲ୍ଡିଂରେ ୨୬୦ ଶଯ୍ୟା ବିଶିଷ୍ଟ କ୍ୱାରାଣ୍ଟାଇନ୍ ଓ ଆଇସୋଲେଶନ୍ ସେଣ୍ଟର ଖୋଲାଯାଇଛି। ଏଥିରେ ଡେରାବିଶ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରର ଷ୍ଟାଫଙ୍କ ସହିତ ବାହାରୁ ଆସିଥିବା ଡାକ୍ତର ଓ ନର୍ସମାନଙ୍କୁ ନିୟୋଜିତ କରାଯାଇଛି। ସୂଚନାଯୋଗ୍ୟ, ଲକ୍‌ଡାଉନ୍ ପରେ କେନ୍ଦ୍ରାପଡ଼ା ଜିଲାରୁ ୨ କରୋନା ପଜିଟିଭ୍ ଚିହ୍ନଟ କରାଯାଇଛି।




# ଯାଜପୁରର ଦ୍ୱିତୀୟ କରୋନା ଆକ୍ରାନ୍ତଙ୍କ ସଂସ୍ପର୍ଶରେ ବିଞ୍ଝାରପୁରର ୩ଜଣ

**ବିଞ୍ଝାରପୁର,୧୪।୪(ଡି.ଏନ.ଏ.)**

**ପଞ୍ଚାୟତ ଆଇସୋଲେଶନରେ ରଖିଲା ପ୍ରଶାସନ**

ଯାଜପୁର ଜିଲାର ଦ୍ୱିତୀୟ କରୋନା ପଜିଟିଭଙ୍କ ସଂସ୍ପର୍ଶରେ ବିଞ୍ଝାରପୁର ବ୍ଲକରୁ ୩ଜଣ ଆସିଥିବା ଜଣାଯାଇଛି। ପ୍ରଶାସନ ତରଫରୁ ସେମାନଙ୍କୁ ଚିହ୍ନଟ କରାଯାଇ ପଞ୍ଚାୟତସ୍ତରୀୟ ଆଇସୋଲେଶନରେ ରଖାଯାଇଥିବା ଜଣାପଡିଛି। ପ୍ରକାଶ ଯେ, ଯାଜପୁର ଜିଲାର ଦ୍ୱିତୀୟ କରୋନା ଆକ୍ରାନ୍ତଙ୍କ ସାଙ୍ଗରେ ବିଞ୍ଝାରପୁର ବ୍ଲକର କଲ୍ୟାଣପୁର ପଞ୍ଚାୟତ କାହ୍ନପୁର ଗ୍ରାମର ଜଣେ ଲୋକ ଓ ପ୍ରୀତିପୁର ପଞ୍ଚାୟତ ସାନ୍ତିପଡା ଗ୍ରାମର ବାପ-ପୁଅ ୨ଜଣ କୋଲକତାରୁ ଯାଜପୁର ଜିଲାର ଷଠିପୁର ପର୍ଯ୍ୟନ୍ତ ଏକ ଟାଟା ମ୍ୟାଜିକ ଗାଡ଼ିରେ ଗତ ମାର୍ଚ୍ଚ ୨୮ରେ ଆସିଥିଲେ। ଖବର ପାଇ ବିଞ୍ଝାରପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରୁ ଡାକ୍ତରୀ ଦଳ ଶାନ୍ତିପଡ଼ା ଓ କାହ୍ନୁପୁର ଗ୍ରାମରେ ପହଞ୍ଚି ଉକ୍ତ ୩ଜଣଙ୍କୁ ଭେଟି ପଚରାଉଚରା କରିବା ସହ ସେମାନଙ୍କ ସ୍ୱାସ୍ଥ୍ୟ ପରୀକ୍ଷା କରି ଫେରିଛି। ବୁଧବାର ସେମାନଙ୍କ ସ୍ୱାବ ନମୁନା ସଂଗ୍ରହ କରାଯାଇ ପରୀକ୍ଷା ନିମନ୍ତେ ପଠାଯିବ ବୋଲି ଡାକ୍ତର କ୍ଷୀତିଶ ନାୟକ ସୂଚନା ଦେଇଛନ୍ତି।

# ପାରାଦୀପ ବନ୍ଦରରେ କାର୍ଯ୍ୟ କରିବେ ୪୦% କର୍ମଚାରୀ

**ଜଗତ୍‌ସିଂହପୁର ଅଫିସ,୧୪।୪**

**ଜିଲାପାଳଙ୍କ କରୋନା ଭୂତାଣୁଜନିତ ସ୍ଥିତି ସମୀକ୍ଷା**

- ତୈଳ ବିଶୋଧନାଗାରରେ ବି କାର୍ଯ୍ୟ କରିବେ ସମାନ କର୍ମଚାରୀ
- ୨/୩ ଦିନ ଭିତରେ ଖୋଲିବ କୋଭିଡ୍ ସ୍ୱାସ୍ଥ୍ୟକେନ୍ଦ୍ର

ପାରାଦୀପ ବନ୍ଦର ଓ ତୈଳ ବିଶୋଧନାଗାର କାର୍ଯ୍ୟ ଚାଲୁ ରହିବ। ଏଥିରେ ୪୦% କର୍ମଚାରୀ କାର୍ଯ୍ୟ କରିବେ। ମଙ୍ଗଳବାର ପୂର୍ବାହ୍ନରେ ଜିଲାପାଳ ସଂଗ୍ରାମ କେଶରୀ ମହାପାତ୍ର ଭିଡିଓ କନ୍‌ଫରେନ୍ସି ମାଧ୍ୟମରେ ଜିଲାରେ କରୋନା ଭୂତାଣୁଜନିତ ସ୍ଥିତି ସମୀକ୍ଷା ସମୟରେ ଏହି ଅନୁମତି ଦେଇଛନ୍ତି। ଜିଲାପାଳ କହିଛନ୍ତି, କର୍ମଚାରୀ ମାସ୍କ ପିନ୍ଧିବା ସହିତ ସାମାଜିକ ଦୂରତା ବଜାୟ ରଖିବେ। ସେମାନଙ୍କ ସ୍ୱାସ୍ଥ୍ୟ ପରୀକ୍ଷା ନିୟମିତ ଭିତ୍ତିରେ କରିବା କ୍ଷେତ୍ରରେ ସଂପୃକ୍ତ କର୍ତ୍ତୃପକ୍ଷ ଦୃଷ୍ଟି ଦେବେ। କୁଜଙ୍ଗ ତହସିଲଦାର ଓ ଅତିରିକ୍ତ ତହସିଲଦାର ଏହି ଶିଳ୍ପ ସଂସ୍ଥାକୁ ତଦାରଖ କରିବେ। ପାରାଦୀପ ଅତିରିକ୍ତ ଜିଲାପାଳ ଓ ଅତିରିକ୍ତ ଆରକ୍ଷୀ ଅଧୀକ୍ଷକଙ୍କ ତତ୍ତ୍ୱାବଧାନରେ ସମସ୍ତ କାର୍ଯ୍ୟ ତଦାରଖ ହେବ। ସମସ୍ତ ଶିଳ୍ପ ସଂସ୍ଥା ଥର୍ମାଲ ସ୍କାନର ରଖିବେ। ଭାରତୀୟ ତୈଳ ନିଗମ ହସ୍ପିଟାଲରେ କେବଳ କୋଭିଡ୍ ସନ୍ଦିଗ୍ଧ ଚିକିତ୍ସିତ ହେବେ। ପାରାଦୀପର ବିଜୁ ଯାତ୍ରୀ ନିବାସରେ ୧୦୦ ଶଯ୍ୟା ବିଶିଷ୍ଟ ଉତ୍ସର୍ଗୀକୃତ କୋଭିଡ୍ ସ୍ୱାସ୍ଥ୍ୟକେନ୍ଦ୍ର ୧୩ ତାରିଖ ସୁଦ୍ଧା ଖୋଲିବାର ଥିଲା। କିନ୍ତୁ ଏହା କାର୍ଯ୍ୟକ୍ଷମ ହେବାକୁ ଆଉ ୨/୩ ଦିନ ଲାଗିଯିବ। ଏହାର ସୁରକ୍ଷା ସହ ମାନବ ସମ୍ବଳ ଓ ପାରାମେଡିକ୍ ଡାକ୍ତର ବ୍ୟବସ୍ଥା ଜିଲା ମୁଖ୍ୟ ଚିକିତ୍ସା ଅଧିକାରୀ କରିବାକୁ ନିର୍ଦ୍ଦେଶ ଦେଇଥିଲେ। ଏହା କାର୍ଯ୍ୟକ୍ଷମ ହେଲେ ଏଥିରେ କୋଭିଡ୍ ସନ୍ଦିଗ୍ଧ ଓ ରୋଗୀ ମାଗଣା ଚିକିତ୍ସା ସୁବିଧା ପାଇପାରିବେ। ଏହାର ସମସ୍ତ ଖର୍ଚ୍ଚ ପାରାଦୀପ ପୋର୍ଟ ଟ୍ରଷ୍ଟ ବହନ କରିବ। ସେହିପରି ଏହି ସମୀକ୍ଷାରେ ଅନ୍ୟ ପ୍ରସଙ୍ଗ ଉପରେ ଆଲୋଚନା ହୋଇଥିଲା।

ଜିଲାର ୧,୩୮,୮୯୭ ଖାଦ୍ୟ ସୁରକ୍ଷା ହିତାଧିକାରୀଙ୍କୁ ଚାଉଳ/ଗହମ ବଣ୍ଟନ କରାଯାଇଛି। ୧,୬୮,୧୯୦ ଖାଦ୍ୟ ସୁରକ୍ଷା ହିତାଧିକାରୀ ପରିବାରକୁ ୧ ହଜାର ଟଙ୍କା ଲେଖାଏ ବଣ୍ଟନ କରାଯାଇଛି। ଜିଲାର ସମସ୍ତ ଜାତୀୟ ଖାଦ୍ୟ ସୁରକ୍ଷା ହିତାଧିକାରୀ, ଅନ୍ତ୍ୟୋଦୟ ଅନ୍ନ ଯୋଜନା ଓ ରାଜ୍ୟ ଖାଦ୍ୟ ସୁରକ୍ଷା ହିତାଧିକାରୀଙ୍କୁ ଅତିରିକ୍ତ ମୁଣ୍ଡ ପିଛା ୫ କିଲୋ ଚାଉଳ ଓ ପ୍ରତି ପରିବାରକୁ ୧ କିଲୋ ହିସାବରେ ଡାଲି ଦିଆଯିବା ପାଇଁ ନିଷ୍ପତ୍ତି ହୋଇଛି। ଆସନ୍ତା ୩ ମାସ ପାଇଁ ଏହି ହିତାଧିକାରୀଙ୍କୁ ଚାଉଳ, ଡାଲି ଦିଆଯିବ। ଏଥର ରାଜ୍ୟ ଖାଦ୍ୟ ସୁରକ୍ଷା ଯୋଜନାରେ ଜିଲାରେ ୯,୦୪୨ ନୂଆ ହିତାଧିକାରୀ ସଂଯୁକ୍ତ ହେବେ। ଜିଲାର ପ୍ରାଥମିକ ଓ ଉଚ୍ଚପ୍ରାଥମିକ ବିଦ୍ୟାଳୟ ଛାତ୍ରୀଛାତ୍ରଙ୍କ ମଧ୍ୟରୁ ୭୬,୦୫୯ ଜଣଙ୍କୁ ମଧ୍ୟାହ୍ନ ଭୋଜନ କୁପନ ଦିଆଯାଇଛି। ପାରାଦୀପ ଓ ଜଗତ୍‌ସିଂହପୁର ପୌରାଞ୍ଚଳରେ ୫୪୯ ପଞ୍ଜୀକୃତ ଉଠା ଦୋକାନୀଙ୍କୁ ପ୍ରତ୍ୟେକ ୩,୦୦୦ ଟଙ୍କା ଲେଖାଏ ବଣ୍ଟାଯାଇଛି। ଜିଲାରେ ୪୯୦ ନିର୍ମାଣ ଶ୍ରମିକଙ୍କୁ ମଙ୍ଗଳବାର ସୁଦ୍ଧା ୧,୫୦୦ ଟଙ୍କା ଲେଖାଏ ବଣ୍ଟନ କରାଯାଇଛି। ଜିଲାରେ ବାର୍ଦ୍ଧକ୍ୟ, ବିଧବା, ଭିନ୍ନକ୍ଷମ ଭତ୍ତା ଓ ମଧୁବାବୁ ପେନସନ୍ ଯୋଜନାରେ ୧,୩୨,୪୭୩ ହିତାଧିକାରୀଙ୍କୁ ୨୮,୬୬୯.୮୯ ଲକ୍ଷ ଟଙ୍କା ପ୍ରଦାନ କରାଯାଇଛି।

ଲକ୍‌ଡାଉନ୍ ଯୋଗୁ ଜିଲାର ସହସ୍ରାଧିକ ଲୋକ ବାହାରେ ରହିଯାଇଛନ୍ତି। ଏହା ଉଠିଲା ପରେ ସେମାନେ ଫେରିବେ। ଜିଲାର ଏରସମା, କୁଜଙ୍ଗ, ବାଲିକୁଦା ଓ ନାଉଗାଁ ବ୍ଲକ ଅଞ୍ଚଳରୁ ଫେରିବାକୁ ଥିବା ଏହି ସଂଖ୍ୟା ୪/୫ ହଜାର ହେବ। ସେମାନେ ଫେରିଲେ ଯେପରି ସ୍ୱାସ୍ଥ୍ୟ ପରୀକ୍ଷା କରିବେ ସେଥିପ୍ରତି ବିଡିଓମାନେ ଦାୟିତ୍ୱବାନ ହେବାକୁ ପରାମର୍ଶ ଦିଆଯାଇଛି। ଏହି ଭିଡିଓ କନ୍‌ଫରେନ୍ସରେ ଜଗତ୍‌ସିଂହପୁର ଅତିରିକ୍ତ ଜିଲାପାଳ ସଚ୍ଚିଦାନନ୍ଦ ସାହୁ, ପାରାଦୀପ ଅତିରିକ୍ତ ଜିଲାପାଳ କାହ୍ନୁ ଚରଣ ଧୀର, ଡିଆର୍‌ଡିଏ ପ୍ରକଳ୍ପ ନିର୍ଦ୍ଦେଶକ ସରୋଜକାନ୍ତ ମହାନ୍ତି, ସମସ୍ତ ବିଡିଓ, ତହସିଲଦାର, ଅତିରିକ୍ତ ତହସିଲଦାର, ଜଗତ୍‌ସିଂହପୁର ପୌର ପରିଷଦ ନିର୍ବାହୀ ଅଧିକାରୀ, ଜିଲା ଯୋଗାଣ ଅଧିକାରୀ, ଜିଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ଓ ଜିଲାପାଳଙ୍କ ଓଏସ୍‌ଡି ପ୍ରମୁଖ ଉପସ୍ଥିତ ଥିଲେ।

## ହୋମ କ୍ୱାରାଣ୍ଟାଇନରେ ଥିବା ଯୁବକଙ୍କ ଆତ୍ମହତ୍ୟା ଘଟଣା

# ୧୦ ଅଭିଯୁକ୍ତ କୋର୍ଟ ଚାଲାଣ

**ଧର୍ମଶାଳା,୧୪।୪(ଡିଏନଏ)–** ଧର୍ମଶାଳା ଥାନା ଦେଉଦା ଗ୍ରାମରେ କ୍ୱାରାଣ୍ଟାଇନରେ ଥିବା ଜଣେ ଯୁବକ ସୋମବାର ଆତ୍ମହତ୍ୟା କରିବା ଘଟଣାରେ ପୋଲିସ ମଙ୍ଗଳବାର ୧୦ଜଣଙ୍କୁ ଗିରଫ କରି କୋର୍ଟଚାଲାଣ କରିଛି। ସେମାନେ ହେଲେ ନିରଞ୍ଜନ ସାହୁ, ଲୋକନାଥ ସାହୁ, ଧନେଶ୍ୱର ବେହେରା, ତନେଶ୍ୱର ବେହେରା, ଅଭିନ୍ନ ବେହେରା, ବୁକୁନ ବେହେରା, ସୁଶାନ୍ତ ସାହୁ, ଦୋଳଗୋବିନ୍ଦ ସାହୁ, ଗୁଟୁ ବେହେରା ଓ ପପନ ବେହେରା। ଦେଓଦା ଗ୍ରାମର କହ୍ନେଇ ସାହୁଙ୍କ ପୁଅ ସୁରେଶ ଚେନ୍ନାଇର ଏକ ହୋଟେଲରେ କାମ କରୁଥିଲେ। ଗତ ମାସ ୧୮ତାରିଖରେ ଘରକୁ ଫେରି ହୋମ କ୍ୱାରାଣ୍ଟାଇନରେ ଥିଲେ। ସୋମବାର ତାଙ୍କ ମୃତଦେହ ନିକଟସ୍ଥ ଏକ ଗଛରୁ ଝୁଲନ୍ତା ଅବସ୍ଥାରେ ଉଦ୍ଧାର କରାଯାଇଥିଲା। ପରିବାର ଲୋକେ ଗ୍ରାମବାସୀଙ୍କୁ ଦାୟୀ କରିବା ସହ ତାଙ୍କୁ ହତ୍ୟା କରାଯାଇଥିବା ନେଇ ତାଙ୍କ ସ୍ତ୍ରୀ ରଞ୍ଜନା ଥାନାରେ ଅଭିଯୋଗ କରିଥିଲେ। ପୋଲିସ ଏକ ମାମଲା (ନଂ.୧୬୧/୨୦) ରୁଜୁ କରି ତଦନ୍ତ ଚଳାଇଥିଲା।

# ୨ କଲିକତା ଫେରନ୍ତା ହଟହଟା, ସରପଞ୍ଚଙ୍କୁ ଘେରିଲେ ଗ୍ରାମବାସୀ

**ବରୀ/ରତ୍ନଗିରି,୧୪।୪(ସ୍ୱ.ପ୍ର./ଡି.ଏନ.ଏ.):** ବରୀ ବ୍ଲକ ଚନ୍ଦନପୁର ପଞ୍ଚାୟତ ରାମପୁର ଗ୍ରାମର ଜିତେନ୍ଦ୍ର ବେହେରା ଓ ଶରତ ବେହେରା ମଙ୍ଗଳବାର କଲିକତାରୁ ଘରକୁ ଫେରି ହଟହଟା ହୋଇଛନ୍ତି। କାରଣ ବାହାରୁ ଫେରୁଥିବା ଲୋକଙ୍କୁ ହୋମ୍ କ୍ୱାରାଣ୍ଟାଇନରେ ରହିବାକୁ ସରକାରୀ ନିର୍ଦ୍ଦେଶ ରହିଛି। ନିଜର ଅଧିକ ଘର ନ ଥିବାରୁ ପରିବାର ଲୋକେ ତାଙ୍କୁ ଘରେ ରଖି ନ ଥିଲେ। ସ୍ଥାନୀୟ ସରପଞ୍ଚଙ୍କୁ ଉଭୟ ଭେଟି ରହିବା ବ୍ୟବସ୍ଥା କରିବାକୁ ନିବେଦନ କରିଥିଲେ। ସରପଞ୍ଚ ନ ବୁଝିବାରୁ ଗ୍ରାମରେ ଉତ୍ତେଜନା ପ୍ରକାଶ ପାଇଥିଲା। ପଞ୍ଚାୟତ ଅଫିସରେ ହୋଇଥିବା ଅସ୍ଥାୟୀ ସ୍ୱାସ୍ଥ୍ୟକେନ୍ଦ୍ରରେ ସେମାନଙ୍କୁ ରଖିବାକୁ ଗ୍ରାମବାସୀ ସରପଞ୍ଚ କେଦାର ସାମଲଙ୍କୁ କହିଥିଲେ। ହେଲେ ସେ ମନା କରିବାରୁ ଗ୍ରାମବାସୀ ତାଙ୍କୁ ଘେରି କାହିଁକି ରଖାଯିବନି ବୋଲି ପଶ୍ନ କରିଥିଲେ। ଖବର ପାଇ ତହସିଲଦାର ସରୋଜକାନ୍ତ ଜେନା, ଥାନା ଅଧିକାରୀ ମାର୍କଣ୍ଡ ମିଶ୍ର, ବରୀ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର କର୍ମଚାରୀ ପହଞ୍ଚି ଉଭୟଙ୍କ ସ୍ୱାସ୍ଥ୍ୟ ପରୀକ୍ଷା କରି ନିକଟସ୍ଥ ସ୍କୁଲରେ ରହିବାକୁ କହିଥିଲେ। ସେଠାରେ କେତେଜଣ ଲୋକ ଏହାକୁ ବିରୋଧ କରିଥିଲେ। ଅଧିକାରୀମାନେ ଗଲାପରେ ଅସ୍ଥାୟୀ ସ୍ୱାସ୍ଥ୍ୟକେନ୍ଦ୍ରରେ ରହିବାକୁ କେତେଜଣ ଲୋକ ଦାବି କରିଥିଲେ। ଏହାକୁ ମଧ୍ୟ ବିରୋଧ କରାଯାଇଥିଲା। ଏ ସଂକ୍ରାନ୍ତରେ ସରପଞ୍ଚ ସାମଲ ଅସ୍ଥାୟୀ ସ୍ୱାସ୍ଥ୍ୟକେନ୍ଦ୍ରରେ କରୋନା ପଜିଟିଭ ରହିପାରିବେ ବୋଲି କହିଥିଲେ। ବିଡିଓ ଶାଶ୍ୱତ ଜେନା ନିକଟସ୍ଥ ବିଦ୍ୟାଳୟରେ ସେମାନଙ୍କୁ ରଖିବା ପାଇଁ ସରପଞ୍ଚଙ୍କୁ ବ୍ୟବସ୍ଥା କରିବାକୁ କୁହାଯାଇଛି ବୋଲି କହିଥିଲେ।

## ୧୧୨୩ ଗାଡ଼ି ଜବତ, ମାସ୍କ ନ ପିନ୍ଧି ଦଣ୍ଡ ଗଣିଲେ ୩୦୧

ଭୁବନେଶ୍ୱର,୧୪।୪ (ବ୍ୟୁରୋ): ବାରମ୍ବାର ସଚେତନ କଲେ ମଧ ଲୋକେ ସୁଧୁରୁ ନାହାନ୍ତି। ମଙ୍ଗଳବାର ଟ୍ୱିନସିଟିର ବିଭିନ୍ନ ଥାନା ଅଞ୍ଚଳରେ ୧୧୨୩ ଚାଳକଙ୍କ ନିକଟରୁ ନିୟମ ଉଲ୍ଲଂଘନ ଅଭିଯୋଗରେ ବାଇକ ଓ କାର ଜବତ କରାଯିବା ସହ ୫ଶହରୁ ୨ ହଜାର ଟଙ୍କା ପର୍ଯ୍ୟନ୍ତ ଜରିମାନା ଆଦାୟ କରାଯାଇଛି। ସେହିପରି ମାସ୍କ ନ ପିନ୍ଧି ଖୁଲମଖୁଲା ବୁଲୁଥିବା ୩୦୧ ଉଲ୍ଲଂଘନକାରୀଙ୍କ ଠାରୁ ପୋଲିସ ୨ଶହରୁ ୫ଶହ ଟଙ୍କା ପର୍ଯ୍ୟନ୍ତ ଜରିମାନା ଆଦାୟ କରିଛି।

### ସଂକ୍ଷେପରେ

## ଚାଷୀଙ୍କ ଅସୁବିଧା ଦୂରକର: ମନ୍ତ୍ରୀ

ଭୁବନେଶ୍ୱର, ୧୪।୪(ବ୍ୟୁରୋ): କୃଷି କାର୍ଯ୍ୟକୁ ଲକ୍‌ଡାଉନ କଟକଣାରୁ କୋହଳ କରାଯାଇଛି। କୃଷି କ୍ଷେତ୍ରରେ କିପରି ସାମାଜିକ ଦୂରତା ବଜାୟ ରଖି ଅମଳ ପରିବହନ ଓ ବିକ୍ରି ବଟା କାର୍ଯ୍ୟ କରାଯିବ। ଏଥିପାଇଁ ବିସ୍ତୃତ ମାର୍ଗଦର୍ଶିକା ଜାରି କରାଯାଇଥିବା ବେଳେ ଏହାକୁ ତୃଣମୂଳସ୍ତରରେ ଠିକ୍‌ଭାବେ ଲାଗୁ କରାଯିବ ସେନେଇ କୃଷିମନ୍ତ୍ରୀ ଅରୁଣ କୁମାର ସାହୁ ଗୁରୁତ୍ୱ ଦେଇଛନ୍ତି। କୃଷି ଭବନଠାରେ ମଙ୍ଗଳବାର ଆୟୋଜିତ ଏକ ଭିଡିଓ କନ୍‌ଫରେନ୍ସିଂ ବୈଠକରେ ଅଧକ୍ଷତାକରି ଜିଲାରେ କୃଷିକ୍ଷେତ୍ରର ସାମ୍ପ୍ରତିକ ପରିସ୍ଥିତି ସମ୍ପର୍କରେ ମନ୍ତ୍ରୀ ସାହୁ ସମୀକ୍ଷା କରିଛନ୍ତି। ବୈଠକରେ ସବୁ ଜିଲାର ମୁଖ୍ୟ କୃଷି ଅଧିକାରୀ, ଉଦ୍ୟାନ କୃଷି ବିଭାଗ ଉପନିର୍ଦ୍ଦେଶକ ଏବଂ ଜଳ ବିଭାଜିକା ପ୍ରକଳ୍ପ ମିଶନ ନିର୍ଦ୍ଦେଶକମାନେ ଯୋଗ ଦେଇଛନ୍ତି। ଚାଷୀମାନେ ଉତ୍ପାଦିତ ଦ୍ରବ୍ୟର ଯେପରି ଉଚିତ ମୂଲ୍ୟ ପାଇପାରିବେ ସେଥିପ୍ରତି କୃଷି ଅଧିକାରୀମାନଙ୍କୁ ସ୍ୱତନ୍ତ୍ର ଧାନ ଦେବା ପାଇଁ ମନ୍ତ୍ରୀ ନିର୍ଦ୍ଦେଶ ଦେଇଛନ୍ତି। ପ୍ରତି ପଞ୍ଚାୟତରେ ଶହେରୁ ଦୁଇ ଶହ ଚାଷୀଙ୍କୁ ନେଇ ହ୍ୱାଟ୍‌ସଆପ୍ ଗ୍ରୁପ୍ ଗଠନ କରାଯିବ। ଚାଷୀଙ୍କ ଉତ୍ପାଦିତ ଦ୍ରବ୍ୟ ବିକ୍ରି ଲାଗି ନିୟନ୍ତ୍ରିତ ବଜାର କମିଟି ଏବଂ ହୋଲ୍‌ସେଲ ଓ ଖୁଚୁରା ବିକ୍ରେତାଙ୍କ ସହ ନିୟମିତ ସମ୍ପର୍କରେ ରହିବାକୁ କୃଷି ଅଧିକାରୀଙ୍କୁ ନିର୍ଦ୍ଦେଶ ଦିଆଯାଇଛି।

## କଢବରୁ ୫୦ ଗୋରୁ ଉଦ୍ଧାର

ଖୋର୍ଦ୍ଧା ଅଫିସ, ୧୪।୪(ଡି.ଏନ.ଏ): ବେଗୁନିଆ ଥାନା ଅନ୍ତର୍ଗତ କଢବ ଗ୍ରାମରେ ବନ୍ଧା ହୋଇଥିବା ୫୦ ଗୋରୁଙ୍କୁ ମଙ୍ଗଳବାର ରାତିରେ ପୋଲିସ ଉଦ୍ଧାର କରିଛି। ଗୋରୁଙ୍କୁ ପୋଲିସ ଟ୍ରକ୍‌ରେ ନେଇ ରାସ୍ତା କଡ଼ରେ ଛାଡି ଦେଇଥିବା ଜଣାପଡିଛି। ଉଦ୍ଧାର ଗୋରୁଙ୍କୁ କିଏ ନେଇଥିଲା ତାହା ପୋଲିସ ସ୍ପଷ୍ଟ କରିନାହିଁ। ଗୋରୁ ମାଫିଆମାନେ ଏହି ଅଞ୍ଚଳରୁ ଗୋରୁଙ୍କୁ ଏକାଠି କରି ବେଆଇନ ଭାବେ ଟ୍ରକ ଯୋଗେ ପଶ୍ଚିମବଙ୍ଗ, ବାଂଲାଦେଶ ପ୍ରଭୃତି ସ୍ଥାନରେ ନେଇ ବିକ୍ରି କରୁଥିବା ଜଣାପଡ଼ିଛି।

# ବିଗିଡ଼ିଲାଣି କର୍କଟ ରୋଗୀଙ୍କ ସ୍ଥିତି



ଅସମାପିକା ସାହୁ
ଭୁବନେଶ୍ୱର, ୧୪।୪(ବ୍ୟୁରୋ)

ମହାମାରୀ କରୋନା ଆତଙ୍କ ଥମିବାର ନାଁ ଧରୁନି। ଦିନକୁ ଦିନ ଆକ୍ରାନ୍ତଙ୍କ ସଂଖ୍ୟା ବଢ଼ି ଚାଲିଥିବାବେଳେ ଏହାର ମୁକାବିଲା ବଡ଼ ଚ୍ୟାଲେଞ୍ଜ ହୋଇଛି। ଏପରି ସ୍ଥଳେ ସରକାର, ସ୍ୱାସ୍ଥ୍ୟ ବିଭାଗଠାରୁ ଆରମ୍ଭ କରି ଡାକ୍ତର, ନର୍ସ ଓ ମେଡିକାଲ କର୍ମଚାରୀ ସମସ୍ତେ କରୋନା ଲଢ଼େଇରେ ସାମିଲ୍ ହୋଇଛନ୍ତି। ସ୍ୱତନ୍ତ୍ର ଚିକିତ୍ସା ପାଇଁ କୋଭିଡ୍-୧୯ ହସ୍ପିଟାଲ, କ୍ୱାରାଣ୍ଟାଇନ୍ ସେଣ୍ଟର, ଆଇସୋଲେଶନ ୱାର୍ଡ ଆଦି ଉପରେ ସବୁଠି ତତ୍ପରତା ପ୍ରକାଶ ପାଇଥିବାବେଳେ ଅନ୍ୟ ଚିକିତ୍ସା କ୍ଷେତ୍ର ଗୁରୁତର ପ୍ରଭାବିତ ହୋଇଛି। ବିଶେଷକରି ନିୟମିତ ତଥା ଜରୁରୀ ଚିକିତ୍ସା ଆବଶ୍ୟକ କରୁଥିବା କର୍କଟ ରୋଗୀଙ୍କ ସ୍ଥିତି ବିଗିଡିବାରେ ଲାଗିଛି। ଲକ୍‌ଡାଉନ୍ ପାଇଁ ସେମାନଙ୍କ ଜୀବନ ବିପଦାପନ୍ନ ହୋଇଛି। ଇତିମଧ୍ୟରେ ଲକ୍‌ଡାଉନ୍ ଅବଧି ମେ' ୩କୁ ବୃଦ୍ଧି କରାଯାଇଥିବାରୁ ସେମାନଙ୍କ ଚିନ୍ତା ବଢ଼ିଛି। ହସ୍ପିଟାଲ ଖୋଲା ରହିଥିଲେ ମଧ ଯାତାୟାତ ଓ ଚିକିତ୍ସା ସମସ୍ୟା ପାଇଁ ଯାଇପାରୁ ନାହାନ୍ତି। ଡାକ୍ତର ଓ କର୍ମଚାରୀଙ୍କ ଅନୁପସ୍ଥିତି ସମ୍ଭାବନା ମଧ ରହୁଛି। ଫଳରେ ନାନା ଭୟ ଓ ଆଶଙ୍କାରେ କର୍କଟ ରୋଗୀଙ୍କ ଜୀବନ ବିତୁଛି। ରାଜ୍ୟରେ କର୍କଟ ରୋଗୀଙ୍କ ସଂଖ୍ୟା ବହୁ ଅଧିକ। ଏଥିସହ ରାଜ୍ୟ ବାହାରୁ ମଧ ଚିକିତ୍ସା ପାଇଁ ଓଡ଼ିଶାକୁ ଶହଶହ ରୋଗୀ ଆସନ୍ତି। କିନ୍ତୁ ବର୍ତ୍ତମାନ ସେମାନେ ଚିକିତ୍ସିତ ହେଉଥିବା ହସ୍ପିଟାଲକୁ ଯିବା ସମ୍ଭବ ହେଉନି। ସରକାରଙ୍କ ପକ୍ଷରୁ ସ୍ଥାନୀୟ ଜିଲା ଚିକିତ୍ସାଳୟରେ ସେମାନଙ୍କୁ ଆବଶ୍ୟକ ଚିକିତ୍ସା ସେବା ଯୋଗାଇଦେବାକୁ କୁହାଯାଇଛି। ହେଲେ କେତେଜଣ ଆକ୍ରାନ୍ତ ଏଠାରୁ ଉପକୃତ ହେଉଥିଲେ ମଧ ଆଉ କେତେଜଣ ସମୟକୁ ଅପେକ୍ଷା କରି ଯନ୍ତ୍ରଣା ଭୋଗୁଛନ୍ତି।

### ଭୟ, ଆଶଙ୍କା, ଯନ୍ତ୍ରଣାରେ ଜୀବନ ବିତୁଛି
### ଲକ୍‌ଡାଉନ ଅବଧି ବୃଦ୍ଧି ବଢ଼ାଇଲା ଚିନ୍ତା

### କ'ଣ କୁହନ୍ତି କର୍କଟ ପୀଡିତା

"ସେବତୀ ମେହେର। ୪୫ ବର୍ଷୀୟା ଏହି ମହିଳା ଜଣକ ଛତିଶଗଡ଼ରେ ରୁହନ୍ତି। ସେ ଓଭାରିଆନ କ୍ୟାନ୍‌ସରରେ ପୀଡ଼ିତ। ଚିକିତ୍ସା ପାଇଁ କଟକର ଏକ ହସ୍ପିଟାଲକୁ ଆସନ୍ତି। ଗତ ଜାନୁୟାରୀରେ ତାଙ୍କର କେମୋ ଚିକିତ୍ସା ଶେଷ ହୋଇଥିଲା। କିନ୍ତୁ ଅନ୍ୟାନ୍ୟ ଚିକିତ୍ସା ଜାରି ରହିଛି। ଏଥିସହ ତାଙ୍କ ପେଟରେ ଏକ ଟ୍ୟୁମର ଥିବା ଚିକିତ୍ସା ସମୟରେ ଜଣାପଡିଥିଲା। ଏହାର ଅପରେଶନର ଆବଶ୍ୟକତା ଥିଲା। ସେଥିପାଇଁ ସେ କଟକ ଆସି ଡାକ୍ତରଙ୍କୁ ଦେଖାଇଥାନ୍ତେ। ଲକ୍‌ଡାଉନ୍ ଯୋଗୁ ସେ ଆସିପାରୁନାହାନ୍ତି। ସେ କୁହନ୍ତି, ବହୁତ କଷ୍ଟ ହେଉଛି। ଏବେ ମୋର ବ୍ଲିଡିଂ ଓ ପେନ୍ ହେଉଛି। ଛତିଶଗଡ଼ରୁ ଓଡ଼ିଶା ଆସିବାକୁ ଦିଆ ନ ଯିବାରୁ ରାୟପୁରରେ ଡାକ୍ତରଙ୍କୁ ଦେଖାଇଛି। ସେମାନେ ପେନ୍ କିଲର ଦେବା ସହ ବିଭିନ୍ନ ପରୀକ୍ଷା କରିଛନ୍ତି। ଆଗକୁ କ'ଣ ହେବ ଜାଣିପାରୁନି। ଲକ୍‌ଡାଉନ୍ ସରିଲେ କଟକ ଯାଇ ମୋତେ ଦେଖାଇବାକୁ ପଡ଼ିବ।

"ଭୁବନେଶ୍ୱରର ଅଜୟ କୁମାର ମହାନ୍ତି। ତାଙ୍କୁ ପ୍ରୋଷ୍ଟେଟ୍ କ୍ୟାନ୍‌ସର ହୋଇଛି। ସେ ବମ୍ବେର ଟାଟା ମେମୋରିଆଲ ହସ୍ପିଟାଲରେ ଚିକିତ୍ସିତ ହେଉଛନ୍ତି। କିଛିଦିନ ହେବ ସେଠିକାର ଡାକ୍ତରଙ୍କ ତତ୍ତ୍ୱାବଧାନରେ ସେ ଭୁବନେଶ୍ୱରର ଏକ ହସ୍ପିଟାଲରେ କେମୋ ନେଉଥିଲେ। କେମୋ ସରିଯାଇଛି। ହେଲେ ପ୍ରତି ୩ ମାସରେ ରେଗୁଲାର ଚେକ୍‌ଅପ୍ ପାଇଁ ଟାଟା ମେମୋରିଆଲ୍‌କୁ ଯାଇଥାନ୍ତି। ଆସନ୍ତା ୩୦ ତାରିଖରେ ତାଙ୍କର ଯିବାର ଥିଲା, କିନ୍ତୁ ଲକ୍‌ଡାଉନ୍ ଅବଧି ବୃଦ୍ଧି ହୋଇଥିବାରୁ ବିମାନ ଓ ଟ୍ରେନ୍ ସେବା ବନ୍ଦ ଥିବା ଯୋଗୁ ଆଉ ଯାଇପାରିବେ ନାହିଁ ବୋଲି କହିଛନ୍ତି। ଏଥିସହ ଯେଉଁ ହର୍‌ମୋନ୍ ଇଞ୍ଜେକ୍ସନ ରେଗୁଲାର ନେଉଥିଲେ, ଏଠାରେ ତାହା ମିଳୁ ନ ଥିବାରୁ ସେ ଚନ୍ତାବ୍ୟକ୍ତ କରିଛନ୍ତି।

"ଆଉ ଜଣେ କର୍କଟ ରୋଗୀ ହେଉଛନ୍ତି ୪୨ବର୍ଷୀୟା ସୁସାନ ଇନ୍ଦୱାର। ସୁନ୍ଦରଗଡ଼ ଝାମନକେରା ଅଞ୍ଚଳର ସୁସାନ ଗତ ଡିସେମ୍ବରରେ ସ୍ତନ କର୍କଟରେ ଆକ୍ରାନ୍ତ ହୋଇଥିବା ଜଣାପଡିଥିଲା। ଏହାପରେ ସେ ଭୁବନେଶ୍ୱର ଏମ୍‌ସରେ ଚିକିତ୍ସିତ ହେଉଥିଲେ। ସେ କୁହନ୍ତି, ଗତ ମାର୍ଚ୍ଚ ୨୬ରେ ଏମ୍‌ସରେ ପ୍ରଥମ କେମୋ ନେବାର ଥିଲା। କିନ୍ତୁ ଲକ୍‌ଲାଉନ୍ ଯୋଗୁ ଯାଇପାରିଲି ନାହିଁ। ଭାରି ଚିନ୍ତାରେ ଥିଲି। ଜଣେ ସାମାଜିକ କର୍ମୀଙ୍କ ସହଯୋଗରେ ସୁନ୍ଦରଗଡ଼ ଜିଲାପାଳଙ୍କ ପାଖରେ ଖବର ପହଞ୍ଚିଥିଲା। ଜିଲାପାଳ ମୋତେ ରାଉରକେଲାରେ କେମୋ ନେବା ପାଇଁ ଏକ ଆମ୍ବୁଲାନ୍ସରେ ପଠାଇଥିଲେ। ରାଉରକେଲାରେ ମୁଁ କେମୋ ନେଇଥିଲି। ଆଉ ୧୫ଦିନ ପରେ ପୁଣିଥରେ ଯାଇ ସେଠାରେ ଦେଖିବା ପାଇଁ କହିଛନ୍ତି।

### ସରକାର ସ୍ୱତନ୍ତ୍ର ଗୁରୁତ୍ୱ ଦେବା ଜରୁରୀ

"ଲକ୍‌ଡାଉନ୍ ସମୟରେ କେନ୍ଦ୍ର ଓ ରାଜ୍ୟ ସରକାର ଯେଉଁ ପଦକ୍ଷେପ ନେଉଛନ୍ତି ତାହା ସ୍ୱାଗତଯୋଗ୍ୟ। କିନ୍ତୁ ଏଭଳି ପରିସ୍ଥିତିରେ କ୍ୟାନ୍‌ସର ରୋଗୀମାନେ ବିଭିନ୍ନ ସମସ୍ୟାର ସମ୍ମୁଖୀନ ହେଉଛନ୍ତି। ତେଣୁ ସେମାନଙ୍କ ପାଇଁ କିଛି ସ୍ୱତନ୍ତ୍ର ବ୍ୟବସ୍ଥା କରାଯିବା ଉଚିତ। କାରଣ ସେମାନଙ୍କ ଚିକିତ୍ସାରେ ବାଧା ଉପୁଜିଲେ, ଚିକିତ୍ସକ କିମ୍ବା ହସ୍ପିଟାଲ ବଦଳିଲେ ରୋଗ ବଢ଼ିଯିବ। ସେମାନଙ୍କ ଚିକିତ୍ସାର ପ୍ରତିଟି ଷ୍ଟେପ୍ ଗୁରୁତ୍ୱପୂର୍ଣ୍ଣ ଥାଏ। ତେଣୁ ସରକାର ଏ ଦିଗରେ ସ୍ୱତନ୍ତ୍ର ଦୃଷ୍ଟି ଦେବା ଆବଶ୍ୟକ।



**– ଲିଲି ଜେନାମଣି, ଚେୟାରପର୍ସନ, କ୍ରିୟା ଫାଉଣ୍ଡେଶନ**

## ଆରମ୍ଭ ହେବ କେନ୍ଦୁପତ୍ର, ଜଙ୍ଗଲଜାତ ଦ୍ରବ୍ୟ ସଂଗ୍ରହ

ଭୁବନେଶ୍ୱର,୧୪।୪(ବ୍ୟୁରୋ)

ଲକ୍‌ଡାଉନରୁ କେନ୍ଦୁପତ୍ର ତୋଳା କାର୍ଯ୍ୟକୁ ବାଦ୍ ଦିଆଯିବା ପରେ ଆଗାମୀ ଦିନରେ ପ୍ରାୟ ୫୦୦ କୋଟି ଟଙ୍କାର ବ୍ୟବସାୟ ଆଶା କରାଯାଉଛି। ରାଜ୍ୟର ପ୍ରାୟ ୯ ଲକ୍ଷରୁ ଊର୍ଦ୍ଧ୍ୱ କେନ୍ଦୁପତ୍ର ତୋଳାଳି ରହିଛନ୍ତି। ପ୍ରକ୍ରିୟାକରଣ ହେଉଥିବା ଅଞ୍ଚଳରେ ଗୋଟିଏ କେରୀ(୨୦ ପତ୍ର) କେନ୍ଦୁପତ୍ର ତୋଳିଲେ ୪୦ ପଇସା ମିଳିଥାଏ। ସେହିପରି ପ୍ରକ୍ରିୟାକରଣ ହେଉ ନ ଥିବା ଅଞ୍ଚଳରେ କେରୀ(୪୦ ପତ୍ର) ପିଛା ୮୦ ପଇସା ମଜୁରି ମିଳିଥାଏ। ସରକାର କଟକଣା ଉଠାଇବା ପରେ ଏହାକୁ ସ୍ୱାଗତ କରାଯାଇଛି। କେନ୍ଦୁପତ୍ର, ଅନ୍ୟାନ୍ୟ ଜଙ୍ଗଲଜାତ ଦ୍ରବ୍ୟ ସଂଗ୍ରହ ଓ ବିପଣନ ସହ ଜଡ଼ିତ ଥିବା ଚିତ୍ତରଞ୍ଜନ ପାଣି କହିଛନ୍ତି, ରାଜ୍ୟ ସରକାରଙ୍କ କେନ୍ଦୁପତ୍ର ବିଭାଗ ଏବଂ ଟିଡିସିସି କେନ୍ଦୁପତ୍ର ଏବଂ ଅନ୍ୟାନ୍ୟ ସାମଗ୍ରୀ ସଂଗ୍ରହ କରିବା ସହ ଏହାର ବିପଣନ ଓ ପ୍ରକ୍ରିୟାକରଣ ଉପରେ ମଧ ଗୁରୁତ୍ୱ ଦେବା ଆବଶ୍ୟକ। ଏହାଦ୍ୱାରା ଆଦିବାସୀ ଏବଂ ପଛୁଆବର୍ଗ ଉପକୃତ ହେବେ।

## ଜଙ୍ଗଲରେ ନିଆଁ

ଖୁଣ୍ଟୁଣୀ, ୧୪।୪ (ଡି.ଏନ.ଏ.)

ରମ୍ପେଇ ବନ ସୁରକ୍ଷା ସମିତି ଅନ୍ତର୍ଗତ କଟକ ଜିଲା ଆଠଗଡ ବନାଞ୍ଚଳର ସୁବାସୀ ସଂରକ୍ଷିତ ଜଙ୍ଗଲରେ ମଙ୍ଗଳବାର ମଧ୍ୟାହ୍ନରେ ନିଆଁ ଲାଗି ପ୍ରାୟ ୧ ହେକ୍ଟରରୁ ଊର୍ଦ୍ଧ୍ୱ ଜଙ୍ଗଲ ପୋଡିଯାଇଛି। ଫଳରେ ଏଠାକାର ପଶୁପକ୍ଷୀ ଜୀବନ ବଞ୍ଚାଇବାକୁ ନିକଟ ଜଙ୍ଗଲକୁ ପଳାଇଛନ୍ତି। ଆଠଗଡ ବନାଞ୍ଚଳ ଅଧିକାରୀ ଆୟୋଶା ଅକତାରୀ ନିଶା ଜଙ୍ଗଲ ବିଭାଗର ଅଗ୍ନି ନିର୍ବାପକ ଦଳଙ୍କୁ ଘଟଣାସ୍ଥଳକୁ ପଠାଇ ନିଆଁକୁ ଲିଭାଇଥିଲେ। କେହି ଦୁର୍ବୃତ୍ତ ଏଥିରେ ନିଆଁ ଲଗାଇ ଦେବା ଫଳରେ ଜଙ୍ଗଲ ପୋଡିଯିବା ସହ ବନ୍ୟପ୍ରାଣୀ ପ୍ରଭାବିତ ହେଉଛନ୍ତି।



## ଚିତ୍ର, ସ୍ଥାପତ୍ୟ କରୁଛି ସଚେତନ

ଭୁବନେଶ୍ୱର, ୧୪।୪(ବ୍ୟୁରୋ): ଘରୁ ବାହାରକୁ ବାହାରିଲେ ବିପଦ। 'ଘରେ ରୁହ... ସୁରକ୍ଷିତ ରୁହ'ର ବାର୍ତ୍ତା ଦେଇ ସଚେତନ କରୁଛି ଚିତ୍ର ଓ ସ୍ଥାପତ୍ୟ। ରାଜ୍ୟର ସର୍ବାଧିକ କରୋନା ଆକ୍ରାନ୍ତ ଭୁବନେଶ୍ୱରରୁ ଚିହ୍ନଟ ହୋଇଥିବାରୁ ସହରବାସୀଙ୍କୁ ଏନେଇ ସଚେତନ କରିବାକୁ ଏଭଳି ଅଭିନବ ଉପାୟ ଆପଣାଇଛନ୍ତି କେତେଜଣ ଯୁବ ଚିତ୍ରଶିଳ୍ପୀ। ଷ୍ଟ୍ରିଟ୍ ପେଣ୍ଟିଂ ଓ ଥ୍ରୀଡି ପେଣ୍ଟିଂ ମାଧ୍ୟମରେ ରାଜଧାନୀର ରାଜରାସ୍ତାକୁ ଚିତ୍ରିତ କରି ଲୋକଙ୍କୁ ଘରେ ରହିବାକୁ ଅନୁରୋଧ କରୁଛନ୍ତି। ଓଡ଼ିଶା ପ୍ରୋଗେସିଭ୍ ଆର୍ଟିଷ୍ଟ ଆସୋସିଏଶନ ପକ୍ଷରୁ ମଙ୍ଗଳବାରଠାରୁ ଏଭଳି ନିଆରା ପ୍ରୟାସ ଆରମ୍ଭ ହୋଇଛି। ସାରା ବିଶ୍ୱ ଏବେ କରୋନା ମୁକାବିଲା କରିବାକୁ ଏକାଠି ହୋଇଥିବାବେଳେ ଏଥିରେ ହାତ ମିଳାଇଛନ୍ତି ଶିଳ୍ପୀ ଓ କଳାକାର। କ୍ଷୁଦ୍ର ଚଳଚ୍ଚିତ୍ର, ଗୀତ, ଅଭିନୟ ଓ ଚିତ୍ରକଳା ଭଳି କଳାର ବିଭିନ୍ନ ମାଧ୍ୟମରେ ଏମାନେ ଲୋକଙ୍କ ନିକଟରେ ପହଞ୍ଚୁଛନ୍ତି। ସେହିଭଳି ଭିନ୍ନସ୍ୱାଦର ସ୍ଥାପତ୍ୟକଳା ଓ ଚିତ୍ରକଳା କରୁଥିବା ଚିତ୍ରଶିଳ୍ପୀମାନେ ଏବେ କରୋନା ସଚେତନତା ପାଇଁ ଆଗେଇ ଆସିଛନ୍ତି। ଶିଳ୍ପୀ ପ୍ରିୟରଞ୍ଜନ 'କରୋନା' ଥିମ୍‌କୁ ନେଇ ସ୍ୱତନ୍ତ୍ର ସ୍ଥାପତ୍ୟକଳା ପ୍ରସ୍ତୁତ କରିଛନ୍ତି। ପ୍ଲାଷ୍ଟର ଅଫ୍ ପ୍ୟାରିସ୍‌କୁ ବ୍ୟବହାର କରି ତିଆରି ହୋଇଥିବା ସ୍ଥାପତ୍ୟକଳାରେ ୱେଦରକୋଟ୍ ଏସିଆନ୍ ଆପେକ୍ସ ରଙ୍ଗ କରୋନା ଭାଇରସ୍‌ର ଭ୍ରମ ସୃଷ୍ଟି କରୁଛି। ବାହାରେ ବିନା କାରଣରେ ବୁଲୁଥିବା ଅମାନିଆଙ୍କୁ ସଚେତନ କରିବା ପାଇଁ ସେ ଏଭଳି ପଦକ୍ଷେପ ନେଇଛନ୍ତି। ଏହାର ଉଚ୍ଚତା ୭ଫୁଟ୍ ଏବଂ ଓସାର ରହିଛି ୫ଫୁଟ୍। କ୍ୟାପିଟାଲ ଥାନା ସମ୍ମୁଖରେ ଏହି କରୋନା ସ୍ଥାପତ୍ୟକୁ ରଖାଯାଇଛି। ଏହାସହ ରାସ୍ତା ଉପରେ ସଚେତନତା ବାର୍ତ୍ତା ସହ କରୋନା ଚିତ୍ର ରହିଥିବାବେଳେ ଶିଳ୍ପୀ ପ୍ରିୟରଞ୍ଜନଙ୍କୁ ଶ୍ରୀକୃଷ୍ଣ ବେହେରା, ସୁଦୀପ୍ ବାରିକ୍, ବିଭୂତି ମହାରଣା ପ୍ରମୁଖ ସହଯୋଗ କରିଛନ୍ତି।




## କେନାଲରୁ ମହିଳାଙ୍କ ମୃତଦେହ ଉଦ୍ଧାର

ବାରଙ୍ଗ,୧୪।୪(ଡି.ଏନ.ଏ)

### ଉଦ୍ଧାର କରିବାକୁ ଯାଇ ପାଣିକୁ ଡେଇଁଲେ ଝିଅ

ପୁରୀ ମେନ୍ କେନାଲରୁ ଜଣେ ମହିଳାଙ୍କ ମୃତଦେହକୁ ଅଗ୍ନିଶମ ବାହିନୀ କର୍ମଚାରୀ ଓ ପୋଲିସ ଉପସ୍ଥିତିରେ ମଙ୍ଗଳବାର ସନ୍ଧ୍ୟାରେ ଉଦ୍ଧାର କରିଛି। ମହିଳା ଜଣକ ପାଣିରେ ଭାସୁଥିବା ଦେଖି ସ୍ଥାନୀୟ ଗାଁର କେତେଜଣ ଯୁବକ ପୋଲିସକୁ ଖବର ଦେଇଥିଲେ। ଅଗ୍ନିଶମ ବାହିନୀର କର୍ମଚାରୀ ପାଣିରୁ ମହିଳାଙ୍କୁ ଉଦ୍ଧାର କରିଥିବା ବେଳେ ତାଙ୍କ ଝିଅ ପାଣିକୁ ଡେଇଁ ପଡିଥିଲେ। ଉଦ୍ଧାରକାରୀ ଦଳ ଝିଅଙ୍କୁ ପାଣିରୁ ଉଦ୍ଧାର କରିଥିଲେ। ନନ୍ଦନକାନନ ଥାନା ଅଧୀନ କେନ୍ଦୁପାଟଣା ଗାଁର ରବି ଦାସଙ୍କ ସ୍ତ୍ରୀ ବିଦ୍ୟୁଲତାଙ୍କ ମୃତଦେହ କେନାଲରେ ଭାସୁଥିବା ସନ୍ଧ୍ୟାରେ ଜଣାପଡିଥିଲା। ଦ୍ୱିପ୍ରହରରେ ବିଦ୍ୟୁଲତା ଘରୁ ଆସି ଆଉ ଫେରି ନ ଥିଲେ। ପରିବାର ଲୋକେ ବିଭିନ୍ନ ସ୍ଥାନରେ ଖୋଜାଖୋଜି ଚଳାଇଥିଲେ। କେନାଲ ପାଣିରେ ମହିଳାଙ୍କ ମୃତଦେହ ଭାସୁଥିବା ଖବରପାଇ ତାଙ୍କ ଝିଅ ସେଠାରେ ପହଞ୍ଚି ମା'ଙ୍କ ଚିହ୍ନିଥିଲେ। ପୋଲିସ ଉପସ୍ଥିତିରେ ଭାବବିହ୍ୱଳ ହୋଇ ମା'ଙ୍କୁ ଉଦ୍ଧାର କରିବା ଲାଗି ଝିଅ ପାଣିକୁ ଡେଇଁ ପଡିଥିଲେ। ଏ ନେଇ ଥାନାରେ ୫/୨୦ରେ ଏକ ଅପମୃତ୍ୟୁ ମାମଲା ରୁଜୁ ହୋଇଛି। ମୃତଦେହ ପୋଲିସ ଜବତ କରିବା ସହ ବ୍ୟବଚ୍ଛେଦ ଲାଗି ପଠାଇଛି। ପ୍ରାଥମିକ ତଦନ୍ତରୁ ମହିଳା ଜଣକ ପାରିବାରିକ କଳହରୁ ଆତ୍ମହତ୍ୟା କରିଥିବା ଜଣାପଡ଼ିଛି। ବ୍ୟବଚ୍ଛେଦ ରିପୋର୍ଟ ଆସିବା ପରେ ମୃତ୍ୟୁର ପ୍ରକୃତ କାରଣ ଜଣାପଡିବ ବୋଲି ପୋଲିସ କହିଛି।

## ପାନୀୟ ଜଳ ପାଇଁ ରାସ୍ତାରୋକୋ

ବାରଙ୍ଗ,୧୪।୪(ଡି.ଏନ.ଏ): ଲକ୍‌ଡାଉନ ସମୟରେ ପାନୀୟ ଜଳର ସଙ୍କଟ ଦେଖାଦେଇଛି। ଫଳରେ ମହିଳାମାନେ ବାଲଟି, ଗରା ନେଇ ରାସ୍ତାରୋକୋ କରିଥିଲେ। ଏଭଳି ଦେଖିବାକୁ ମିଳିଛି ମଙ୍ଗଳବାର ସକାଳେ ମଞ୍ଚେଶ୍ୱର ଥାନା ବରିମୁଣ୍ଡ ପଞ୍ଚାୟତ ଭୂୟାଁ ସାହିମୁଣ୍ଡରେ। ଲକ୍‌ଡାଉନ ଯୋଗୁ ଲୋକେ ଘରୁ ବାହାରୁନାହାନ୍ତି। ପାନୀୟ ଜଳ ଯୋଗାଣ ମଧ ବନ୍ଦ ରହିଛି। ଫଳରେ ବରିମୁଣ୍ଡ ପଞ୍ଚାୟତ ୧୨ ନଂ. ୱାର୍ଡ ଭୂୟାଁ ସାହିରେ ୫ ଦିନ ଧରି ପିଇବା ପାଣି ମିଳି ନ ଥିଲା। ଏହି ୱାର୍ଡର ବହୁଲୋକ ପାଣିଯୋଗାଣ ଦାୟିତ୍ୱରେ ଥିବା ଅଧିକାରୀଙ୍କୁ ଅବଗତ କରାଇଥିଲେ ମଧ ସୁଫଳ ମିଳି ନ ଥିଲା। ଶେଷରେ ବହୁ ଲୋକ ସାମାଜିକ ଦୂରତା ରଖି ରାସ୍ତାରୋକୋ କରିଥିଲେ। ଖବରପାଇ ମଞ୍ଚେଶ୍ୱର ପୋଲିସ ରାସ୍ତାରୋକୋ ସ୍ଥାନରେ ପହଞ୍ଚି ଗ୍ରାମବାସୀଙ୍କୁ ବୁଝାଶୁଝା କରିଥିଲେ। ବୁଧବାରଠାରୁ ଟ୍ୟାଙ୍କର ଯୋଗେ ପାନୀୟ ଜଳ ଯୋଗାଣ କରାଯିବାର ପ୍ରତିଶ୍ରୁତି ଦେବା ପରେ ରାସ୍ତାରୋକୋ ହଟିଥିଲା।

## ଦୃଶ୍ୟମାନ ହେବ ୪ ଗ୍ରହ ମିଳନର ବିରଳ ଦୃଶ୍ୟ

ଭୁବନେଶ୍ୱର, ୧୪।୪(ବ୍ୟୁରୋ): ଆକାଶରେ ୫ଦିନ ଧରି ଦେଖିବାକୁ ମିଳିବ ୪ ଗ୍ରହଙ୍କ ମିଳନର ବିରଳ ଦୃଶ୍ୟ। ୧୫, ୧୬, ୧୭ ତାରିଖରେ କ୍ରମାନ୍ୱୟରେ ବୃହସ୍ପତି, ଶନି ଓ ମଙ୍ଗଳ ଗ୍ରହ ଚନ୍ଦ୍ରର ନିକଟତର ହେବେ। ପାଖାପାଖି ରହି ପ୍ରତିଦିନ ଭୋର୍ ସମୟରେ ଉତ୍ତର-ପୂର୍ବ ଦିଗ୍‌ବଳୟ ଉପରେ ଏକ ଘଣ୍ଟା ଧରି ଦୃଶ୍ୟମାନ ହେବେ, ଯାହାକୁ ସାଧାରଣ ଲୋକେ ଖାଲି ଆଖିରେ ଦେଖିପାରିବେ। ସେହିପରି ଶୁକ୍ର ଗ୍ରହ ଖୁବ୍ ଉଜ୍ଜ୍ୱଳ ହୋଇ ପଶ୍ଚିମ ଆକାଶର ସନ୍ଧ୍ୟା ସମୟରେ ୩ ଘଣ୍ଟା ଧରି ଏପ୍ରିଲ୍ ଶେଷ ପର୍ଯ୍ୟନ୍ତ ଦେଖାଯିବେ। ଅନ୍ୟପକ୍ଷରେ ୨୬ ଓ ୨୭ ତାରିଖରେ ଶୁକ୍ରର ଖୁବ୍ ପାଖରେ ବାଙ୍କୁଲି ଚନ୍ଦ୍ର ଦୃଶ୍ୟମାନ ହେବ। ଫଳରେ ଏହା ବହୁତ ସ୍ପଷ୍ଟ ଭାବେ ଦେଖାଯିବ। ଏହି ବିରଳ ତଥା ସୁନ୍ଦର ଦୃଶ୍ୟକୁ ସମସ୍ତେ ଦେଖିବା ପାଇଁ ପଠାଣି ସାମନ୍ତ ପ୍ଲାନେଟୋରିୟମ୍ ଉପନିର୍ଦ୍ଦେଶକ ଶୁଭେନ୍ଦୁ ପଟ୍ଟନାୟକ କହିଛନ୍ତି।




# କଣ୍ଟେନ୍‌ମେଣ୍ଟ ଜୋନ୍‌ରେ ଖଟି ଠାବ କରିବ ଡ୍ରୋନ୍

ଭୁବନେଶ୍ୱର,୧୪।୪ (ବ୍ୟୁରୋ)

### ହେବ କାର୍ଯ୍ୟାନୁଷ୍ଠାନ



ରାଜ୍ୟରେ କରୋନା ଆକ୍ରାନ୍ତଙ୍କ ସଂଖ୍ୟା ୬୦ରେ ପହଞ୍ଚିଛି। ସେଥିରୁ ରାଜଧାନୀରେ ଆକ୍ରାନ୍ତଙ୍କ ସଂଖ୍ୟା ସର୍ବାଧିକ। ଏହାକୁ ଦୃଷ୍ଟିରେ ରଖି ବିଏମ୍‌ସି ରାଜଧାନୀର ୩ଟି ଅଞ୍ଚଳ ଯଥା ସତ୍ୟନଗର,ବମିଖାଲ ଓ ସୂର୍ଯ୍ୟନଗରକୁ କଣ୍ଟେନ୍‌ମେଣ୍ଟ ଜୋନ୍ ଭାବେ ଘୋଷଣା କରିଛି। ଉକ୍ତ ୩ଟି ଅଞ୍ଚଳକୁ ସମ୍ପୂର୍ଣ୍ଣଭାବେ ସିଲ୍ କରାଯାଇଛି। କେହି ବାହାରୁ କଣ୍ଟେନ୍‌ମେଣ୍ଟ ଜୋନ୍‌କୁ ଯାଉନାହାନ୍ତି କି ଭିତରୁ ବାହାରକୁ ଆସିପାରୁ ନାହାନ୍ତି। ଏଭଳି ସ୍ଥିତିରେ ଏହି କଣ୍ଟେନ୍‌ମେଣ୍ଟ ଜୋନ୍ ଭିତରେ କେତେକ ଅମାନିଆ ଖଟି କରିବା ସହ ତାସ୍ ଏବଂ ଅନ୍ୟ ଖେଳ ଖେଳୁଛନ୍ତି। ପୂର୍ବଭଳି ଅନେକ ଲୋକ ଘରେ ନ ରହି ବାହାରେ ବୁଲୁଥିବା ଖବର ପୋଲିସ ନିକଟକୁ ଆସିଛି। ଏହିସବୁ ଅଞ୍ଚଳ ଭିତରକୁ ପୋଲିସ ଯାଇପାରୁ ନ ଥିବାରୁ ସେମାନେ ଏଭଳି ମନଇଚ୍ଛା କାର୍ଯ୍ୟ କରି ବିପଦକୁ ଡାକି ଆଣୁଛନ୍ତି। ଉକ୍ତ ଅଞ୍ଚଳ ଉପରେ ନଜର ରଖିବାଲାଗି ପୋଲିସ ଏକ ଅଭିନବ ଉପାୟ ଆପଣାଇଛି। ୩ଟି କଣ୍ଟେନ୍‌ମେଣ୍ଟ ଜୋନ୍ ଭିତରେ ଡ୍ରୋନ୍ ଉଡ଼ାଇ ପାଟ୍ରୋଲିଂ କରାଯିବ। ମଙ୍ଗଳବାର ପୋଲିସ ପକ୍ଷରୁ ଏହି ୩ଟି କଣ୍ଟେନ୍‌ମେଣ୍ଟ ଜୋନ୍‌ରେ ଡ୍ରୋନ ଉଡ଼ାଯାଇଛି। ସନ୍ଧ୍ୟା ହେବାରୁ ଡ୍ରୋନ ପୂରା ଅଞ୍ଚଳ ପରିକ୍ରମା କରିପାରିନାହିଁ। ବୁଧବାର ୩ଟି ଅଞ୍ଚଳରେ ଦିନ ତମାମ ଡ୍ରୋନ ଉଡ଼ାଯିବ ବୋଲି ପୋଲିସ ପକ୍ଷରୁ କୁହାଯାଇଛି। ଡ୍ରୋନ ଉଡ଼ିବା ପରେ ସେଥିରେ କଏଦ ହେଉଥିବା ଫୁଟେଜକୁ ପୋଲିସ ପରବର୍ତ୍ତୀ ସମୟରେ ଯାଞ୍ଚ କରିବ। ଯେଉଁ ସ୍ଥାନରେ ଏକାଧିକ ଲୋକେ ଏକାଠି ହେଉଥିବାର ଦୃଶ୍ୟ ଜଣାପଡିବ, ସେହି ଅଞ୍ଚଳର ମୁରବିଙ୍କୁ ପୋଲିସ ଫୋନ୍ କରି ଏକାଠି ନ ହେବା ପାଇଁ ନିର୍ଦ୍ଦେଶ ଦିଆଯିବ। ଯଦି ତାଙ୍କ ନିର୍ଦ୍ଦେଶକୁ ଏହି ଅମାନିଆ ନ ମାନନ୍ତି ତେବେ ବାଧ ହୋଇ ପୋଲିସ ଉକ୍ତ କଣ୍ଟେନ୍‌ମେଣ୍ଟ ଜୋନ ଭିତରକୁ ଯାଇ ଅମାନିଆଙ୍କ ଉପରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣକରିବ। କଣ୍ଟେନମେଣ୍ଟ ନ ହଟିବା ପର୍ଯ୍ୟନ୍ତ ଡ୍ରୋନ ଏଭଳି ପାଟ୍ରୋଲିଂ କରିବ ବୋଲି କୁହାଯାଇଛି।

## ଡ୍ରୋନରେ ପରୀକ୍ଷାମୂଳକ ବିଶୋଧନ

ଭୁବନେଶ୍ୱର, ୧୪।୪(ବ୍ୟୁରୋ)

ରାଜଧାନୀ ଭୁବନେଶ୍ୱରରେ ଡ୍ରୋନ୍ ଯୋଗେ ବିଶୋଧନ କାର୍ଯ୍ୟ ମଙ୍ଗଳବାରଠାରୁ ଆରମ୍ଭ ହୋଇଛି। ପ୍ରାଥମିକ ପର୍ଯ୍ୟାୟରେ ଏହାକୁ ପରୀକ୍ଷାମୂଳକ ଭାବେ ମହାନଗର ନିଗମ(ବିଏମସି) ଆରମ୍ଭ କରିଛି। ଆଗାମୀ ଦିନରେ ଏହାକୁ ବିଭିନ୍ନ ମାର୍କେଟ୍ ସ୍ଥାନରେ ବିଶୋଧନ କରିବା ପାଇଁ ବ୍ୟବହାର କରାଯିବ। ମୁଖ୍ୟତଃ ଲୋକ ନଥିବା ସମୟରେ ଏହାର ବ୍ୟବହାର କରାଯିବ। ରାତିରେ ଯାନ୍ତ୍ରିକ ସଫେଇ ହେଉଛି, ସେହିପରି ଏହାକୁ ମଧ ରାତିରେ ବ୍ୟବହାର କରାଯିବ ବୋଲି ବିଏମ୍‌ସି ଡେପୁଟି କମିଶନର ଶୁଭେନ୍ଦୁ ସାହୁ ମଙ୍ଗଳବାର ସୂଚନା ଦେଇଛନ୍ତି। ଭୁବନେଶ୍ୱର ସ୍ମାର୍ଟ ସିଟି ଲିମିଟେଡ୍ (ବିଏସ୍‌ସିଏଲ) ଏନେଇ ଏକ ଘରୋଇ ଠିକା ସଂସ୍ଥାକୁ ଏହାର ସଞ୍ଚାଳନ ଦାୟିତ୍ୱ ଦେଇଛି। ସମ୍ପୃକ୍ତ ସଂସ୍ଥା ପରୀକ୍ଷାମୂଳକ ଭାବେ ଏହାର ବ୍ୟବହାର ଜାରି କରିବ। ମଙ୍ଗଳବାର ରାଜମହଲ ଛକରୁ ଶିଶୁ ଭବନ ଛକ ଯାଏ ଏହାର ପରୀକ୍ଷା କରାଯାଇଥିଲା। ଆଗାମୀ ଦିନରେ ଭୁବନେଶ୍ୱରର ଅନ୍ୟ ସ୍ଥାନଗୁଡ଼ିକରେ ଏହାର ପରୀକ୍ଷା ହେବା ପରେ ସମ୍ପୃକ୍ତ ଠିକା ସଂସ୍ଥାକୁ ଏହାର ବ୍ୟବହାର କରିବାକୁ ଅନୁମତି ପ୍ରଦାନ କରାଯିବ ବୋଲି ଡେପୁଟି କମିଶନର ସାହୁ କହିଛନ୍ତି।

ଉଲ୍ଲେଖଯୋଗ୍ୟ, ରାଜଧାନୀ ଭୁବନେଶ୍ୱରରେ ସର୍ବାଧିକ କରୋନା ଆକ୍ରାନ୍ତ ଚିହ୍ନଟ ହୋଇଥିବାରୁ ବିଏମସି ପକ୍ଷରୁ ବିଭିନ୍ନ ଅଞ୍ଚଳକୁ କଣ୍ଟେନମେଣ୍ଟ ଜୋନ୍ ଭାବେ ବିଭକ୍ତ କରାଯାଇ ବିଶୋଧନ କରାଯାଉଛି। ମୋଟ ୩ଟି ଡ୍ରୋନ ଜରିଆରେ ବିଶୋଧନ କାର୍ଯ୍ୟ କରାଯାଇଥିବାବେଳେ ଗୋଟିଏ ଡ୍ରୋନ ୨ ମିଟର ଉଚ୍ଚତାରେ ଉଡ଼ି ରାସ୍ତାଘାଟରେ ବିଶୋଧକ ସିଞ୍ଚନ କରୁଛି। ଥରକରେ ଏହି ଡ୍ରୋନ ୫ ମିଟର ଚଉଡ଼ାରେ ଦେଢ଼ କିଲୋମିଟର ପର୍ଯ୍ୟନ୍ତ ରାସ୍ତାକୁ ବିଶୋଧନ କରିପାରୁଛି। ଦ୍ୱିତୀୟ ଡ୍ରୋନଟି ୩ ମିଟର ଉଚ୍ଚତାରେ ଉଡ଼ି ବିଶୋଧକ ସିଞ୍ଚନ ସମୟରେ ନିରାପତ୍ତା ଅବଲମ୍ବନ କରିବାକୁ ଲୋକଙ୍କୁ ସଚେତନ କରାଉଛି। ତୃତୀୟ ଡ୍ରୋନଟି ୧୦ ମିଟର ଉଚ୍ଚତାରେ ଉଡ଼ି ଅଞ୍ଚଳ ଉପରେ ନଜର ରଖିବା ସହିତ ଦ୍ୱିତୀୟ ଡ୍ରୋନକୁ ସଚେତନତା ବାର୍ତ୍ତା ଘୋଷଣା ନେଇ ଗାଇଡ୍ କରୁଛି।



## ମାସ୍କ ନ ପିନ୍ଧି ଜରିମାନା ଦେଲେ ୬ ଜଣ

**ଅସ୍ତରଙ୍ଗ, ୧୪।୪(ଡି.ଏନ.ଏ):** ଅସ୍ତରଙ୍ଗରେ କରୋନା ମୁକାବିଲା ପାଇଁ ଜୋରଦାର ପଦକ୍ଷେପ ନିଆଯାଇଛି । ତହସିଲଦାର ରାଜଲକ୍ଷ୍ମୀ ନାୟକଙ୍କ ନିର୍ଦ୍ଦେଶରେ ଅଗ୍ନିଶମ ବିଭାଗ ତରଫରୁ ମଙ୍ଗଳବାର ବଜାର ସମେତ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ପରିସର ବିଶୋଧନ କରାଯାଇଛି। ଅଗ୍ନିଶମ ବିଭାଗ ମୁଖ୍ୟ କଳ୍ପତରୁ ନାୟକଙ୍କ ନେତୃତ୍ୱରେ ତାପସ ରାଉତ, ସଞ୍ଜୟ ସେଠୀ, ଜଗନ୍ନାଥ ମହାନ୍ତି ପ୍ରମୁଖ ଏହି କାର୍ଯ୍ୟରେ ନିୟୋଜିତ ଥିଲେ । ସେହିପରି ପ୍ରଶାସନ ଓ ପୋଲିସ ପକ୍ଷରୁ ସଚେତନତା ସୃଷ୍ଟି କରାଯାଇଥିଲା। ୬ଜଣ ବ୍ୟକ୍ତି ମାସ୍କ ନ ପିନ୍ଧି ବଜାରକୁ ଆସିଥିବାରୁ ୨୦୦ ଟଙ୍କା ଲେଖାଏ ଜରିମାନା ଦେଇଥିଲେ।

# ଏସ୍‌ସିବିରେ ଖୋଲିବ କରୋନା ସୂଚନା, ତାଲିମ କେନ୍ଦ୍ର

**କଟକ ଅଫିସ୍,୧୪।୪**

କଟକ ଶ୍ରୀରାମ ଚନ୍ଦ୍ର ଭଞ୍ଜ ଭେଷଜ ମହାବିଦ୍ୟାଳୟ ଏବଂ ଚିକିତ୍ସାଳୟରେ ସ୍ୱତନ୍ତ୍ର ଭାବେ କରୋନା ସମ୍ପର୍କରେ ତାଲିମ୍ ଏବଂ ସୂଚନା ପ୍ରଦାନ କରିବା ପାଇଁ ବ୍ୟବସ୍ଥା କରାଯାଇଛି । ଏହାର ରାଜ୍ୟରେ ପ୍ରଥମ ବୋଲି କୁହାଯାଉଛି। ମାଇକ୍ରୋବାୟୋଲୋଜି ବିଭାଗ ଅଧୀନ ଭାଇରାଲ ରିସର୍ଚ୍ଚ ଡାଇଗୋନେଷ୍ଟିକ ଲାବ(ଭିଆର୍‌ଡିଏଲ୍)ରେ ଏହି କେନ୍ଦ୍ର ପ୍ରତିଷ୍ଠା କରାଯିବ। ଏଥି ପାଇଁ ୨୦ ଲକ୍ଷ ଟଙ୍କା ଖର୍ଚ୍ଚ କରାଯିବ। ଟଙ୍କା ପାଇଁ କଟକ ଏମ୍‌ପି ଭର୍ତ୍ତୃହରି ମହତାବଙ୍କୁ ଜିଲାପାଳ ଭବାନୀ ଶଙ୍କର ଚୟିନୀ ଅନୁରୋଧ କରିଥିଲେ। ଅନୁରୋଧ ପରେ ଏମ୍‌ପି ମହତାବ ଏହି ଟଙ୍କା ଏମ୍‌ପି ଲାଡ୍‌ରୁ ମଞ୍ଜୁର କରିଛନ୍ତି। ସୂଚନାଯୋଗ୍ୟ, ଜିଲାପାଳଙ୍କ



ଏସ୍‌ସିବି ପରିଦର୍ଶନ କରୁଛନ୍ତି ଜିଲାପାଳ ଏବଂ ଅନ୍ୟ ଅଧିକାରୀ ।

ନିର୍ଦ୍ଦେଶକ୍ରମେ ସଦର ଉପଜିଲାପାଳ ଶୁଭ୍ରାଂଶୁ ମିଶ୍ରଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଜିଲା ଏନ୍‌ଫୋର୍ସମେଣ୍ଟ ସ୍କ୍ୱାଡ୍ ଅଧିକାରୀମାନେ ହସ୍ପିଟାଲ ପରିସରରେ ଜବରଦଖଲରେ ଥିବା ଭିଆର୍‌ଡିଏଲ୍‌ର ଏଚ୍‌ଏଲ୍‌ଏଲ୍ ଗୃହରୁ ଅବରୋଧ ହଟାଇଥିଲେ। ସେହି ସ୍ଥାନରେ କରୋନା ସମ୍ବନ୍ଧୀୟ ସୂଚନା ଓ ତାଲିମ ପ୍ରଦାନ କରାଯିବ ବୋଲି ଜିଲାପାଳ ଚୟନୀ ସ୍ଥିର କରିଛନ୍ତି । ଏହି ପରିପ୍ରେକ୍ଷୀରେ ମଙ୍ଗଳବାର ଜିଲାପାଳ ଚୟନୀ ଏସ୍‌ସିବି ପରିଦର୍ଶନକରି

**ରାଜ୍ୟରେ ପ୍ରଥମ**

ମାଇକ୍ରୋବାୟୋଲୋଜି ବିଭାଗ ପ୍ରଫେସର ଡ଼ା. ନିରୁପମା ଚୟନୀ ଏବଂ ଏସ୍‌ସିବି ମେଡିକାଲ କଲେଜ ଅଧୀକ୍ଷକ ପ୍ରଫେସର ଡ଼ା. ଅନ୍ନଦା ପଟ୍ଟନାୟକଙ୍କ ସହିତ ଆଲୋଚନା କରିଥିଲେ ।

ଏମ୍‌ପି ମହତାବ ନିଜ ସଂସଦୀୟ କ୍ଷେତ୍ରର କେତେକ ଅଞ୍ଚଳରେ ଉନ୍ନୟନ କାର୍ଯ୍ୟ ପାଇଁ ମଧ୍ୟ ୩୨ ଲକ୍ଷ ଟଙ୍କା ମଞ୍ଜୁର କରିଛନ୍ତି। ମାଣିଆବନ୍ଧ, ବଡମ୍ବା, କାନପୁର, ନରସିଂହପୁର ଅଞ୍ଚଳରେ ଥିବା ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରଗୁଡିକରେ କରୋନା ମୁକାବିଲା ପାଇଁ ଆବଶ୍ୟକ ଶଯ୍ୟା, ଭେଣ୍ଟିଲେଟର, ଏସି ଏବଂ ଅନ୍ୟାନ୍ୟ ଆବଶ୍ୟକ ଚିକିତ୍ସା ଯନ୍ତ୍ରପାତି ଆଦିର ବ୍ୟବସ୍ଥା କରାଯିବ ବୋଲି ଜିଲାପାଳ ଚୟନୀ ପ୍ରକାଶ କରିଛନ୍ତି ।


ସାକ୍ଷୀଗୋପାଳ ମନ୍ଦିର ପରିସରକୁ ବିଶୋଧନ କରାଯାଉଛି।

## ବିଶୋଧନ ହେଲା ସାକ୍ଷୀଗୋପାଳ ମନ୍ଦିର

**ସାକ୍ଷୀଗୋପାଳ,୧୪।୪(ଡି.ଏନ୍.ଏ.)**

କରୋନା ଭୂତାଣୁ ସଂକ୍ରମଣରୁ ଦୂରେଇ ରହିବା ନିମନ୍ତେ ଜନସାଧାରଣ ଚଳାଚଳ କରୁଥିବା ସ୍ଥାନକୁ ବିଶୋଧନ କରାଯାଉଛି। ମଙ୍ଗଳବାର ସାକ୍ଷୀଗୋପାଳ ଅଗ୍ନିଶମ କେନ୍ଦ୍ର ଅଧିକାରୀ ମନୋଜ କୁମାର ପାତ୍ରଙ୍କ ନେତୃତ୍ୱରେ କର୍ମଚାରୀମାନେ ସାକ୍ଷୀଗୋପାଳ ମନ୍ଦିର, ବଜାର, ଦୋଳବେଦିଛକ, ଚନ୍ଦନ ମଣ୍ଡପ ଓ ଆଚାର୍ଯ୍ୟ ହରିହର ଶିଶୁ ଭବନ ସମେତ ଏହା ସଂଲଗ୍ନ ରାସ୍ତାକୁ ସୋଡିୟମ ହାଇପୋକ୍ଲୋରାଇଡ ମିଶ୍ରିତ ଜଳ ଦ୍ୱାରା ବିଶୋଧନ କରିଛନ୍ତି। ପୂର୍ବରୁ ସାକ୍ଷୀଗୋପାଳ ଡାକ୍ତରଖାନା, ବସ୍‌ଷ୍ଟାଣ୍ଡ, ବ୍ୟାଙ୍କ ଛକ, ବ୍ଲକ ଅଫିସ୍ ଓ ଥାନାକୁ ବିଶୋଧନ କରାଯାଇଥିଲା।

**ସଂକ୍ଷେପରେ**

### ମୁଖ୍ୟମନ୍ତ୍ରୀଙ୍କ ରିଲିଫ୍ ପାଣ୍ଠିକୁ ଦାନ

**କଟକ ଅଫିସ୍,୧୪।୪:** ଖ୍ରୀଷ୍ଟ ମହାବିଦ୍ୟାଳୟ ପରିଚାଳନା ସମିତି ତରଫରୁ ମୁଖ୍ୟମନ୍ତ୍ରୀଙ୍କ ରିଲିଫ୍ ପାଣ୍ଠିକୁ ୧ ଲକ୍ଷ ଟଙ୍କାର ସହାୟତା ପ୍ରଦାନ କରାଯାଇଛି। କଟକ ଜିଲାପାଳ ଭବାନୀ ଶଙ୍କର ଚୟିନୀଙ୍କୁ ଚେକ୍ ପ୍ରଦାନ କରାଯାଇଥିଲା। କଲେଜ ପରିଚାଳନା ସମିତି ସଭାପତି ଅନୁପମ ପାତ୍ର, ସମ୍ପାଦକ ବିକାଶ ଚନ୍ଦ୍ର ରାଉତ, ସଦସ୍ୟ ଶୁଭାଶିଷ ସାହୁ ଏବଂ ଚନ୍ଦନ ଦାସ ପ୍ରମୁଖ ଉପସ୍ଥିତ ଥିଲେ।

### ସ୍ୱାସ୍ଥ୍ୟକେନ୍ଦ୍ରରେ ଡାକ୍ତର ଅନୁପସ୍ଥିତ, ବିଡିଓ କ୍ଷୁବ୍ଧ

**ବାଲକାଟୀ, ୧୪।୪ (ଡି.ଏନ.ଏ.):** କରୋନା ଆକ୍ରାନ୍ତଙ୍କ ସଂଖ୍ୟା ଦିନକୁଦିନ ରାଜ୍ୟରେ ବଢି ଚାଲିଛି। ଏହାର ମୁକାବିଲା ପାଇଁ ରାଜ୍ୟ ସରକାର ସ୍ୱାସ୍ଥ୍ୟ କେନ୍ଦ୍ର ଗୁଡିକରେ କରୋନା ଚିକିତ୍ସା ପାଇଁ ସ୍ୱତନ୍ତ୍ର ବ୍ୟବସ୍ଥା ଯୋଗାଇ ଦେଇଥିବା ବେଳେ ଡାକ୍ତର ଓ କର୍ମଚାରୀମାନଙ୍କୁ ସର୍ବଦା ସଜାଗ ରହିବାକୁ ନିର୍ଦ୍ଦେଶ ରହିଛି। ହେଲେ ରାଜଧାନୀ ଉପକଣ୍ଠ ବାଲକାଟୀ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଥିବା ଦୁଇ ଜଣ ମହିଳା ଡାକ୍ତରଙ୍କ ମଧ୍ୟରୁ ଜଣେ ୧୫ ଦିନ ଏବଂ ଅନ୍ୟ ଜଣେ ୧୦ ଦିନ ହେଲା ବିନା ଛୁଟିରେ କାର୍ଯ୍ୟରେ ଅନୁପସ୍ଥିତ ଅଛନ୍ତି। ସେହିଭଳି ଏନଆରଏଚଏମର ଜନୈକା ମହିଳା କର୍ମଚାରୀ ୧୦ ଦିନ ହେଲା କାର୍ଯ୍ୟରେ ଅନୁପସ୍ଥିତ ଅଛନ୍ତି। ରାଜ୍ୟ ସରକାରଙ୍କ ଜରୁରୀକାଳୀନ ସେବା ନିର୍ଦ୍ଦେଶନାମାକୁ ଏହି ୩ କର୍ମଚାରୀ ଫୁ କରି ଉଡାଇ ଦେଇଛନ୍ତି। ବାଲିଅନ୍ତା ବିଡିଓ ଆଦିକନ୍ଦ ବେହେରା ସ୍ୱାସ୍ଥ୍ୟକେନ୍ଦ୍ର ସ୍ୱାସ୍ଥ୍ୟସେବା ଅନୁଧ୍ୟାନ କରିବାକୁ ଆସିଥିବା ବେଳେ ମୁଖ୍ୟ ଚିକିତ୍ସାଧିକାରୀ ଦାୟିତ୍ୱରେ ଥିବା ଡାକ୍ତର ତନ୍ମୟ ତ୍ରିପାଠୀଙ୍କଠାରୁ ଏହି ୩ କର୍ମଚାରୀ ଅନୁପସ୍ଥିତ ସୂଚନା ପାଇ କ୍ଷୁବ୍ଧ ହୋଇଛନ୍ତି। ଏ ସମ୍ପର୍କରେ ଜିଲା ମୁଖ୍ୟ ଚିକିତ୍ସାଧିକାରୀଙ୍କୁ ଜଣାଇଥିଲେ ମଧ୍ୟ ଅନୁପସ୍ଥିତ ଥିବା କର୍ମଚାରୀଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇନାହିଁ।

### ନିମାପଡ଼ାରେ ଖୋଲିଲା ସ୍ୱାବ୍ କଲେକଶନ ସେଣ୍ଟର
### ପ୍ରଥମଦିନରେ ୧୭ ଜଣଙ୍କ ସ୍ୱାବ୍ ସଂଗ୍ରହ

**ନିମାପଡା, ୧୪।୪(ଡି.ଏନ.ଏ.):** କରୋନା ସଂକ୍ରମଣ ପରିପ୍ରେକ୍ଷୀରେ ପୁରୀ ଜିଲା ପକ୍ଷରୁ ନିମାପଡା ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟ ପରିସରରେ ସ୍ୱାବ ସଂଗ୍ରହ କେନ୍ଦ୍ର ନୂତନ ଭାବେ ମଙ୍ଗଳବାର ଖୋଲାଯାଇଛି। ଏଠାରେ ମାଗଣାରେ ନମୁନା ସଂଗ୍ରହ କରାଯିବାର ସମସ୍ତ ବ୍ୟବସ୍ଥା କରାଯାଇଛି। ନମୁନା ସଂଗ୍ରହ ପରୀକ୍ଷା ପାଇଁ ଦୁଇଜଣ ଲାବୋରେଟୋରି ଟେକନିସିଆନ ସୌଭାଗିନୀ ମଲ୍ଲିକ, ଅଭିଷେକ ପଟ୍ଟନାୟକଙ୍କୁ ଅବସ୍ଥାପିତ ହୋଇଛନ୍ତି। ଏହି କେନ୍ଦ୍ରରେ କେବଳ ନିମାପଡା ଓ ଗୋପ ୨ ବ୍ଲକ ଲୋକଙ୍କ ସ୍ୱାବ ସଂଗ୍ରହ ହୋଇ ତାହାକୁ ପରୀକ୍ଷା କରାଯାଇ ରିପୋର୍ଟ ପ୍ରଦାନ କରାଯିବାର ବ୍ୟବସ୍ଥା ହୋଇଛି। ପ୍ରଥମ ଦିନରେ ନିମାପଡା ଓ ଗୋପ ବ୍ଲକର ୧୭ ଜଣ ବ୍ୟକ୍ତିଙ୍କ ସ୍ୱାବ ସଂଗ୍ରହ କରାଯାଇଛି। ଏହାଦ୍ୱାରା ନିମାପଡା ଓ ଗୋପ ବ୍ଲକ୍‌ର ଲୋକେ ପୁରୀ, ଭୁବନେଶ୍ୱର ଆଦି ଦୂର ସ୍ଥାନକୁ ନ ଯାଇ ଏଠାରେ ନମୁନା ପରୀକ୍ଷା କରିପାରିବେ। କୋଭିଡ-୧୯ ପରୀକ୍ଷା ପାଇଁ ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ଏଭଳି ପଦକ୍ଷେପ ନିଆଯାଇଛି ବୋଲି ବିଡିଓ ମନୋଜ କୁମାର ବେହେରାଙ୍କଠାରୁ ଜଣାପଡିଛି।

## ସ୍ୱର୍ଗଦ୍ୱାର ବିଶୋଧନ ପ୍ରତି ନଜର ନାହିଁ



**ପୁରୀ ଅଫିସ,୧୪।୪**

କରୋନା ଭୂତାଣୁ ସଂକ୍ରମଣକୁ ରୋକିବା ପାଇଁ ସାମାଜିକ ଦୂରତା ଓ ବିଶୋଧିକରଣ ଉପରେ ଗୁରୁତ୍ୱ ଦିଆଯାଉଛି। ଏଥିପାଇଁ ପୁରୀ ଜିଲାର ବିଭିନ୍ନ ସ୍ୱାସ୍ଥ୍ୟକେନ୍ଦ୍ର, ମନ୍ଦିର, ରାସ୍ତା ଏବଂ ଅନ୍ୟାନ୍ୟ ଅଞ୍ଚଳକୁ ବିଶୋଧନ କରାଯାଉଛି। କିନ୍ତୁ ଏପର୍ଯ୍ୟନ୍ତ ସବୁଠୁ ଅଧିକ ସମ୍ବେଦନ କୁହାଯାଉଥିବା ସ୍ୱର୍ଗଦ୍ୱାରକୁ ବିଶୋଧନ କରାଯାଇନାହିଁ। ସେହିପରି ଉତ୍କଳ ବାଳାଶ୍ରମ ପରିସର କିମ୍ବା ଚତୁଃପାର୍ଶ୍ୱ ଅଞ୍ଚଳ ସାନିଟାଇଜ ହୋଇ ନ ଥିବା ଜଣାପଡ଼ିଛି।

ସ୍ୱର୍ଗଦ୍ୱାର ପ୍ରତିଟି ହିନ୍ଦୁଙ୍କ ଭାବାବେଗ ସହ ଜଡ଼ିତ। ବିଶ୍ୱାସ ରହିଛି ଏଠାରେ ମୃତଦେହ ଦାହ କଲେ ଆତ୍ମା ମୋକ୍ଷ ପ୍ରାପ୍ତି ହୋଇଥାଏ। ଏହି ବିଶ୍ୱାସକୁ ପାଥେୟ କରି ଓଡ଼ିଶାର ବିଭିନ୍ନ ପ୍ରାନ୍ତରୁ ଦୈନିକ ପ୍ରାୟ ୬୦/୭୦ ମୃତଦେହ ଦାହ ପାଇଁ ଆସିଥାଏ। କରୋନା କଟକଣା ପରଠାରୁ ସ୍ୱର୍ଗଦ୍ୱାରକୁ ମୃତଦେହ ସଂଖ୍ୟା କମିଛି। ତଥାପି ପ୍ରତିଦିନ ୮ରୁ ୧୦ ମୃତଦେହ ସତ୍କାର ପାଇଁ ଆସୁଛି। ତେବେ ବର୍ତ୍ତମାନ କରୋନାର ଭୟାବହତାକୁ ଦେଖିଲେ ସ୍ୱର୍ଗଦ୍ୱାର ନିଶ୍ଚିତ ଏକ ସମ୍ବେଦନଶୀଳ ଅଞ୍ଚଳ। ସ୍ୱର୍ଗଦ୍ୱାର ଏବଂ ଏହାର ଆଖାପାଖ ଅଞ୍ଚଳ ବିଶୋଧନ ହେବା ଜରୁରୀ। କିନ୍ତୁ ଏଥିପ୍ରତି କାହାର ନଜର ଥିବା ଭଳି ମନେ ହେଉନାହିଁ।

ବର୍ତ୍ତମାନ ସ୍ଥିତିକୁ ଦେଖିଲେ କୌଣସି ଲକ୍ଷଣ ନ ଥାଇ ବି ପରୀକ୍ଷା ପରେ ଲୋକଙ୍କଠାରେ କରୋନା ପଜିଟିଭ ବାହାରୁଛି । ତେଣୁ ସ୍ୱର୍ଗଦ୍ୱାରକୁ ଆସିଥିବା ମୃତଦେହ ମଧ୍ୟରୁ କାହାଠାରେ କେଉଁ

**ସାନିଟାଇଜ ହୋଇନି ଉତ୍କଳ ବାଳାଶ୍ରମ ପରିସର**

ରୋଗ ଏବଂ କି ପ୍ରକାର ଭୂତାଣୁ ଥିବ ତାହା କହିହେବ ନାହିଁ। ତେଣୁ ସ୍ୱର୍ଗଦ୍ୱାର ଏବଂ ଏହାର ଆଖାପାଖ ଅଞ୍ଚଳକୁ ନିୟମିତ ବ୍ୟବଧାନରେ ସାନିଟାଇଜ କରିବା ଦରକାର ବୋଲି ଅନେକ ବୁଦ୍ଧିଜୀବୀ ମତ ରଖିଛନ୍ତି। ଅନ୍ୟପକ୍ଷରେ କରୋନା ଭୂତାଣୁ ଯେପରି ସଂକ୍ରମଣ ନ ହେବ ସେଥିଲାଗି ଛୋଟ ପିଲା ଏବଂ ବୟସ୍କ ବ୍ୟକ୍ତିଙ୍କ ଯତ୍ନ ଅଧିକ ନେବା ଦରକାର ବୋଲି କୁହାଯାଉଛି। ଏହି ଦୃଷ୍ଟିରୁ ଉତ୍କଳ ବାଳାଶ୍ରମ ପରିସର ଏବଂ ଏହାର ଚତୁଃପାର୍ଶ୍ୱ ଅଞ୍ଚଳ ଏ ପର୍ଯ୍ୟନ୍ତ ବିଶୋଧନ କରାଯାଇ ନ ଥିବା ଜଣାପଡିଛି । ଏଥିପ୍ରତି ପ୍ରଶାସନ ଦୃଷ୍ଟି ଦେବା ଦରକାର ବୋଲି କୁହାଯାଉଛି ।

ଏ ସମ୍ପର୍କରେ ଜିଲା ସହକାରୀ ଅଗ୍ନିଶମ ଅଧିକାରୀ ପ୍ରଦୀପ କୁମାର ରାଉତ କହିଛନ୍ତି ପ୍ରଶାସନ ନିର୍ଦ୍ଦେଶ ପ୍ରକାରେ ବିଭିନ୍ନ ସ୍ଥାନରେ ବିଶୋଧନ କାର୍ଯ୍ୟ ଜାରି ରହିଛି। ସ୍ୱର୍ଗଦ୍ୱାର ଅଞ୍ଚଳକୁ ଅଗ୍ରାଧିକାର ଭିତ୍ତିରେ ବିଶୋଧନ କରାଯିବ।

## ଜିରୋ ବଜେଟରେ ପ୍ରାମାଣିକ ଚଳଚ୍ଚିତ୍ର

**କଟକ ଅଫିସ,୧୪।୪**

ଦୃଢ ଇଚ୍ଛାଶକ୍ତି ଓ ନିଷ୍ଠା ଥିଲେ ଅସମ୍ଭବରେ ବି ଭରିଦେଇହେବ ସମ୍ଭାବନାର ରଙ୍ଗ। ମିଳିପାରିବ ସଫଳତା। କେତେଜଣ ଯୁବତୀ ଯୁବକ ଏହା ପ୍ରମାଣିତ କରି ଦେଖାଇଛନ୍ତି। ସେମାନେ ଘରେ ରହି ଓ କୌଣସି ମୂଲ୍ୟବାନ ଯନ୍ତ୍ରପାତି ବ୍ୟବହାର ନ କରି ପ୍ରସ୍ତୁତ କରିଛନ୍ତି ଏକ ପ୍ରାମାଣିକ ଚଳଚ୍ଚିତ୍ର। ଏହା କରୋନା ସଚେତନତା ଉପରେ ଆଧାରିତ। ମୋବାଇଲରେ ଶୁଟିଂ ଶେଷ କରିବା ସହ କୌଣସି ଅର୍ଥ ବ୍ୟୟ ବିନା ପ୍ରସ୍ତୁତ ହୋଇଥିବା ଏହି ପ୍ରାମାଣିକ ଚଳଚ୍ଚିତ୍ର ଏବେ ସୋସିଆଲ ମିଡ଼ିଆରେ ବେଶ୍ ଭାଇରାଲ ହେଉଛି।

ବର୍ତ୍ତମାନ ଲକ୍‌ଡାଉନ ଯୋଗୁ ସମସ୍ତେ ଘରେ ରହୁଛନ୍ତି। ଫଳରେ ମନୋରଞ୍ଜନର ଖୋରାକ ଦରକାର ପଡୁଛି। ସୋସିଆଲ ମିଡ଼ିଆ ଉପରେ ଲୋକେ ଏବେ ଅଧିକ ନିର୍ଭରଶୀଳ। ତେଣୁ ଲୋକଙ୍କୁ ନୂତନ ମନୋରଞ୍ଜନମୂଳକ ଭିଡିଓ ପହଞ୍ଚାଇବାକୁ ଯୋଜନା କରିଥିଲୁ ବୋଲି ଅଭିନେତା

**ଯୁବପିଢ଼ିଙ୍କ ନୂଆ ପ୍ରୟାସ**

ଅନ୍ତର୍ଯ୍ୟାମୀ ମିଶ୍ର କହିଛନ୍ତି। ପ୍ରାମାଣିକ ଚଳଚ୍ଚିତ୍ରର କାହାଣୀ ଓ ଚିତ୍ରନାଟ୍ୟ ଦାୟିତ୍ୱ ତୁଲାଇଛନ୍ତି ଲୋପାମୁଦ୍ରା ବାରିକ। ମୋବାଇଲ ଦ୍ୱାରା ବ୍ୟକ୍ତିଗତ ସ୍ତରରେ ସମସ୍ତେ ଶୁଟିଂ ଶେଷକରି ପଠାଇଥିଲେ। ମହାମାରୀ କରୋନାକୁ ନେଇ ସଚେତନତାମୂଳକ ବାର୍ତ୍ତା ଏହି ପ୍ରାମାଣିକ ଚଳଚ୍ଚିତ୍ରର ପୃଷ୍ଠଭୂମି। ଭାସ୍ୱତୀ ବସୁଙ୍କ ଭଳି ନାମୀଦାମୀ କଳାକାରଙ୍କୁ ମଧ୍ୟ ଏହି ଭିଡିଓରେ ଦେଖିବାକୁ ମିଳିଛି। ଭାସ୍ୱତୀଙ୍କ ବ୍ୟତୀତ ଦେବଦତ୍ତ ପତି, ସୌମ୍ୟରଞ୍ଜନ ବେହେରା, ସୂର୍ଯ୍ୟକାନ୍ତ ଛୋଟରାୟ, କ୍ରିଷ୍ଣା ସିଂ, ଶିବାନୀ ପଣ୍ଡା ବିଭିନ୍ନ ଭୂମିକାରେ ଅଭିନୟ କରିଛନ୍ତି। ଏହି ପ୍ରାମାଣିକ ଚଳଚ୍ଚିତ୍ରକୁ ରାଜ୍ୟ, ଦେଶ ଓ ଜାତି ଉଦ୍ଦେଶ୍ୟରେ ଉତ୍ସର୍ଗ କରାଯାଇଛି ବୋଲି ଉକ୍ତ ଯୁବପିଢି ପ୍ରକାଶ କରିଛନ୍ତି।


ପ୍ରାମାଣିକ ଚଳଚ୍ଚିତ୍ରରେ ଅଭିନୟ କରିଥିବା ଅଭିନେତ୍ରୀ, ଅଭିନେତାମାନେ।

## ପୁରୀ: କାର୍ଯ୍ୟକ୍ଷମ ହେଲା କୋଭିଡ୍ ସ୍ୱାସ୍ଥ୍ୟକେନ୍ଦ୍ର

**ପୁରୀ ଅଫିସ,୧୪।୪**

କରୋନା ଆକ୍ରାନ୍ତଙ୍କ ଚିକିତ୍ସା ଲାଗି ମଙ୍ଗଳବାରଠାରୁ ପୁରୀରେ ୧୦୦ଶଯ୍ୟା ବିଶିଷ୍ଟ କୋଭିଡ୍ ସ୍ୱାସ୍ଥ୍ୟକେନ୍ଦ୍ର କାର୍ଯ୍ୟକ୍ଷମ ହୋଇଛି। ଗୋପବନ୍ଧୁ ଆୟୁର୍ବେଦ ମହାବିଦ୍ୟାଳୟରେ ୬୦ ଶଯ୍ୟା ଓ ସଂକ୍ରାମକ ରୋଗ ଚିକିତ୍ସାଳୟ (ଆଇଡିଏଚ୍)ରେ ୪୦ ଶଯ୍ୟା ପ୍ରସ୍ତୁତ କରାଯାଇଛି । ଜିଲାପାଳ ବଲୱନ୍ତ ସିଂଙ୍କ ସମେତ ଅନ୍ୟ ଅଧିକାରୀମାନେ ସ୍ୱାସ୍ଥ୍ୟକେନ୍ଦ୍ର ବୁଲି ସମୀକ୍ଷା କରିଛନ୍ତି । ଜିଲାପାଳ ସିଂ କହିଛନ୍ତି, ରାଜ୍ୟ ସରକାରଙ୍କ

**କୋଭିଡ୍ କେୟାର ସେଣ୍ଟର ବି ଖୋଲିଲା**

ନିର୍ଦ୍ଦେଶକ୍ରମେ କରୋନା ମୁକାବିଲା ଲାଗି ବିଭିନ୍ନ ବିଭାଗର ଅଧିକାରୀମାନେ କାମ ଜାରି ରଖିଛନ୍ତି। ସେହିପରି ଶ୍ରୀଜଗନ୍ନାଥ ମେଡିକାଲ କଲେଜରେ ୧୦୦ ଶଯ୍ୟା ବିଶିଷ୍ଟ କୋଭିଡ୍ କେୟାର ସେଣ୍ଟର ମଧ୍ୟ ପ୍ରସ୍ତୁତ କରାଯାଇଛି। ଏଠାରେ କରୋନା ସନ୍ଦିଗ୍ଧଙ୍କ ସ୍ୱାସ୍ଥ୍ୟ ପରୀକ୍ଷା କରାଯିବ। ଲକ୍ଷଣ ସାମାନ୍ୟ ଥିଲେ ତାଙ୍କୁ କୋଭିଡ ହେଲ୍‌ଥ ସେଣ୍ଟରକୁ ସ୍ଥାନାନ୍ତର କରାଯିବ। ହେଲ୍‌ଥ ସେଣ୍ଟରରେ ଅମ୍ଳଜାନ ସିଲିଣ୍ଡର ସହ ଅନ୍ୟାନ୍ୟ ଆନୁଷଙ୍ଗିକ ସରଞ୍ଜାମ ରଖାଯାଇଛି। ୪୫ ଡାକ୍ତର, ପ୍ରାୟ ୩୦୦ରୁ ଊର୍ଦ୍ଧ୍ୱ ପାରାମେଡିକାଲ ଷ୍ଟାଫ୍‌ଙ୍କୁ ନିୟୋଜିତ କରାଯାଇଛି ବୋଲି ଜିଲାପାଳ କହିଛନ୍ତି। ଏହି ସମୟରେ ଅତିରିକ୍ତ ଜିଲାପାଳ ବିନୟ କୁମାର ଦାଶ, ପ୍ରୋବେଶନ ଅଧିକାରୀ ମୟୂର ସୂର୍ଯ୍ୟବଂଶୀ, ଉପଜିଲାପାଳ ଭବତାରଣ ସାହୁ, ଜିଲା ମୁଖ୍ୟ ଚିକିତ୍ସାଧିକାରୀ ଡା. ନୀଳକଣ୍ଠ ମିଶ୍ରଙ୍କ ସମେତ ବିଭାଗୀୟ ଅଧିକାରୀ ପ୍ରମୁଖ ହେଲ୍‌ଥ ସେଣ୍ଟର ବୁଲିଥିଲେ।

## ପିଡିଏସ୍ ରିଟେଲର ନିଲମ୍ବିତ

**ପୁରୀ ଅଫିସ,୧୪।୪**

ପିଡିଏସ୍ ସାମଗ୍ରୀ ବଣ୍ଟନରେ ଅନିୟମିତତା ଅଭିଯୋଗରେ ମଙ୍ଗଳବାର ନିମାପଡ଼ା ବ୍ଲକର ହରିପୁର ପଞ୍ଚାୟତର ରିଟେଲର ଗୋବିନ୍ଦ ଚନ୍ଦ୍ର ସାହୁଙ୍କୁ ନିଲମ୍ବନ କରାଯିବା ସହ ତାଙ୍କ ଲାଇସେନ୍ସ ରଦ୍ଦ କରାଯାଇଛି। ଅଭିଯୋଗ ପାଇବା ପରେ ଉପଜିଲାପାଳ ଭବତାରଣ ସାହୁ ଏହାର ଅନୁଧ୍ୟାନ କରି ପଦକ୍ଷେପ ନେଇଛନ୍ତି। ସମ୍ପୃକ୍ତ ୱାର୍ଡରେ ପିଡିଏସ୍ ସାମଗ୍ରୀ କିପରି ସୁରୁଖୁରୁରେ ବଣ୍ଟାଯାଇପାରିବ ତା'ର ଦାୟିତ୍ୱ ବିଡିଓଙ୍କୁ ଦିଆଯାଇଛି। ସେ ଅନ୍ୟ ଜଣଙ୍କୁ ଚୟନ କରି ସାମଗ୍ରୀ ବଣ୍ଟନ କରିବେ ବୋଲି ଉପଜିଲାପାଳ ସାହୁ ସୂଚନା ଦେଇଛନ୍ତି ।

## ସଂକ୍ରମଣ ରୋକିବାକୁ ନିର୍‌ତାରରେ ସ୍ୱତନ୍ତ୍ର କମିଟି

**କଣ୍ଟାପଡା, ୧୪।୪(ଡି.ଏନ୍.ଏ.)**

ଲକ୍‌ଡାଉନ ଖୋଲିବା ପରେ ଦିବ୍ୟାଙ୍ଗ ଚିକିତ୍ସା ଓ ଗବେଷଣା ପାଇଁ ଓଲଟପୁରସ୍ଥିତ ଏସ୍.ଭି. ନିରତାରରେ କରୋନା ସଂକ୍ରମଣ ରୋକିବାକୁ ସୋମବାର ଏକ ସ୍ୱତନ୍ତ୍ର କମିଟି ଗଠନ କରାଯାଇଛି। କମିଟି ଚେୟାରମ୍ୟାନ ଭାବେ ଅନୁଷ୍ଠାନର ନିର୍ଦ୍ଦେଶକ ଡା. ଶକ୍ତି ପ୍ରସାଦ ଦାସ ରହିଥିବାବେଳେ ଡା. ପବିତ୍ର ସାହୁ ସଂକ୍ରମଣ ନିୟନ୍ତ୍ରକ, ଡା. କିଶୋର ମହାପାତ୍ର ଅସ୍ତ୍ରୋପଚାର ବିଭାଗ ପରିଚାଳନା ଦାୟିତ୍ୱ ପ୍ରଦାନ କରାଯାଇଛି। ପ୍ରଶାସନିକ ଉପନିର୍ଦ୍ଦେଶକ ରଶ୍ମି ରଞ୍ଜନ ସେଠୀ ପ୍ରଶାସନିକ ପରିଚାଳନା, ଡା. ଦୀପକ ସିଂ, ଡା. କେ. ଏସ. ରାଓ ଓ ଇଂ. ସତ୍ୟଜିତ ପଟ୍ଟନାୟକଙ୍କୁ ଅନ୍ୟ ଦାୟିତ୍ୱ ପ୍ରଦାନ କରାଯାଇଛି। ସହକାରୀ ମାର୍ଟନ ହେମନ୍ତ ମଞ୍ଜରୀ ଦେଈଙ୍କୁ ମହିଳା ୱାର୍ଡର ସଂକ୍ରମଣ ନିରୋଧ ଦାୟିତ୍ୱ ପ୍ରଦାନ କରାଯାଇଛି। ଲକ୍‌ଡାଉନ ଖୋଲିବା ପରେ ନିରତାରରେ ଦିବ୍ୟାଙ୍ଗମାନଙ୍କର ଚିକିତ୍ସା ପାଇଁ ଭିଡ ଲାଗିବା ସମ୍ଭାବନାକୁ ଦୃଷ୍ଟିରେ ରଖି ଏହାର ପରିସରକୁ ସଂକ୍ରମଣ ମୁକ୍ତ ରଖିବାକୁ ଉକ୍ତ କମିଟି ଗୁରୁତ୍ୱ ଦେବ ବୋଲି କମିଟିର ମୁଖ୍ୟ ଡା. ଦାସ କହିଛନ୍ତି।

## ଚିଲିକାରେ ସୃଷ୍ଟି ହୋଇପାରେ ୩ୟ ମୁହାଣ

**କୃଷ୍ଣପ୍ରସାଦ, ୧୪।୪ (ଡି.ଏନ.ଏ.)**

ମହାମାରୀ କରୋନା ଭୟ ଲାଗି ରହିଥିବାବେଳେ ପୁରୀ ଜିଲା କୃଷ୍ଣପ୍ରସାଦ ବ୍ଲକ ରାଜହଂସଠାରେ ବଙ୍ଗୋପସାଗର କୂଳ ଲଙ୍ଘିବାରେ ଲାଗିଛି। ସମୁଦ୍ର ଓ ଚିଲିକା ମଝିରେ ବାଡ ଭଳି ଥିବା ୭ଶହ ମିଟର ବାଲିବନ୍ଧ ଜୁଆର ମାଡରେ ଖାଇ ଚାଲିଛି। ଯଦି ବାଲିବନ୍ଧଟି ନଷ୍ଟ ହୋଇଯାଏ, ତେବେ ଚିଲିକାରେ ୩ୟ ମୁହାଣ ସୃଷ୍ଟି ହୋଇପାରେ ବୋଲି ସ୍ଥାନୀୟ ଲୋକେ କହିଛନ୍ତି। ସମୁଦ୍ର କୂଳ ଖାଇବା ଦ୍ୱାରା ଏହାର ନିକଟରେ ଥିବା ୧୦ରୁ ଊର୍ଦ୍ଧ୍ୱ ଗାଁ ସମୁଦ୍ର ଗର୍ଭରେ ଲୀନ ହୋଇଯିବ ବୋଲି ଏଠାକାର ଲୋକେ ଆଶଙ୍କା ପ୍ରକାଶ କରିଛନ୍ତି।

କିଛିମାସ ତଳେ ମାଲେସିଆରୁ ଏକ ଜାହାଜ ସମୁଦ୍ରରେ ଯାଉଥିବା ବେଳେ ଯାନ୍ତ୍ରିକ ତ୍ରୁଟି ଯୋଗୁ ଆସି ଖିରିସାହି ନିକଟ ରାଜହଂସ ପାଖରେ ଅଟକି ଥିଲା। ବହୁ ଚେଷ୍ଟା ପରେ ମାଲବାହୀ ଜାହାଜଟି ସଜଡା ଯାଇ କୂଳରୁ ଚାଲି ଯାଇଥିଲା। ହେଲେ କଣ୍ଟେନରଟି ଏଯାଏ ସେହିଠାରେ ପଡି ରହିଛି। ସମୁଦ୍ରର ଢେଉ ଏହି କଣ୍ଟେନରରେ ମାଡ ଖାଇ ସେଠାରେ କୂଳକୁ ଖାଇବାରେ ଲାଗିଥିବା ବ୍ରହ୍ମପୁର ଗାଁର ସଂଗ୍ରାମ ଜେନା କହିଛନ୍ତି। ପ୍ରତିଦିନ ସମୁଦ୍ରର ଢେଉ ଲଗାତର କୂଳ ଖାଇବା ଯୋଗୁ ଝାଉଁ ଗଛ ସବୁ ଉପୁଡି ପଡିଲାଣି। ସମୁଦ୍ର କୂଳ ଖାଇବାକୁ ଦେଖି ଏଠାକାର ଗ୍ରାମବାସୀ କରୋନା ଭୂତାଣୁ ରୋକିବା ଲାଗି କରାଯାଇଥିବା ଲକ୍‌ଡାଉନକୁ ଭୁଲି ଗଲେଣି। ଲୋକେ ଭୟଭୀତ ହୋଇ କେଉଁଠି ଆଶ୍ରୟ ନେବେ ସେହି ଚିନ୍ତାରେ ପଡିଛନ୍ତି। ଉପକୂଳ ବ୍ରହ୍ମପୁର ଗାଁର କୃଷ୍ଣଚନ୍ଦ୍ର ଜେନା କୁହନ୍ତି, ସରକାର କରୋନା ସଂକ୍ରମଣ ରୋକିବାରେ ଲାଗି ପଡିଛନ୍ତି। ହେଲେ ଏଥିପ୍ରତି ବ୍ଲକ କି ଜିଲା ପ୍ରଶାସନ କୌଣସି ଦୃଷ୍ଟି ଦେଉନାହିଁ। ଯଦି ସମୁଦ୍ର କୂଳ ଲଙ୍ଘିବା ଏହିପରି ଲାଗି ରହେ ତେବେ ବ୍ରହ୍ମପୁର, ମଏଁସା, ଖିରିସାହି ଆଦି ୧୦ରୁ ଊର୍ଦ୍ଧ୍ୱ ଗ୍ରାମ ସମୁଦ୍ରରେ ମିଶିଯିବ ଏଥିରେ ସନ୍ଦେହ ନାହିଁ।




## 'ରାଜନୈତିକ ଚାପରେ ପୋଲିସ ନୀରବ'

**ଖୋର୍ଦ୍ଧା ଅଫିସ,୧୪।୪**

ବହୁଚର୍ଚ୍ଚିତ ଭାଜପା ନେତା ମଙ୍ଗୁଳି ଜେନା ହତ୍ୟାକାଣ୍ଡକୁ ମଙ୍ଗଳବାର ବର୍ଷେ ପୂରିଛି। ମାତ୍ର ଏପର୍ଯ୍ୟନ୍ତ ଏଥିରେ ସମ୍ପୃକ୍ତ ଅଭିଯୁକ୍ତଙ୍କୁ ଧରିବାରେ ଖୋର୍ଦ୍ଧା ପୋଲିସ ବିଫଳ ହୋଇଛି। ଏହି ମାମଲାରେ ପ୍ରଭାବଶାଳୀ ନେତା, ବ୍ୟକ୍ତିବିଶେଷଙ୍କ ସମ୍ପୃକ୍ତି ନେଇ ଜଣାପଡ଼ିବା ପରେ ପୋଲିସ ଜାଣିଶୁଣି ଅଭିଯୁକ୍ତଙ୍କୁ ଘଣ୍ଟ ଘୋଡ଼ାଉଛି ବୋଲି ମଙ୍ଗଳବାର ମଳିପଡ଼ାସ୍ଥିତ ଭାଜପା କାର୍ଯ୍ୟାଳୟରେ ମଙ୍ଗୁଳି ଜେନାଙ୍କ ପ୍ରଥମ ଶ୍ରାଦ୍ଧୋତ୍ସବରେ ଆୟୋଜିତ ଶ୍ରଦ୍ଧାଞ୍ଜଳି ସଭାରେ ଅଭିଯୋଗ ଉଠିଛି। ବଡପୋଖରୀଆ ଭାଜପା ମଣ୍ଡଳ ସଭାପତି ବିପିନ କୁମାର ପାଲଟା ସିଂଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି ସଭାରେ ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ କାଳୁ ଖଣ୍ଡାୟତରାୟ ଯୋଗଦେଇ କହିଲେ ଯେ, ଏହି ମାମଲାରେ ପୋଲିସ ହାତରେ ଠୋସ ପ୍ରମାଣ ରହିଥିଲେ ବି

**ମଙ୍ଗୁଳି ଜେନା ହତ୍ୟାକାଣ୍ଡକୁ ବର୍ଷେ ପୂରିଲା**


ମଙ୍ଗୁଳି ଜେନାଙ୍କ ଶ୍ରାଦ୍ଧୋତ୍ସବରେ ତାଙ୍କ ଫଟୋଚିତ୍ରରେ ମାଲ୍ୟାର୍ପଣ କରାଯାଉଛି।

ରାଜନୈତିକ ଚାପରେ ଚୁପ୍ ବସିଛି। ଅନ୍ୟପଟେ ଏହି ମାମଲାର ତଦନ୍ତ ଲାଗି ରାଜ୍ୟ ସରକାର କ୍ରାଇମବ୍ରାଞ୍ଚକୁ ନିର୍ଦ୍ଦେଶ ଦେଇଥିଲେ। ତଦନ୍ତରେ ଶୀଥିଳତା ଯୋଗୁ ମଙ୍ଗୁଳି ହତ୍ୟାକାଣ୍ଡର ଅଭିଯୁକ୍ତ ଖୋଲାଖୋଲି ବୁଲୁଛନ୍ତି। ସେହିପରି ରାଜ୍ୟ ପରିଷଦ ସଭ୍ୟ ରଘୁନାଥ ସାହୁ ଏହି ମାମଲାରେ ସିବିଆଇ ତଦନ୍ତ ଦାବି କରିଛନ୍ତି। ଗୋଟିଏ ବର୍ଷ ବିତିଲାଣି। ତଦନ୍ତରେ କୌଣସି ସୁଫଳ ମିଳିନାହିଁ। ଏଥିରେ ରାଜନୈତିକ ବ୍ୟକ୍ତିବିଶେଷଙ୍କ ହାତ ରହିଥିବାରୁ ଜାଣିଶୁଣି ତଦନ୍ତ ବିଳମ୍ବ କରାଯାଉଛି ବୋଲି ସାହୁ ଅଭିଯୋଗ ଆଣି କ୍ରାଇମବ୍ରାଞ୍ଚର ସ୍ୱଚ୍ଛତା ନେଇ ଅଙ୍ଗୁଳି ଉଠାଇଛନ୍ତି। ସଭାରେ ଭାଜପା ରାଜ୍ୟ କୃଷକ ମୋର୍ଚ୍ଚା ଉପସଭାପତି ଶ୍ରୀରଞ୍ଜନ ମଙ୍ଗରାଜ, ମାନସ ରଞ୍ଜନ ପଟ୍ଟନାୟକ, ସୀତାରାମ ରାଉତରାୟ, ପବିତ୍ର ହରିଚନ୍ଦନ, ଆଲୋକ ରଞ୍ଜନ ଛୋଟରାୟ, ରାମଚନ୍ଦ୍ର ପରିଡା, କିଶୋର ବରାଳ, ହରେକୃଷ୍ଣ ମହାନ୍ତି ଏବଂ ବିଶ୍ୱଭୂଷଣ ପଟ୍ଟନାୟକଙ୍କ ସମେତ ବହୁ କର୍ମୀ ଉପସ୍ଥିତ ଥିଲେ। ମଙ୍ଗୁଳିଙ୍କ ଅମର ଆତ୍ମାର ସଦ୍‌ଗତି ଉଦ୍ଦେଶ୍ୟରେ ଦୁଇ ମିନିଟ ନୀରବ ପ୍ରାର୍ଥନା କରାଯାଇଥିଲା। ସୂଚନାଯୋଗ୍ୟ, ୨୦୧୯ ଏପ୍ରିଲ ୧୪ରେ ଖୋର୍ଦ୍ଧା ସହରରେ ମଙ୍ଗୁଳିଙ୍କୁ ଗୁଳିକରି କେତେଜଣ ଦୁର୍ବୃତ୍ତ ହତ୍ୟା କରିଥିଲେ। ସରକାର ଏହି ମାମଲାର ତଦନ୍ତ ଭାର କ୍ରାଇମବ୍ରାଞ୍ଚକୁ ଦେଇଥିଲେ। କ୍ରାଇମବ୍ରାଞ୍ଚ ବହୁ ଲୋକଙ୍କ ବୟାନ ସଂଗ୍ରହ କରିଥିଲେ ମଧ୍ୟ ତଦନ୍ତ ଧିମେଇ ଯାଇଥିଲା। ଏହା ପ୍ରତିବାଦରେ ବଡପୋଖରୀଆ ଲୋକେ ମାର୍ଚ୍ଚ ୧୭ରେ ଜିଲାପାଳଙ୍କ କାର୍ଯ୍ୟାଳୟ ଆଗରେ ଧାରଣା ଦେଇଥିଲେ।

## ସଂକ୍ଷେପରେ

### ମୋବାଇଲ ଟାୱାରରୁ ଚୋରି, ୩ ଗିରଫ

ବଡବିଲ, ୧୪।୪(ସ୍ୱ.ପ୍ର.)- କେନ୍ଦୁଝର ଜିଲା ବଡବିଲ ପୋଲିସ ଏକ ମୋବାଇଲ ଟାୱାରରୁ ଚୋରି ଅଭିଯୋଗରେ ୨ଚୋରଙ୍କ ସହ ଜଣେ ରିସିଭରଙ୍କୁ ଗିରଫ କରି ମଙ୍ଗଳବାର କୋର୍ଟ ଚାଲାଣ କରିଛି। ଗିରଫ ଅଭିଯୁକ୍ତଙ୍କ ମଧ୍ୟରୁ ଦୁଇ ଜଣ ହେଲେ ବଡବିଲ ସେଡିଂ ବସ୍ତି ଅଞ୍ଚଳର ଶ୍ରୀନାଥ କାରୁଆ, କେ ଅଲ୍ଲୀ ବସ୍ତିର ଏମଡି ଜିସାନ ଏବଂ ଚୋରି ତମ୍ବା ତାର ରିସିଭ କରିଥିବା ଅଭିଯୁକ୍ତ ହେଲେ ଅମୁଲ ଦାସ। ସୂଚନା ଅନୁଯାୟୀ, ବଡବିଲ ଥାନା ଠାକୁରାଣୀ ଅଞ୍ଚଳରେ ଥିବା ଏକ ଘରୋଇ କମ୍ପାନୀ ମୋବାଇଲ ଟାୱାରରୁ ଚୋରି ହୋଇଥିବା ନେଇ ବଡବିଲ ଥାନାରେ ଗତ ୧୨ତାରିଖରେ ଏକ ମାମଲା ରୁଜୁ ହୋଇଥିଲା। ପୋଲିସ ତଦନ୍ତ କରି ଘଟଣାରେ ସଂପୃକ୍ତ ତିନି ଜଣଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି।

### ରକ୍ତଦାନ ଶିବିରରୁ ୨୨ ୟୁନିଟ୍ ସଂଗୃହୀତ

ବାଲେଶ୍ୱର ଅଫିସ,୧୪।୪-ବାଲେଶ୍ୱର ଜିଲା ବାହାନଗା ବ୍ଲକ ଅଧୀନ ନୂଆପୁର ପଞ୍ଚାୟତର ବାତ୍ୟା ଅଶ୍ରୟସ୍ଥଳୀଠାରେ ମଙ୍ଗଳବାର ଆଚ୍ଛା ସଙ୍ଗଠନ ପକ୍ଷରୁ ଏକ ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଯାଇଛି। ସଙ୍ଗଠନର ଆସିଷ୍ଟାଣ୍ଟ ମେଡ଼ିକାଲ କୋଡ଼ିନେଟର ଅନ୍ତର୍ଯ୍ୟାମୀ ବେହେରାଙ୍କ ତତ୍ତ୍ୱାବଧାନ ଓ ନୂଆପୁର ପଞ୍ଚାୟତର ସରପଞ୍ଚ ମନୋରମା ମଲ୍ଲିକଙ୍କ ସହଯୋଗରେ ଶିବିରରେ ମୋଟ୍ ୨୨ ୟୁନିଟ୍ ରକ୍ତ ସଂଗୃହୀତ ହୋଇଛି। ବ୍ଲଡ଼ବ୍ୟାଙ୍କ ଅଫିସର ଡା. ବସନ୍ତ କୁମାର ଉପାଧ୍ୟାୟ, ଦୁଇ ଲ୍ୟାବଟେଷ୍ଟ ଅଧିକାରୀ ଅକ୍ଷୟ କୁମାର ଜେନା ଓ ଜ୍ୟୋତିଶ କୁମାର ପ୍ରଧାନ, ଆଟେଣ୍ଡାଣ୍ଟ ବିନୋଦ ବିହାରି ଦାସ ଓ ବିଜୟ କୁମାର ବଳ ଦୂରତା ରକ୍ଷା କରି ରକ୍ତଦାତାମାନଙ୍କଠାରୁ ରକ୍ତ ସଂଗ୍ରହ କରିଥିଲେ। ସଙ୍ଗଠନ ସଭାପତି ବିସ୍ମିତ ରଞ୍ଜନ ଦାସ, ସମ୍ପାଦକ ରଣଜିତ୍ କୁମାର ପୃଷ୍ଟି, ସାମାଜିକ ଗଣମାଧମ ସଂଯୋଜକ ରାକେଶ ବେହେରା ପ୍ରମୁଖ ସହଯୋଗ କରିଥିଲେ।

# ୧୦ ସେକେଣ୍ଡରେ ସାନିଟାଇଜ୍

**ପ୍ରସ୍ତୁତ କରି ଚର୍ଚ୍ଚାରେ ଦୁଇ ଭାଇ**

ବାରିପଦା ଅଫିସ, ୧୪।୪

ଏବେ କରୋନାକୁ ନେଇ ସାରା ବିଶ୍ୱବାସୀ ଚିନ୍ତିତ। ଏହି ମହାମାରୀ ସଂକ୍ରମଣକୁ ରୋକିବା ପାଇଁ ବିଭିନ୍ନ ସ୍ତରରେ ପଦକ୍ଷେପ ନିଆଯାଉଛି। ଏହିଭଳି ଘଡିସନ୍ଧି ମୁହୂର୍ତ୍ତରେ ମୟୂରଭଞ୍ଜ ଜିଲା ବାରିପଦା ସହରର ୨୮ନଂ. ୱାର୍ଡ଼ ବାଗଡିହା ଅଞ୍ଚଳର ଦୁଇ ଭାଇ ସାନିଟାଇଜର ରୁମ୍ ପ୍ରସ୍ତୁତ କରି ଚର୍ଚ୍ଚାକୁ ଆସିଛନ୍ତି। ସେମାନେ କହିଛନ୍ତି ଯେ, ଏହି ରୁମ୍‌ରେ ଜଣେ ବ୍ୟକ୍ତି ୧୦ସେକେଣ୍ଡ ରହିବା ପରେ ସମ୍ପୂର୍ଣ୍ଣ ସାନିଟାଇଜ (ବିଶୋଧନ) ହୋଇପାରିବ। ଏହି ଦୁଇ ଭାଇ ହେଲେ ବିଜେନ୍ଦ୍ର କୁମାର ଗିରି ଓ ତାଙ୍କ ସମ୍ପର୍କୀୟ ଭାଇ ସୁରଜ କୁମାର କଅଁର। ଏହି ସାନିଟାଇଜ ରୁମ୍ ପାଇଁ ଖର୍ଚ୍ଚ ହୋଇଛି ମାତ୍ର ୮୬୦୦ ଟଙ୍କା। ଏହି ରୁମ୍ ଦ୍ୱାରା ସଂକ୍ରମଣକୁ ରୋକାଯାଇପାରିବ ବୋଲି ସେମାନେ ଦାବି କରିଛନ୍ତି।

ବିଜେନ୍ଦ୍ର ନେସ୍କୋର ଜଣେ ଲାଇନ୍‌ମ୍ୟାନ୍ ହୋଇଥିବା ବେଳେ ସୁରୁଜ ଏକ ଘରୋଇ ସଂସ୍ଥାରେ କାର୍ଯ୍ୟ କରୁଛନ୍ତି। ମଧ୍ୟପ୍ରଦେଶରେ ଜଣେ ଯୁବକ ଏପରି ସାନିଟାଇଜରର ସ୍ପ୍ରେ ରୁମ୍ ତିଆରି କରିଥିବା ବିଜେନ୍ଦ୍ର ୩ଦିନ ତଳେ ୟୁଟ୍ୟୁବ୍‌ରେ ଦେଖି ସୁରଜଙ୍କୁ କହିଥିଲେ। ଓଡ଼ିଶାରେ ଏଭଳି ରୁମ୍ ହେବା ଦରକାର ବୋଲି ଉଭୟେ ଚିନ୍ତା କରିଥିଲେ। ପରେ ଦୁଇ ଭାଇ ମିଶି ଦୁଇ ଦିନ ମଧ୍ୟରେ ପ୍ରସ୍ତୁତ କରିଥିଲେ ସାନିଟାଇଜର ରୁମ୍। ଏହାର ନାମ ଦିଆଯାଇଛି 'ଦିଲ୍ ସେ ମୟୂରଭଞ୍ଜିଆ'। ବିଜେନ୍ଦ୍ର କହିଛନ୍ତି ଯେ, ଏଭଳି ରୁମ୍‌କୁ କୋଭିଡ଼ ହସ୍ପିଟାଲ କେନ୍ଦ୍ର ନିକଟରେ ରଖାଗଲେ ସେଠାକୁ ଯାଉଥିବା ବ୍ୟକ୍ତିବିଶେଷ ଆସିବା ପରେ ଏହି ରୁମ୍‌ରେ ପଶି ନିଜକୁ ବିଶୋଧନ କରିପାରିବେ। ବୁଧବାର ଜିଲାର ବାଙ୍କିଶୋଲଠାରେ କୋଭିଡ଼ ହସ୍ପିଟାଲ ଉଦ୍‌ଘାଟନ ହେବ। ଜିଲା ପ୍ରଶାସନକୁ ଅନୁରୋଧ କରି ପ୍ରାଥମିକ ପର୍ଯ୍ୟାୟରେ ଏହି ରୁମ୍‌କୁ ସେଠାରେ ରଖିବେ ବୋଲି ବିଜେନ୍ଦ୍ର ପ୍ରକାଶ କରିଛନ୍ତି। ଏହି ସାନିଟାଇଜ ରୁମ୍ ପ୍ରସ୍ତୁତ କରିବା ପାଇଁ ୧୨ଭୋଲଟର ପାଣିମୋଟର, ୟୁପିଏସ୍, ପାଇପ୍, ରୁମ୍ ତିଆରି କରିବା ପାଇଁ ବିଭିନ୍ନ ସରଞ୍ଜାମ ଆବଶ୍ୟକ ପଡୁଛି। ଦୁଇ ଭାଇ ମିଶି ଏହି ସାନିଟାଇଜର ରୁମ୍ ପ୍ରସ୍ତୁତ କରିଥିବା ଜାଣିବା ପରେ ଜିଲାର ବିଭିନ୍ନ ସ୍ଥାନରୁ ଉଭୟଙ୍କ ନିକଟକୁ ପ୍ରଂଶସାରୁ ସୁଅ ଛୁଟୁଛି।



ଦୁଇ ଭାଇ ପ୍ରସ୍ତୁତ କରିଥିବା ସାନିଟାଇଜ ରୁମ୍।

## ଶିମିଳିପାଳରୁ ଶମ୍ବର ଶିକାର: ୬ ଶିକାରୀ ଗିରଫ

ଠାକୁରମୁଣ୍ଡା,୧୪।୪(ଡି.ଏନ୍.ଏ.): ମୟୂରଭଞ୍ଜ ଜିଲା କରଞ୍ଜିଆ ବନଖଣ୍ଡ ଠାକୁରମୁଣ୍ଡା ରେଞ୍ଜ ଚମ୍ପାଝର ବିଟ ଅନ୍ତର୍ଗତ ଶିମିଳିପାଳ ସଂଲଗ୍ନ ଡ଼ଙ୍ଗାଡିହା ସଂରକ୍ଷିତ ଜଙ୍ଗଲରୁ ବନ ବିଭାଗ କର୍ମଚାରୀମାନେ ୬ ଶିକାରୀଙ୍କୁ ଗିରଫ କରିଛନ୍ତି। ଶିକାରୀମାନେ ଏକ ଶମ୍ବର ଶିକାର କରି ତାର ମାଂସକୁ ଭାଗବାଣ୍ଟ କରିବା ସହିତ ରୋଷେଇ କରି ଖାଇ ସାରି ଫେରୁଥିବା ବେଳେ ରବିବାର ସନ୍ଧ୍ୟାରେ ବନ ବିଭାଗ କର୍ମଚାରୀଙ୍କ ହାବୁଡରେ ପଡ଼ିଥିଲେ। ସେମାନଙ୍କ ଠାରୁ ୨ କିଲୋ ମାଂସ ସହ ଏକ ଅଟୋ ଜବତ ହୋଇଛି। ଗିରଫ ହୋଇଥିବା ଶିକାରୀମାନଙ୍କ ନିକଟରୁ ଶିକାରରେ ବ୍ୟବହୃତ ୨ଟି ଧନୁ, ୧୨ ଟି ତୀର,୨ଟି କତୁରି ସହିତ ଏକ ନିର୍କିତି ଓ ବଟକରାକୁ ବନ ବିଭାଗ ଜବତ କରିଛି। ଠାକୁରମୁଣ୍ଡା ରେଞ୍ଜ ଅଧିକାରୀ ପ୍ରଭାତ କୁମାର କୁଅଁର, ଫରେଷ୍ଟର ଗିରିଜାନନ୍ଦ ଦଳେଇ, ଫରେଷ୍ଟ ଗାର୍ଡ ଚିତ୍ତରଞ୍ଜନ ନାୟକ,କିଶୋର ମହାନ୍ତଙ୍କ ସମେତ ଟାଇଗର ପ୍ରୋଟେକସନର କର୍ମୀମାନେ ଚଢାଉରେ ସାମିଲ ହୋଇଥିଲେ।

## ୨୧ ଅମାନିଆଙ୍କୁ ଆର୍ଥିକ ଦଣ୍ଡ

ସୋର, ୧୪।୪(ଡି.ଏନ.ଏ.) ମହାମାରୀ କରୋନା କୋଭିଡ଼-୧୯କୁ ରୋକିବା ପାଇଁ ସମଗ୍ର ଦେଶ ତଥା ରାଜ୍ୟରେ ଲାଗୁ ହୋଇଥିବା ଲକ୍‌ଡାଉନ୍ ବେଳେ କେତେକ ଅମାନିଆଙ୍କଠାରୁ ଜରିମାନା ଆଦାୟ କରାଯାଇଛି। ମଙ୍ଗଳବାର ସୁଦ୍ଧା ୨୧ଜଣଙ୍କଠାରୁ ୪ହଜାର ୨ଶହ ଟଙ୍କା ଆଦାୟ କରାଯାଇଛି। ପୌର କାର୍ଯ୍ୟନିର୍ବାହୀ ଅଧିକାରୀ ରାକେଶ କୁମାର ପଣ୍ଡା ୧୨ଟି ଦୋକାନକୁ ସିଲ୍ କରିଛନ୍ତି। ଯେଉଁ ଦୋକାନୀମାନେ ନିର୍ଦ୍ଧାରିତ ସମୟ ପରେ କିମ୍ବା ଗ୍ରାହକଙ୍କ ମଧ୍ୟରେ ସାମାଜିକ ଦୂରତା ରକ୍ଷା କରାଇବାକୁ ପଦକ୍ଷେପ ନ ନେବା ସହ ମାସ୍କ ପିନ୍ଧୁନାହାନ୍ତି ସେମାନଙ୍କଠାରୁ ଜରିମାନା ଆଦାୟ କରାଯାଇଛି।

## ନିଆଁରେ ପୋଡ଼ି ବିବାହିତା ମହିଳାଙ୍କ ମୃତ୍ୟୁ

ବନ୍ତ, ୧୪।୪(ସ୍ୱ.ପ୍ର.) ଭଦ୍ରକ ଜିଲା ଆଗରପଡା ଥାନା ଅଧୀନ ନୂଆପୋଖରୀ ଗ୍ରାମରେ ମଙ୍ଗଳବାର ସକାଳେ ଜଣେ ବିବାହିତା ମହିଳା ନିଆଁରେ ପୋଡିହୋଇ ମୃତ୍ୟୁବରଣ କରିଛନ୍ତି। ପରିବାର ଲୋକେ ଏହାକୁ ଆତ୍ମହତ୍ୟା କହୁଥିବା ବେଳେ ଯୌତୁକ ପାଇଁ ଝିଅକୁ ହତ୍ୟା କରାଯାଇଥିବା ବାପଘର ପକ୍ଷରୁ ଅଭିଯୋଗ ହୋଇଛି। ଏନେଇ ପୋଲିସ ଏକ ମାମଲା (ନଂ.୩୮/୨୦) ରୁଜୁକରି ମୃତଦେହକୁ ବ୍ୟବଚ୍ଛେଦ ପାଇଁ ଜିଲା ମୁଖ୍ୟ ଚିକିତ୍ସାଳୟକୁ ପଠାଇବା ସହିତ ମହିଳାଙ୍କ ସ୍ୱାମୀକୁ ଥାନାରେ ଅଟକ ରଖିଛି।

ଉକ୍ତ ଗ୍ରାମର ମାନସ ନାୟକ ୧୨ବର୍ଷ ତଳେ ସୋସୋ ଥାନା ଅଧୀନ ମୌଦା ଗ୍ରାମର ପଦ୍ମିନୀଙ୍କୁ ବୈଦିକ ରୀତିରେ ବିବାହ କରିଥିଲେ। ତାଙ୍କର ୧୦ ବର୍ଷର ଗୋଟିଏ ପୁଅ ଅଛି। ସକାଳେ ପଦ୍ମିନୀ ଘର ଭିତରେ ନିଜ ଦେହରେ ନିଆଁ ଲଗାଇ ଆତ୍ମହତ୍ୟା କରିଥିବା ପରିବାର ଲୋକେ ପୋଲିସକୁ କହିଛନ୍ତି। ପଦ୍ମିନୀଙ୍କ ମା' ଯୌତୁକ ପାଇଁ ଶ୍ୱଶୁର ଘର ଲୋକେ ତାଙ୍କ ଝିଅକୁ ହତ୍ୟା କରିଥିବା ଆଗରପଡା ଥାନାରେ ଲିଖିତ ଅଭିଯୋଗ କରିଛନ୍ତି। ପ୍ରଥମେ ପୋଲିସ ସ୍ୱାମୀ ଓ ଶ୍ୱଶୁରଙ୍କୁ ଥାନାକୁ ନେଇଥିଲା। ଅନ୍ତ୍ୟେଷ୍ଟିକ୍ରିୟା ପାଇଁ ଶ୍ୱଶୁରଙ୍କୁ ଛାଡି ଦେଇଥିବା ପୋଲିସ କହିଛି। ଦିଅର ଓ ସାନ ଯା ଫେରାର ହୋଇଥିବା ବେଳେ ପୋଲିସ ତଦନ୍ତ ଜାରି ରଖିଛି।

## ୩ ଦୋକାନ ସିଲ୍ କଲା ପ୍ରଶାସନ

କେନ୍ଦୁଝର, ୧୪।୪(ଡି.ଏନ୍.ଏ.) କରୋନା ସଂକ୍ରମଣ ରୋକିବା ପାଇଁ ରାଜ୍ୟ ଏବଂ କେନ୍ଦ୍ର ସରକାର ଆଗାମୀ ମେ' ୩ତାରିଖ ପର୍ଯ୍ୟନ୍ତ ଲକ୍‌ଡାଉନ୍‌କୁ ବୃଦ୍ଧି କରିଛନ୍ତି। ଲକ୍‌ଡାଉନ ସମୟରେ ଅତ୍ୟାବଶ୍ୟକ ସାମଗ୍ରୀ ଦୋକାନଗୁଡ଼ିକୁ ଏଥିରୁ ବାଦ୍ ଦିଆଯାଇଛି। ଗ୍ରୋଶରୀ ସାମଗ୍ରୀ କିଣିବା ସମୟରେ ଲୋକମାନେ ସାମାଜିକ ଦୂରତ୍ୱ ନ ରଖି କ୍ରୟ କରୁଛନ୍ତି। ଦୋକାନୀମାନେ ମଧ୍ୟ ଜିନିଷ ବିକ୍ରି ସମୟରେ ଗ୍ରାହକଙ୍କୁ ସଚେତନ କରୁ ନ ଥିବା ଦେଖିବାକୁ ମିଳିଛି। ସୋମବାର ଅପରାହ୍ନରେ ଲକ୍‌ଡାଉନସ୍ଥିତି ଅନୁଧ୍ୟାନ କରିବାକୁ କେନ୍ଦୁଝର ଆରକ୍ଷୀ ଅଧୀକ୍ଷକ ମିତ୍ରଭାନୁ ମହାପାତ୍ର ସହରର ବିଭିନ୍ନ ଅଞ୍ଚଳ ପରିଦର୍ଶନ କରିଥିଲେ। ସହରର ସିରାଜୁଦ୍ଦିନ ଛକରେ ଗୋଟିଏ ଏବଂ କଲେଜ ରୋଡରେ ୨ଟି ଗ୍ରୋଶରୀ ଦୋକାନ ସାମାଜିକ ଦୂରତ୍ୱକୁ ଅବମାନନା କରି ଜିନିଷପତ୍ର ବିକ୍ରି କରୁଥିବା ତାଙ୍କ ଦୃଷ୍ଟିକୁ ଆସିବା ପରେ ମାଜିଷ୍ଟ୍ରେଟଙ୍କ ଉପସ୍ଥିତିରେ ସେହି ଦୋକାନଗୁଡ଼ିକୁ ସିଲ୍ କରାଯାଇଛି। ସାମାଜିକ ଦୂରତା ନ ମାନି ବ୍ୟବସାୟ କରୁଥିବା ଦୋକାନୀ ଏବଂ ମାଲିକଙ୍କ ବିରୋଧରେ ମାମଲା ରୁଜୁ କରି ଦୋକାନ ସିଲ୍ କରିବାକୁ ଏସ୍‌ପି ନିର୍ଦ୍ଦେଶ ଦେଇଛନ୍ତି। ପ୍ରତ୍ୟେକ ଦୋକାନ ସମ୍ମୁଖରେ ସାମାଜିକ ଦୂରତା ବଜାୟ ରଖିବା ପାଇଁ ଦୋକାନ ସମ୍ମୁଖରେ ଗୋଲ ଚିହ୍ନ ମଧ୍ୟରେ ଛିଡା ହୋଇ ସାମଗ୍ରୀ ଓ ପନିପରିବା କିଣିବାକୁ କୁହାଯାଇଛି।

## ୨୫୦ରୁ ୧୯୮ ନମୁନା ନେଗେଟିଭ୍

ବାରିପଦା ଅଫିସ, ୧୪।୪

କରୋନା ସନ୍ଦେହରେ ଜିଲାର ୨୫୦ ଜଣଙ୍କ ରକ୍ତ ନମୁନା ପରୀକ୍ଷା ପାଇଁ ପଠାଯାଇଥିବା ବେଳେ ସେଥିମଧ୍ୟରୁ ଆସିଥିବା ୧୯୮ଟି ସାମ୍ପୁଲ ନେଗେଟିଭ୍ ବୋଲି ଜିଲା ପ୍ରଶାସନ ପକ୍ଷରୁ ସୂଚନା ଦିଆଯାଇଛି। ବାକି ୫୨ଟି ସାମ୍ପୁଲର ରିପୋର୍ଟ ଆସି ନାହିଁ। ସେହିଭଳି ଜିଲାରେ ବିଦେଶରୁ ଫେରିଥିବା ୯୫ ଜଣଙ୍କ ହୋମ୍ କ୍ୱାରାଣ୍ଟାଇନ ଶେଷ ହୋଇଥିବା ବେଳେ ସମସ୍ତଙ୍କ ରିପୋର୍ଟ ନେଗେଟିଭ ଆସିଛି। ୧୨୨୧୯ ଜଣ ଶ୍ରମିକ ବିଭିନ୍ନ ରାଜ୍ୟରୁ ଜିଲାକୁ ଫେରିଥିବା ବେଳେ ୧୦୮୭୫ ଜଣଙ୍କ ହୋମ୍ କ୍ୱାରାଣ୍ଟାଇନ ଶେଷ ହୋଇଛି। ୧୩୪୪ ଜଣ ବର୍ତ୍ତମାନ ହୋମ୍ କ୍ୱାରାଣ୍ଟାଇନର ଅଛନ୍ତି। ଜିଲାରେ ବର୍ତ୍ତମାନ ସୁଦ୍ଧା ଗୋଟିଏ ବି ପଜିଟିଭ କେସ୍ ଦେଖିବାକୁ ମିଳିନାହିଁ। ପ୍ରଶାସନ ପକ୍ଷରୁ ସାମାଜିକ ଦୂରତା ଅବଲମ୍ବନ କରିବା ପାଇଁ ଜିଲାବାସୀଙ୍କୁ ଅନୁରୋଧ କରାଯାଇଛି। ସେହିଭଳି ହୋମ୍‌କ୍ୱାରାଣ୍ଟାଇନ୍‌ରେ ଥିବା ବ୍ୟକ୍ତିମାନଙ୍କ ଉପରେ ନଜର ରଖାଯାଉଥିବା ପ୍ରଶାସନ ପକ୍ଷରୁ ସୂଚନା ଦିଆଯାଇଛି।

## ଗୀତ ଗାଇ ସଚେତନ କରାଇଲେ ବିଡିଓ

ଖଇରା, ୧୪।୪(ଡି.ଏନ.ଏ.)

ଲକ୍‌ଡାଉନ ସମୟରେ ବାଲେଶ୍ୱର ଜିଲା ଖଇରା ବ୍ଲକରେ କାର୍ଯ୍ୟରତ ବିଡିଓ ଦେବେନ୍ଦ୍ର ପ୍ରସାଦ ବଳ ବିଭିନ୍ନ ସଚେତନତାମୂଳକ ପଦକ୍ଷେପ ଗ୍ରହଣ କରି ଚର୍ଚ୍ଚାକୁ ଆସିଛନ୍ତି। ପ୍ରଥମେ ସେ ଗାଁ ଗହଳିରୁ ମଦ ଜବତ କରିବା ସହ ହାଟରେ ସାମାଜିକ ଦୂରତ୍ୱ ପଦ୍ଧତି ଶିଖାଇଥିଲେ। ମଙ୍ଗଳବାର ସେ ରପେୟା ପଞ୍ଚାୟତକୁ ଯାଇ ଗୀତ ଗାଇ ଲୋକଙ୍କୁ ସଚେତନତା ବାର୍ତ୍ତା ଦେବା ବେଶ ନିଆରା ଥିଲା। ରାଶନ କାର୍ଡ ଓ ନିର୍ମାଣ ଶ୍ରମିକଙ୍କ ଲାଗି ଉଦ୍ଦିଷ୍ଟ ଅର୍ଥକୁ ନେବା ପାଇଁ ଆସିଥିବା ହିତାଧିକାରୀମାନେ ବିଡିଓଙ୍କ ଗୀତରେ ଉତ୍ସାହିତ ହୋଇ ସାମାଜିକ ଦୂରତା ରକ୍ଷା କରି ଜଣକ ପରେ ଜଣେ ଅର୍ଥ ସହିତ ମାସ୍କ ଓ ସାବୁନ ନେଇ ଘରକୁ ଯାଇଥିଲେ। ଅର୍ଥ ବଣ୍ଟନ କାର୍ଯ୍ୟକ୍ରମରେ ନୂତନ ନିଯୁକ୍ତ ନିର୍ବାହୀ ଅଧିକାରିଣୀ ଆରତୀ ବେହେରା, ସ୍ଥାନୀୟ ସରପଞ୍ଚ ଅଜୟ କୁମାର ସାମଲ, ସମିତିସଭ୍ୟା ଅନୀତା ନାୟକ, ସମାଜମଙ୍ଗଳ ସମ୍ପ୍ରସାରଣ ଅଧିକାରୀ ତ୍ରିଦୀବ ସୁନ୍ଦର ବରାଳ, ଅନ୍ତରା ସମବାୟ ସମିତି ସମ୍ପାଦକ ବିକାଶ ନାୟକ, ଯନ୍ତ୍ରୀ ନିର୍ମଳକାନ୍ତ ପରିଡା, ଶିକ୍ଷକ ପ୍ରଶାନ୍ତ ତ୍ରିପାଠୀ ଓ ବିନୋଦ ନାୟକ ପ୍ରମୁଖ ସହଯୋଗ କରିଥିଲେ।


ବିଡିଓ ଗୀତଗାଇ ସଚେତନ କରାଉଛନ୍ତି।

# କନ୍ଧମାଳରେ କାର୍ଯ୍ୟକ୍ଷମ ହେଲା କୋଭିଡ୍ ହସ୍ପିଟାଲ

ଫୁଲବାଣୀ ଅଫିସ, ୧୪।୪

କରୋନା ଆକ୍ରାନ୍ତଙ୍କ ପାଇଁ କନ୍ଧମାଳ ଜିଲାରେ ପ୍ରଥମ କରି ମଙ୍ଗଳବାରଠାରୁ କୋଭିଡ୍ ହସ୍ପିଟାଲ କାର୍ଯ୍ୟକ୍ଷମ ହୋଇଛି। ଜିଏନ୍‌ଏମ୍ କଲେଜ ପରିସରରେ ଖୋଲିଥିବା ଏହି ହସ୍ପିଟାଲରେ ୧୫୦ ଶଯ୍ୟା ଏବଂ ୧୦ଟି ଆଇସିୟୁର ବ୍ୟବସ୍ଥା କରାଯାଇଛି। କିମ୍ସ ଏହି ହସ୍ପିଟାଲର ପରିଚାଳନା ଦାୟିତ୍ୱ ନେଇଛି। କିମ୍ସର ଡାକ୍ତର, ନର୍ସ, ଫାର୍ମାସିଷ୍ଟ, ବାୟୋମେଡିକାଲ ଇଞ୍ଜିନିୟର, ଇଲେକ୍ଟ୍ରିକାଲ ଇଞ୍ଜିନିୟର, ହାଉସକିପିଂ ଏବଂ ଅନ୍ୟ କର୍ମଚାରୀଙ୍କୁ ମିଶାଇ ୫୦ରୁ ୬୦ ଜଣ ଏଥିରେ କାମ କରିବେ। ହସ୍ପିଟାଲର ସୁପରିଚାଳନା ପାଇଁ ରୋଗୀଙ୍କ ନମୁନା ସଂଗ୍ରହ, ପୃଥକୀକରଣ ସ୍ଥାନ, ବହିଃବିଭାଗ, ଡାକ୍ତରଙ୍କ ପ୍ରକୋଷ୍ଠ, ସଙ୍ଗରୋଧ ୱାର୍ଡ, ଆଇସିୟୁ, ପୋଷାକ ପରିବର୍ତ୍ତନ ଗୃହ, ଔଷଧ ଭଣ୍ଡାର, କର୍ମଚାରୀ ଏବଂ ରୋଗୀଙ୍କ ପାଇଁ ପୃଥକ ପରିସ୍ରାଗାର ଏବଂ ପାନୀୟ ଜଳର ସ୍ୱତନ୍ତ୍ର ବ୍ୟବସ୍ଥା କରାଯାଇଛି। ସେହିପରି ବ୍ୟାପକ ଅତ୍ୟାଧୁନିକ ସ୍ୱାସ୍ଥ୍ୟସେବାର ସୁବିଧା କରାଯାଇଛି। ଆମ୍ବୁଲାନ୍ସ, ୩ଟି ଇନୋଭା କାର, ୨୪ ଘଣ୍ଟିଆ ବିଜୁଳି ବ୍ୟାକଅପ୍ ବ୍ୟବସ୍ଥା କରାଯାଇଛି। କିମ୍ସର ଡେପୁଟି ରେଜିଷ୍ଟ୍ରାର ଦିଲୀପ ପଣ୍ଡା ନୋଡାଲ ଅଫିସର ଭାବେ ନିଯୁକ୍ତି ପାଇଛନ୍ତି। କୋଭିଡ୍ ହସ୍ପିଟାଲ ଶୁଭାରମ୍ଭ ବେଳେ ଜିଲାପାଳ ଡା. ବୃନ୍ଦା ଡି, ଏସ୍‌ପି ପ୍ରତୀକ ଗୀତା ସିଂ, ଅତିରିକ୍ତ ଜିଲାପାଳ ବସନ୍ତ କୁମାର ସାହୁ, ଆଇଏଏସ୍ ପ୍ରେବେଶନର ଡା.ଶୁଭଙ୍କର ମହାପାତ୍ର, ଜିଲା ମୁଖ୍ୟ ଚିକିତ୍ସା ଏବଂ ଜନସ୍ୱାସ୍ଥ୍ୟ ଅଧିକାରୀ ଡା ରାଜ୍ୟଶ୍ରୀ ପଟ୍ଟନାୟକ, ଏମ୍‌ପି ପ୍ରତିନିଧି ଦେବେନ୍ଦ୍ର କୁମାର ସାମଲ ପ୍ରମୁଖ ଉପସ୍ଥିତ ଥିଲେ।


ଜିଲାପାଳ କୋଭିଡ ହସ୍ପିଟାଲ ଅନୁଧ୍ୟାନ କରୁଛନ୍ତି।

## ବ୍ରହ୍ମପୁର

### ନିୟମ ଉଲ୍ଲଂଘନ କରି ଜରିମାନା ଦେଲେ ଦୋକାନୀ

ଭଞ୍ଜନଗର,୧୪।୪(ଡି.ଏନ.ଏ)– ଭଞ୍ଜନଗର ଉପଖଣ୍ଡ ପ୍ରଶାସନ ପକ୍ଷରୁ ଲକ୍ ଡାଉନ କଟକଣା କଡାକଡି ଭାବେ ପାଳନ କରାଯାଉଛି। ମଙ୍ଗଳବାର ସକାଳ ୫ଟାରୁ ଉପଜିଲାପାଳ ରାଜେନ୍ଦ୍ର ମିଞ୍ଜ, ବିଡିଓ ଅନିଲ କୁମାର ସେଠୀ ପ୍ରମୁଖ ବିଭିନ୍ନ ଛକରେ ରହି ଯାନବାହନ ଯାଞ୍ଚ କରିଥିଲେ। ବେନିୟମ ଭାବେ ଗାଡି ଚଳାଇବା ଅଭିଯୋଗରେ ଏକାଧିକ ବାଇକ୍ ଚାଳକଙ୍କ ଠାରୁ ୪ ହଜାର ୫ଶହ ଟଙ୍କା ଜରିମାନା ଆଦାୟ କରାଯାଇଛି। ଲକ୍ ଡାଉନ ସମୟରେ ସକାଳ ୭ଟାରୁ ଦିବା ୧୨ଟା ପର୍ଯ୍ୟନ୍ତ ନିର୍ଦ୍ଦିଷ୍ଟ କିଛି ଦୋକାନ ଖୋଲିବାକୁ ଅନୁମତି ଅଛି। ମାତ୍ର ଭଞ୍ଜନଗର ସହରର ୨ ଦୋକାନୀ ନିର୍ଦ୍ଧାରିତ ସମୟ ପୂର୍ବରୁ ଦୋକାନ ଖୋଲିଥିବାରୁ ସେମାନଙ୍କଠାରୁ ୫ ହଜାର ଟଙ୍କା ଲେଖାଏ ଜରିମାନା ଆଦାୟ କରାଯାଇଛି।

## ଗଞ୍ଜାମ ଜିଲା ପ୍ରଶାସନକୁ ମୁଖ୍ୟମନ୍ତ୍ରୀଙ୍କ ପ୍ରଶଂସା

ଛତ୍ରପୁର,୧୪।୪(ଡି.ଏନ୍.ଏ.): ଗଞ୍ଜାମ ଜିଲାରେ କରୋନା ଭୂତାଣୁ ସଂକ୍ରମଣ ପ୍ରତିହତ କରିବା ନିମନ୍ତେ ନିଆଯାଇଥିବା ବିଭିନ୍ନ ପଦକ୍ଷେପକୁ ମୁଖ୍ୟମନ୍ତ୍ରୀ ପ୍ରଶଂସା କରିଛନ୍ତି। ସୋମବାର ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଏ ସମ୍ପର୍କରେ ଜିଲାପାଳ ବିଜୟ ଅମୃତା କୁଲାଙ୍ଗେଙ୍କ ସହ ଫୋନ ଯୋଗେ କଥା ହୋଇଥିଲେ। କରୋନା ଭୂତାଣୁ ସଂକ୍ରମଣକୁ ପ୍ରତିହତ କରିବା ପାଇଁ ଗଞ୍ଜାମ ଜିଲା ଟିମ ବହୁତ ଭଲ କାମ କରୁଛି ବୋଲି ମୁଖ୍ୟମନ୍ତ୍ରୀ କହିଥିଲେ। ମଙ୍ଗଳବାର ଜିଲାପାଳ ଟୁଇଟ କରି ଏହି ସୂଚନା ଦେଇଛନ୍ତି। ଗଞ୍ଜାମରେ କୋଭିଡ ହସ୍ପିଟାଲ ବହୁତ ଶୀଘ୍ର କାର୍ଯ୍ୟକ୍ଷମ ହୋଇଥିବାରୁ ପୂର୍ବରୁ ମୁଖ୍ୟମନ୍ତ୍ରୀ ଟୁଇଟ କରି ଜିଲା ପ୍ରଶାସନକୁ ପ୍ରଶଂସା କରିଥିଲେ। କରୋନା ମୁକାବିଲା ପଦକ୍ଷେପ ସ୍ୱରୂପ ରାଜ୍ୟରେ ପ୍ରଥମେ ଗଞ୍ଜାମ ଜିଲାରେ ୧୪୪ ଧାରା ଜାରି କରାଯାଇଥିଲା। ପରେ ଜିଲାକୁ ପ୍ରତ୍ୟହ ୧୯ ଘଣ୍ଟା ଆଂଶିକ ଶଟଡାଉନରେ ରଖିବା, ମାସ୍କ ନ ପିନ୍ଧିଲେ ଜରିମାନା ଓ ନୋ ମାସ୍କ ନୋ ରାଶନ ଓ ଘର ଘର ବୁଲି ସ୍ୱାସ୍ଥ୍ୟ ଯାଞ୍ଚକୁ ଜିଲାପାଳ ପ୍ରଥମେ କାର୍ଯ୍ୟକାରୀ କରିଥିଲେ।

## ମାସ୍କ ନ ପିନ୍ଧି ଜରିମାନା ଦେଲେ ୭୯ଜଣ

ଦାରିଙ୍ଗବାଡ଼ି,୧୪।୪(ଡି.ଏନ.ଏ) ମାସ୍କ ନପିନ୍ଧିବା ଅଭିଯୋଗରେ ଦାରିଙ୍ଗବାଡ଼ି ଥାନା ଅଞ୍ଚଳରେ ଗତ ୩ ଦିନ ମଧ୍ୟରେ ୭୯ ଜଣଙ୍କଠାରୁ ୧୫ ହଜାର ଆଠ ଶହ ଜୋରିମାନା ଆଦାୟ କରାଯାଇଛି। ଦାରିଙ୍ଗବାଡ଼ି ଥାନା ଅଧିକାରୀ କୌଶିକ ମାଝୀଙ୍କ ନେତୃତ୍ୱରେ ପୋଲିସ ଟିମ୍ ୪୨ ଜଣଙ୍କ ଠାରୁ ଏବଂ ତହସିଲଦାର ନିତୀଶ କୁମାର ତ୍ରିପାଠୀଙ୍କ ନେତୃତ୍ୱରେ ୩୭ ଜଣଙ୍କ ଠାରୁ ଜରିମାନା ଆଦାୟ ହୋଇଛି। ଦାରିଙ୍ଗବାଡ଼ି ବସ ଷ୍ଟାଣ୍ଡ ସମେତ ସିମନବାଡ଼ି, ଶ୍ରୀନିକେତା, କିରିକୁଟି ଆଦି ଗ୍ରାମରେ ଚଢାଉ କରି ଏହି ଜରିମାନା ଆଦାୟ କରାଯାଇଛି।

## ଏସ୍‌ଏଚ୍‌ଜି ମାଧ୍ୟମରେ ଅଣ୍ଡା ଯୋଗାଣକୁ ବିରୋଧ

ବୁଗୁଡ଼ା,(ଡି.ଏନ.ଏ.)/ ଗୋପାଳପୁର,୧୪।୪

ଲକ୍‌ଡାଉନକୁ ଦୃଷ୍ଟିରେ ରଖି ସ୍ୱୟଂ ସହାୟିକା ଗୋଷ୍ଠୀ ମାଧ୍ୟମରେ ଅଙ୍ଗନୱାଡ଼ି କେନ୍ଦ୍ରକୁ ଅଣ୍ଡା ଯୋଗାଇବା ନିଷ୍ପତ୍ତିକୁ ଓଡ଼ିଶା ଅଙ୍ଗନୱାଡ଼ି ଲେଡିଜ୍ ୱାକର୍ସ ଆସୋସିଏଶନ ପକ୍ଷରୁ ତୀବ୍ର ବିରୋଧ କରାଯାଇଛି। ପୂର୍ବରୁ ଅଙ୍ଗନୱାଡ଼ି କର୍ମୀମାନେ ଅଧିକ ଦରରେ ଅଣ୍ଡା କ୍ରୟ କରି କେନ୍ଦ୍ରଗୁଡ଼ିକୁ ଚଳାଇଥିଲେ। ଏବେ ଏସ୍‌ଏଚ୍‌ଜି କେଉଁ ଆଧାରରେ ଅଣ୍ଡା ଯୋଗାଇବେ ତାହା ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ତେଣୁ ଏପରି ନିଷ୍ପତ୍ତିର ପୁନର୍ବିଚାର ପାଇଁ ବୁଗୁଡ଼ା ଶାଖା ସଂଘ ପକ୍ଷରୁ ସ୍ଥାନୀୟ ସିଡିପିଓଙ୍କୁ ଏକ ଦାବିପତ୍ର ପ୍ରଦାନ କରାଯାଇଛି। ସେହିପରି ରଙ୍ଗେଇଲୁଣ୍ଡାରେ ମଧ୍ୟ ଏହି ନିଷ୍ପତ୍ତିର ପୁନର୍ବିଚାର କରିବାକୁ ଅଙ୍ଗନୱାଡ଼ି କର୍ମୀ ସଂଘ ପକ୍ଷରୁ ଜିଲାପାଳଙ୍କ ଉଦ୍ଦେଶ୍ୟରେ ସ୍ଥାନୀୟ ସିଡିପିଓ ଜ୍ୟୋତ୍ସ୍ନା ପାଢ଼ୀ ଓ ଜିଲା ସମାଜ ମଙ୍ଗଳ ଅଧିକାରୀଙ୍କୁ ଦାବିପତ୍ର ପ୍ରଦାନ କରାଯାଇଛି।

## ଘରମୁହାଁ ପଶ୍ଚିମବଙ୍ଗର ୧୧ ଶ୍ରମିକ ଉଦ୍ଧାର

**ଆଇସୋଲେଶନ ସେଣ୍ଟରରେ ରଖିଲା ପ୍ରଶାସନ**

ଛତ୍ରପୁର,୧୪।୪(ଡି.ଏନ୍.ଏ.):

ଗୋପାଳପୁରରେ ରହି ଠିକାଦାରଙ୍କ ଜରିଆରେ କାମ କରୁଥିବା ପଶ୍ଚିମବଙ୍ଗର ୧୧ ଶ୍ରମିକ ଚାଲି ଚାଲି ଘରକୁ ଫେରିବାକୁ ଉଦ୍ୟମ କରୁଥିବା ପ୍ରଶାସନ ଦ୍ୱାରା ଉଦ୍ଧାର ହୋଇଛନ୍ତି। ମଙ୍ଗଳବାର ପୂର୍ବାହ୍ନରେ ୧୬ ନଂ. ଜାତୀୟ ରାଜପଥରୁ ସେମାନଙ୍କୁ ଆଣି ଛତ୍ରପୁର ବ୍ଲକ ଶ୍ରୀରାମଚନ୍ଦ୍ରପୁର ପଞ୍ଚାୟତ କାଳିଆବାଲି ଆଇସୋଲେଶନ ସେଣ୍ଟରରେ ରଖାଯାଇଛି। ଲକ୍‌ଡାଉନ ଯୋଗୁ କାମ ବନ୍ଦ ହେବା ସହ ଶ୍ରମିକମାନେ ଖାଇବାକୁ ପାଉ ନ ଥିଲେ। ତେଣୁ ସେମାନେ ଘରମୁହାଁ ହୋଇଥିଲେ। ଛତ୍ରପୁର ଉପଜିଲାପାଳ ପ୍ରିୟରଞ୍ଜନ ପୃଷ୍ଟି, ବିଡିଓ ଅମ୍ବିକା ପ୍ରସାଦ ଦାଶ, ତହସିଲଦାର ନୀଳମାଧବ ଭୋଇ ଓ ଚମାଖଣ୍ଡି ଥାନା ପୋଲିସ ଉପସ୍ଥିତରେ ସମସ୍ତଙ୍କୁ ଆଇସୋଲେଶନ ସେଣ୍ଟରରେ ରଖାଯାଇଛି।

## କରୋନା ୱାର୍ଡରେ ମୃତ ରୋଗୀଙ୍କ ରିପୋର୍ଟ ନେଗେଟିଭ

ବ୍ରହ୍ମପୁର ଅଫିସ,୧୪।୪

**ଏମ୍‌କେସିଜି ମେଡିକାଲ**

ଏମ୍‌କେସିଜି ମେଡିକାଲରେ ସପ୍ତାହେ ତଳେ ଭର୍ତ୍ତି ହୋଇଥିବା ଜଣେ କରୋନା ସନ୍ଦିଗ୍ଧଙ୍କର ରବିବାର ରାତିରେ ମୃତ୍ୟୁ ଘଟିଛି। ତାଙ୍କର ସ୍ୱାବ୍ ପରୀକ୍ଷା ରିପୋର୍ଟ ମଙ୍ଗଳବାର ଏମ୍‌କେସିଜିକୁ ଆସିଥିବା ଅଧୀକ୍ଷକ ପ୍ରଫେସର ଡ଼.ସନ୍ତୋଷ କୁମାର ମିଶ୍ର ସୂଚନା ଦେଇଛନ୍ତି। ସ୍ୱାବ୍ ପରୀକ୍ଷା ରିପୋର୍ଟ ପହଞ୍ଚିବାରେ ବିଳମ୍ବ ଯୋଗୁ ମେଡିକାଲରେ ୨ ଦୁଇ ଦିନ ଧରି ମୃତଦେହ ରଖାଯାଇଥିଲା। ରିପୋର୍ଟ ଆସିବା ପରେ ମଙ୍ଗଳବାର ମୃତଦେହ ପରିବାରଙ୍କୁ ହସ୍ତାନ୍ତର କରାଯାଇଛି ବୋଲି ସେ କହିଛନ୍ତି। ରିପୋର୍ଟ ନେଗେଟିଭ୍ ଥିବା ଜଣାପଡିଛି।

ପ୍ରକାଶ ଯେ, ଭୁବନେଶ୍ୱରରୁ ଫେରିଥିବା ପାଟପୁର ଥାନା ଅଞ୍ଚଳର ଜଣେ ବ୍ୟକ୍ତି କାଶ ଓ ଜ୍ୱରରେ ଆକ୍ରାନ୍ତ ହେବା ପରେ ତାଙ୍କୁ ଗତ ୮ ତାରିଖରେ ଏମ୍‌କେସିଜି କରୋନା ୱାର୍ଡରେ ଭର୍ତ୍ତି କରାଯାଇଥିଲା। ୧୧ ତାରିଖରେ ତାଙ୍କର ସ୍ୱାବ ପରୀକ୍ଷା ପାଇଁ ଭୁବନେଶ୍ୱର ଆରଏମ୍‌ଆରସିକୁ ପଠାଯାଇଥିଲା। ରିପୋର୍ଟ ମିଳିବା ପୂର୍ବରୁ ଗତ ୧୨ ତାରିଖ ରାତିରେ ତାଙ୍କର ମୃତ୍ୟୁ ଘଟିଥିଲା। ଉକ୍ତ ସନ୍ଦିଗ୍ଧଙ୍କ କୋଭିଡ଼ -୧୯ର କୌଣସି ଲକ୍ଷଣ ନ ଥିବା ବେଳେ ସେ ଭୁବନେଶ୍ୱରରୁ ଫେରିଥିବାରୁ ତାଙ୍କୁ କରୋନା ସନ୍ଦେହରେ ସ୍ଥାନୀୟ ଲୋକମାନେ ଗାଁରେ ପୂରାଇ ଦେଇ ନ ଥିଲେ।

# ବଡ଼ବଜାରରେ ଭିଡ଼ ଏଡ଼ାଇବାକୁ ନୋଟିସ

- ତେଜରାତି ବ୍ୟତୀତ ସମସ୍ତ ଦୋକାନ ସ୍ଥାନାନ୍ତର ନିର୍ଦ୍ଦେଶ
- ବିଏମ୍‌ସି କର୍ତ୍ତୃପକ୍ଷ-ବ୍ୟବସାୟୀଙ୍କ ମଧ୍ୟରେ ଆଲୋଚନା

ବ୍ରହ୍ମପୁର ଅଫିସ,୧୪।୪

କରୋନାକୁ ପ୍ରତିରୋଧ କରିବାକୁ ନେଇ ଜିଲା ପ୍ରଶାସନ ପକ୍ଷରୁ ଲକ୍‌ଡାଉନ୍ ଜାରି ରହିଛି । ଏହି ସମୟରେ ଜନଗହଳି ତଥା ଲୋକଙ୍କ ମଧ୍ୟରେ ସାମାଜିକ ଦୂରତ୍ୱ ବଜାୟ ରଖିବାକୁ ପ୍ରଶାସନ ପକ୍ଷରୁ ବିଭିନ୍ନ ପଦକ୍ଷେପ ଗ୍ରହଣ କରାଯାଇଛି। ଏହି କ୍ରମରେ ବଡବଜାର, ସାନବଜାର ଅଞ୍ଚଳରେ ହେଉଥିବା ଭିଡ ଏଡାଇବା ପାଇଁ ଗୁରୁବାରରୁ ଏହି ଅଞ୍ଚଳରେ ଥିବା ସମସ୍ତ ହୋଲ୍‌ସେଲ ଦୋକାନ ସ୍ଥାନାନ୍ତର କରାଯିବାକୁ ବ୍ରହ୍ମପୁର ମହାନଗର ନିଗମ ପକ୍ଷରୁ ନିର୍ଦ୍ଦେଶନାମା ଜାରି କରାଯାଇଛି। ଏହାପରେ ବ୍ୟବସାୟୀଙ୍କ ମଧ୍ୟରେ ତୀବ୍ର ପ୍ରତିକ୍ରିୟା ପ୍ରକାଶ ପାଇଛି। ମଙ୍ଗଳବାର ବ୍ୟବସାୟୀମାନେ ଏହାର ସମାଧାନ ନେଇ ବିଏମ୍‌ସି କମିଶନର ଚକ୍ରବର୍ତ୍ତୀ ସିଂ ରାଠୋରଙ୍କ ସହ ଆଲୋଚନା କରିଥିବା ଜଣାପଡିଛି।

ସୂଚନାପ୍ରକାରେ, ସହରର ବଡବଜାର, ସାନବଜାର ଅଞ୍ଚଳରେ ଥିବା ଦୋକାନଗୁଡିକରେ ହେଉଥିବା ଭିଡ ଏଡାଇବା ପାଇଁ ସୋମବାର ବିଏମ୍‌ସି ପକ୍ଷରୁ ସ୍ୱତନ୍ତ୍ର ନୋଟିସ ଜାରି କରାଯାଇଥିଲା । ବଡବଜାର, ସାନବଜାର ଅଞ୍ଚଳ ଅଧୀନ ରଜାସାହି, କେଉଟ ସାହି, ବାତୁଆରୀ ସାହି, ଜେନା ସାହି, ପନ୍ଦରା ସାହି, ସଙ୍କରପୁର ସାହି, ଦେଶୀବେହେରା ସାହି ପ୍ରମୁଖ ଅଞ୍ଚଳରେ ଥିବା ହୋଲ୍‌ସେଲ ତେଜରାତି ଦୋକାନ ବ୍ୟତୀତ ହୋଲ୍‌ସେଲ ଦୋକାନକୁ ବୁଧବାର ମଧ୍ୟରାତି ସୁଧା ଅନ୍ୟତ୍ର ସ୍ଥାନାନ୍ତର କରିବାକୁ ନୋଟିସରେ ଦର୍ଶାଯାଇଥିଲା । ଏହାପରେ ମଙ୍ଗଳବାର ଆଳୁ ବ୍ୟବସାୟୀ ସଂଘ ସମେତ ଉପରୋକ୍ତ ଅଞ୍ଚଳର ବ୍ୟବସାୟୀ କମିଶନରଙ୍କୁ ସାକ୍ଷାତ କରି ନୋଟିସ ପ୍ରତ୍ୟାଖ୍ୟାନ ପାଇଁ ଅନୁରୋଧ କରିଥିଲେ । ଏହାସତ୍ତ୍ୱେ ପ୍ରଶାସନ ପକ୍ଷରୁ ବଜାର ଅଞ୍ଚଳ ବ୍ୟତୀତ ଅନ୍ୟାନ୍ୟ କଲ୍ୟାଣ ମଣ୍ଡପ ତଥା ସ୍କୁଲରେ ଆଳୁ, ପିଆଜ ବ୍ୟବସାୟୀଙ୍କୁ ସ୍ଥାନ ଦେବାକୁ କମିଶନର କହିବା ସହ କରୋନା ମୁକାବିଲା ଓ ସଂକ୍ରମଣକୁ ଏଡାଇବା ନେଇ ନିଷ୍ପତ୍ତି ମାନିବାକୁ କହିଥିଲେ। ଏହାପରେ ବ୍ୟବସାୟୀଙ୍କ ମଧ୍ୟରେ କ୍ଷୋଭ ପ୍ରକାଶ ପାଇଛି । ଦେଶୀବେହେରା ସାହି ଆଳୁ ବ୍ୟବସାୟୀ ପ୍ରମୋଦ କୁମାର ବିଷୋୟୀ କହିଛନ୍ତି, ପ୍ରଶାସନର ନିଷ୍ପତ୍ତି ପ୍ରକାରେ ସାମାଜିକ ଦୂରତ୍ୱ ନିୟମ ପାଳନ କରିବା ସହ ଗ୍ରାହକଙ୍କୁ ସାନିଟାଇଜର, ମାସ୍କ ବ୍ୟବହାର ଉପରେ ମଧ୍ୟ ଗୁରୁତ୍ୱ ଦିଆଯାଉଛି। ପ୍ରଶାସନ ସାମାଜିକ ଦୂରତ୍ୱ ନିୟମକୁ ଉଲ୍ଲଂଘନ କରୁଥିବା ଦୋକାନୀଙ୍କ ଉପରେ କାର୍ଯ୍ୟାନୁଷ୍ଠାନ ତଥା ସ୍ଥାନାନ୍ତର କରିବା ଉପରେ ପଦକ୍ଷେପ ନ ନେଇ ସମସ୍ତଙ୍କୁ ସ୍ଥାନାନ୍ତର କରିବା ଅତ୍ୟନ୍ତ ଦୁର୍ଭାଗ୍ୟଜନକ ।

## ମେରୁ ଯାତ୍ରା କରି ୨୭ ଗିରଫ

ଆଠମଲ୍ଲିକ,୧୪।୪(ଡି.ଏନ.ଏ.)- ଆଠମଲ୍ଲିକ ସହର ନୂଆସାହି ଦଣ୍ଡ ଦଳ ସୋମବାର ମେରୁଯାତ୍ରା କରିବା ବେଳେ ପୋଲିସ ଚଢ଼ାଉ କରି ୨୭ ଜଣଙ୍କୁ ଗିରଫ କରିଛି। ଘଟଣାସ୍ଥଳରୁ ୯ଟି ବାଇକ୍, ୧୨ ସାଇକେଲ ଜବତ ହୋଇଛି। ଗିରଫଙ୍କ ମଧ୍ୟରୁ ମଙ୍ଗଳବାର ଦୁଇ ଜଣଙ୍କୁ କୋର୍ଟ ଚାଲାଣ କରାଯାଇଥିବା ବେଳେ ଅନ୍ୟ ୨୫ ଜଣଙ୍କୁ ୪୧ ନୋଟିସ ଦିଆଯାଇ ଛାଡି ଦିଆଯାଇଛି।

# ଭୋକ ବିକଳରେ ଭିଟାମାଟି ମୁହାଁ

କାମାକ୍ଷାନଗର, ୧୪।୪(ଡି.ଏନ.ଏ.)

ପେଟ ପାଇଁ ସାଜିଥିଲେ ଦାଦନ। ଭିଟାମାଟି ଛାଡ଼ି ଖଟୁଥିଲେ। ଯାହାଙ୍କ ଲାଗି ଲକ୍ଷାଧିକ ଟଙ୍କା ଉପାର୍ଜନର ମାଧ୍ୟମ ସାଜିଥିଲେ ସେହି ମାଲିକ ହିଁ ଦୁର୍ଦ୍ଦିନରେ ଛାଡ଼ିଦେଲେ ହାତ। ସାଙ୍ଗରେ ଥିବା ପରିବାରର ୪ ପ୍ରାଣୀଙ୍କ ମୁହଁରେ ଆଧାର ଦେବା କଷ୍ଟକର ହୋଇପଡ଼ିଲା। ଏହାପରେ ଅନ୍ୟ ଉପାୟ ନ ପାଇ ଅନୁଗୋଳ ଜିଲା ରେଙ୍ଗାଳିରୁ ସପରିବାର ଗାଁ ମୁହାଁ ହୋଇଛନ୍ତି ଭଦ୍ରକ ବାସୁଦେବପୁର ବ୍ଲକ କରଞ୍ଜିଆ ଗ୍ରାମର ଦୁର୍ଯ୍ୟୋଧନ ମାଝି (୪୪)। ଲକ୍‌ଡାଉନ ସମୟରେ ଯାନବାହନ ଚଳାଚଳ ଉପରେ କଟକଣା ଜାରି କରାଯାଇଥିବାବେଳେ ଏବେ ପାଦ ହିଁ ସାଜିଛି ଭରସା।

ପେଟପାଟଣା ଚିନ୍ତା ଦୁର୍ଯ୍ୟୋଧନଙ୍କୁ ଟାଣିଆଣିଥିଲା ରେଙ୍ଗାଳି ଅଞ୍ଚଳର ଇଟାଭାଟିକୁ। ଏକାକୀ ଦୁର୍ଯ୍ୟୋଧନ ନୁହନ୍ତି, ତାଙ୍କ ସାଙ୍ଗରେ କାମ କରୁଥିଲେ ସ୍ତ୍ରୀ ମିନତି (୩୮), ଝିଅ ସୁନା (୧୬), ପୁଅ ତପୁ (୧୩) ଏବଂ ବାପୁ (୧୧)। କରୋନା ପ୍ରଭାବିତ ଦେଶରେ ସବୁକିଛି ଠପ୍ ହୋଇଯାଇଥିବାବେଳେ ଇଟାଭାଟି କାମ ମଧ୍ୟ ବନ୍ଦ ହୋଇଯାଇଛି। ଏପରି ଅସମୟରେ ମାଲିକଙ୍କଠାରୁ ଦୁଇଓଳା ଖାଇବାକୁ ଆଶା ରଖିଥିଲେ ଦୁର୍ଯ୍ୟୋଧନ। ହେଲେ ସେତକ ବି ତାଙ୍କ ଭାଗ୍ୟରେ ଜୁଟି ନ ଥିଲା। ଗୋଟିଏ ପଟେ କାମ ବନ୍ଦ ଅନ୍ୟପଟେ ଖାଇବା ଚିନ୍ତା ଦୁର୍ଯ୍ୟୋଧନଙ୍କୁ ଗାଁ ମୁହାଁ କରିବାକୁ ବାଧ୍ୟ କରିଛି। ସୋମବାର ସକାଳେ ସେମାନେ ଘରକୁ ଯିବାକୁ ବାହାରିଥିଲେ। ପରଜଙ୍ଗ ବ୍ଲକ ପିତିରି ଦେଇ ମଙ୍ଗଳବାର ସକାଳେ ସମ୍ପୃକ୍ତ ୫ଜଣ କାମାକ୍ଷାନଗରରେ ପହଞ୍ଚିଥିଲେ। ଅଞ୍ଚଳର କେତେଜଣ ସହୃଦୟ ଯୁବକ ସେମାନଙ୍କ ଲାଗି ଖାଇବା ବ୍ୟବସ୍ଥା କରିଥିଲେ। ଖାଲି



ଶ୍ରମଜୀବୀ ପରିବାର ଗାଁକୁ ଚାଲିଚାଲି ଯାଉଛନ୍ତି।

- ରେଙ୍ଗାଳି ଇଟାଭାଟିରେ କାମ କରୁଥିଲେ
- ଦୁର୍ଦ୍ଦିନରେ ହାତ ଛାଡ଼ିଦେଲେ ମାଲିକ
- ଛୁଆଙ୍କୁ ନେଇ କରଞ୍ଜିଆ ଚାଲିଛନ୍ତି ଦମ୍ପତି

ପାଦରେ ଚାଲୁଥିବାରୁ ମିନତିଙ୍କୁ ଚପଲ ଦେଇଥିଲେ। ସେମାନଙ୍କୁ ଆହୁରି ପାଖାପାଖି ୧୭୦ କିମି ବାଟ ଚାଲିବାକୁ ଅଛି। ଏହାକୁ ନେଇ ସେମାନେ ଚିନ୍ତାରେ ଅଛନ୍ତି।

ଏ ନେଇ ନିର୍ବାହୀ ଅଧିକାରୀ ଇଂ. ବିରଜା ପ୍ରସାଦ ରଥ କୁହନ୍ତି, ସେମାନଙ୍କୁ ମଧ୍ୟାହ୍ନରେ ରନ୍ଧାଖାଦ୍ୟ ଦିଆଯାଇଥିଲା। ରହିବା ଲାଗି ଏନ୍‌ଏସି କ୍ୱାରାଣ୍ଟାଇନ୍ ହୋମ୍‌ରେ ରଖାଯାଇଥିଲା। ହେଲେ ସେମାନେ ପଳାଇ ଯାଇଛନ୍ତି। ସେମାନଙ୍କ ବିଷୟରେ ଭଦ୍ରକ ପ୍ରଶାସନକୁ ଅବଗତ କରାଯାଇଛି।

## ସଂକ୍ଷେପରେ

### ରନ୍ଧାଖାଦ୍ୟ ବଣ୍ଟନ



**ବଇଣ୍ଡା, ୧୪।୪(ଡି.ଏନ.ଏ.):** କିଶୋରନଗର ବ୍ଲକ ହଣ୍ଡପା ପଞ୍ଚାୟତର ପ୍ରତାପପୁର, ଖୋଲାରେଗଡା, ବାଲିଖମଣ, ସୁନାରୀବେଡ ଜଙ୍ଗଲ ଅଧୁଷିତ ଅଞ୍ଚଳରେ ମଙ୍ଗଳବାର ପ୍ରାୟ ୨ ଶହ ଲୋକଙ୍କୁ ରନ୍ଧାଖାଦ୍ୟ ବଣ୍ଟାଯାଇଛି। ହଣ୍ଡପା ଗ୍ରାମର ଦିବାକର ସାହୁ, ବାନାମ୍ବର ପ୍ରଧାନ, ଗୋକୁଳାନନ୍ଦ ସାହୁ, ଦାମୋଦର ବେହେରା, ତପନ ମହାନ୍ତି ପ୍ରମୁଖ ଖାଦ୍ୟ ବଣ୍ଟନରେ ସହଯୋଗ କରିଥିଲେ। ଜଙ୍ଗଲ ଅଧୁଷିତ ଅଞ୍ଚଳଗୁଡ଼ିକରେ ପ୍ରଶାସନ ଠିକ୍ ଭାବେ ପହଞ୍ଚି ପାରୁ ନ ଥିବାରୁ ସ୍ୱେଚ୍ଛାସେବୀମାନେ ଏହି ପଦକ୍ଷେପ ନେଇଛନ୍ତି।

### ୨୦ ଦିନ ଧରି ସହାୟତା



**ବଣ୍ଟାଁରପାଳ, ୧୪।୪(ଡି.ଏନ.ଏ.):** ନାଲ୍‌କୋ ବଣ୍ଟାଁରପାଳ ସାମ୍ବାଦିକ ସଂଘ ପକ୍ଷରୁ ଅସହାୟ ଲୋକଙ୍କୁ ୨୦ ଦିନ ହେଲା ସହାୟତା କରାଯାଉଛି। ଏଫସିଆଇ ମୁଣ୍ଡାହଟିଙ୍ଗ, ବଳରାମପ୍ରସାଦ, ସିଡିରା ସାହି, ନାଲ୍‌କୋ ଯାମୁଝରି ହଟିଙ୍ଗ, କାଣ୍ଡସର ହରିଜନ ସାହି ଓ କନ୍ୟାବେଡା ହରିଜନ ସାହିରେ ରନ୍ଧା, ଶୁଖିଲା ଖାଦ୍ୟ ଦିଆଯାଉଛି। ସଂଘ ସଭାପତି ଉପେନ୍ଦ୍ର ରାଉତ, ସମ୍ପାଦକ ସନ୍ତୋଷ ମିଶ୍ର, ଉପସଭାପତି ନିରଞ୍ଜନ ନାୟକ, ଜଗନ୍ନାଥ ବେହେରା, ନିପୁ ଭୁଟିଆ, ଗୋବିନ୍ଦ ଟୁଡୁ, ଲୋକନାଥ ନନ୍ଦ, ରଞ୍ଜିତ ବେହେରା ପ୍ରମୁଖ ସାମିଲ ହୋଇଛନ୍ତି।

### ଅସୁସ୍ଥ ହାତୀର ଚିକିତ୍ସା

**ଛେଣ୍ଡିପଦା,୧୪।୪(ସ୍ୱ.ପ୍ର.):** ଜରପଡା ଓ ଅନୁଗୋଳ ବାନାଞ୍ଚଳ ସୀମାନ୍ତ ରେଞ୍ଜ ଅଞ୍ଚଳରେ ଅସୁସ୍ଥ ଥିବା ମାଈ ହାତୀକୁ ଛୋଟକୋଇଲି ଜଙ୍ଗଲରେ ଟ୍ରାଙ୍କୁଲାଇଜ ପରେ ଚିକିତ୍ସା କରାଯାଇଛି। ହାତୀର ପେଟ କିମ୍ବା ମଳଦ୍ୱାର ନିକଟରେ ସଂକ୍ରମଣ ହୋଇଥିବା ସନ୍ଦେହ କରାଯାଉଛି ବୋଲି ବନ ବିଭାଗ ଏସିଏଫ ବାସୁଦେବ ନାୟକ ପ୍ରକାଶ କରିଛନ୍ତି। ସମ୍ପୂର୍ଣ୍ଣ ସୁସ୍ଥ ହେବା ପର୍ଯ୍ୟନ୍ତ ଏକ ଟିମ୍ ହାତୀ ଉପରେ ନଜର ରଖିବ ବୋଲି ବିଭାଗ ପକ୍ଷରୁ କୁହାଯାଇଛି।

### ଜଳିଗଲା ୩ ଦୋକାନ

**ପାଲଲହଡ଼ା, ୧୪।୪(ଡି.ଏନ.ଏ.):** ପାଲଲହଡ଼ା ମୁଖ୍ୟ ଡାକ୍ତରଖାନା ଛକରେ ଥିବା ପ୍ରକାଶ ସୋନକର, ଗାୟତ୍ରୀ ସୋନକର ଓ ଶଙ୍କର ମେହେରଙ୍କ ଦୋକାନ ଜଳିଯାଇଛି। ଖବରପାଇ ଅଗ୍ନିଶମ କର୍ମଚାରୀମାନେ ପହଞ୍ଚି ନିଆଁକୁ ଆୟତ୍ତ କରିଥିଲେ। ବିଧାୟକ ମୁକେଶ କୁମାର ପାଲ ଏବଂ ବ୍ଲକ ଅଧକ୍ଷ ନବ କିଶୋର ନାୟକ ଘଟଣାସ୍ଥଳ ପରିଦର୍ଶନ କରି କ୍ଷତିଗ୍ରସ୍ତଙ୍କୁ ୫ ହଜାର ଟଙ୍କା ଲେଖାଏ ବ୍ୟକ୍ତିଗତ ଭାବେ ପ୍ରଦାନ କରିଥିଲେ। ଏଥିସହ ତୁରନ୍ତ ସରକାରୀ ସହାୟତା ଯୋଗାଇ ଦେବାକୁ ପ୍ରଶାସନକୁ ନିର୍ଦ୍ଦେଶ ଦେଇଥିଲେ।

### ୫୦ ହଜାର ଦାନ



**ତାଳଚେର, ୧୪।୪(ଡି.ଏନ.ଏ.):** ହିନ୍ଦ୍ ମଜଦୁର ତାଳଚେର ଶାଖା ପକ୍ଷରୁ ମୁଖ୍ୟମନ୍ତ୍ରୀଙ୍କ ରିଲିଫ ଫଣ୍ଡକୁ ୫୦ ହଜାର ଟଙ୍କା ପ୍ରଦାନ କରାଯାଇଛି। ସାଧାରଣ ସମ୍ପାଦକ ଶଙ୍କର ପ୍ରସାଦ ବେହେରା, କ୍ଷୀରୋଦ ଚନ୍ଦ୍ର ବାରିକ, ବାବୁଲାଲ ଖଣ୍ଡୁଆଳ, ସୁବାସ ଚନ୍ଦ୍ର ସାହୁ, ପି.କେ. ପଟ୍ଟନାୟକ, ରାଜେଶ ଦାସ ପ୍ରମୁଖ ଉପଜିଲାପାଳ ରଜନୀକାନ୍ତ ସ୍ୱାଇଁଙ୍କୁ ଚେକ୍ ପ୍ରଦାନ କରିଥିଲେ।

### ଚାଲିଛି ଚା, ପାନ ବ୍ୟବସାୟ

**ଅନୁଗୋଳ ଅଫିସ, ୧୪।୪:** ଅତ୍ୟାବଶ୍ୟକ ସାମଗ୍ରୀ ଥିବା ଦୋକାନଗୁଡ଼ିକୁ ଅପରାହ୍ନ ୧ଟା ପର୍ଯ୍ୟନ୍ତ ଖୋଲିବାକୁ ଅନୁଗୋଳ ଜିଲା ପ୍ରଶାସନ ନିର୍ଦ୍ଦେଶ ଦେଇଛି। କିନ୍ତୁ ଏବେ ସହରରେ ବହୁ ଦୋକାନୀ କଟକଣା ମାନୁନାହାନ୍ତି। ଚା, ପାନ, ଇଲେକ୍ଟ୍ରି ଦୋକାନ ସହ ହାର୍ଡୱେର ଷ୍ଟୋର ଖୋଲାରହୁଥିବା ଦେଖାଯାଉଛି। ତେବେ ଏପରି କୌଣସି ଦୋକାନକୁ ଅନୁମତି ପ୍ରଦାନ କରାଯାଇ ନ ଥିବା ଓ ହାବୁଡ଼ରେ ପଡ଼ିଲେ ନିଶ୍ଚୟ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ପୋଲିସ ପକ୍ଷରୁ କୁହାଯାଇଛି।

## କବିତାରେ କରୋନା

ଢେଙ୍କାନାଳ ଅଫିସ, ୧୪।୪

### ସଚେତନତାର ନୀରବ ଯୋଦ୍ଧା ଅବନୀ ମିଶ୍ର



ବିଶ୍ୱକୁ ଘରେ ଭିତରେ ବନ୍ଦୀ କରି ରଖିଛି କରୋନା। ଘରୁ ବାହାରିଲେ ଘାରୁଛି ସଂକ୍ରମଣ ଭୟ। ସଂକ୍ରମଣ କମାଇବାକୁ ଜାରି ହୋଇଛି ଲକ୍‌ଡାଉନ୍। 'ଜିତିବ ଦେଶ, ହାରିବ କରୋନା' ଲକ୍ଷ୍ୟ ନେଇ କାର୍ଯ୍ୟ କରୁଛନ୍ତି ସରକାର। ଏପରି ଜଟିଳ ସମୟରେ କରୋନା ସଚେତନତାର ନୀରବ ଯୋଦ୍ଧା ସାଜିଛନ୍ତି ଢେଙ୍କାନାଳର ଯୁବକବି ଅବନୀ ମିଶ୍ର। ତାଙ୍କଦ୍ୱାରା ଲିଖିତ କରୋନା ସମ୍ପର୍କିତ ସଚେତନତାମୂଳକ କବିତା ଏବେ ସୋସିଆଲ ମିଡିଆରେ ସାଉଁଟୁଛି ଅଜସ୍ର ପ୍ରଶଂସା।

ରଥଗଡ଼ା ଅଞ୍ଚଳରେ ରହୁଥିବା ଅବନୀ ହେଉଛନ୍ତି ବହୁମୁଖୀ ପ୍ରତିଭାର ଅଧିକାରୀ। ଗୀତିକାର, ସ୍ତମ୍ଭକାର ଏବଂ ପ୍ରବଚକ ଭାବେ ସେ ବେଶ୍ ପରିଚିତ। କେବଳ ଏତିକି ନୁହେଁ, ସେ ଜିଲା କଳା ସଂସ୍କୃତି ସଂଘର ଉପସଭାପତି ପଦବୀରେ ମଧ୍ୟ ଅଛନ୍ତି। ଲକ୍‌ଡାଉନ୍ ସମୟକୁ ଠିକ୍ ଭାବେ ଉପଯୋଗ କରିବାକୁ ଅବନୀ ଲେଖୁଛନ୍ତି କରୋନା ସମ୍ପର୍କିତ ସଚେତନତା କବିତା। ଏହାକୁ ସେ ସୋସିଆଲ୍ ମଡିଆ ସାଇଟ୍‌ରେ ପୋଷ୍ଟ କରି ସଚେତନ ବାର୍ତ୍ତା ବାଣ୍ଟୁଛନ୍ତି। 'କରନା ହେଳା', 'କବାଟ ଖୋଲନା' କବିତାରେ କରୋନାର ଭୟାବହତାକୁ ସେ ସାବଲୀଳ ଢଙ୍ଗରେ ଦର୍ଶାଇଛନ୍ତି। ଏଥିସହ ହାତ ଧୋଇବା, ଘରୁ ନ ବାହାରିବା, ସାମାଜିକ ଦୂରତା ରଖିବା ଆଦି ଗୁରୁତ୍ୱପୂର୍ଣ୍ଣ ବିଷୟକୁ ମଧ୍ୟ ଏଥିରେ ସ୍ଥାନିତ କରିଛନ୍ତି। ଏ ନେଇ ଅବନୀ ନିଜ ପ୍ରତିକ୍ରିୟାରେ କୁହନ୍ତି, ଘରେ ବସି ଲୋକଙ୍କୁ ସଚେତନ କରିବାର ଏହା ହେଉଛି ପ୍ରକୃଷ୍ଟ ସମୟ। ସୋସିଆଲ୍ ମଡିଆରେ କବିତା ପୋଷ୍ଟ କରିବା ପରେ ଅନେକେ ନିଜର ମତ ଦେଉଛନ୍ତି। କରୋନା ଲଢ଼େଇରେ ଯୋଡ଼ି ହେଉଛନ୍ତି। ଏପରି କାର୍ଯ୍ୟରେ ସ୍ତ୍ରୀ ସସ୍ମିତା ତାଙ୍କୁ ପ୍ରେରିତ କରିଥିବା ଅବନୀ କହିଛନ୍ତି। ସୂଚନାଯୋଗ୍ୟ, ଅବନୀଙ୍କ ରଚନାରେ ବହୁ ଭଜନ ମୁକ୍ତିଲାଭ କରିଛି। ଇରା ମହାନ୍ତି, ଶୈଳଭାମା, ରଶ୍ମିରଞ୍ଜନ ପଣ୍ଡା, ପଙ୍କଜ ଜାଲ ତାଙ୍କ ରଚିତ ଗୀତରେ କଣ୍ଠଦାନ କରିଛନ୍ତି।

## ସ୍ୱାସ୍ଥ୍ୟକେନ୍ଦ୍ର ବୁଲିଲେ ଏମ୍‌ପି

ଢେଙ୍କାନାଳ ଅଫିସ, ୧୪।୪

ଢେଙ୍କାନାଳ ଜିଲା ହିନ୍ଦୋଳ ଉପଖଣ୍ଡର ହିନ୍ଦୋଳ, ଖଜୁରିଆକଟା, ହାତୁରା, ବେଡାପଡା, ରାସୋଳ ସ୍ୱାସ୍ଥ୍ୟକେନ୍ଦ୍ରକୁ ମଙ୍ଗଳବାର ଏମ୍‌ପି ମହେଶ ସାହୁ ପରିଦର୍ଶନ କରି କରୋନା ସ୍ୱାସ୍ଥ୍ୟସେବା ବ୍ୟବସ୍ଥା ପରଖିଛନ୍ତି। ରୋଗୀଙ୍କ ସେବାଲାଗି ସରକାରଙ୍କ ପକ୍ଷରୁ ନିଆଯାଇଥିବା ପଦକ୍ଷେପ, ଆଇସୋଲେଶନ ୱାର୍ଡର କାର୍ଯ୍ୟକାରିତା ସମ୍ପର୍କରେ ସେ ଅଧିକାରୀଙ୍କ ସହ ଆଲୋଚନା କରିଥିଲେ। ବ୍ଲକ୍ ଅଧକ୍ଷ ପ୍ରିୟରଞ୍ଜନ ମାହୁନ୍ତ, ବିଡିଓ ଦେବଦତ୍ତ ସାମଲ, ଉପଖଣ୍ଡ ଚିକିତ୍ସା ଅଧିକାରୀ ସୁଧାଂଶୁ ମିଶ୍ର ପ୍ରମୁଖ ଉପସ୍ଥିତ ଥିଲେ।



ଏମ୍‌ପି ମହେଶ ସାହୁ ସ୍ୱାସ୍ଥ୍ୟ ବିଭାଗ କର୍ମଚାରୀଙ୍କ ସହିତ ଆଲୋଚନା କରୁଛନ୍ତି।

## ପାଣିଓହଳାରେ ନିଆଁ

ଢେଙ୍କାନାଳ ଅଫିସ, ୧୪।୪


ରାଜବାଟୀ ପଛ ପାଣିଓହଳା ପାହାଡରେ ନିଆଁ ଲାଗିଛି।

ପ୍ରାକୃତିକ ସୌନ୍ଦର୍ଯ୍ୟର ଗନ୍ତାଘର ତଥା ଢେଙ୍କାନାଳ ସହରର ସୁରକ୍ଷା କବଚ ପାଣିଓହଳା ପାହାଡ଼ରେ ମଙ୍ଗଳବାର ନିଆଁ ଲାଗିଛି। ପାଖାପାଖି ୨ କିମି ପରିଧି ଜଙ୍ଗଲ ଜଳୁଥିବାବେଳେ ପାହାଡ଼ ପାଦଦେଶକୁ ନିଆଁ ମାଡ଼ି ଆସିଛି। ଏହାକୁ ନେଇ ଲୋକଙ୍କ ମଧ୍ୟରେ ଭୟର ବାତାବରଣ ସୃଷ୍ଟି ହୋଇଛି। ଢେଙ୍କାନାଳ ସହରବାସୀଙ୍କ ପାଇଁ ପ୍ରକୃତିର ବରଦାନ ହେଉଛି ପାଣିଓହଳା। ଘଞ୍ଚଜଙ୍ଗଲ ପରିବେଷ୍ଟିତ ଏହି ପାହାଡ଼ ପ୍ରବଳ ଗ୍ରୀଷ୍ମପ୍ରବାହ ସମୟରେ ତାପମାତ୍ରାକୁ ନିୟନ୍ତ୍ରଣ କରିଥାଏ। ଜଙ୍ଗଲ ମଧ୍ୟରେ ଶାଳ, ପିଆଶାଳ, ଶାଗୁଆନ ସାଙ୍ଗକୁ ମୂଲ୍ୟବାନ ଔଷଧୀୟ ଗଛ ରହିଛି। ପାହାଡ଼ର ପାଦଦେଶରେ ଐତିହ୍ୟସମ୍ପନ୍ନ ରାଜବାଟୀ, ଆଇଆଇଏମ୍‌ସି ରହିଛି। ସେହିପରି ନିଆଁ ଲାଗିଥିବାରୁ ବନ୍ୟପ୍ରାଣୀଙ୍କ ସୁରକ୍ଷାକୁ ନେଇ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ସଦର ରେଞ୍ଜର ଧରିତ୍ରୀ ମୁର୍ମୁଙ୍କ ନିର୍ଦ୍ଦେଶରେ ବନ କର୍ମଚାରୀ ଏବଂ ଅଗ୍ନିଶମ କର୍ମଚାରୀ ଘଟଣାସ୍ଥଳରେ ପହଞ୍ଚି ନିଆଁକୁ ଆୟତ୍ତ କରିବାକୁ ଉଦ୍ୟମ ଚଳାଇଛନ୍ତି। ଧୂଆଁ ଏବଂ ପବନ ବହୁଥିବାରୁ ନିଆଁକୁ ଆୟତ୍ତ କରିବା କଷ୍ଟକର ହୋଇପଡୁଛି। ଖବର ଲେଖାଯିବା ସୁଦ୍ଧା ନିଆଁ ଆୟତ୍ତ ହୋଇପାରି ନ ଥିବା ଜଣାପଡ଼ିଛି।

## ସଂଗ୍ରାମୀ ଧନେଶ୍ୱରଙ୍କ ପରଲୋକ

**ଢେଙ୍କାନାଳ ଅଫିସ, ୧୪।୪**–ଢେଙ୍କାନାଳ ଜିଲା କାମାକ୍ଷାନଗର ବ୍ଲକ ବାଲିଗୋରଡ଼ ଗ୍ରାମର ସ୍ୱାଧୀନତା ସଂଗ୍ରାମୀ ଧନେଶ୍ୱର ସ୍ୱାଇଁଙ୍କ ସୋମବାର ସନ୍ଧ୍ୟାରେ ପରଲୋକ ହୋଇଯାଇଛି। ତାଙ୍କୁ ୯୭ବର୍ଷ ହୋଇଥିଲା। ପ୍ରଶାସନ ପକ୍ଷରୁ ଉପଜିଲାପାଳ ବିଷ୍ଣୁ ପ୍ରସାଦ ଆଚାର୍ଯ୍ୟ ବାସଭବନରେ ପହଞ୍ଚି ମରଶରୀରରେ ମାଲ୍ୟାର୍ପଣ କରିଥିଲେ। ଜିଲାପାଳ ଭୂମେଶ ଚନ୍ଦ୍ର ବେହେରା ତାଙ୍କ ବିୟୋଗରେ ଶୋକବ୍ୟକ୍ତ କରିଛନ୍ତି। ଏଥିସହ ସଂଗ୍ରାମୀଙ୍କ ଶୋକସନ୍ତପ୍ତ ପରିବାରକୁ ସମବେଦନା ଜଣାଇଛନ୍ତି।

## ୭ ଏକର ସଂରକ୍ଷିତ ଜଙ୍ଗଲ ଜଳିଗଲା

ଭୁବନ, ୧୪।୪(ଡି.ଏନ.ଏ.)

ଭୁବନ ବନାଞ୍ଚଳ ଅଧୀନ ସୁରପ୍ରତାପପୁର ଗ୍ରାମ ସଂରକ୍ଷିତ ଜଙ୍ଗଲରେ ସୋମବାର ରାତିରେ ନିଆଁ ଲାଗି ବ୍ୟାପକ କ୍ଷତି ହୋଇଛି। ପାଖାପାଖି ୭ ଏକର ଜମିରେ ଥିବା ମୂଲ୍ୟବାନ ଗଛଲତା, ଔଷଧୀୟ ଗୁଳ୍ମ ପୋଡ଼ି ପାଉଁଶ ହୋଇଯାଇଛି। ସୂଚନା ପାଇ ଅଗ୍ନିଶମ ବିଭାଗ କର୍ମଚାରୀମାନେ ପହଞ୍ଚି ନିଆଁକୁ ଆୟତ୍ତ କରିଥିଲେ। ନିଆଁ ଲିଭାଉଥିବାବେଳେ ଏକ ବାର୍‌ହା ଆକ୍ରମଣ କରିବାକୁ ଗୋଡ଼ାଇଥିଲା। ହେଲେ ଏଥିରେ କାହାରି କୌଣସି କ୍ଷତି ହୋଇନାହିଁ। ବନ ବିଭାଗ କର୍ମଚାରୀରେ ବିଳମ୍ବରେ ପହଞ୍ଚିବାକୁ ନେଇ ଅସନ୍ତୋଷ ଦେଖାଦେଇଥିଲା। ଜଙ୍ଗଲ ନିଆଁରେ ଜଙ୍ଗଲୀଜନ୍ତୁ ଆବାସସ୍ଥଳୀ କ୍ଷତିଗ୍ରସ୍ତ ହୋଇଛି। ତେଣୁ ସେମାନେ ହିଂସ୍ର ଆଚରଣ ପ୍ରଦର୍ଶନ କରୁଛନ୍ତି। ଗ୍ରାମବାସୀ ଏଥିପ୍ରତି ସତର୍କ ରହିବାକୁ ବନ ବିଭାଗ ଏବଂ ଅଗ୍ନିଶମ ବିଭାଗ ପକ୍ଷରୁ ମରାମର୍ଶ ଦିଆଯାଇଛି।

## ସଙ୍ଗରୋଧରୁ ଘରକୁ ଛାଡୁନି ପୋଲିସ

ଆଠମଲ୍ଲିକ,୧୪।୪(ଡି.ଏନ.ଏ.)

ଲକ୍‌ଡାଉନ କଟକଣା ଭଙ୍ଗକରି ଗତ ୩୦ ତାରିଖରେ ଗିରଫ ହୋଇ ମହେନ୍ଦ୍ର ହାଇସ୍କୁଲ ସଙ୍ଗରୋଧ ଗୃହରେ ଥିବା ୯ ଜଣଙ୍କୁ ୧୪ ଦିନ ପରେ ମଧ୍ୟ ଆଠମଲ୍ଲିକ ପୋଲିସ ଘରକୁ ଛାଡୁ ନ ଥିବା ଅଭିଯୋଗ ହୋଇଛି। ଏପରି କି ସେମାନଙ୍କର ସ୍ୱାସ୍ଥ୍ୟ ପରୀକ୍ଷା ମଧ୍ୟ କରାଯାଉ ନାହିଁ।

ଅଭିଯୋଗରୁ ପ୍ରକାଶ ଯେ, ବଲାଙ୍ଗୀର ଜିଲା ରାଣୀପୁର ଝରୀମାଲ ମେଗାଲିଫ୍ଟରେ କାର୍ଯ୍ୟରତ ହାଇଡ୍ରା ଅପରେଟର, ମେସିନ ଅପରେଟର ଓ କେତେଜଣ ଶ୍ରମିକ ଏକ ଗାଡ଼ିରେ ଘରକୁ ଯାଉଥିବାବେଳେ ଆଠମଲ୍ଲିକ ପୋଲିସ ସେମାନଙ୍କୁ ଗିରଫ କରି ସଙ୍ଗରୋଧ ଗୃହରେ ରଖିଥିଲା। ଗତ ୧୩ ତାରିଖରେ ସେମାନଙ୍କ ୧୪ ଦିନ ଅବଧି ଶେଷ ହୋଇଯାଇଛି। ସେମାନଙ୍କ ଠାରେ ରୋଗର କୌଣସି ଲକ୍ଷଣ ନ ଥିଲେ ମଧ୍ୟ ଘରକୁ ଯିବାକୁ ଦିଆଯାଉ ନାହିଁ କି ଏଯାଏ ସ୍ୱାସ୍ଥ୍ୟ ପରୀକ୍ଷା କରାଯାଉ ନାହିଁ। ଏ ନେଇ ଏନଏସି ନିର୍ବାହୀ ଅଧିକାରୀ କାଦମ୍ବିନୀ ଜେନାଙ୍କୁ ଯୋଗାଯୋଗ କରାଯାଇଥିଲେ ମଧ୍ୟ ସେ ପୋଲିସକୁ ପଚାରିବାକୁ ପରାମର୍ଶ ଦେଇଥିଲେ। ତେବେ ପୋଲିସ କହିଛି ୪୧ ନୋଟିସ ଦେଇ ଆମେ ଛାଡ଼ିଦେବା ପରେ ପ୍ରଶାସନ ସେମାନଙ୍କୁ ସଙ୍ଗରୋଧରେ ରଖିଛି।

### ହୋମ୍ କ୍ୱାରାଣ୍ଟାଇନ୍‌ରେ ପରିବାର

**କଣିହାଁ, ୧୪।୪(ଡି.ଏନ.ଏ.)**– ବାହାର ଜିଲାରେ କାର୍ଯ୍ୟରତ ଜଣେ ଯୁବକ କଣିହାଁ ଥାନା କମରେଇସ୍ଥିତ ଘରକୁ ଆସିଥିବା ଖବରପାଇ ମଙ୍ଗଳବାର ପୋଲିସ ଓ ପ୍ରଶାସନିକ ଅଧିକାରୀମାନେ ତାଙ୍କ ନିକଟରେ ପହଞ୍ଚିଥିଲେ। ସମ୍ପୃକ୍ତ ଯୁବକଙ୍କ ସହ ପରିବାରର ସମସ୍ତ ସଦସ୍ୟଙ୍କୁ ହୋମ୍ କ୍ୱାରାଣ୍ଟାଇନ୍‌ରେ ରହିବାକୁ ନିର୍ଦ୍ଦେଶ ଦେଇଥିଲେ। ଉକ୍ତ ପରିବାର ଉପରେ ନଜର ରଖାଯାଇଥିବା ଆଇଆଇସି ପ୍ରଭାତ କୁମାର ତ୍ରିପାଠୀ ସୂଚନା ଦେଇଛନ୍ତି।

### ହାତୀ ଆକ୍ରମଣରେ ଆହତଙ୍କ ମୃତ୍ୟୁ

**ପବିତ୍ରନଗର,୧୪।୪(ଡି.ଏନ.ଏ.)**– ତାଳଚେର ବନାଞ୍ଚଳ ଶିପୁର ସେକ୍ସନ ବିରୁ ଗ୍ରାମରେ ଗତ ଗୁରୁବାର ହାତୀ ଆକ୍ରମଣରେ ଗୁରୁତର ହୋଇଥିବା ଭାଗବତିଆ ଦେହୁରୀଙ୍କ ସୋମବାର ରାତିରେ ନିଜ ବାସଗୃହରେ ମୃତ୍ୟୁ ଘଟିଛି। ମଙ୍ଗଳବାର ତାଳଚେର ଡାକ୍ତରଖାନାରେ ତାଙ୍କ ମୃତଦେହ ବ୍ୟବଚ୍ଛେଦ କରାଯାଇଛି। ଖବରପାଇ ଜଙ୍ଗଲ ବିଭାଗ ଅଧିକାରୀମାନେ ତାଙ୍କ ଘରେ ପହଞ୍ଚି ଥିଲେ।

## ସଙ୍ଗରୋଧ ଗୃହରୁ ଯୁବକ ଫେରାର

ପାଲଲହଡା, ୧୪।୪(ଡି.ଏନ.ଏ.)

ପାଲଲହଡା ବ୍ଲକ ନିଜିଗଡ଼ ପଞ୍ଚାୟତ ମହତାବ ଉଚ୍ଚ ବିଦ୍ୟାଳୟସ୍ଥିତ ସଙ୍ଗରୋଧ କେନ୍ଦ୍ରରେ ଥିବା ଜଣେ ଯୁବକ ଫେରାର ହୋଇଯାଇଥିବା ଥାନାରେ ଅଭିଯୋଗ ହୋଇଛି। ଗତ ୧୨ ତାରିଖରେ ସମ୍ପୃକ୍ତ ଯୁବକଙ୍କୁ ପୋଲିସ ସଙ୍ଗରୋଧ ଗୃହକୁ ଆଣିଥିଲା। ସୋମବାର ମଧ୍ୟାହ୍ନ ଭୋଜନ ପରେ ସେ ଫେରାର ହୋଇଯାଇଥିଲେ। ନିଜିଗଡ଼ ପଞ୍ଚାୟତ ନିର୍ବାହୀ ଅଧିକାରୀ ସଦାନନ୍ଦ ଦେହୁରୀ ଏ ନେଇ ସ୍ଥାନୀୟ ଉପଜିଲାପାଳ ଏବଂ ବିଡିଓଙ୍କୁ ଜଣାଇଥିଲେ। ଉପଜିଲାପାଳଙ୍କ ନିର୍ଦ୍ଦେଶ କ୍ରମେ ଦେହୁରୀ ଥାନାରେ ଅଭିଯୋଗ କରିଛନ୍ତି। ଏ ନେଇ ଏକ ମାମଲା ରୁଜୁ ହୋଇଥିବା ଥାନା ଅଧିକାରୀ କିଶୋର କୁମାର ସାମଲ ସୂଚନା ଦେଇଛନ୍ତି।

## ୫ ଦୋକାନ ସିଲ୍

### ଅମାନିଆ ବ୍ୟବସାୟୀଙ୍କ ଉପରେ କାର୍ଯ୍ୟାନୁଷ୍ଠାନ

ଅନୁଗୋଳ ଅଫିସ, ୧୪।୪

କରୋନା ମୁକାବିଲା ପାଇଁ ଅନୁଗୋଳ ଜିଲା ପ୍ରଶାସନ ସହ ପୋଲିସ ଦିନ ରାତି କାମ କରୁଛି। ଲୋକମାନଙ୍କୁ ଘରେ ରହିବା ପାଇଁ ସଚେତନ କରାଉଛି। କିନ୍ତୁ ଅନେକ ସମୟରେ ଅମାନିଆ ଲୋକମାନେ ଅଯଥାରେ ରାସ୍ତାକୁ ଆସି ବୁଲାବୁଲି କରୁଥିବା ବେଳେ ଏବେ କଟକଣାକୁ ଉଲ୍ଲଂଘନ କରିଛନ୍ତି କେତୋଟି ଗ୍ରସେରୀ ଦୋକାନୀ। ପ୍ରଶାସନର ନିର୍ଦ୍ଦେଶ ନ ମାନି ସେମାନେ ଦୋକାନ ଖୋଲା ରଖିବା ଓ ସାମାଜିକ ଦୂରତ୍ୱ ବଜାୟ ରଖୁ ନ ଥିବାରୁ ମଙ୍ଗଳବାର ୫ଟି ଦୋକାନକୁ ସିଲ୍ କରାଯାଇଥିବା ସୂଚନା ମିଳିଛି।





ଦୋକାନଗୁଡ଼ିକୁ ପୋଲିସ ସିଲ୍ କରୁଛି।

କେତେଜଣ ଦୋକାନୀ କଟକଣା ଉଲ୍ଲଂଘନ କରି ବ୍ୟବସାୟ ଚଳାଇଥିବା ନେଇ ପୂର୍ବରୁ ଅଭିଯୋଗ ଆସିଥିଲା। ପୋଲିସ ସମ୍ପୃକ୍ତ ବ୍ୟବସାୟୀମାନଙ୍କୁ ତାଗିଦ କରିଥିଲା। ଏପରି କି ଦୋକାନରୁ ନିକିତି ଓ ବଟକରା ମଧ୍ୟ ଜବତ କରିନେଇଥିଲା। ତଥାପି କଟକଣାକୁ ବ୍ୟବସାୟୀମାନେ ମାନୁ ନ ଥିଲେ। ସୋମବାର ସନ୍ଧ୍ୟାରେ ପୋଲିସ ଏପରି କେତୋଟି ଦୋକାନର ଫଟୋ ଉତ୍ତୋଳନ କରିଥିଲା। ଗହଳି କରିଥିବା ଲୋକଙ୍କୁ ଘଉଡ଼ାଇଥିଲା। ମଙ୍ଗଳବାର ମାଜିଷ୍ଟ୍ରେଟ୍‌ଙ୍କୁ ଧରି ପୋଲିସ କୁମୁରିସିଂହାର ୩ଟି ଓ କୁରୁଡୁଲୁ ଅଞ୍ଚଳର ୨ଟି ଦୋକାନକୁ ଜଉମୁଦା ଦେଇ ସିଲ୍ କରିଥିବା ଅନୁଗୋଳ ଥାନା ଅଧିକାରୀ ରମେଶ ଚନ୍ଦ୍ର ବିଶୋଇ ସୂଚନା ଦେଇଛନ୍ତି। ଏସ୍‌ଆଇ ବିପ୍ଳବ ସାହୁ, ସତ୍ୟ ରଞ୍ଜନ ଲେଙ୍କା, ଜମୁନା ମାରାଣ୍ଡି, ଏଏସ୍‌ଆଇ ବୁଦ୍ଧିମାନ ସେଠୀ, ଜୟଚନ୍ଦ୍ର ସାହୁ ପ୍ରମୁଖଙ୍କ ନେତୃତ୍ୱରେ ଗୋଟିଏ ଲେଖାଏ ଟିମ୍ ମାଜିଷ୍ଟ୍ରେଟଙ୍କୁ ଧରି ଦୋକାନ ସିଲ୍ କରିଥିଲା।

## ମାସ୍କ, ସାବୁନ ବଣ୍ଟନ



ଆଠମଲ୍ଲିକ/ବଇଣ୍ଡା, ୧୪।୪(ଡି.ଏନ.ଏ.)

ଆଠମଲ୍ଲିକ ବ୍ଲକ ଠାକୁରଗଡ ହାଟପଡିଆରେ ବିଶ୍ୱକର୍ମା ଛୋଟ ଗାଡି ମାଲିକ ସଂଘ ପକ୍ଷରୁ ମାସ୍କ ଓ ସାବୁନ ବଣ୍ଟନ କରାଯାଇଛି। ସମାଧାନ ସମ୍ପାଦକ ବିନୟ କୁମାର ପଟ୍ଟନାୟକଙ୍କ ସହ ଡ. ତପସ୍ୱିନୀ ମିଶ୍ର, ଆଇଆଇସି ଗବାକ୍ଷ ନାୟକ, ସଭାପତି ସଞ୍ଜୟ ପ୍ରଧାନ, ସମ୍ପାଦକ ସଞ୍ଜୀବ ପ୍ରଧାନ, ସରପଞ୍ଚ ପ୍ରତାପ ସାହୁ, ସଂଘ କର୍ମକର୍ତ୍ତାମାନେ ଉପସ୍ଥିତ ରହି ଜନସାଧାରଣଙ୍କୁ ସଚେତନ କରାଇଥିଲେ। ସେହିପରି କୃତ୍ତିବାସପୁର ପଞ୍ଚାୟତ ତିଳେଶ୍ୱର ସ୍ୱେଚ୍ଛାସେବୀ ନାଗରିକ ମଞ୍ଚ ପକ୍ଷରୁ ଗ୍ରାମର ୬ ଶହ ଲୋକଙ୍କୁ ମାସ୍କ ଓ ସାବୁନ ବଣ୍ଟା ଯାଇଛି। ସରପଞ୍ଚ ନଳିନୀ ସାହୁ, ସିଦ୍ଧେଶ୍ୱର ସାହୁ, ପ୍ରଶାନ୍ତ କୁମାର ପ୍ରଧାନ, ରାଜକିଶୋର ସାହୁ, ଦିଲୀପ କୁମାର ସାହୁ, ହରେକୃଷ୍ଣ ସାହୁ, କୁଞ୍ଜ ବିହାରୀ ପ୍ରଧାନ, ଚିନ୍ମୟ କୁମାର ପ୍ରଧାନ, ବିଜୟଲକ୍ଷ୍ମୀ ପ୍ରଧାନ ପ୍ରମୁଖ ମାସ୍କ ଆଦି ବାଣ୍ଟିବା ସହ ଲୋକଙ୍କୁ ସଚେତନ କରାଇଥିଲେ।

## ଡାକ୍ତରଖାନା, ବ୍ୟାଙ୍କ, ଏଟିଏମ୍ ବିଶୋଧନ

**ଭୁବନ, ୧୪।୪(ଡି.ଏନ୍.ଏ.):** କରୋନା ସଂକ୍ରମଣ ପ୍ରତିରୋଧ କରିବାକୁ ମଙ୍ଗଳବାର ଭୁବନ ଦମକଳ ବାହିନୀ ପକ୍ଷରୁ ଡାକ୍ତରଖାନା, ବ୍ୟାଙ୍କ, ଔଷଧ ଦୋକାନ ଏବଂ ଏଟିଏମ୍ କାଉଣ୍ଟରଗୁଡ଼ିକୁ ବିଶୋଧନ କରାଯାଇଛି। ତହସିଲଦାର ଶକ୍ତିକାନ୍ତ ରାୟ, ନିର୍ବାହୀ ଅଧିକାରୀ ପ୍ରମୋଦ ବରାଳ ପ୍ରମୁଖ ଉପସ୍ଥିତ ରହି କାର୍ଯ୍ୟକ୍ରମ ତଦାରଖ କରିଥିଲେ।

**ସଂକ୍ଷେପରେ**

## ବିକ୍ରି ହେଉନି, କ୍ଷେତରେ ଶଢୁଛି ପରିବା

ବରଗଡ଼ ଅଫିସ୍,୧୪।୪: କରୋନା ଭୂତାଣୁକୁ ପ୍ରତିହତ କରିବା ପାଇଁ ଲକ୍ ଡାଉନ୍ କଟକଣା ଲାଗୁ କରାଯାଇଛି। ଏଥିରେ ଚାଷୀକୁଳ ଅଧିକ ପ୍ରଭାବିତ ହୋଇଛନ୍ତି । ବିକ୍ରି ବ୍ୟବସ୍ଥା ଅଭାବରୁ ଚାଷୀଙ୍କ କିଆରୀରେ ପରିବା ପଚିସଢ଼ି ନଷ୍ଟ ହେଉଛି । ବରଗଡ଼ ଜିଲା ଭଟଲି ବ୍ଲକ ଅନ୍ତର୍ଗତ ଜଡ଼ା ଗ୍ରାମର ଜଣେ ଚାଷୀ ଆଶୁତୋଷ ଆଚାର୍ଯ୍ୟ ଏଭଳି ସମସ୍ୟାରେ ଛନ୍ଦି ହୋଇଛନ୍ତି । ଆଶୁତୋଷ ବ୍ୟାଙ୍କରୁ ୧୦ଲକ୍ଷ ଏବଂ ନିଜର ୫ଲକ୍ଷ ବିନିଯୋଗ କରି ଏକ ପଲି ହାଉସ୍ କରିଛନ୍ତି । ସେଠାରେ ସେ କାକୁଡ଼ି ସମେତ ବିଭିନ୍ନ ପରିବା ଫସଲ କରିଛନ୍ତି। ତେବେ ବଜାର ତଥା ବିକ୍ରି ସୁବିଧା ହୋଇ ପାରୁ ନ ଥିବା ଯୋଗୁ କିଆରୀରେ ପ୍ରାୟ ୪୦ କୁଇଣ୍ଟାଲ କାକୁଡ଼ି ନଷ୍ଟ ହେବାରେ ଲାଗିଛି ବୋଲି ସେ କହିଛନ୍ତି । କେବଳ ଆଶୁତୋଷ ନୁହଁନ୍ତି, ଜିଲାର ଅନେକ ପରିବା ଚାଷୀ ଏଭଳି କ୍ଷୟକ୍ଷତିର ସମ୍ମୁଖୀନ ହୋଇଛନ୍ତି । କାହାର କିଆରିରେ ଲଙ୍କା ତ ଆଉ କେଉଁଠି ଟମାଟୋ, ବାଇଗଣ ଆଦି ପରିବା ନଷ୍ଟ ହୋଇଛି । ଏଭଳି ଚାଷୀମାନଙ୍କୁ ପରିବାର ପୋଷଣ ଏବଂ ଋଣ ପରିଶୋଧ ଚିନ୍ତା ଘାରିଛି । ପ୍ରଶାସନ ଏ ଦିଗରେ ବିହିତ ପଦକ୍ଷେପ ନେବା ପାଇଁ ଦାବି ହେଉଛି ।

# ଭୋକରେ ଦିନ କାଟୁଛନ୍ତି ଦାଦନ

**ନୂଆପଡା ଅଫିସ,୧୪।୪**

କରୋନା କଟକଣା ଯୋଗୁ ରାଜ୍ୟ ବାହାରେ ନୂଆପଡା ଜିଲାର ହଜାର ହଜାର ଦାଦନ ଶ୍ରମିକ ଅଟକି ରହିଛନ୍ତି। ସେମାନଙ୍କୁ କୌଣସି ପ୍ରକାର ସହାୟତା ଦିଆଯାଉ ନ ଥିବାରୁ ସେମାନେ ଭୋକ ଉପାସରେ କାଳ କାଟୁଛନ୍ତି।

ମିଳିଥିବା ସୂଚନା ଅନୁସାରେ, ଲକ୍‌ଡାଉନ ପୂର୍ବରୁ ଅନ୍ୟୁନ ୪ ହଜାର ଦାଦନ ଶ୍ରମିକ ନୂଆପଡା ଜିଲାରେ ପହଞ୍ଚିଥିବା ବେଳେ ବିଭିନ୍ନ ଜାଗାରେ କ୍ୱାରାଣ୍ଟାଇନରେ ରହିଥିଲେ। ଏମାନଙ୍କୁ ବାଦ୍ ଦେଇ ଆହୁରି ଦଶ ହଜାରରୁ

**ନୂଆପଡା ଜିଲା**
**ଲକ୍‌ଡାଉନ ଯୋଗୁ ବାହାରେ ଫସିଛନ୍ତି**

ଉର୍ଦ୍ଧ୍ୱ ଶ୍ରମିକ ଆନ୍ଧ୍ରପ୍ରଦେଶ, ବମ୍ବେ, ତେଲଙ୍ଗାନା, ଗୁଜୁରାଟ ଆଦି ରାଜ୍ୟରେ ଅଟକି ରହିଛନ୍ତି। ଏହି କ୍ରମରେ ନୂଆପଡା ସମେତ ପଡୋଶୀ ବରଗଡ ଜିଲାର ପ୍ରାୟ ୬୦ଜଣ ଶ୍ରମିକ ବମ୍ବେ ଶିବାଜୀ ଛତ୍ରପତି ବିମାନ ବନ୍ଦର ନିକଟ ଏକ କମ୍ପାନୀରେ ଅଟକି ରହିଛନ୍ତି। ଲକଡାଉନ ପରେ ସେଠାକାର ଇଟାଭାଟି ମାଲିକମାନେ ଶ୍ରମିକମାନଙ୍କୁ ସହାୟତା ଦେବା ବଦଳରେ ଇଟାଗଡା ସହ ବିଭିନ୍ନ କାମରେ ନିୟୋଜିତ କରିଛନ୍ତି। ଠିକ ସମୟରେ ଖାଇବା ଏବଂ କୌଣସି ପ୍ରକାର ଚିକିତ୍ସା ଖର୍ଚ୍ଚ ମଧ୍ୟ ଦିଆଯାଉ ନ ଥିବା ଶ୍ରମିକମାନେ ଅଭିଯୋଗ କରିଛନ୍ତି। ସେମାନେ ଦିନକୁ ଓଳିଏ ଖାଇ ଦିନ କାଟୁଛନ୍ତି। ସେହିଭଳି ଆନ୍ଧ୍ରପ୍ରଦେଶର ବିଜୟୱାଡା ଜିଲା ମଛର୍ଲା ଇଟାଭାଟିରେ କୋମନା ବ୍ଲକ କାଣ୍ଡେତରା ଗାଁର ଶିଶୁ ମହିଳାଙ୍କ ସମେତ ୫୮ଜଣ ଶ୍ରମିକ ଅଟକି ରହିଛନ୍ତି। କରୋନା ଭୟରେ ଶ୍ରମିକମାନେ ଦିନ ରାତି ଚିନ୍ତାରେ ରହିଥିବାବେଳେ ମାଲିକ ଦିନକୁ ୧୨/୧୩ଘଣ୍ଟା ଇଟାଗଡା କାମରେ ନିୟୋଜିତ କରୁଥିବା ଶ୍ରମିକ ଧ୍ୟାନଚାନ୍ଦ ସତନାମୀ ଫୋନ ଯୋଗେ ଜଣାଇଛନ୍ତି । ସେହିଭଳି ଗୁଜୁରାଟର ଏକ କମ୍ପାନୀରେ ମଧ୍ୟ ଶ୍ରମିକମାନେ ଅଟକ ରହିଛନ୍ତି । ସେମାନଙ୍କର ଅସୁବିଧାକୁ ନେଇ ସରକାରଙ୍କ ତରଫରୁ ଜାରି କରାଯାଇଥିବା ଟୋଲ ଫ୍ରି ନମ୍ବରକୁ ଯୋଗାଯୋଗ କଲେ ମଧ୍ୟ କୌଣସି ଉତ୍ତର ମିଳୁ ନ ଥିବା ଶ୍ରମିକ ନେତା ବାଦଲ କୁମାର ଫୋନ ଯୋଗେ କହିଛନ୍ତି । ଏହା ଉପରେ ରାଜ୍ୟ ସରକାର ତୁରନ୍ତ ଦୃଷ୍ଟି ଦେବାକୁ ଦାବି ହୋଇଛି ।


ଇଟାଭାଟିରେ ଶ୍ରମିକମାନେ କାମ କରୁଛନ୍ତି ।

**ଗାଡ଼ି ପାସ୍‌ରେ ଲକ୍ ଡାଉନ ଉଲ୍ଲଂଘନ ଘଟଣା**

# କାର୍ଯ୍ୟାନୁଷ୍ଠାନ ଦାବିକଲେ ସାମାଜିକ କର୍ମୀ

**ବରଗଡ଼ ଅଫିସ୍,୧୪।୪**

ବରଗଡ଼ ଜିଲା ଅତାବିରା ତହସିଲଦାରଙ୍କଠାରୁ ହାର୍ଭେଷ୍ଟର ମରାମତି ପାଇଁ ଗାଡ଼ି ପାସ୍ ନେଇ ସେଥିରେ ଲକ୍ ଡାଉନ ଉଲ୍ଲଂଘନ ସମ୍ପର୍କୀତ ଏକ ଖବର 'ତିନିଜଣଙ୍କୁ ପାସ୍, ଗଲେ ଛଅ' ଶୀର୍ଷକ ଏକ ଖବର ପ୍ରକାଶ ପାଇଥିଲା । ଏହି ଖବରକୁ ଆଧାର କରି ବରଗଡ଼ର ଜଣେ ସାମାଜିକ କର୍ମୀ ଶୋଭନ ରଥ ଏହାର ତଦନ୍ତ ତଥା ବିହିତ କାର୍ଯ୍ୟାନୁଷ୍ଠାନ ନେବାକୁ ମୁଖ୍ୟମନ୍ତ୍ରୀଙ୍କୁ ଟୁଇଟ୍ କରିଛନ୍ତି। ପ୍ରକାଶଥାଉକି, ଏକ ହାର୍ଭେଷ୍ଟର ମରାମତି ପାଇଁ ଆନ୍ଧ୍ରପ୍ରଦେଶ ଯିବାକୁ ଅତାବିରା ବ୍ଲକ ଦୁଲମପୁର ଗ୍ରାମର ଜଣେ ବ୍ୟକ୍ତି ଅତାବିରା ତହସିଲଦାରଙ୍କଠାରୁ ଗାଡ଼ି ପାସ୍ ଆଣିଥିଲେ । ସେହି ଗାଡ଼ି ପାସ୍‌ରେ ଡ୍ରାଇଭରଙ୍କ ସମେତ ୩ଜଣଙ୍କୁ ସେଠାକୁ ଯିବା ପାଇଁ ଅନୁମତି ମିଳିଥିଲା । ମାତ୍ର ୬ଜଣ ଏକ ଗାଡ଼ିରେ ଯାଇଥିଲେ। ସେଠାରେ ୪ଜଣ ରହିବା ପରେ ଅନ୍ୟ ଦୁଇଜଣ ପୁଣି ଦୁଲମପୁର ଫେରିଛନ୍ତି । ସେମାନଙ୍କ ମଧ୍ୟରୁ ଜଣେ କ୍ୱାରାଣ୍ଟାଇନରେ ରହିଥିବାବେଳେ ଅନ୍ୟ ଜଣେ ବୁଲାବୁଲି କରୁଥିବା ଅଭିଯୋଗ ହୋଇଛି ।


In today #dharitri about violation of #lockdown at #Bargarh dist. Requesting @SRC_Odisha @PradeepJenaIAS sir, @DMBargarh sir, @SecyChief @HFWOdisha @CMO_Odisha to please inquire about this and take necessary steps. (1)

ମୁଖ୍ୟମନ୍ତ୍ରୀଙ୍କୁ କରାଯାଇଥିବା ଟୁଇଟ୍‌ର ନକଲ ।

# ଅନ୍‌ଲାଇନରେ ପାଠପଢ଼ା

**କୁନାଗଡ,୧୪।୪(ଡି.ଏନ୍.ଏ)**

କରୋନା ମୁକାବିଲା ପାଇଁ ଜାରି କରାଯାଇଥିବା କଟକଣା ଯୋଗୁ ଓଡିଶାର ସମସ୍ତ ସରକାରୀ, ବେସରକାରୀ ଶିକ୍ଷାନୁଷ୍ଠାନ ଗୁଡିକ ବନ୍ଦ ରହିଛି। ଯାହା ଶିକ୍ଷାଦାନ ଉପରେ ଗୁରୁତର ପ୍ରଭାବ ପକାଇଛି। ଘରେ ବସି ପିଲା ବହି ଖୋଲିବା ସାର ହେଉଛି। ମଙ୍ଗଳବାର ପ୍ରଧାନମନ୍ତ୍ରୀ ଦେଶରେ ମେ ୩ ପର୍ଯ୍ୟନ୍ତ ଲକଡାଉନ ଜାରି ରହିବ ବୋଲି ଘୋଷଣା କରିଛନ୍ତି। ଫଳରେ ସେତେଦିନ ଯାଏ ମଧ୍ୟ ସ୍କୁଲରେ ତାଲା ପଡିବ । ଏମିତିରେ ପିଲାଙ୍କ ଭବିଷ୍ୟତକୁ ନେଇ ଅଭିଭାବକମାନେ ଚିନ୍ତିତ ରହିଥିଲେ। ଯାହାକୁ ଦୃଷ୍ଟିରେ ରଖି ସରକାର ୧୪ ତାରିଖରୁ ପିଲାଙ୍କୁ ଅନ୍‌ଲାଇନ ପଢାଇବା ପାଇଁ ଯୋଜନା କରିଛନ୍ତି। ଏହି ପରିପ୍ରେକ୍ଷୀରେ କଳାହାଣ୍ଡି ଜିଲା କୁନାଗଡ ସାଇନିଂ କିଡ୍ସ ୱାର୍ଲ୍ଡର ଛାତ୍ରୀଛାତ୍ରଙ୍କୁ ଏବେ ଅନଲାଇନ ମାଧ୍ୟମରେ ପାଠପଢା ଆରମ୍ଭ ହୋଇଛି। ଫଳରେ ପିଲାମାନେ ଘରେ ବସି ମୋବାଇଲରେ ଜୁମ୍ ଆପ୍ ଭିଡିଓ ଜରିଆରେ ଶିକ୍ଷାଗ୍ରହଣ କରୁଛନ୍ତି। ଏହାଦ୍ୱାରା ଛାତ୍ରୀଛାତ୍ରମାନଙ୍କୁ ସ୍କୁଲ ଖୋଲିବା ପୂର୍ବରୁ ତାଙ୍କ ଶ୍ରେଣୀର ସମସ୍ତ ପାଠ ବିଷୟରେ ଜ୍ଞାନ ଆହରଣ ହୋଇପାରିବ ବୋଲି ସ୍କୁଲ ମୁଖ୍ୟ ପରିଚାଳକ ପ୍ରବୀର କୁମାର ଗୋୟଲ ପ୍ରକାଶ କରିଛନ୍ତି।


ଜଣେ ଛାତ୍ର ଘରେ ବସି ଅନ୍‌ଲାଇନରେ ପାଠ ପଢୁଛନ୍ତି।

# ବଲାଙ୍ଗୀରରେ କୋଭିଡ୍ ହସ୍ପିଟାଲ କାର୍ଯ୍ୟକ୍ଷମ

**ବଲାଙ୍ଗୀର ଅଫିସ, ୧୪।୪**

ବଲାଙ୍ଗୀର କଳିଙ୍ଗ ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ସୋସିଆଲ ସାଇନ୍ସେସ୍ (କିସ୍) କ୍ୟାମ୍ପସଠାରେ ମଙ୍ଗଳବାରଠାରୁ ୨ ଶହ ଶଯ୍ୟା ବିଶିଷ୍ଟ କୋଭିଡ୍ ହସ୍ପିଟାଲ କାର୍ଯ୍ୟକ୍ଷମ ହୋଇଛି । ଜିଲାପାଳ ଅରିନ୍ଦମ୍ ଡାକୁଆ ଏ ନେଇ ମଙ୍ଗଳବାର ସୂଚନା ଦେଇଛନ୍ତି । ଜିଲାର ୫ଟି ସହରାଞ୍ଚଳରେ ୩୩୦୦ରୁ ଉର୍ଦ୍ଧ୍ୱ ଶଯ୍ୟା ବିଶିଷ୍ଟ ଆଇସୋଲେଶନ୍ ସେଣ୍ଟର କରାଯାଇଛି। ସେହିପରି ଜିଲାର ୩୧୭ ପଞ୍ଚାୟତରେ ୧୩ହଜାରରୁ ଉର୍ଦ୍ଧ୍ୱ ଶଯ୍ୟା ବିଶିଷ୍ଟ ସଙ୍ଗରୋଧ କେନ୍ଦ୍ର ବ୍ୟବସ୍ଥା ସରିଥିବା ଜିଲାପାଳ ଡାକୁଆ ସୂଚନା ଦେଇଛନ୍ତି। ଜିଲାରେ କରୋନା ମୁକାବିଲା ପାଇଁ କୋଭିଡ୍ ହସ୍ପିଟାଲ, କରୋନା ହେଲ୍‌ଥ ସେଣ୍ଟର ଏବଂ କରୋନା କେୟାର ସେଣ୍ଟର ଏଭଳି ତିନୋଟି ପର୍ଯ୍ୟାୟ ଚିକିତ୍ସା ବ୍ୟବସ୍ଥା କରାଯାଇଛି। କିସ୍ କ୍ୟାମ୍ପସରେ କାର୍ଯ୍ୟକ୍ଷମ ହୋଇଥିବା କୋଭିଡ୍ ହସ୍ପିଟାଲରେ କୋଭିଡ୍ ପଜିଟିଭ ରୋଗୀଙ୍କୁ ଚିକିତ୍ସା କରାଯିବ। ସେଠାରେ ୩ଜଣ ଡାକ୍ତର, ପାରା ମେଡିକାଲ ଷ୍ଟାଫ୍, ସୁରକ୍ଷା ଗାର୍ଡ ବ୍ୟବସ୍ଥା କରାଯାଇଛି । ବଲାଙ୍ଗୀର ପଲିଟେକ୍‌ନିକ୍‌ଠାରେ ୧୦୦ ଶଯ୍ୟା ବିଶିଷ୍ଟ କରୋନା ହେଲ୍‌ଥ ସେଣ୍ଟର ବ୍ୟବସ୍ଥା ରହିଛି । ଏଠାରେ ମଧ୍ୟମ ଲକ୍ଷଣ ଥିବା ରୋଗୀଙ୍କୁ ରଖାଯାଇ ଚିକିତ୍ସା କରାଯିବ। ଏଠାରେ ଅକ୍ସିଜେନ୍ ଏବଂ ଆମ୍ବୁଲାନ୍ସ ସେବା ଉପଲବ୍ଧ ହେବ। ଏଠାରେ ଏଲୋପାଥିକ୍ ଡାକ୍ତର ନିୟୋଜିତ ରହିବେ। କରୋନା କେୟାର ସେଣ୍ଟରରେ ସାଧାରଣ ଲକ୍ଷଣ ଥିବା ରୋଗୀଙ୍କୁ ରଖି ଚିକିତ୍ସା କରାଯିବ । ସେଠାରେ ଆୟୁଷ ଡାକ୍ତର ନିୟୋଜିତ ରହିବେ ବୋଲି ସୂଚନା ଦେଇଛନ୍ତି । ଆଜି ପର୍ଯ୍ୟନ୍ତ ବଲାଙ୍ଗୀର ଜିଲାର ୩୨୪ ଜଣଙ୍କ ସ୍ୱାବ୍ ପରୀକ୍ଷା ପାଇଁ ଭୁବନେଶ୍ୱର ପଠାଯାଇଛି। ସେଥିରୁ ୯୦ଟି ପରୀକ୍ଷାର ନେଗେଟିଭ ରିପୋର୍ଟ ଆସିଛି । କିସ୍ କ୍ୟାମ୍ପସ୍ ଠାରେ ଅନ୍ୟମାନଙ୍କ ସହ ଅତିରିକ୍ତ ଜିଲାପାଳ ଅନନ୍ତ ନାରାୟଣ ସିଂ ଲାଗୁରୀ, ସିଡିଏମ୍‌ଓ ଡା. ନାରାୟଣ ଥନାପତି, କୋଭିଡ୍ ହସ୍ପିଟାଲ ଇନଚାର୍ଜ ଡା. ଅବିନାଶ ନାୟକ, ଜିଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ଜୟଦେବ ପାଣିଗ୍ରାହୀ ଉପସ୍ଥିତ ଥିଲେ ।


ବଲାଙ୍ଗୀର କିସ୍ କ୍ୟାମ୍ପସ୍ ଠାରେ କାର୍ଯ୍ୟକ୍ଷମ ହୋଇଥିବା କୋଭିଡ୍ ହସ୍ପିଟାଲ ।

## ଭିମସାର ୫ ନର୍ସଙ୍କୁ କାରଣ ଦର୍ଶାଅ ନୋଟିସ

**ସମ୍ବଲପୁର,୧୪।୪ (ବ୍ୟୁରୋ)**

ସମ୍ବଲପୁର ଜିଲା ବୁର୍ଲା ଭିମ୍‌ସାରରେ କୋଭିଡ-୧୯ରେ ନିୟୋଜିତ ୫ ଜଣ ଷ୍ଟାଫ ନର୍ସ ଅନୁପସ୍ଥିତ ରହୁଛନ୍ତି। ଏହାକୁ ନେଇ ଭିମ୍‌ସାର କର୍ତ୍ତୃପକ୍ଷ ଉକ୍ତ ୫ ଜଣ ନର୍ସଙ୍କୁ ପୃଥକ ପୃଥକ ଭାବେ କାରଣ ଦର୍ଶାଅ ନୋଟିସ ଜାରି କରିଛନ୍ତି । ଏମାନଙ୍କୁ ଅନୁପସ୍ଥିତ ରହିବାର କାରଣ ବୁଧବାର ଅପରାହ୍ନ ୧ଟାରେ ଅଧୀକ୍ଷକଙ୍କ କାର୍ଯ୍ୟାଳୟରେ ଲିଖିତ ଭାବେ ଜଣାଇବାକୁ ନିର୍ଦ୍ଦେଶ ଦିଆଯାଇଛି। ନ ହେଲେ ଆଇନଗତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ଚେତାବନୀ ଦିଆଯାଇଛି।

**ଫଟୋରେ ଖବର**



ସମ୍ବଲପୁର କ୍ଷେତରାଜପୁର ରେଲୱେ ଫାଟକ ବନ୍ଦ ଥିବାବେଳେ ମଙ୍ଗଳବାର ଲୋକମାନେ ବିପଦସଙ୍କୁଳ ଭାବେ ଯାତାୟାତ କରୁଛନ୍ତି ।

# ସିଆରପିଏଫ ଯବାନ ବାଣ୍ଟିଲେ ମାସ୍କ

**ପାଇକମାଲ, ୧୪।୪ (ଡି.ଏନ.ଏ)**

ବରଗଡ଼ ଜିଲା ପାଇକମାଲ ବ୍ଲକ ବରତୁଣ୍ଡା ଏଫ/୧୮୯ ବିଏନ ସିଆରପିଏଫ ପକ୍ଷରୁ କମାଣ୍ଡାଣ୍ଟ ଯୋଗୀନ୍ଦ୍ର ସିଂ ମୋରିଆ, ଡେପୁଟି କମାଣ୍ଡାଣ୍ଟ ବିନୋଦ କୁମାର ଟଣ୍ଡନ, ଆସିଷ୍ଟାଣ୍ଟ କମାଣ୍ଡାଣ୍ଟ ସୁରେନ୍ଦ୍ର କୁମାର ଓ ଏଏସଆଇ ମୋସା ଗଣ୍ଡାଙ୍କ ନେତୃତ୍ୱରେ ବରତୁଣ୍ଡାଠାରେ କରୋନା ଭାଇରସରୁ ସୁରକ୍ଷା ପାଇଁ ଲୋକମାନଙ୍କୁ ସଚେତନ କରାଯାଇଥିଲା । ଏହାସହ ଲୋକଙ୍କୁ ମାସ୍କ, ଗ୍ଲୋବ, ସାନିଟାଇଜର, ବ୍ଲିଚିଂ ପାଉଡର, ସ୍ପ୍ରେ ମେସିନ ପ୍ରଦାନ କରି ସାମାଜିକ ଦୂରତା ଅବଲମ୍ବନ କରିବାକୁ ଯବାନମାନେ ନିବେଦନ କରିଥିଲେ। ଏହି ଅବସରରେ ସରପଞ୍ଚ ହିମାଦ୍ରି ପୁଟା ଉପସ୍ଥିତ ଥିବା ବେଳେ ସିଆରପିଏଫ ଯବାନମାନେ ସହଯୋଗ କରିଥିଲେ। ସେହିପରି ପାଇକମାଳ ସିଆରପିଏଫ ତରଫରୁ ମଙ୍ଗଳବାର ଇନ୍ସପେକ୍ଟର ଦିଲୀପ ସିଂ ମିନା ଓ ଯବାନମାନଙ୍କୁ ମାସ୍କ, ସାନିଟାଇଜର ବଣ୍ଟନ କରିଥିଲେ। ଏଥିସହ ଉକ୍ତ ଗ୍ରାମମାନଙ୍କୁ ଗୋଟିଏ ଲେଖାଏଁ ସ୍ପ୍ରେୟର ମେଶିନ ପ୍ରଦାନ କରାଯାଇଛି ।

# ମୁଖ୍ୟମନ୍ତ୍ରୀଙ୍କ ରିଲିଫ ପାଣ୍ଠିକୁ ଦାନ


ବରଗଡ଼ ଜିଲାପାଳଙ୍କୁ ସଂସ୍କାର ସ୍କୁଲ ପକ୍ଷରୁ ଚେକ୍ ପ୍ରଦାନ କରାଯାଉଛି ।

**ବରଗଡ଼ ଅଫିସ୍,୧୪।୪**

ବରଗଡ଼ର ସଂସ୍କାର ଇଣ୍ଟର ନ୍ୟାଶନାଲ ସ୍କୁଲ ପକ୍ଷରୁ ମୁଖ୍ୟମନ୍ତ୍ରୀଙ୍କ ରିଲିଫ ପାଣ୍ଠିକୁ ୧ଲକ୍ଷ ୧୧ହଜାର ୧୧୧ ଟଙ୍କା ପ୍ରଦାନ କରାଯାଇଛି। ବରଗଡ଼ ବିଧାୟକ ଦେବେଶ ଆଚାର୍ଯ୍ୟଙ୍କ ଉପସ୍ଥିତିରେ ଉକ୍ତ ସ୍କୁଲର ଚେୟାରମ୍ୟାନ ସୁମନ ସାୱାଡ଼ିଆ, ଡାଇରେକ୍ଟର ଅଜିତ ପଟ୍ଟନାୟକ, ବିନୋଦ ଅଗ୍ରୱାଲ ପ୍ରମୁଖ ଜିଲାପାଳ ଜ୍ୟୋତିରଞ୍ଜନ ପ୍ରଧାନଙ୍କୁ ସେ ନେଇ ଏକ ଚେକ୍ ପ୍ରଦାନ କରିଥିଲେ । ଘାତକ କରୋନା (କୋଭିଡ୍-୧୯) ଭୂତାଣୁ ସଂକ୍ରମଣ ପ୍ରତିହତ କାର୍ଯ୍ୟକ୍ରମରେ ବିନିଯୋଗ ପାଇଁ ତାହା ପ୍ରଦାନ କରାଯାଇଛି ବୋଲି ଉକ୍ତ ସ୍କୁଲ ପକ୍ଷରୁ ସୂଚନା ଦିଆଯାଇଛି ।

# ବଜାରରେ ରହୁନି ସାମାଜିକ ଦୂରତ୍ୱ

**ବରଗଡ଼ ଅଫିସ୍,୧୪।୪**

କରୋନା ଭୂତାଣୁକୁ ପ୍ରତିହତ କରିବା ପାଇଁ ସାମାଜିକ ଦୂରତ୍ୱକୁ ଯଥେଷ୍ଟ ଗୁରୁତ୍ୱ ଦିଆଯାଉଛି । ମାତ୍ର ବରଗଡ଼ ଜିଲାର ବିଭିନ୍ନ ବଜାରରେ ଏହାକୁ ଖୋଲାଖୋଲି ଉଲ୍ଲଂଘନ କରଯାଉଥିବା ଦେଖିବାକୁ ମିଳିଛି। ମଙ୍ଗଳବାର ବରଗଡ଼ ସହର ଉପକଣ୍ଠସ୍ଥ ଅଡ଼ଗାଁରେ ଏହା ଦେଖିବାକୁ ମିଳିଥିଲା । ଅଡ଼ଗାଁ ୟାର୍ଡ଼ ବନ୍ଦ ଥିବାବେଳେ ରାସ୍ତା କଡରେ ବଜାର ବସିଥିଲା । ସେଠାରେ ଉଭୟ ବେପାରୀ, ଗରାଖଙ୍କ ପ୍ରବଳ ଗହଳି ହୋଇଥିଲା । ସାମାଜିକ ଦୂରତ୍ୱକୁ ସେଠାରେ ଆଦୌ ଗୁରୁତ୍ୱ ଦିଆଯାଇ ନ ଥିବା ପରିଲକ୍ଷିତ ହୋଇଥିଲା। ଦୀର୍ଘ ସମୟ ଧରି ଭିଡ଼ ମଧ୍ୟରେ ବଜାର ଚାଲିଥିଲେ ମଧ୍ୟ ପୋଲିସ, ପ୍ରଶାସନ ସେଠାକୁ ପହଞ୍ଚି ନ ଥିଲା । ତେବେ କେବଳ ଏହି ଅଡ଼ଗାଁ ନୁହେଁ, ଜିଲାର ଅନେକ ସ୍ଥାନରେ ଏଭଳି ସାମାଜିକ ଦୂରତ୍ୱ ନିୟମକୁ ଉଲ୍ଲଂଘନ କରାଯାଉଥିବା ଦେଖିବାକୁ ମିଳୁଛି । ପୋଲିସ, ପ୍ରଶାସନ ସଚେତନ କରି ଆସୁଥିଲେ ମଧ୍ୟ ଲୋକେ ମାନୁ ନ ଥିବାରୁ ଏହା ଅଡୁଆ ପରିସ୍ଥିତି ସୃଷ୍ଟି କରିଛି ।

## ବାଇକ ଆରୋହୀଙ୍କଠୁ ୧୧ହଜାର ଲୁଟ୍

**ଦେଓଗାଁ,୧୪।୪(ଡି.ଏନ.ଏ.)**

ଦେଓଗାଁ ଥାନା ଅନ୍ତର୍ଗତ ରତନପୁର-ଅର୍ଡା ରାସ୍ତାରେ ମଙ୍ଗଳବାର ଜଣେ ବାଇକ ଆରୋହୀ ଲୁଟ୍‌ର ଶିକାର ହୋଇଛନ୍ତି। ୪ଜଣ ବ୍ୟକ୍ତି ତାଙ୍କୁ ଅଟକାଇ ୧୧ହଜାର ଟଙ୍କା ଲୁଟି ନେଇଥିବା ଅଭିଯୋଗ ହୋଇଛି। ଲୁଟ୍‌ର ଶିକାର ହୋଇଥିବା ସଚ୍ଚିଦା ସାହୁଙ୍କ ଅଭିଯୋଗକୁ ଭିତ୍ତି କରି ଦେଓଗାଁ ଥାନାରେ ଏକ ମାମଲା ରୁଜୁ କରି ତଦନ୍ତ ଜାରି ରଖିଥିବା ତଦନ୍ତକାରୀ ପୋଲିସ ଅଧିକାରୀ ବିଚିତ୍ରାନନ୍ଦ ପଧାନ ସୂଚନା ଦେଇଛନ୍ତି ।

## ବିଶ୍ରାରେ ୪୮ଘଣ୍ଟା ବଢିଲା କଣ୍ଟେନମେଣ୍ଟ ଅବଧି

**ସୁନ୍ଦରଗଡ,୧୪।୪(ଡି.ଏନ୍.ଏ.)**

ସୁନ୍ଦରଗଡ ଜିଲା ବିଶ୍ରାରେ ୨ଜଣଙ୍କଠାରେ କରୋନା ଭୂତାଣୁ ଚିହ୍ନଟ ହେବା ପରେ ଜିଲା ପ୍ରଶାସନ ପକ୍ଷରୁ ଗତ ୧୨ ତାରିଖରେ ସଂପୃକ୍ତ ଅଞ୍ଚଳକୁ ୪୮ଘଣ୍ଟା ପର୍ଯ୍ୟନ୍ତ କଣ୍ଟେନମେଣ୍ଟ ଅଞ୍ଚଳ ଭାବେ ଘୋଷଣା କରାଯାଇଥିଲା। ମାତ୍ର ପରିସ୍ଥିତିକୁ ଆଖି ଆଗରେ ରଖି ପ୍ରତିଷେଧକ ବ୍ୟବସ୍ଥା ସ୍ୱରୂପ ଏହି ଅବଧିକୁ ଜିଲା ପ୍ରଶାସନ ପକ୍ଷରୁ ଆହୁରି ୪୮ ଘଣ୍ଟାକୁ ବୃଦ୍ଧି କରାଯାଇଛି। ୧୬ ତାରିଖ ଦିନ ସାଢେ ୧୧ଟା ପର୍ଯ୍ୟନ୍ତ ଏହି ଅବଧିକୁ ବୃଦ୍ଧି କରାଯାଇଥିବା ନେଇ ଜିଲାପାଳ ନିଖିଲ ପବନ କଲ୍ୟାଣ ସୂଚନା ଦେଇଛନ୍ତି। ସ୍ଥିତିକୁ ଅନୁଧ୍ୟାନ କରି ପରବର୍ତ୍ତୀ ନିଷ୍ପତ୍ତି ନିଆଯିବ।

# ଦୁର୍ଦ୍ଦିନରେ ୪୦ ବୁଣାକାର ପରିବାର

**ଖପ୍ରାଖୋଲ, ୧୪।୪(ଡି.ଏନ.ଏ.)**

**କରୋନା ମାଡ଼**

ବଲାଙ୍ଗୀର ଜିଲା ଖପ୍ରାଖୋଲ ବ୍ଲକ ଲୁହାସିଂହା ମହରାପଡାରେ ବାସ କରନ୍ତି ୪୦ରୁ ଉର୍ଦ୍ଧ୍ୱ ବୁଣାକାର ପରିବାର। ଲୁଗା ବୁଣି ସେମାନେ କାହିଁ କେଉଁ କାଳରୁ ନାନା ପ୍ରତିକୂଳତା ମଧରେ ଜୀବିକା ନିର୍ବାହ କରୁଥିଲେ। ଏବେ କରୋନା ସେମାନଙ୍କ ପାଇଁ ଆଣିଛି ଦୁର୍ଦ୍ଦିନ। ସଂକ୍ରମଣ ବୃଦ୍ଧିକୁ ରୋକିବା ଲାଗି ସାରା ଦେଶରେ ଲକ୍‌ଡାଉନ ଜାରି ହୋଇଛି। ଏଥିଯୋଗୁ କଞ୍ଚାମାଲ ସଂଗ୍ରହ ଓ ବିକ୍ରି ନେଇ ସେହି ବୁଣାକାରମାନେ ଅସୁବିଧାରେ ପଡିଯାଇଛନ୍ତି। ପରିସ୍ଥିତି ଏପରି ହୋଇଛି ଯେ, ଦୁଇଓଳି ଖାଦ୍ୟ ସଂଗ୍ରହ ସେମାନଙ୍କ ପାଇଁ କାଠିକର ପାଠ ହୋଇ ଯାଇଛି। ବିଭିନ୍ନ ବର୍ଗ ଓ ସମାଜର ଦରିଦ୍ର ଶ୍ରେଣୀର ଲୋକଙ୍କୁ ସରକାର କରୋନା ସହାୟତା ଯୋଗାଇ ଦେଉଥିବା ବେଳେ ଅଦ୍ୟାବଧି ସେମାନଙ୍କୁ କିଛି ମିଳିନାହିଁ। ବୁଣାକାର ବିଶ୍ୱନାଥ ମହରାଙ୍କ କହିବା ଅନୁସାରେ ସେମାନଙ୍କର ଜମିବାଡି ବୋଲି କିଛି ନାହିଁ। ବଜାରରୁ ସୂତା କିଣି ଆଣିଲା ପରେ ପରିବାରର ସମସ୍ତେ ମିଶି ଲୁଗା ବୁଣିଥାଉ। ସପ୍ତାହକୁ ଅତିବେଶିରେ ସମ୍ବଲପୁରୀ ଓ କୁଲୀ ଶାଢି ୨ଟି ଶାଢୀ ବୁଣିଥାଉ। ଏଥିସହିତ ଗାମୁଛା ଓ କପଡା ପ୍ରସ୍ତୁତ କରିଥାଉ। ସ୍ଥାନୀୟ ସାପ୍ତାହିକ ବଜାରରେ ବିକ୍ରି କରି ଜୀବିକା ନିର୍ବାହ କରିଥାଉ। ହେଲେ ଲକ୍‌ଡାଉନ ପରେ ଦୋକାନ ବଜାର ବନ୍ଦ ରହିଥିବାରୁ ବୁଣିଥିବା ସାମଗ୍ରୀ ଘରେ ପଡି ରହିଛି। ସୂତା ଓ ଅନ୍ୟାନ୍ୟ କଞ୍ଚାମାଲ ସଂଗ୍ରହ ବି ସମ୍ଭବ ହେଉନାହିଁ। ଏହି ପରିସ୍ଥିତିରେ ଏବେ ଆମେ କିପରି ବଞ୍ଚିବୁ ବୋଲି ସେ କହିଛନ୍ତି। ଅନ୍ୟ ଶ୍ରମଜୀବୀ ଓ ଗରିବ ଶ୍ରେଣୀର ଲୋକଙ୍କ ପାଇଁ ସରକାର ପ୍ରୋତ୍ସାହନ ରାଶି ଘୋଷଣା କରିଥିବାବେଳେ ସ୍ୱଳ୍ପ ଆୟ କରି ବଞ୍ଚୁଥିବା ବୁଣାକାରମାନଙ୍କୁ ସହାୟତା ଯୋଗାଇଦେବାକୁ ବିଶ୍ୱନାଥ ମହରା, ସଞ୍ଜୟ ମହରା, ଅନିରୁଦ୍ଧ ମହରା, ଦୈତାରୀ ମହରା, ମାନସ ମହରା ପ୍ରମୁଖ ଦାବି କରିଛନ୍ତି।

**ସରକାରୀ ସହାୟତାକୁ ଅପେକ୍ଷା**


ଲୁଗାବୁଣାରେ ନିମଗ୍ନ ଜଣେ ବୁଣାକାର।

## ସଂକ୍ଷେପରେ

### ଉପଜିଲାପାଳଙ୍କୁ ମାଡ଼ ଘଟଣା: ୩ ଗିରଫ

ତେନ୍ତୁଳିଖୁଣ୍ଟି,୧୪।୪(ଡି.ଏନ୍.ଏ.)- ନବରଙ୍ଗପୁର ଜିଲା ଖାତିଗୁଡ଼ା ଥାନା ଅନ୍ତର୍ଗତ ଝାଡ଼ବନ୍ଧଗୁଡ଼ା ଗ୍ରାମ ଅଙ୍ଗନୱାଡ଼ି କେନ୍ଦ୍ରରେ ତଦନ୍ତ ବେଳେ ଉପଜିଲାପାଳ ଭାସ୍କର ରଇତଙ୍କୁ ମାଡ଼ ମାରିବା ଘଟଣାରେ ପୋଲିସ ୩ ଅଭିଯୁକ୍ତଙ୍କୁ ଗିରଫ କରିଛି। ସେମାନେ ହେଲେ ମନ୍ଦର ହରିଜନ, ବୁଦ୍ଧୁ ହରିଜନ ଓ ଉପେନ୍ଦ୍ର ହରିଜନ। ଏହି ଘଟଣାରେ ୩୦ରୁ ଉର୍ଦ୍ଧ୍ୱ ବ୍ୟକ୍ତିଙ୍କ ନାମରେ ମାମଲା ରୁଜୁ ହୋଇଥିବାବେଳେ ଏଥିପୂର୍ବରୁ ୧୩ ଜଣଙ୍କୁ ଗିରଫ କରାଯାଇ କୋର୍ଟ ଚାଲାଣ କରାଯାଇଛି।

### ଗୁମ୍ମା ଅଞ୍ଚଳକୁ ସାନିଟାଇଜ୍ କଲା ପ୍ରଶାସନ

ଗୁମ୍ମା,୧୪।୪(ଡି.ଏନ୍.ଏ.)- ଗଜପତି ଜିଲାରେ ଏଯାବତ୍ କରୋନା ସଂକ୍ରମିତ ଚିହ୍ନଟ ହୋଇ ନ ଥିଲେ ମଧ ଏହାର ମୁକାବିଲା ପାଇଁ ପ୍ରଶାସନ ପକ୍ଷରୁ ସମସ୍ତ ପ୍ରକାର ସତର୍କତାମୂଳକ ପଦକ୍ଷେପ ନିଆଯାଇଛି। ଭୂତାଣୁ କବଳରୁ ରକ୍ଷା ପାଇଁ ମଙ୍ଗଳବାର ଗୁମ୍ମା ବ୍ଲକ୍ ପ୍ରଶାସନ ପରାମର୍ଶରେ ଅଗ୍ନିଶମ ବିଭାଗ କର୍ମଚାରୀ ବ୍ଲକ୍ ସଦର ସମେତ ବିଭିନ୍ନ ପଞ୍ଚାୟତରେ ବିଶୋଧକ ସିଞ୍ଚନ କରି ସାନିଟାଇଜ୍ କରିଛନ୍ତି। ସେହିପରି ପିଇଓମାନଙ୍କ ତତ୍ତ୍ୱାବଧାନରେ ଗ୍ରାମାଞ୍ଚଳକୁ ସାନିଟାଇଜ୍ କରାଯାଇଥିଲା। ଅତିରିକ୍ତ ତହସିଲଦାର ରାଜେନ୍ଦ୍ର ମାଝି, ବିଡିଓ ନଟବର ଗରଡ଼ା, ପିଇଓ ଏସ୍. ରାନାମା ଓ ଅଗ୍ନିଶମ ଅଧିକାରୀ ରାମଚନ୍ଦ୍ର ସେଠୀ ଉପସ୍ଥିତ ଥିଲେ।

### ୧୧୫ ପରିବାରକୁ ଖାଦ୍ୟ ସାମଗ୍ରୀ ଦେଲେ ପ୍ରଧାନ ଶିକ୍ଷକ

ପାପଡ଼ାହାଣ୍ଡି,୧୪।୪(ଡି.ଏନ୍.ଏ.)- ଲକ୍ଡାଉନ୍ ସମୟରେ ଅସହାୟମାନଙ୍କ ପ୍ରତି ସହାୟତାର ହାତ ବଢ଼ାଇଛନ୍ତି ଜଣେ ପ୍ରଧାନ ଶିକ୍ଷକ। ଗ୍ରାମରେ ରହୁଥିବା ଲୋକେ ଯେପରି ଭୋକ ଉପବାସରେ ନ ରହିବେ ସେ ନେଇ ଧନସୁଲି, ଝାଡ଼କୁସମି,ଚନ୍ଦ୍ରପୁର ନୂଆକୋଟ ଗ୍ରାମର ୧୧୫ ପରିବାରକୁ ମଙ୍ଗଳବାର ଖାଦ୍ୟ ସାମଗ୍ରୀ ବଣ୍ଟନ କରିଛନ୍ତି। ସେ ହେଉଛନ୍ତି ନବରଙ୍ଗପୁର ଜିଲା ପାପଡ଼ାହାଣ୍ଡି ବ୍ଲକ ଖରକି ଆଶ୍ରମ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ଫ୍ରାନ୍ସିସ ନାଗ। ସେମେଲା ଗ୍ରାମ ନିବାସୀ ନାଗ ସେମାନଙ୍କୁ ଚାଉଳ, ଡାଲି, ଚିନି, ଆଳୁ, ପିଆଜ, ଚାପତି, ତେଲ, ସାବୁନ, ଲୁଣ ଆଦି ଅତ୍ୟାବଶ୍ୟକ ସାମଗ୍ରୀ ବଣ୍ଟନ କରିଛନ୍ତି। ଏହି ସମୟରେ ସେ ବାରମ୍ବାର ହାତ ଧୋଇବା, ସାମାଜିକ ଦୂରତ୍ୱ ରକ୍ଷା କରିବା, ମାସ୍କ ପିନ୍ଧିବା ନେଇ ଲୋକଙ୍କୁ ବୁଝାଇଛନ୍ତି।

### ମାସ୍କ ନ ପିନ୍ଧି ୧୮ ଗଣିଲେ ଜରିମାନା

ନବରଙ୍ଗପୁର,୧୪।୪(ବି.ପ୍ର.)- ଲାକ୍ଡାଉନ ଓ ୧୪୪ ଜାରି ରହିଥିବା ସମୟରେ ମଙ୍ଗଳବାର ବିନା ମାସ୍କରେ ବୁଲୁଥିବା ୧୮ ଜଣଠାରୁ ୨ ଶହ ଲେଖାଏ ଟଙ୍କା ଜରିମାନା ଆଦାୟ କରାଯାଇଛି। ସେହିପରି ବିନା କାରଣରେ ନବରଙ୍ଗପୁର ସହରରେ ଘୂରି ବୁଲୁଥିବା ୩୪ଜଣଙ୍କ ବାଇକ୍ ଜବତ ହୋଇଛି। ଏସ୍ପି ନୀତିନ କୁସଲକର, ପୌର ନିର୍ବାହୀ ଅଧିକାରୀ ବିନୟ କୁମାର ପଟେଲ, ଥାନା ଅଧିକାରୀ ତାରିକ ଅହମ୍ମଦ ଦଶହରାପଦା ଛକ ନିକଟରେ ଯାଞ୍ଚ କରୁଥିବା ବେଳେ ଏମାନେ ଧରାପଡ଼ିଛନ୍ତି।

### ସହର ହେଲା ସାନିଟାଇଜ୍

ଚିତ୍ରକୋଣ୍ଡା,୧୪।୪(ଡି.ଏନ.ଏ.)- ଚିତ୍ରକୋଣ୍ଡା ବ୍ଲକ ପ୍ରଶାସନ ପକ୍ଷରୁ ମାଲକାନଗିରି ଅଗ୍ନିଶମ ବିଭାଗ ଦାରା ଚିତ୍ରକୋଣ୍ଡା ସହରକୁ କରୋନାଠାରୁ ଦୂରରେ ରଖିବା ପାଇଁ ମଙ୍ଗଳବାର ବିଡିଓ ଲରିମନ ଖରସେଲଙ୍କ ଉପସ୍ଥିତରେ ସାନିଟାଇଜ୍ କରାଯାଇଛି। ଉପଖଣ୍ଡ ଚିକିତ୍ସାଳୟ ସହ ବିଭିନ୍ନ ସରକାରୀ, ବେସରକାରୀ କାର୍ଯ୍ୟାଳୟକୁ ସାନିଟାଇଜ କରାଯାଇଛି।

### ଶିଶୁଙ୍କ ଘରକୁ ପଠାହେଲା ଶୁଖିଲା ରାଶନ ସାମଗ୍ରୀ

ଚିତ୍ରକୋଣ୍ଡା,୧୪।୪(ଡି.ଏନ.ଏ.)- ଚିତ୍ରକୋଣ୍ଡା ବ୍ଲକ ସଂଯୋଜକ ଅଶୋକ ମହାରଣାଙ୍କ ତତ୍ତ୍ୱାବଧାନରେ ଚିତ୍ରକୋଣ୍ଡାର ବିଭିନ୍ନ ପଞ୍ଚାୟତର ୧୦ଟି ଗ୍ରାମ ଥାଟମାନଗୁଡା, ସିଡ଼ିପକା, ଯାନିଗୁଡା, ରାମଗୁଡା,ଆର୍ଏସ୍ସି-୧୯, ୧୦, ୧୧,୨୦ ଓ ୧୩ ନମ୍ବର ଗ୍ରାମରେ ଶିଶୁମାନଙ୍କ ଘରକୁ ଶୁଖିଲା ରାଶନ ସାମଗ୍ରୀ ପଠାଯାଇଛି। ଏହି ଅବସରରେ ସାମାଜିକ ଦୂରତା ଏବଂ ହାତଧୁଆ ସମ୍ପର୍କରେ ଲୋକଙ୍କୁ ସଚେତନ କରାଯାଇଥିଲା। ପାର୍ବତୀ ଲକେଇ, ଚଞ୍ଚଳା ଖିଲ ଏହାକୁ ପରିଚାଳନା କରିଥିଲେ।

# ଜିଲାରେ ରୁଜୁ ହେଲାଣି ୧୧୩ ମାମଲା

## ଲକ୍ ଡାଉନ ବେଳେ ବଢୁଛି ମଦବେପାର

ରାୟଗଡ଼ା ଅଫିସ,୧୪।୪

କରୋନା ସଂକ୍ରମଣ ରୋକିବାକୁ ସବୁଠି ଲକ୍ ଡାଉନ ପରିସ୍ଥିତି। ପୋଲିସ ଲୋକଙ୍କୁ ଘରୁ ବାହାରିବାକୁ ଦେଉନାହିଁ। କିନ୍ତୁ ନିର୍ଭୟରେ ଚାଲିଛି ମଦଭାଟି। ବେପାରୀ ସହଜ ସୁଲଭ ଭାବେ ମଦ କାରବାର ଚଳାଇଛନ୍ତି। ଲକ୍ ଡାଉନ ଅବଧି ଭିତରେ ଅବକାରୀ ବିଭାଗ ଓ ପୋଲିସ ଯେତୋଟି ମାମଲା ରୁଜୁ କରିଛି, ସେଥିରୁ ଏହା ସ୍ପଷ୍ଟ ହେଉଛି। ଲକ୍ ଡାଉନ ଅବଧି ଭିତରେ ମଦ କାରବାର ଉପରେ ଚଢ଼ାଉ କରି ପୋଲିସ ଓ ଅବକାରୀ ବିଭାଗ ୧୧୩ଟି ମାମଲା ରୁଜୁ କରିଛି।

ରାୟଗଡ଼ା ଜିଲାପାଳ ପ୍ରମୋଦ ବେହେରାଙ୍କ ନିର୍ଦ୍ଦେଶ କ୍ରମେ ଏସ୍ପି ଡ. ଶ୍ରବଣା ବିବେକ ଏମ୍.ଙ୍କ ତତ୍ତ୍ୱାବଧାନରେ ମଦ କାରବାର ଉପରେ ଚଢ଼ାଉ କରାଯାଇ ଗତ ମାର୍ଚ୍ଚ ୧୩ରୁ ଏଯାବତ୍ ଜିଲାର ବିଭିନ୍ନ ଥାନାରେ ୬୯ଟି ମାମଲା ରୁଜୁ କରାଯାଇଛି । ୬୯ ଜଣଙ୍କୁ ଏହି ମାମଲାରେ ସମ୍ପୃକ୍ତି ନେଇ ଥାନାରେ ଅଟକ ରଖାଯାଇଛି। ୮୩୯.୯ ଲିଟର ଦେଶୀ ମଦ, ୧୨୪.୯ ଲିଟର ଆଇଏମ ଫରେନ ଲିକର, ୫୬.୨ ଲିଟର ଓଏସ୍ ଲିକର, ୭୦ ଲିଟର ସଲପ ନଷ୍ଟ ହୋଇଛି। ଅଭିଯୁକ୍ତଙ୍କଠାରୁ ୬ଟି ବାଇକ୍ ଜବତ କରାଯାଇଛି। ରାୟଗଡ଼ା, ସେସକାଲ, ଚାନ୍ଦିଲି, କେ.ସିଂପୁର, କାଶୀପୁର, ଟିକିରି, ଦୋରାଗୁଡ଼ା, ଅଣ୍ଡିରାକଞ୍ଚ, ବିଷମକଟକ, ମୁନିଗୁଡ଼ା, ଅମ୍ବାଦୋଳା, ଚନ୍ଦ୍ରପୁର, ଗୁଣପୁର, ପଦ୍ମପୁର, ଗୁଡ଼ାରୀ, ପୁଟାସିଂ ଥାନାରେ ଏହି ୬୯ଟି ମାମଲା ରୁଜୁ ହୋଇଛି।

ସେହିପରି ଗତ ୨୪ ତାରିଖରୁ ଏଯାବତ୍ ଲକ୍ ଡାଉନ ଅବଧି ଭିତରେ ଅବକାରୀ ବିଭାଗ ୪୪ଟି ମାମଲା ରୁଜୁ କରିଛି। ରାୟଗଡ଼ା ଅବକାରୀ ଅଧୀକ୍ଷକ ଦଣ୍ଡପାଣି ବେହେରାଙ୍କ ନେତୃତ୍ୱରେ ଜିଲାରେ ହୋଇଥିବା ୪୪ଟି ମାମଲାରେ ୧୪ ଜଣଙ୍କୁ ଗିରଫ କରାଯାଇଛି। ୧୦୦୩ ଲିଟର ଦେଶୀ ରନ୍ଧାମଦ, ୧୧୭୨୫ ଲିଟର ପୋଚ, ୪୦ ଲିଟର ତାଡ଼ି ନଷ୍ଟ କରାଯାଇଛି। ଏହାର ମୂଲ୍ୟ ୨,୮୦,୧୭୫ ଟଙ୍କା ହେବ। ଜେକେପୁର, କୋତାପେଟା, କେରେଡ଼ା, ପେନଟା, ତାଡ଼ମା, ଗୋବରପାଲି ଭଳି ଅଞ୍ଚଳରେ ଏହି ଚଢ଼ାଉ କରାଯାଇ ମଦ ସବୁ ନଷ୍ଟ କରାଯାଇଛି।

# 'ସଫେଇ କର୍ମଚାରୀ ହିଁ କରୋନା ଯୋଦ୍ଧା'


ପୌର ପରିଷଦର କର୍ମଚାରୀଙ୍କୁ ସମ୍ବର୍ଦ୍ଧନା ଦିଆଯାଉଛି ।

## ସମ୍ବର୍ଦ୍ଧିତ ହେଲେ ପୌରପରିଷଦର ୭୦ ସଫେଇ କର୍ମଚାରୀ

ସେମିଳିଗୁଡ଼ା,୧୪।୪(ସ୍ୱ.ପ୍ର.)

କରୋନା ଭୟ ଓ ଲକ୍ ଡାଉନ ପାଇଁ ଯେଉଁଠି ଲୋକେ ଭୟରେ ଘରେ ରହୁଛନ୍ତି, ସେତିକିବେଳେ ପୌର ପରିଷଦର ସଫେଇ କର୍ମଚାରୀ ଘର, ପରିବାର ଛାଡ଼ି ପୌରପରିଷଦ ଅନ୍ତର୍ଗତ ସମସ୍ତ ଅଞ୍ଚଳର ସାହି, ବସ୍ତିରେ ଥିବା ନାଳ ନର୍ଦ୍ଦମା, ରାସ୍ତା ସଫା କରୁଛନ୍ତି। ପରିମଳକୁ ସ୍ୱଚ୍ଛ ସୁନ୍ଦର କରି ରଖିବାରେ ଭୂମିକା ଦେଉଥିବା ଏହି ସଫେଇ କର୍ମଚାରୀ ପ୍ରକୃତ କରୋନା ଯୋଦ୍ଧା ବୋଲି ଅଭିହିତ କରି ସେମାନଙ୍କୁ ସମ୍ବର୍ଦ୍ଧନା ଦେଇଛନ୍ତି ସେମିଳିଗୁଡ଼ା ଅଞ୍ଚଳର ସ୍ୱେଚ୍ଛାସେବୀ। ପୌର ପରିଷଦର ୭୦ରୁ ଅଧିକ ସଫେଇ କର୍ମଚାରୀଙ୍କୁ ଚନ୍ଦନ ଟିକା ଲଗାଇ, ଫୁଲମାଳ ଦେଇ ସମ୍ମାନ ଜଣାଇବା ସହ ସେମାନଙ୍କୁ ଲୁଗା, ରନ୍ଧାଖାଦ୍ୟ ପୁଡିଆ, ହ୍ୟାଣ୍ଡ ଗ୍ଲବ୍ସ, ମାସ୍କ, ସାବୁନ, ସାନିଟାଇଜର ଦିଆଯାଇଛି।


ଲକ୍ ଡାଉନକୁ ନେଇ ନବରଙ୍ଗପୁର ସେନାପତି ସାହିର ଶିକ୍ଷକ ବସନ୍ତ ବେନିଆ ସଚେତନ ବାର୍ତ୍ତା ଦେଇ ଆଙ୍କିଥିବା ଚିତ୍ର।

## ମଦଭାଟିରେ ଚଢ଼ାଉ

**ଧରିତ୍ରୀ ପ୍ରଭାବ**

ଦଶମନ୍ତପୁର,୧୪।୪(ଡି.ଏନ୍.ଏ.): କୋରାପୁଟ ଜିଲା ଦଶମନ୍ତପୁର ବ୍ଲକ ଅନ୍ତର୍ଗତ ଚିକାମ୍ବ ପଞ୍ଚାୟତ ଉପରଗଦଲା ଗାଁ ମଦ ଭାଟି ଉପରେ ଚଢ଼ାଉ କରିଛି ସ୍ଥାନୀୟ ପୋଲିସ ଓ ଅବକାରୀ ବିଭାଗ। ପ୍ରକାଶ ଯେ ଉପର ଗଦଲା ଗାଁରେ ଦେଶୀ ଓ ବିଦେଶୀ ମଦ ବିରୋଧରେ ଗାଁର ୪ଟି ସ୍ୱୟଂ ସହାୟକ ଗୋଷ୍ଠୀର ମହିଳାମାନେ ଥାନାର ଦ୍ୱାରସ୍ଥ ହୋଇଥିଲେ। ମଦ ବନ୍ଦ କରିବା ପାଇଁ ୭ ଦିନ ସମୟ ମାଗି ଚେତାବନୀ ଦେଇଥିଲେ। ଏନେଇ ସୋମବାର 'ଧରିତ୍ରୀ'ରେ ଖବର ପ୍ରକାଶ ପାଇଥିଲା। ଏହାକୁ କେନ୍ଦ୍ରକରି ଥାନା ଅଧିକାରୀ କ୍ଷିରେଶ୍ୱର ସାହୁଙ୍କ ନେତୃତ୍ୱରେ ଅବକାରୀ ବିଭାଗ ଓ ସ୍ଥାନୀୟ ଥାନା ଏସ୍ଆଇ ବି.କେ. ପଣ୍ଡା ମିଳିତ ଭାବେ ଉପର ଗଦଲା ଗାଁକୁ ଯାଇ ଚଢ଼ାଉ କରିବା ସହ ଦେଶୀ ମଦଭାଟି ଭାଙ୍ଗିଥିଲେ। ସେହିପରି ଗାଦିଆଗୁଡ଼ା ପଞ୍ଚାୟତର ବାଲିଘାଟ, ଗୋଡ୍ରି ଏବଂ ଟାମୋକସିଲ ଗାଁରେ ପ୍ରାୟ ୨୦୦୦ ଲିଟର ମଦ ପୋଚ ନଷ୍ଟ କରାଯିବା ସହ ୧୪୦ ଲିଟର ବିଦେଶୀ ମଦ ଜବତ କରାଯାଇଥିବା ଅବକାରୀ ବିଭାଗ ଓଆଇସି ଉଷା ଗଉଡ଼ ପ୍ରକାଶ କରିଛନ୍ତି।

# ଚାଉଳ ଗାଡ଼ି ଧକ୍କାରେ ୨ ମୃତ

## ଲକ୍ ଡାଉନ ବେଳେ ଦୁର୍ଘଟଣା

ରାୟଗଡ଼ା ଅଫିସ,୧୪।୪

ଲକ୍ ଡାଉନ ପାଇଁ କେହି ଘରୁ ବାହାରୁ ନ ଥିବାବେଳେ ମଙ୍ଗଳବାର ଟ୍ରକ୍ ଓ ବାଇକ୍ ମୁହାଁମୁହିଁ ହୋଇଛି। ଏଥିରେ ୨ ଜଣଙ୍କ ମୃତ୍ୟୁ ହୋଇଥିବା ବେଳେ ଅନ୍ୟ ଜଣେ ଗୁରୁତର ହୋଇଛନ୍ତି। ଜେକେ ଚାନ୍ଦିଲି ଥାନା ଅନ୍ତର୍ଗତ ଗୋପବନ୍ଧୁ ନଗରର କରୁଣା କଣ୍ଡାଗରି (୧୮) ଲକ୍ ଡାଉନ ଆରମ୍ଭରୁ ନାରାୟଣପାଟଣା ଡୁମଡ଼ଙ୍ଗର ଗ୍ରାମରେ ଶାଶୁଘରେ ଥିଲେ। ସେହି ଗ୍ରାମର ଜଣେ ୪ ବର୍ଷର ଝିଅ ନିତୁ କଣ୍ଡାଗରିକୁ ଜ୍ୱର ହେବାରୁ ତାକୁ ରାୟଗଡ଼ା ଜିଲା ମୁଖ୍ୟ ଚିକିତ୍ସାଳୟକୁ ସେମାନେ ଆଣିଥିଲେ। ସେଠାରୁ ବାଇକ୍ (ଓଡି୧୮ ଜି ୩୦୨୧)ରେ ଫେରିବା ବେଳେ ଦୁର୍ଘଟଣା ଘଟିଥିଲା। ଏକ ଚାଉଳ ବୋଝେଇ ଟ୍ରକ୍ (ଓଆର ୧୦ଏ ୩୭୯୩) ସେମାନଙ୍କୁ ଧକ୍କା ଦେଇଥିଲା। ବାଇକ୍ରେ କରୁଣା, ନିତୁ ଓ ତାଙ୍କ ବଡ଼ବାପା ହିରୀ କଣ୍ଡାଗରି ଥିଲେ। ଦୁର୍ଘଟଣାରେ ନିତୁ ଓ କରୁଣାଙ୍କ ମୃତ୍ୟୁ ହୋଇଛି। ହିରି ଗୁରୁତର ରହିଛନ୍ତି।

# ୨ ଦୋକାନୀଙ୍କ ନାଁରେ ମାମଲା

ଗୁଣପୁର,୧୪।୪(ଡି.ଏନ୍.ଏ.)

ରାୟଗଡ଼ା ଜିଲା ଗୁଣପୁର ପୋଲିସ ମଙ୍ଗଳବାର ଦୁଇ ଦୋକାନୀଙ୍କ ନାମରେ ମାମଲା ରୁଜୁ କରିଛି। ସେମାନେ ହେଲେ ବଲରାମ ନଗର ମୁଖ୍ୟ ରାସ୍ତାରେ ଦୋକାନ କରିଥିବା ବୃନ୍ଦାବନ ସାହୁ। ଅନ୍ୟ ଜଣକ ହେଲେ ବେବର୍ତ୍ତା ଢେପ ଅଞ୍ଚଳର କେ. କ୍ରିଷ୍ଣା ରାଓ। ଲକ୍ ଡାଉନ ନିୟମକୁ ଅମାନ୍ୟ କରି ଏହି ଦୁଇଜଣ ଦିନ ୧୧ଟା ପରେ ଦୋକାନ ଖୋଲିଥିବାରୁ ସେମାନଙ୍କ ନାମରେ ମାମଲା ରୁଜୁ କରାଯାଇଥିବା ଆଇଆଇସି ରଶ୍ମିରଞ୍ଜନ ପ୍ରଧାନ ସୂଚନା ପ୍ରଦାନ କରିଛନ୍ତି।

# କରୋନାରେ ଭାଇଚାରା ପରିଚୟ ଦେଲେ ସଙ୍ଗଠନ

ଜୟପୁର,୧୪।୪(ଡି.ଏନ୍.ଏ.)

ଦେଶର ଲକ୍ ଡାଉନ ଭଳି ଘଡ଼ିସନ୍ଧି ମୁହୂର୍ତ୍ତରେ ଜୟପୁର ସହରରେ ଭାଇଚାରା ଓ ଏକତାର ପରିଚୟ ଦେଇଛନ୍ତି ସହରର ବିଭିନ୍ନ ସଙ୍ଗଠନ। ଜୟପୁର ସୁନ୍ନି ମୁସଲମାନ ଅଞ୍ଜୁମନ କମିଟି ପକ୍ଷରୁ ତିନିଦିନ ମଧରେ ଅଟା, ଚାଉଳ, ଡାଲି, ଆଳୁ, ପିଆଜ, ତେଲର ୩୦୦ରୁ ଅଧିକ ପୁଡିଆ ବିଭିନ୍ନ ସଂପ୍ରଦାୟର ଗରିବ ପରିବାରଙ୍କୁ ଦିଆଯାଇଛି। ଗତ ସୋମବାର କମିଟି ୫୦୦ ପ୍ୟାକେଟ ରନ୍ଧାଖାଦ୍ୟ ବାଣ୍ଟିଥିଲା। ସେହିପରି ଜୟପୁର ଇଭାଞ୍ଜୁକାଲ ଲୁଥରାନ ଚର୍ଚ୍ଚ ଓ ଖ୍ରୀଷ୍ଟିଆନ ସଂପ୍ରଦାୟର କେତେକ ଲୋକ ବ୍ୟକ୍ତିଗତ ଭାବେ ମଧ ସହାୟତା ଦେଉଛନ୍ତି। ସହରର ବ୍ରାହ୍ମଣ ସମାଜ, ଅନ୍ୟ ହିନ୍ଦୁ ସଙ୍ଗଠନ ମଧ ସହାୟତା ପ୍ରଦାନ କରୁଛନ୍ତି। ସେହିପରି ଜୟପୁର ବ୍ଲକ ଏକମ୍ବା ପଞ୍ଚାୟତ ବଡ଼ପଡ଼ା ଗ୍ରାମର ସଚେତନ ଯୁବକମାନେ ନିଜ ଖର୍ଚ୍ଚରେ ଗାଁକୁ ସାନିଟାଇଜ କରିଛନ୍ତି। ଅନ୍ୟ ପକ୍ଷରେ କଟକସ୍ଥିତ ଓଡ଼ିଶା ମ୍ୟୁଜିକାଲ କଳାକାର କଲ୍ୟାଣ ସଂଘ ରାଜ୍ୟର ସମସ୍ତ ଦୁସ୍ଥ ସଂଗୀତ କଳାକାରଙ୍କୁ ଚିହ୍ନଟ କରି ଶୁଖିଲା ଓ ରନ୍ଧାଖାଦ୍ୟ, ସାବୁନ ବାଣ୍ଟିଛି। ଜୟପୁର ସହରର ୧୬ ଜଣ ଏହିଭଳି କଳାକାରଙ୍କୁ ଖାଦ୍ୟ ସାମଗ୍ରୀ ମିଳିଛି। ସହରର ସଂଗୀତ କଳାକାର ଧୀରେନ ମୋହନ ପଟ୍ଟନାୟକଙ୍କ ନେତୃତ୍ୱରେ ଚିହ୍ନଟ କରାଯାଇ ଟି. ଗୌରୀଶଙ୍କର ଓ ନିଶାନ ପଟ୍ଟନାୟଙ୍କ ସେମାନଙ୍କ ଘରେ ପହଞ୍ଚି ସହାୟତା ଦେଇଥିଲେ।

# ଦକ୍ଷିଣାଞ୍ଚଳ ଆର୍ଡିସିଙ୍କ ଗଜପତି ଗସ୍ତ

ପାରଳାଖେମୁଣ୍ଡି, ୧୪।୪ (ସ୍ୱ.ପ୍ର.)

ଗଜପତି ଜିଲାକୁ ଦକ୍ଷିଣାଞ୍ଚଳ ରାଜସ୍ୱ କମିଶନର (ଆର୍ଡିସି) ଟି.ଆପଙ୍ଗ ଆଓ ଗସ୍ତକରି ମଙ୍ଗଳବାର କରୋନା ପାଇଁ ନିଆଯାଇଥିବା ବିଭିନ୍ନ ପଦକ୍ଷେପ ଉପରେ ସମୀକ୍ଷା କରିଛନ୍ତି। ଆର୍ଡିସି ଗଜପତି ଜିଲା ମୋହନା ବ୍ଲକ ସ୍ଥିତ କମଳାପୁରଠାରେ ଥିବା କ୍ୱାରାଣ୍ଟାଇନ କେନ୍ଦ୍ରକୁ ପରିଦର୍ଶନକରି ସେଠାରେ ସମସ୍ତ ବ୍ୟବସ୍ଥା ବୁଲି ଦେଖିଥିଲେ। ଚାନ୍ଦିପୁଟସ୍ଥିତ ପଞ୍ଚାୟତସ୍ତରୀୟ ସ୍ୱାସ୍ଥ୍ୟକେନ୍ଦ୍ର ପରିଦର୍ଶନ କରିଥିଲେ। ପରେ ସେ ପାରଳାଖେମୁଣ୍ଡି ସହର ଉପକଣ୍ଠସ୍ଥ ଆର୍.ସୀତାପୁରଠାରେ ଥିବା କୋଭିଡ୍-୧୯ ସ୍ୱତନ୍ତ୍ର ଅସ୍ଥାୟୀ ଚିକିତ୍ସାଳୟ ପରିଦର୍ଶନରେ ଯାଇ ସେଠାକାର ସମସ୍ତ ଆନୁଷଙ୍ଗିକ ବ୍ୟବସ୍ଥା ଏବଂ ସ୍ୱାସ୍ଥ୍ୟସେବା ପାଇଁ କିଭଳି ପଦକ୍ଷେପ ନିଆଯାଇଛି ତା'ର ତଦାରଖ କରିଥିଲେ। ସେ ସ୍ୱତନ୍ତ୍ର ଚିକିତ୍ସାଳୟରେ ପହଞ୍ଚିବା ପରେ ତାଙ୍କୁ ଜିଲାପାଳ ଅନୁପମ ଶାହା ଏବଂ ଉପଜିଲାପାଳ ସଂଗ୍ରାମ ଶେଖର ପଣ୍ଡା ସ୍ୱାଗତ କରିଥିଲେ। ପରିଦର୍ଶନ ପରେ ଆର୍ଡିସି ଜିଲାପାଳ ଏବଂ ଜିଲା ମୁଖ୍ୟ ଚିକିତ୍ସାଧିକାରୀ ଡାକ୍ତର ଗୁନୁରାଣୀ ପଟ୍ଟନାୟକଙ୍କ ସହ ଆଲୋଚନା କରିଥିଲେ।

# ମସ୍ଜିଦରେ ଅଟକିଥିବା ୧୫ ଜଣଙ୍କୁ କରୋନା ପରୀକ୍ଷା ପାଇଁ ପଠାଗଲା

ଚିତ୍ରକୋଣ୍ଡା,୧୪।୪ (ଡି.ଏନ୍.ଏ.)

ଚିତ୍ରକୋଣ୍ଡା ମସ୍ଜିଦରେ ପ୍ରଶାସନ ହେପାଜତରେ ରହିଥିବା ୧୨ଜଣ ମୁସ୍ଲିମ ସମ୍ପ୍ରଦାୟର ବ୍ୟକ୍ତି ଓ ୩ଜଣ କପଡା ବ୍ୟବସାୟୀଙ୍କୁ କରୋନା ପରୀକ୍ଷା ପାଇଁ ମାଲକାନଗିରି ପଠାଯାଇଛି। ବିଡିଓ ଲରିମନ ଖରସେଲ, ଉପଖଣ୍ଡ ଚିକିତ୍ସାଳୟର ଅଧକ୍ଷ କ୍ଷୀରୋଦ ଚନ୍ଦ୍ର ମହନ୍ତ ଓ ଥାନା ଅଧିକାରୀ ଯୁଗଳ ଶବରଙ୍କ ଉପସ୍ଥିତିରେ ଦୁଇ ଥରରେ ଗାଡି ଯୋଗେ ପଠାଯାଇଥିଲା। ଖବରରୁ ଜଣାପଡ଼ିଛି ଲକ୍ଡାଉନ ଘୋଷଣା ପୂର୍ବରୁ ଏମାନେ ଦକ୍ଷିଣ ଓଡ଼ିଶାର ବିଭିନ୍ନ ମସ୍ଜିଦକୁ ଧର୍ମ କାର୍ଯ୍ୟରେ ଆସିଥିଲେ। ଚିତ୍ରକୋଣ୍ଡା ମସ୍ଜିଦ୍କୁ ମଧ ୧୨ ଜଣ ଆସିଥିଲେ। ମାତ୍ର ଲକ୍ଡାଉନ ଘୋଷଣା ପରେ ଗ୍ରାମକୁ ଯାଇପାରି ନ ଥିଲେ। ଏମାନଙ୍କ ସମ୍ପର୍କରେ ପ୍ରଶାସନ ଖବର ପାଇ ସେମାନଙ୍କ ନିକଟରେ ପହଞ୍ଚି ସେମାନଙ୍କ ଆସିବା କାରଣ ପଚାରି ବୁଝିବା ସହ ସେମାନଙ୍କ ପରିଚୟପତ୍ର ଯାଞ୍ଚ କରିଥିଲେ। ସେହିପରି ୩ ଜଣ କପଡା ବ୍ୟବସାୟୀ ମଧ ମସ୍ଜିଦରେ ଅଟକି ରହିଥିଲେ। ସମସ୍ତଙ୍କୁ ଏଯାଏ ସେଠାରେ ରଖାଯାଇଥିଲା। ଲକ୍ଡାଉନ ଅବଧି ବଢ଼ିବା ପରେ ଏବେ ସେମାନଙ୍କ କରୋନା ପରୀକ୍ଷା ଲାଗି ପଠାଯାଇଛି।

# ମୋଟର କର୍ମଚାରୀଙ୍କୁ ସହାୟତା ଦାବି

ପାରଳାଖେମୁଣ୍ଡି/ପାପଡ଼ାହାଣ୍ଡି, ୧୪।୪ (ସ୍ୱ.ପ୍ର./ଡି.ଏନ୍.ଏ.)

ଲକ୍ଡାଉନ ଯୋଗୁ ଗାଡ଼ିମୋଟର ଚଳାଚଳ ବନ୍ଦ ରହିଛି। ଏପରିସ୍ଥଳେ ଗାଡ଼ିମୋଟର ଚଳାଇ ପରିବାର ପ୍ରତିପୋଷଣ କରୁଥିବା କର୍ମଚାରୀ ପ୍ରଭାବିତ ହୋଇଛନ୍ତି। ପାରଳାଖେମୁଣ୍ଡିଠାରେ ଜିଲା ମୋଟର ସଂଘ ପକ୍ଷରୁ କର୍ମଚାରୀଙ୍କୁ ସହାୟତା ଯୋଗାଇବାକୁ ନିବେଦନ କରାଯାଇଛି। ସେମାନେ ଆର୍ଥିକ ଅନଟନରେ ରହି ଭୋକ ଉପବାସରେ ଦିନ କାଟୁଥିବା ଗଜପତି ଜିଲା ମୋଟର କର୍ମଚାରୀ ସଂଘ ସଭାପତି ଡି.ଜଗନ୍ନାଥ ରାଓ, ଉପସଭାପତି ଗୌରୀଶଙ୍କର ପଣ୍ଡା, ସମ୍ପାଦକ ନରସିଂହ ମାଳବିଶୋୟୀ, କେ.ବାଲାରାଜୁ ପ୍ରମୁଖ କହିଛନ୍ତି। ଜିଲା ପ୍ରଶାସନ ମାଧ୍ୟମ ସଂଘ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଦାବିପତ୍ର ପ୍ରଦାନ କରିଛି। ଏଥିପ୍ରତି ଦୃଷ୍ଟି ଦେଇ ପ୍ରଶାସନ ପଦକ୍ଷେପ ନେବାକୁ ଦାବି ହେଉଛି।

ନବରଙ୍ଗପୁର ଜିଲା ପାପଡ଼ାହାଣ୍ଡି ବ୍ଲକ ମୋଟର ଚାଳକ ସଂଘ ମଧ ବିଭିନ୍ନ ଦାବି ନେଇ ତହସିଲଦାର ପ୍ରେମଲାଲ ହିଆଲଙ୍କୁ ଦାବିପତ୍ର ପ୍ରଦାନ କରିଛି। ଲକ୍ଡାଉନ ଯୋଗୁ ଗାଡିଚାଳକ ଓ କର୍ମଚାରୀଙ୍କ ପରିସ୍ଥିତି ବହୁ ଖରାପ ହୋଇଗଲାଣି। ରୋଜଗାର ନ ଥିବାରୁ ପରିବାର ଚଳାଇବା କଷ୍ଟକର ହୋଇପଡୁଛି ବୋଲି ଉଲ୍ଲେଖ କରି ଏପରି ସ୍ଥିତିରେ ସେମାନଙ୍କୁ ସରକାର ସହାୟତା ଯୋଗାଇଦେବାକୁ ଦାବି କରିଛନ୍ତି। ଦାବିପତ୍ର ପ୍ରଦାନ ବେଳେ ଗୁରୁପ୍ରସାଦ ପଣ୍ଡା, ସୁରଜିତ ପଟ୍ଟନାୟକ, ଉମେଶ ଅଧିକାରୀ, ନର ସିଂ ପ୍ରମୁଖ ଉପସ୍ଥିତ ଥିଲେ।

# ୪ବ୍ଲକରୁ ରିଲିଫ ପାଣ୍ଠିକୁ ସହାୟତା

ଚନ୍ଦାହାଣ୍ଡି/ରାଇଘର/ଡାବୁଗାଁ/ ଉମରକୋଟ,୧୪।୪(ଡି.ଏନ୍.ଏ.)

ନବରଙ୍ଗପୁର ଜିଲା ଚନ୍ଦାହାଣ୍ଡି ବ୍ଲକ୍ ପାଟଖଲିଆ ଗ୍ରାମ ପକ୍ଷରୁ ମଙ୍ଗଳବାର ମୁଖ୍ୟମନ୍ତ୍ରୀଙ୍କ ରିଲିଫ୍ ପାଣ୍ଠିକୁ ୨୩ ହଜାର ଓ ପ୍ରଧାନମନ୍ତ୍ରୀଙ୍କ ସହାୟତା ପାଣ୍ଠିକୁ ୫ ହଜାର ୫ ଶହ ଟଙ୍କା ପ୍ରଦାନ କରାଯାଇଛି। ସାମାଜିକ କର୍ମୀ ପ୍ରଦୀପ ଦାଶଙ୍କ ତତ୍ତ୍ୱାବଧାନରେ ପାଟଖଲିଆ ସରପଞ୍ଚ ହର ପୂଜାରୀ, ସମିତିସଭ୍ୟ ତ୍ରିନାଥ ଦାଶ, ଶ୍ୟାମସୁନ୍ଦର ନେତାମ, ମଧୁସୂଦନ ନାଗେଶ, ଗୋପୀ ଗୌଡ଼, ଅରବିନ୍ଦ ସାହୁ, ସନ୍ତୋଷ ଦାଶ, ନିରୁପମା ଦାଶ ପ୍ରମୁଖ ଏବାବଦ ଚେକ୍ ବିଡିଓ ଧର୍ମରାଜ ମାଝିଙ୍କୁ ପ୍ରଦାନ କରିଛନ୍ତି। ସେହିଭଳି ଜିଲା ପରିଷଦ ସଭ୍ୟ ସନିନ୍ଦ୍ର ସୋରୀ ଓ ତାଙ୍କ ସ୍ତ୍ରୀ ତଥା ପୂର୍ବତନ ବ୍ଲକ୍ ଅଧକ୍ଷା ଦ୍ରୌପଦୀ ସୋରୀ ୧୨ ହଜାର ଟଙ୍କା, ଭରଯୋଡ଼ି ସ୍କୁଲ କମିଟି ପକ୍ଷରୁ ୨ହଜାର ଏବଂ ପାନାବେଡ଼ା ଗଣ୍ଡା ପକ୍ଷରୁ ୫ ହଜାର ୫ ଶହ ଟଙ୍କା ମୁଖ୍ୟମନ୍ତ୍ରୀଙ୍କ ପାଣ୍ଠିକୁ ସହାୟତା ପ୍ରଦାନ କରାଯାଇଛି। ସେହିପରି ଜିଲାର ରାଇଘର ବ୍ଲକ୍ ହଳଦୀ ପଞ୍ଚାୟତର ସରପଞ୍ଚ ଉପେନ୍ଦ୍ର ଆଣ୍ଟି ୧୧ହଜାର ୧ଶହ ଏବଂ ବିଜେଡି ବ୍ଲକ୍ ସଭାପତି ରାଇସିଂ ଗଣ୍ଡ ୧୦ହଜାର ଟଙ୍କା ଆର୍ଥିକ ସହାୟତା ମୁଖ୍ୟମନ୍ତ୍ରୀଙ୍କ ସହାୟତା ପାଣ୍ଠିକୁ ବିଡିଓଙ୍କ ଜରିଆରେ ଦେଇଛନ୍ତି। ଡାବୁଗାଁ ବ୍ଲକ୍ ଅଧକ୍ଷ ବଂଶୀଧର ମାଝି ମଧ ମୁଖ୍ୟମନ୍ତ୍ରୀ ରିଲିଫ ପାଣ୍ଠିକୁ ୫୦୦୦ ଟଙ୍କା ସହାୟତା ଦେଇଛନ୍ତି। କରୋନା ମୁକାବିଲା ପାଇଁ ମୁଖ୍ୟମନ୍ତ୍ରୀ ରିଲିଫ ପାଣ୍ଠିକୁ ଉମରକୋଟ ବ୍ଲକ ବିଜୁ ଜନତା ଦଳ ପକ୍ଷରୁ ୧୦ହଜାର ଟଙ୍କା ପ୍ରଦାନ କରାଯାଇଛି। ସେହିପରି ବ୍ଲକ ସଭାପତି ଅଜିତ ପ୍ରଧାନ ୧୧ହଜାର,ବାପି ସିଲ ୧୦ହଜାର ଏବଂ ସଞ୍ଜୟ ଗୁପ୍ତା ୧୦ହଜାର ଟଙ୍କା ଉମରକୋଟ ବିଡିଓ ଦେବୀ ପ୍ରସାଦ ଟାଲିଙ୍କୁ ପ୍ରଦାନ କରିଛନ୍ତି।

# କାମ ବନ୍ଦ କଲେ ଶ୍ରମିକ

କୋରୁକୋଣ୍ଡା, ୧୪।୪(ଡି.ଏନ.ଏ.)

ମାଲକାନଗିରି ଜିଲା କୋରୁକୋଣ୍ଡା ବ୍ଲକ ଚିତପାରି-୩ ପଞ୍ଚାୟତର ୧୦୪ ଗ୍ରାମର ଦୁଲାଲ ସରକାର ଓ ଠାକୁରଦାସ ମଣ୍ଡଳଙ୍କ ଜମି ସମତଳ ପାଇଁ ଏମ୍ଜିଏନ୍ଆର୍ଇଜିଏସ୍ ମାଧ୍ୟମରେ ଦୁଲାଲଙ୍କୁ ୩୦ହଜାର ଓ ଠାକୁରଦାସଙ୍କୁ ୩୨ହଜାର ଟଙ୍କା ପ୍ରଶାସନ ପକ୍ଷରୁ ମଞ୍ଜୁର ହୋଇଥିଲା। ସେ ଏହି କାର୍ଯ୍ୟ ଶ୍ରମିକମାନଙ୍କ ଦ୍ୱାରା କରାଇବା କଥା। ମାତ୍ର ଏହା ନ କରି ଶ୍ରମିକଙ୍କ ବଦଳରେ ଟ୍ରାକ୍ଟର (ଓଡି୩୦ସି-୦୮୦୯ ଏବଂ ଏପି୨୪ଏଫ୍-୮୬୯୪) ମାଧମରେ ଜମି ସମତଳ କରୁଥିଲେ। ଗ୍ରାମର ଶ୍ରମିକମାନେ ଏହା ଜାଣିବା ପରେ ସେଠାରେ ପହଞ୍ଚି କାମ ବନ୍ଦ କରିଛନ୍ତି। ଏନେଇ ବିଡିଓ ଦାଶରଥି ସରାବୁଙ୍କ ଦୃଷ୍ଟି ଆକର୍ଷଣ କରିବାରୁ ତଦନ୍ତକରି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ସେ କହିଛନ୍ତି।

# କିଡ୍ନୀ ରୋଗୀଙ୍କୁ ଔଷଧ ଯୋଗାଇଦେଲେ ଆର୍ଆଇ

କାଲିମେଳା,୧୪।୪(ଡି.ଏନ.ଏ)- କିଡ୍ନୀ ରୋଗରେ ଆକ୍ରାନ୍ତ ଥିବା ଜଣେ ଗରିବ ଲୋକଙ୍କୁ ସହାୟତା କରି ମାନବିକତାର ପରିଚୟ ଦେଇଛନ୍ତି କାଲିମେଳା ଆର୍ଆଇ ସୁରେଶ ପୂଜାରୀ। ଏମ୍ଭି-୯୬ ଗ୍ରାମର ଖୁକନ ମଣ୍ଡଳ ଜଣେ କିଡ୍ନୀ ରୋଗୀ। ସେ ପରିବାର ଚଳାଇବା ପାଇଁ ବାହାର ରାଜ୍ୟକୁ ଯାଇ ଲକ୍ଡାଉନ ପୂର୍ବରୁ ଗ୍ରାମକୁ ଚାଲି ଆସିଥିଲେ। ପାଖରେ ଟଙ୍କା ନ ଥିବାରୁ ଖୁକନ ଔଷଧ କିଣି ନ ପାରି ହନ୍ତସନ୍ତ ହେଉଥିଲେ । ଏହା ଜାଣିପାରି ଆରଆଇ ପୂଜାରୀ ନିଜେ ଔଷଧ କିଣି ଏମ୍ଭି-୯୬ଗ୍ରାମସ୍ଥିତ ଖୁକନଙ୍କ ଘରକୁ ଯାଇ ଔଷଧ ଦେଇଥିଲେ।

# ୨ ମାସରେ ଉଜାଡ଼ିଲା ବର୍ଷକର ରୋଜଗାର

## କୁମ୍ଭକାର ପରିବାରଙ୍କୁ ଭୋକ ଉପାସରେ ରଖେଇଲା କରୋନା

ଜୟପୁର,୧୪।୪(ନି.ପ୍ର.)

କରୋନା ଆତଙ୍କ ଓ ଲକ୍ ଡାଉନ ପରିସ୍ଥିତି ଅନେକ ଲୋକଙ୍କ ଜୀବନ ଜୀବିକାକୁ ପ୍ରଭାବିତ କରିଛି। ପର୍ବପର୍ବାଣି, ବିବାହ ଋତୁକୁ ଅପେକ୍ଷା କରି ବସିଥିବା କୋରାପୁଟ ଜିଲାର କୁମ୍ଭକାର ପରିବାର ମଧ ଏବେ ସମାନ ଅବସ୍ଥା ଭୋଗୁଛନ୍ତି। ଲକ୍ ଡାଉନ ମେ' ୩କୁ ବୃଦ୍ଧି ହେବା ପରେ ସେମାନଙ୍କ ଚିନ୍ତା ଆହୁରି ବଢ଼ିଯାଇଛି।

ସାଧାରଣତଃ ବର୍ଷା ଋତୁ ପୂର୍ବରୁ କୁମ୍ଭକାରମାନେ ମାର୍ଚ୍ଚରୁ ମେ ମଧରେ ହାଣ୍ଡି, କୁଡୁଆ, ଦୀପ ତିଆରି ପାଇଁ ଆବଶ୍ୟକ ମାଟି, କାଠ ସଂଗ୍ରହ କରନ୍ତି। ସେହି ସମୟରେ ବିବାହ, ବ୍ରତ ପାଇଁ ଯେଉଁ ମାଟି ତିଆରି ଜିନିଷ


କୁମ୍ଭାରପୁଟ ଗାଁର ମହିଳାମାନେ ମାଟି କାମରେ ଲାଗିଛନ୍ତି ।

ବିକ୍ରି ହୁଏ, ସେହି ପଇସାରେ ହିଁ ଆଗାମୀ ମାଟିକାମ ପାଇଁ ସେମାନେ କଞ୍ଚାମାଲ ସଂଗ୍ରହ କରିପାରନ୍ତି। ଏହି ୩ ମାସର ସମୟ ହିଁ ସେମାନଙ୍କ ବର୍ଷକର ରୋଜଗାର ନିର୍ଦ୍ଧାରଣ କରେ। ଲକ୍ ଡାଉନ ଯୋଗୁ ଏବେ ବିବାହ, ବ୍ରତ ବନ୍ଦ ଥିବାବେଳେ ରାମ ନବମୀ, ଚୈତ୍ରମାସରେ ନବରାତ୍ର, ବିଭିନ୍ନ ଦେବୀପୀଠରେ ଘଣ୍ଟଯାତ୍ରା ସରିଛି। ମନ୍ଦିରକୁ ଭକ୍ତଙ୍କ ପ୍ରବେଶ କଟକଣା ଥିବାରୁ ନବରାତ୍ରରେ ଦୀପ ଜଳିନାହିଁ କି ଘଣ୍ଟଯାତ୍ରାରେ ମାଟିପାତ୍ର ଲାଗିନାହିଁ। କୁମ୍ଭକାର କଞ୍ଚାମାଲ ପାଇଁ ଘରୁ ବାହାରିପାରୁ ନାହାନ୍ତି କି ବିକିବାକୁ ସହରକୁ ଆସିପାରୁ ନାହାନ୍ତି। ଫଳରେ ସେମାନେ ଆର୍ଥିକ ସଙ୍କଟର ସମ୍ମୁଖୀନ ହୋଇଛନ୍ତି। ଜୟପୁର ବ୍ଲକ କୁମ୍ଭାରପୁଟ ଗ୍ରାମରେ ଥିବା ୨ଶହ ପରିବାରଙ୍କ ଜୀବନ ଜୀବିକା ଏବେ ସଙ୍କଟରେ। ଲକ୍ ଡାଉନ ଏମାନଙ୍କୁ ବିଷମ ପରିସ୍ଥିତିରେ ପକାଇଛି। ସରକାର କୁମ୍ଭକାରଙ୍କୁ ସହାୟତା ରାଶି ଦେବାକୁ ଦାବି ହୋଇଛି।

# ଲକ୍‌ଡାଉନରେ ଫସଲ ସୁରକ୍ଷା

ଏବେ ଲକ୍‌ଡାଉନ୍ ମେ' ୩ ଯାଏ ବଢ଼ିଯାଇଛି। ତେବେ ଏହି ସମୟରେ କୃଷକମାନଙ୍କର ଉତ୍ପାଦିତ ସାମଗ୍ରୀ ଯେପରି ନଷ୍ଟ ନ ହୁଏ ତଥା ସେମାନଙ୍କର ବିଶେଷ କ୍ଷତି ନ ହୁଏ ସେଥିପାଇଁ ଚାଷୀମାନଙ୍କୁ କେତେଗୁଡ଼ିଏ ପରାମର୍ଶ ଦେଇଛି ଭାରତୀୟ କୃଷି ଅନୁସନ୍ଧାନ ପରିଷଦ (ଆଇସିଏଆର)।

– ଶୀଘ୍ର ଖରାପ ହୋଇଯାଉଥିବା ଭଳି ବିଭିନ୍ନ ପନିପରିବା କିମ୍ବା ଫସଲକୁ ପ୍ରଥମେ କାମରେ ଲଗାନ୍ତୁ। ଯେପରିକି ବିଭିନ୍ନ ପନିପରିବା ଓ ଫଳରୁ ଜାମ୍, ଜେଲି, ସ୍କାଶ, ଟମାଟୋ ପ୍ୟୁରି ଆଦି ତିଆରି କରନ୍ତୁ। ସେହିପରି ମଶରୁମ୍ କିମ୍ବା ଅନ୍ୟ କେତେକ ପରିବାକୁ ଶୁଖାଇ ଅଧିକ ଦିନ ପ୍ୟାକେଟ କରି ରଖାଯାଇପାରିବ।

– ଷ୍ଟ୍ରବେରୀ ଚାଷ କରୁଥିବା ଚାଷୀମାନେ ଫସଲ ବିକ୍ରିରେ ସମସ୍ୟା ଭୋଗୁଥିବାରୁ ସେମାନେ ଭ୍ୟାଲୁ ଆଡେଡ୍ ଉତ୍ପାଦ ତିଆରି କରନ୍ତୁ। ଷ୍ଟ୍ରବେରୀରୁ ଜାମ୍, ଜେଲି ଆଦି ପ୍ରସ୍ତୁତ ହୋଇପାରିବ।

– ଠିକ୍ ସମୟରେ ଚାଷୀମାନେ ବିହନ ବୁଣିବା କାମ କରନ୍ତୁ। ଏଥିପାଇଁ ସରକାର ସବୁ ପ୍ରକାରର ସୁବିଧା ଯୋଗାଇ ଦେଉଛନ୍ତି।



# ଭେଣ୍ଡି ଲଗାଉଥିଲେ..

ବର୍ଷସାରା ଭେଣ୍ଡି ଲଗାଯାଇପାରେ। ଉନ୍ନତ କିସମ ବିହନ ଲଗାନ୍ତୁ। ଯଥା–ଉତ୍କଳ, ଗୌରବ, ଅର୍କ, ଅନାମିକା, ଉପହାର, ପର୍ବାଣୀକ୍ରାନ୍ତି ଏବଂ ହାଇବ୍ରିଡ୍ ଜାତୀୟ ଯଥା–ବର୍ଷା, ବିଜୟ, ବିଶାଳ, ତାରା, ଆଧୁନିକ, ଅତ୍ୟାଧୁନିକ, ସୁପ୍ରୀୟ ମଧ୍ୟ ଲଗାଇପାରିବେ। କିସମ ଅନୁସାରେ ଏକର ପ୍ରତି ୫ରୁ ୭ କିଲୋଗ୍ରାମ୍ ବିହନ(ଉନ୍ନତ କିସମ) ଓ ସଙ୍କର ଜାତୀୟ ପାଇଁ ୧୨୫୦ରୁ ୧୫୦୦ଗ୍ରାମ୍ ବିହନ ଦରକାର ହୁଏ। ଶେଷଓଡ଼ ଚାଷ ବେଳେ ଏକର ପ୍ରତି ୧୦ ଶଗଡ଼ ଗୋବରଖତ, ୪୫କି.ଗ୍ରା ଯବକ୍ଷାରଜାନ, ୨୫କି.ଗ୍ରା. ଫସ୍‌ଫରସ୍ ଓ ୩୦ କି.ଗ୍ରା ପଟାସ୍ ସାର ଏବଂ ସଙ୍କର ଜାତୀୟ ଲାଗି ୨୦–୨୫ ଶଗଡ଼ ଗୋବରଖତ, ୮୦କିଗ୍ରା ଯବକ୍ଷାରଜାନ, ୪୦କିଗ୍ରା ଫସଫରସ ଓ ୪୦କି.ଗ୍ରା ପଟାସ ସାର ପ୍ରୟୋଗ କରନ୍ତୁ। ଧାଡ଼ିକୁ ଧାଡ଼ି ୩୦ସେ.ମି. ଓ ଗଛକୁ ଗଛ ୪୫ସେ.ମି. ବ୍ୟବଧାନରେ ମଞ୍ଜି ପୋତନ୍ତୁ।





ଡା. ବୀର କିଶୋର ପରିଡ଼ା



# ଖରାଦିନେ ଗୋରୁଙ୍କ ସୁରକ୍ଷା



ଖରାଦିନେ ପ୍ରଚଣ୍ଡ ରୌଦ୍ରତାପ ଓ ପିଇବା ପାଣିର ଉତ୍କଟ ଅଭାବ ଯୋଗୁ ଉଭୟ ମନୁଷ୍ୟ ଓ ପଶୁପକ୍ଷୀଙ୍କ ଜୀବନ ଦୁର୍ବିଷହ ହୋଇପଡ଼େ। ସାମୂହିକ କରୋନା ପ୍ରାଦୁର୍ଭାବ ସହ ଆମ ରାଜ୍ୟର ୧୨ରୁ ଉର୍ଦ୍ଧ୍ୱ ଜିଲାରେ ଏବେଠାରୁ ୪୦ ଡିଗ୍ରୀରୁ ଅଧିକ ଉତ୍ତାପ ଦେଖିବାକୁ ମିଳିଲାଣି। ଆମ ରାଜ୍ୟ ତଥା ଦେଶରୁ କରୋନା ଭୂତାଣୁକୁ ଦମନ ପାଇଁ ସରକାରଙ୍କ ତରଫରୁ ଜାରି କରାଯାଉଥିବା ସମସ୍ତ ନିର୍ଦ୍ଦେଶନାମାକୁ ପାଳନ କରିବାକୁ ପଡ଼ିବ। ଏଥିସହିତ କୃଷି, ମତ୍ସ୍ୟଚାଷ ଓ ପ୍ରାଣୀପାଳନ ଉପରେ ଗୁରୁତ୍ୱ ଦେବାକୁ ହେବ। କାରଣ ଆମେ ବଞ୍ଚିବା ନିମନ୍ତେ କରୋନା ବିରୋଧରେ ଶରୀରରେ ରୋଗ ପ୍ରତିରୋଧକ ଶକ୍ତି ବଢ଼ାଇବା ପାଇଁ ଖାଦ୍ୟ ଉତ୍ପାଦନ ବୃଦ୍ଧି ସହିତ ମାଛ, ମାଂସ, ଅଣ୍ଡା, ଦୁଗ୍ଧ ଉତ୍ପାଦନ ବୃଦ୍ଧିର ଢେର୍ ଆବଶ୍ୟକତା ରହିଛି। ସେଥିପାଇଁ ଏସବୁ କାର୍ଯ୍ୟକୁ ସୁଚାରୁରୂପେ ସମ୍ପାଦନ କରିବା ପାଇଁ ସରକାର ଲକ୍‌ଡାଉନ୍ ପାଳନ ବେଳେ କେତେକ କୋହଳ ନୀତି ଅବଲମ୍ବନ କରିଛନ୍ତି, ଯାହାଫଳରେ ଆମ ଚାଷୀ ଭାଇମାନେ ବିନା ବାଧାବିଘ୍ନରେ କୃଷିକାର୍ଯ୍ୟ ସହିତ ମତ୍ସ୍ୟ ଚାଷ ଓ ପ୍ରାଣୀପାଳନ ସହଜରେ କରିପାରିବେ। ଅବଶ୍ୟ ଏସବୁ କାର୍ଯ୍ୟ କଲାବେଳେ ସାମାଜିକ ଦୂରତା ରକ୍ଷା କରିବା ସହିତ ମୁହଁରେ ମାସ୍କ ବାନ୍ଧିବା ଓ ଅନ୍ୟାନ୍ୟ ସତର୍କତା ଅବଲମ୍ବନ କଲେ ଆମେ କରୋନା ଭୂତାଣୁକୁ ଆମ ପାଖରୁ ଦୂରେଇ ଦେବା ସହିତ କୃଷି ଓ ଆନୁଷଙ୍ଗିକ କୃଷି, ଯଥା–ଉଦ୍ୟାନ କୃଷି, ମାଛ ଚାଷ ଓ ପ୍ରାଣୀ ସମ୍ପଦଭିତ୍ତିକ ଉତ୍ପାଦନ ବୃଦ୍ଧିରେ ସହାୟକ ହୋଇପାରିବା।

ଆମ ରାଜ୍ୟରେ ଗୋସମ୍ପଦର ସୁରକ୍ଷା ଓ ଦୁଗ୍ଧ ଉତ୍ପାଦନ ବୃଦ୍ଧି ଲାଗି ସରକାର ଅନେକ ଯୋଜନା ପ୍ରଣୟନ କରୁଛନ୍ତି। ଆମ ଜୀବନ ଜୀବିକା ସହିତ ଗୋ ସଂପଦ ଅଙ୍ଗାଙ୍ଗୀ ଭାବରେ ଜଡ଼ିତ। ତେଣୁ ଆମର ଗୋପାଳକମାନେ କରୋନା ପରିସ୍ଥିତିକୁ ଧୈର୍ଯ୍ୟର ସହିତ ମୁକାବିଲା କରିବା ସଙ୍ଗେ ସଙ୍ଗେ ଖରାଦିନେ ଗୋରୁଙ୍କୁ ଠିକ୍ ଯତ୍ନ ନେଲେ ଆମର ମୂଲ୍ୟବାନ ଗୋସମ୍ପଦ ସୁରକ୍ଷିତ ରହିବା ସହିତ ଦୁଗ୍ଧ ଉତ୍ପାଦନ ବୃଦ୍ଧି ପାଇପାରିବ। ବର୍ତ୍ତମାନ ପରିସ୍ଥିତିରେ ଦୁଗ୍ଧର ଅଭାବୀ ବିକ୍ରି ଯୋଗୁ ଦୁଗ୍ଧ ଚାଷୀମାନେ ବାହାରେ ଦୁଗ୍ଧ ଢାଳିଦେବା କେତେଦୂର ଠିକ୍ ତାହା ଭାବିବା ଆବଶ୍ୟକ। ଏହି ଦୁର୍ଦ୍ଦିନ ସମୟରେ ଯଦି ଏହି ବଳକା କ୍ଷୀରକୁ ବିଭିନ୍ନ ଦୁଗ୍ଧଜାତ ଦ୍ରବ୍ୟ ଯଥା–ଘିଅ, ଛେନା, ଦହି ଆଦି ପ୍ରସ୍ତୁତ କରିପାରନ୍ତେ କିମ୍ବା ଆଖପାଖ ଗରିବ ଲୋକଙ୍କୁ ବାଣ୍ଟିଦିଅନ୍ତେ, ତେବେ ସେମାନଙ୍କର ଉତ୍ପାଦିତ ଦୁଗ୍ଧ ସୁବିନିଯୋଗ ହୋଇପାରନ୍ତା। ଦୁଗ୍ଧ ସେବନ ଦ୍ୱାରା କରୋନା ବିରୋଧରେ ରୋଗ ପ୍ରତିରୋଧକ ଶକ୍ତି ସୃଷ୍ଟି ହୋଇପାରିବ। ବର୍ତ୍ତମାନ ଓମ୍‌ଫେଡ ଦୁଗ୍ଧର ଇ–ଯୋଗାଣ ନିମନ୍ତେ ସମସ୍ତ ପଦକ୍ଷେପ ଗ୍ରହଣ କରିଛି, ଯାହା କି ଏକ ସ୍ୱାଗତଯୋଗ୍ୟ ପଦକ୍ଷେପ।

ସାଧାରଣତଃ ଦେଶୀଗୋରୁମାନେ ଅଧିକ ଉତ୍ତାପ ସହନଶୀଳ। କିନ୍ତୁ ସଙ୍କର ଓ ବିଦେଶୀ ଗୋରୁଙ୍କର ଖରାଦିନେ ଉତ୍ତାପ ସହନଶୀଳତା ଶକ୍ତି କମ୍। ମଇଁଷିଙ୍କର କଳା ରଙ୍ଗର ଚର୍ମ ଯୋଗୁ ଅଂଶୁଘାତର ଆଶଙ୍କା ଅଧିକ ଥାଏ। ଗୋରୁମାନେ ଅଧିକ ସମୟ ଧରି ବାହ୍ୟ ଉତ୍ତାପ ବୃଦ୍ଧିର ପ୍ରଭାବରେ ଆସିଲେ ସେମାନଙ୍କର ଶାରୀରିକ ଉତ୍ତାପ ୧୦୦ରୁ ୧୦୮ ଡିଗ୍ରୀ ଫାରେନହାଇଟ୍ ପର୍ଯ୍ୟନ୍ତ ବୃଦ୍ଧି ପାଏ। ଖାଦ୍ୟ ଖାଇବା କମାଇ ଦେବା ସହିତ ଗୋରୁ ଅଧିକ ପାଣି ପିଇଥାଆନ୍ତି। ଗୋରୁ ଧକେଇ ଥାଆନ୍ତି। ବେଳେବେଳେ ଆଖି ଲାଲ ପଡ଼େ, ପାଟିରୁ ଫେଣଭଳି ଲାଳ ନିର୍ଗତ ହୁଏ, ପାଟି ଖୋଲା ରଖି ଜିଭ ବାହାର କରେ। ଦ୍ରୁତ ଓ ଗଭୀର ଶ୍ୱାସକ୍ରିୟା ଦେଖାଯାଏ। ଶେଷରେ ଗୋରୁ ତଳେ ପଡ଼ି ଚେତା ଶୂନ୍ୟ ହୋଇପଡ଼େ ଏବଂ ଶାରୀରିକ ଉତ୍ତାପ କମିଯାଇ ମୃତ୍ୟୁବରଣ କରେ। ଏସବୁ ଲକ୍ଷଣ ଦେଖାଦେଲେ ତୁରନ୍ତ ନିକଟସ୍ଥ ପ୍ରାଣୀ ଚିକିତ୍ସକ ଦ୍ୱାରା ଚିକିତ୍ସା କରାଇ ନେବା ଏକାନ୍ତ ଆବଶ୍ୟକ। ଏଥିସହିତ ଦୁଗ୍ଧ ଉତ୍ପାଦନ କମିଯାଏ। ଗାଈ ବା ଛଡ଼ା ଠିକ୍ ସମୟରେ ଗରମକୁ ଆସନ୍ତି ନାହିଁ। ପ୍ରଜନନ କ୍ଷମତା କମିଯାଏ।

ଖରାଦିନେ ପିଇବା ପାଣିର ଉତ୍କଟ ଅଭାବ ଯୋଗୁ ଉଭୟ ମନୁଷ୍ୟ ଓ ପ୍ରାଣୀଙ୍କ ଜୀବନ ଦୁର୍ବିସହ ହୋଇପଡ଼େ। ସାମୂହିକ କରୋନା ପ୍ରାଦୁର୍ଭାବ ସହ ଆମ ରାଜ୍ୟର ୧୨ରୁ ଉର୍ଦ୍ଧ୍ୱ ଜିଲାରେ ଏବେଠାରୁ ୪୦ ଡିଗ୍ରୀରୁ ଅଧିକ ଉତ୍ତାପ ଦେଖିବାକୁ ମିଳିଲାଣି...



### ଗୋରୁଙ୍କୁ ଅଂଶୁଘାତରୁ ରକ୍ଷା କରିବାର ଉପାୟ

–ଗୋରୁଙ୍କୁ ଥଣ୍ଡା ଛାଇ ଥିବା ସ୍ଥାନରେ ରଖନ୍ତୁ। ଗୁହାଳ, ଚତୁଃପାର୍ଶ୍ୱରେ ଛାଇ ସୃଷ୍ଟି କରୁଥିବା ଗଛ ରହିଲେ ଭଲ।

–ଗୁହାଳ ଛାତ ଉପରେ ନଡ଼ା କିମ୍ବା କଞ୍ଚା ତାଳପତ୍ର ବିଛାଇ ରଖନ୍ତୁ। ଛାତର ଆଜବେଷ୍ଟସ କିମ୍ବା ଟିଣ ଛାତ ଉପରେ ଚୂନ ଲେପନ କରନ୍ତୁ।

–ଗୁହାଳ ଘର ଭିତରେ ଘଣ୍ଟାକୁ ୩ ଥର ପାଣିର ଫଗିଙ୍ଗ କରି ପରିବେଶ ଥଣ୍ଡା ରଖନ୍ତୁ।

–ଗୋରୁ ଉପରେ ପ୍ରତି ୧୦ରୁ ୩୦ ମିନିଟ୍ ବ୍ୟବଧାନର ୧–୫ମିନିଟ୍ ପର୍ଯ୍ୟନ୍ତ ପାଣି ସିଞ୍ଚନ କରନ୍ତୁ।

–ଗୁହାଳ ଘରେ ପଙ୍ଖା ଲଗାଇ ଚାଲୁ କରିବାର ବ୍ୟବସ୍ଥା କରନ୍ତୁ।

–ମଇଁଷିମାନଙ୍କୁ ପୋଖରୀରେ ଧୋଇ ହେବାକୁ ଦିଅନ୍ତୁ।

–ଗୋରୁଙ୍କୁ ଦିନକୁ ଥରେ କିମ୍ବା ଆବଶ୍ୟକ ସ୍ଥଳେ ୨–୩ ଥର ଗାଧୋଇ ଦିଅନ୍ତୁ।

–ଗୋରୁଙ୍କୁ ୭୦: ୩୦ ଅନୁପାତରେ ଘାସ ଓ ଦାନା ଖାଇବାକୁ ଦିଅନ୍ତୁ। ମିଶ୍ରିତ ଦାନାରେ ୩୫ ପ୍ରତିଶତ ପ୍ରୋଟିନ୍ ରହିବା ନିହାତି ଆବଶ୍ୟକ।

–ଦୁଗ୍ଧ ଦୁହିଁବାର ଅନ୍ୟୂନ ଦୁଇ ଘଣ୍ଟା ପୂର୍ବରୁ ଗାଈଙ୍କୁ ଗାଧୋଇ ଦେବା ସହିତ ବ୍ରଶ ଦ୍ୱାରା କୁଣ୍ଡାଇ ଦିଅନ୍ତୁ।

–ଗାଈ ଦୁହିଁବା ପୂର୍ବରୁ ପହ୍ନାକୁ ଆଣ୍ଟିସେପ୍ଟିକ ଦ୍ରବଣ ମିଶା ପାଣିରେ ଏକ ସଫା କପଡ଼ାରେ ପୋଛି ଦିଅନ୍ତୁ।

–ଗୋରୁଙ୍କୁ ପ୍ରାତଃ, ସକାଳ, ସନ୍ଧ୍ୟା ଓ ରାତ୍ରରେ ଦାନାଜାତୀୟ ଖାଦ୍ୟ ଖାଇବାକୁ ଦିଅନ୍ତୁ।

–ଦିନବେଳେ ସବୁଜ ଘାସ, ନଡ଼ା, ତାଳପତ୍ର ଆଦି ଖାଇବାକୁ ଦିଅନ୍ତୁ।

–ଗୋରୁଙ୍କୁ ପ୍ରାତଃ, ସକାଳ ଓ ବିଳମ୍ବ ଅପରାହ୍ନରେ ବାହାରକୁ ଚରିବାକୁ ଛାଡ଼ନ୍ତୁ।

– ଯଥେଷ୍ଟ ପରିମାଣର ଥଣ୍ଡା, ସ୍ୱଚ୍ଛ ପାଣି ପିଇବାକୁ ଦିଅନ୍ତୁ।

–ଖାଦ୍ୟରେ ଲୁଣ ୫୦ ଗ୍ରାମ ଓ ଧାତବଲବଣ ୨ ପ୍ରତିଶତ ୩୦ରୁ ୫୦–ଗ୍ରାମ ଖାଇବାକୁ ଦିଅନ୍ତୁ।

–ଗୋରୁଙ୍କୁ ଗୁହାଳରେ ଅତ୍ୟଧିକ ଗହଳିରେ ରଖିବାକୁ ଦିଅନ୍ତୁ ନାହିଁ।

–ବଳଦଙ୍କୁ ଦିନବେଳେ ସକାଳ ୧୧ଟା ପୂର୍ବରୁ ଏବଂ ଅପରାହ୍ନ ୪ଟା ପରେ କୃଷି କାମରେ ନିୟୋଜିତ କରନ୍ତୁ।

–ଗାଈ, ଛଡ଼ାଙ୍କ ଗରମ ଆସିବା ଲକ୍ଷଣ ଠିକ ଭାବରେ ନିରୂପଣ କରି କୃତ୍ରିମ ପ୍ରଜନନ କରାନ୍ତୁ।

–ଗୋରୁଙ୍କ ମଳ ନିକଟସ୍ଥ ପ୍ରାଣୀ ଚିକିତ୍ସା କେନ୍ଦ୍ରରେ ନିୟମିତ ପରୀକ୍ଷା କରାଇ ଚିକିତ୍ସକଙ୍କ ପରାମର୍ଶକ୍ରମେ ଠିକ ମାତ୍ରାରେ କୃମିନାଶକ ଔଷଧ ପ୍ରାତଃ, ସକାଳେ ଖାଲି ପେଟରେ ଖାଇବାକୁ ଦିଅନ୍ତୁ।

–ଗୁହାଳ ଭିତର ଓ ବାହାର ସର୍ବଦା ପରିଷ୍କାର ରଖନ୍ତୁ। ଖାଦ୍ୟ ପାତ୍ର ଓ ପାଣି ପାତ୍ର ସଫାସୁତରା ରଖନ୍ତୁ।

–ବାସି ଖାଦ୍ୟ ଖାଇବାକୁ ଦିଅନ୍ତୁ ନାହିଁ କି ଅପରିଷ୍କାର ନାଳନର୍ଦ୍ଦମା ପାଣି ପିଇବାକୁ ଦିଅନ୍ତୁ ନାହିଁ।

–ଗୋରୁଙ୍କୁ ସର୍ବଦା ସଦ୍ୟ ପ୍ରସ୍ତୁତ ଦାନା ବା ଖାଦ୍ୟ ଖାଇବାକୁ ଦିଅନ୍ତୁ।

–ସଦ୍ୟଜାତ କଅଁଳା ବାଛୁରୀକୁ ସାତଦିନ ପର୍ଯ୍ୟନ୍ତ କଷକ୍ଷୀର ଆବଶ୍ୟକ ମୁତାବକ ଖାଇବାକୁ ଦିଅନ୍ତୁ।

–ଗାଈଙ୍କଠାରେ ଦୁଃଖ ପ୍ରସବ ଦେଖାଦେଲେ ତୁରନ୍ତ ସ୍ଥାନୀୟ ପ୍ରାଣୀ ଚିକିତ୍ସକଙ୍କ ସହାୟତା ନିଅନ୍ତୁ।

–ଗୋରୁଙ୍କୁ ବିଭିନ୍ନ ସଂକ୍ରମଣ ରୋଗ ଦାଉରୁ ରକ୍ଷା କରିବା ପାଇଁ ଫାଟୁଆ ଟିକା, ସାହାଣା ଟିକା, ବଜବଜିଆ ଟିକା, ଆନ୍ଥ୍ରାକ୍ସ ଟିକା, ବ୍ରୁସେଲା ଟିକା ଆଦି ପ୍ରତିଷେଧକ ଟିକା ପ୍ରଦାନ କରନ୍ତୁ।

–ବଜ୍ରପାତର ଆଶଙ୍କା ଦେଖାଦେଲେ ଗୃହପାଳିତ ପ୍ରାଣୀଙ୍କୁ ବାହାରେ ନ ଛାଡ଼ି ଘର ଭିତରେ ରଖନ୍ତୁ।

–କୌଣସି ଧାତୁଯୁକ୍ତ ପଦାର୍ଥରେ ଗୋରୁଙ୍କୁ ବାନ୍ଧନ୍ତୁ ନାହିଁ।

–ଘଡ଼ଘଡ଼ି ମାରିବା ସମୟରେ ଗୋରୁଙ୍କୁ ଗଛମୂଳରେ ନ ରଖି ତୁରନ୍ତ ଘରକୁ ନେଇଯାଆନ୍ତୁ।

–ଗୋରୁଙ୍କଠାରେ ଅଂଶୁଘାତ ଦେଖାଦେଲେ ତୁରନ୍ତ ଛାଇ ସ୍ଥାନକୁ ନେଇଯାଆନ୍ତୁ। ମୁଣ୍ଡରେ ପାଣି ମାରିବା ସହିତ ଶରୀରକୁ ଓଦା କପଡ଼ାରେ ପୋଛି ଦିଅନ୍ତୁ। ମୁଣ୍ଡକୁ ସଳଖାଇ ଥଣ୍ଡା ପାଣି ପିଇବାକୁ ଦିଅନ୍ତୁ ଏବଂ ସଂଗେ ସଂଗେ ପ୍ରାଣୀ ଚିକିତ୍ସକଙ୍କ ଦ୍ୱାରା ଚିକିତ୍ସା ନିମନ୍ତେ ପଦକ୍ଷେପ ନିଅନ୍ତୁ।

*–ଅତିରିକ୍ତ ଜିଲା ପ୍ରାଣୀ ଚିକିତ୍ସା ଅଧିକାରୀ, କଳାହାଣ୍ଡି, ମୋ:୯୪୩୭୬୦୭୩୧୨*

# କରୋନା: କୃଷକଙ୍କ ଲାଗି ପରାମର୍ଶ

ଡ. ପରେଶ କୁମାର ପଣ୍ଡା

ଚାଷ କରିବା, ଅମଳ କରିବା କିମ୍ବା ଅମଳ ପରବର୍ତ୍ତୀ କାମ ଯେପରି କି ସାଇତି ରଖିବା ଅବା ବିକ୍ରିବଟା ନିମନ୍ତେ ନେବା ପାଇଁ ଚାଷୀମାନଙ୍କୁ ବିଭିନ୍ନ ସ୍ଥାନରେ କାମ କରିବାକୁ ହେବ। କିନ୍ତୁ ଏ ସମୟରେ କରୋନା ସଂକ୍ରମିତ ନ ହେବା ଲାଗି କେତୋଟି ବିଷୟରେ ସତର୍କ ହେବାକୁ ଭୁଲନ୍ତୁ ନାହିଁ।

–ସାମାଜିକ ଦୂରତା ବଜାୟ ରଖିବେ। ( ହାତ ନ ମିଳାଇବା, କୃଷି ସମାବେଶରୁ ଦୂରେଇ ରହିବା ଏବଂ ଏକ ସ୍ଥାନରେ ୫ରୁ ଉର୍ଦ୍ଧ୍ୱ ବ୍ୟକ୍ତି ଏକାଠି ନ ହେବା ଇତ୍ୟାଦି)

–ଗୋଟିଏ ଦିନରେ ଯେତେ କମ୍ ଲୋକରେ କାମ ହୋଇପାରିବ ସେଥିପ୍ରତି ଧ୍ୟାନ ଦେବା ସହ ସବୁ ସମୟରେ ଛାଡ଼ି ଛାଡ଼ି ହୋଇ କାମ କରିବାକୁ ଚେଷ୍ଟା କରନ୍ତୁ।

– ଜମିରେ ବିଶ୍ରାମ ନେବା କିମ୍ବା ଖାଇବା ସମୟରେ ଅଥବା ସଂଗ୍ରହ କେନ୍ଦ୍ରକୁ ବା ଉତ୍ପାଦର ପରିବହନ ଅଥବା ବୋଝ ଓହ୍ଲାଇବା ସମୟରେ ଅନ୍ୟ ବ୍ୟକ୍ତିଙ୍କଠାରୁ ଅନ୍ୟୂନ ୩ରୁ ୪ ଫୁଟର ଦୂରତା ରଖନ୍ତୁ। ତେବେ ଜିନିଷ ନେବା ଆଣିବା ନିମନ୍ତେ ଅନ୍ୟର ସାହାଯ୍ୟ ଆବଶ୍ୟକ ଥିଲେ ନିଜର ପରିଚିତ ଲୋକଙ୍କୁ ନେଇ ସାଙ୍ଗରେ ଯାଆନ୍ତୁ।

– ବାହାରେ ବିଭିନ୍ନ କେନ୍ଦ୍ରରେ କାମ



–ଫସଲ ଚାଷ କିମ୍ବା ଅମଳ ସ୍ଥାନରେ ୫ରୁ ୬ ଫୁଟ ଦୂରତା ପଟିରେ ଜଣେ ରହିବେ।

–ଚାଷ କାମ କରୁଥିବା ସମୟରେ ବା ସେହି ସ୍ଥାନରେ ମୁହଁରେ ମାସ୍କ ଲଗାନ୍ତୁ।

–ନିୟମିତ ବ୍ୟବଧାନରେ ସାବୁନରେ ଅନ୍ୟୂନ ୨୦ ସେକେଣ୍ଡ ପାଇଁ ଭଲରୂପେ ଦୁଇ ହାତକୁ ଘଷି ପରିଷ୍କାର ପାଣିରେ ଧୋଇ ଦିଅନ୍ତୁ।



କରିବାକୁ ଥିଲେ ଯଥାସମ୍ଭବ ହାତରେ କାମ କରିବା ବଦଳରେ ବିଭିନ୍ନ ଯନ୍ତ୍ରପାତିରେ କାମ କରନ୍ତୁ।

– ପ୍ରବେଶ ପଥରେ ଏବଂ ନିୟମିତଭାବେ ଯନ୍ତ୍ରପାତିଗୁଡ଼ିକୁ ଜୀବାଣୁ ଅଥବା ଭୂତାଣୁମୁକ୍ତ ନିମନ୍ତେ ସାନିଟାଇଜର ବ୍ୟବସ୍ଥାକୁ ସାଙ୍ଗରେ ନେଇ ଯାଆନ୍ତୁ।

– ପରିବହନ ଗାଡ଼ି, ଅଖାବସ୍ତା ଅନ୍ୟ ପ୍ୟାକେଜିଂ ସାମଗ୍ରୀଗୁଡ଼ିକୁ ମଧ୍ୟ ସାନିଟାଇଜ୍ କରାନ୍ତୁ।

– ସାନିଟାଇଜ୍ କରିବା ନିମନ୍ତେ ଡିଟରଜେଣ୍ଟ ଗୋଳା ହୋଇଥିବା ଦ୍ରବଣକୁ ଯନ୍ତ୍ରପାତି, ପାୱାରଟିଲର ଅନ୍ୟ ଗାଡ଼ି ଉପରେ (ସ୍ପ୍ରେୟର ବ୍ୟାଟେରି ଚାଳିତ ହେଲେ ଭଲ) ସିଞ୍ଚନ କରନ୍ତୁ। ହାଇଡ୍ରୋକ୍ଲୋରାଇଡ୍‌ର ୧ପ୍ରତିଶତ ଦ୍ରବଣ ହେଲେ ଭଲ। ସେ ସମୟରେ ଗାଡ଼ିର ଇଲେକ୍ଟ୍ରିକ୍ ଅଂଶ ଉପରେ ପଲିଥିନ୍ ଦ୍ୱାରା ଘୋଡ଼ାଇ ଦେବା ଏବଂ ଶୁଖିଗଲା ପରେ ହିଁ କାମରେ ଲଗାଇବା।

– ଷ୍ଟିଅରିଂ ଚକ, ଥ୍ରୋଟଲ ଲିଭର, ଗିଅର ବଦଳ ଲିଭର, ଦର୍ପଣ କାଚ, ଥ୍ରେସର୍‌ର ଫିଡିଙ୍ଗ୍ ଏହାପରକୁ ଆଲ୍‌କୋହଲ / ସ୍ପିରିଟ୍ / ଡେଟଲ କପଡ଼ାରେ ପୋଛିଦିଅନ୍ତୁ।

*–ସହକାରୀ ବିହନ ପ୍ରମାଣନ ଅଧିକାରୀ, ଭୁବନେଶ୍ୱର, ମୋ: ୭୨୦୫୦୯୬୦୮୦*

# ରଜନୀଗନ୍ଧାର ଉନ୍ନତ କିସମ

ରଜନୀଗନ୍ଧା ମେ' ମାସ ପର୍ଯ୍ୟନ୍ତ ଲଗାଯାଇପାରିବ। ଏହାର ଉନ୍ନତ କିସମଗୁଡ଼ିକ ମଧ୍ୟରେ ରହିଛି କୋଲକାତା ସିଙ୍ଗଲ, ଶ୍ରୀଙ୍ଗାର, କୋଏମ୍ବାଟୋର, ସିଙ୍ଗଲ ଓ ସୁହାସିନି (ଡବଲ)। ବୁଣିବା ପୂର୍ବରୁ ଅନୁମୋଦିତ ସାରର (ଏକର ପ୍ରତି ୮୦କି.ଗ୍ରା. ଯବକ୍ଷାରଜାନ, ୮୦କିଗ୍ରା ଫସଫରସ ଓ ୮୦କି.ଗ୍ରା. ପଟାସ ସାର)ର ଏକ ତୃତୀୟାଂଶ ଯବକ୍ଷାରଜାନ ଓ ସବୁତକ ଫସ୍‌ଫରସ୍ ଏବଂ ପଟାସ ସାର ପ୍ରୟୋଗ କରନ୍ତୁ। ଏକର ପ୍ରତି ପ୍ରାୟ ୪୦,୦୦୦ କନ୍ଦା ଆବଶ୍ୟକ ହୋଇଥାଏ। କନ୍ଦାଗୁଡ଼ିକୁ ୨.୫ସେ.ମି. ବ୍ୟାସ ବିଶିଷ୍ଟ ହୋଇଥିବା ଦରକାର। ଶୀତଳଭଣ୍ଡାରରେ ୪–୫ଡିଗ୍ରୀ ସେଲ୍‌ସିଅସ୍‌ରେ ରହିଥିବା କନ୍ଦାଗୁଡ଼ିକ ଭଲ ଗଜା ହୋଇଥାଏ।



ସୂତ୍ରଜୀବପ୍ରବଣ ଅଞ୍ଚଳରେ ଲଗାଇବା ପୂର୍ବରୁ ଏକ ପ୍ରତି ୧୬୦କେ.ଜି. ନିମ୍ବପିଡ଼ିଆ ପ୍ରୟୋଗ କରନ୍ତୁ। କନ୍ଦାଗୁଡ଼ିକୁ ଲଗାଇବା ପୂର୍ବରୁ ଚେରଗୁଡ଼ିକୁ କାଟିଦିଅନ୍ତୁ। ଧାଡ଼ିକୁ ଧାଡ଼ି ୩୦ସେ.ମି. ଓ କନ୍ଦାକୁ କନ୍ଦା ୩୦ସେ.ମି. ବ୍ୟବଧାନରେ ଲଗାନ୍ତୁ।

# ମାଛଚାଷ



ଭାକୁର ମାଛରେ ସାଧାରଣତଃ ଆଖିରୋଗ ଦେଖାଯାଇଥାଏ। ଏହାର ପ୍ରାଥମିକ ଲକ୍ଷଣରେ ଆଖିର ସ୍ୱଚ୍ଛପଟଳ ରକ୍ତବର୍ଣ୍ଣ ହୋଇଯାଏ ଓ କିଛିଦିନ ପରେ ଏହା ଅସ୍ୱଚ୍ଛ ହୋଇ କ୍ରମେ ପଚିଯାଇ ଆଖି ନଷ୍ଟ ହୋଇଯାଏ। ତେଣୁ ପ୍ରତିକାର ପାଇଁ ୧୦ ମିଲିଗ୍ରାମ୍ ହିସାବରେ କ୍ଲୋରୋମାଇସିଟିନ୍‌କୁ ୧ ଲିଟର ପାଣିରେ ଦ୍ରବଣ ପ୍ରସ୍ତୁତ କରି ମାଛଗୁଡ଼ିକ ୫–୭ ମିନିଟ୍ ପର୍ଯ୍ୟନ୍ତ ବୁଡ଼ାଇ ରଖନ୍ତୁ। ଏହାବ୍ୟତୀତ ପଟାସିୟମ ପରମାଙ୍ଗାନେଟ୍ ଦ୍ରବଣରେ (୫ ମିଲିଗ୍ରାମ୍ ୧ ଲିଟର ପାଣିରେ) ମାଛକୁ ପ୍ରାୟ ୫ରୁ ୭ ମିନିଟ୍ ପର୍ଯ୍ୟନ୍ତ ବୁଡ଼ାଇ ରଖାଯାଇପାରେ। ଏହି ପ୍ରକ୍ରିୟା ୩–୪ ଦିନ ପର୍ଯ୍ୟନ୍ତ କଲେ ଭାକୁର ମାଛର ଆଖିରୋଗ ହେବାର ଆଶଙ୍କା ନ ଥାଏ । ଏକ ହେକ୍ଟର ବିଶିଷ୍ଟ ମାଛଚାଷ ପୋଖରୀ ପାଇଁ ଦୈନିକ ୭ କି.ଗ୍ରା. କାଣ୍ଡିଆ କୁଣ୍ଡା, ୭ କି.ଗ୍ରା. ଚିନାବାଦାମ ପିଡ଼ିଆ ବ୍ୟବହାର କରନ୍ତୁ ।

# ଚିନାବାଦାମ ଅମଳ

ଚିନାବାଦାମ ଗଛ ଉପାଡ଼ିବା ପରେ ବାଦାମକୁ ନ ଛିଡ଼ାଇ ଗଛଗୁଡ଼ିକୁ ଛୋଟ ଛୋଟ ବିଡ଼ାରେ ବାନ୍ଧି ଦିଅନ୍ତୁ। ବାଦାମ ଉପରକୁ ଓ ଗଛ ତଳକୁ ଥିବା ଅବସ୍ଥାରେ ୫–୬ ଦିନ ଖରାରେ ଶୁଖାନ୍ତୁ। ଗଛ ଶୁଖିବା ପରେ ବାଦାମଗୁଡ଼ିକୁ ତୋଳି ଛାଇରେ ଖେଳାଇ ଭଲଭାବରେ ଶୁଖାନ୍ତୁ। ଏହାଦ୍ୱାରା ବାଦାମ ମଞ୍ଜିର ଦାନା ଠିକ୍‌ରୂପେ ପୂରଣ ହୋଇ ଅମଳରେ ୧୦% ବୃଦ୍ଧି ଘଟେ। ବାଦାମ ଫଳର ଆର୍ଦ୍ରତା ୯ ପ୍ରତିଶତରୁ ଅଧିକ ହେଲେ ଫିମ୍ପି



ସଂକ୍ରମଣର ଆଶଙ୍କା ଅଧିକ। ଯେଉଁ ଅଞ୍ଚଳରେ ଅମଳ ସମୟରେ ଅଧିକ ତାପମାତ୍ରା ଅନୁଭୂତ ହୋଇଥାଏ, ଫଳକୁ ସିଧାସଳଖ ଖରାରେ ଶୁଖାଯାଏ ନାହିଁ ଏବଂ ଗୋଲାକାର ଗଦାରେ ଫଳ ଅଂଶକୁ ମଧ୍ୟଭାଗରେ ରଖାଯାଇ ଶୁଖାଯାଏ। ବାଦାମ ଭଲଭାବେ ଶୁଖିଗଲେ ଝଣଝଣ ଶବ୍ଦ ହୋଇ ବାଦାମକୁ ଚିପିଲେ ସହଜରେ ଦୁଇଫାଳ ହୋଇଯାଏ। ବାଦାମ ମଞ୍ଜିକୁ ମକଚିଲେ ବାଦାମରୁ ବାଦାମି ଚୋପା ସହଜରେ ବାହାରି ଆସେ ଓ ହାତରେ ତେଲ ଲାଗିଯାଏ। ବିହନ ନିମନ୍ତେ କେବଳ ଭଲ, ପାଚିଲା, ପରିଷ୍କାର ଏବଂ ପରିପୁଷ୍ଟ ଫଳଗୁଡ଼ିକୁ ବାଛନ୍ତୁ।

# ପ୍ୟାକେଜ୍ ଆଶାରେ ଶିଳ୍ପଜଗତ



**ନୂଆଦିଲ୍ଲୀ, ୧୪। ୪ :** କରୋନା ଜନିତ ସଙ୍କଟକୁ କମ୍ କରିବା ଲାଗି ସାରା ଦେଶରେ ଲକ୍‌ଡାଉନ ଅବଧି ବୃଦ୍ଧିର ଆବଶ୍ୟକତାକୁ ଶିଳ୍ପ ଜଗତ ପକ୍ଷରୁ ସମର୍ଥନ କରାଯାଇଛି। ଏଭଳି ଏକ ପଦକ୍ଷେପର ଆବଶ୍ୟକତା ରହିଥିଲା ବୋଲି ଶିଳ୍ପଜଗତ ପକ୍ଷରୁ କୁହାଯାଇଛି। କୋଭିଡ୍-୧୯ ସାରା ଦେଶର ଅର୍ଥ ବ୍ୟବସ୍ଥାକୁ ଗଭୀର କ୍ଷତି

## ଲକ୍‌ଡାଉନକୁ ସମର୍ଥନ ଜଣାଇଲା

ପହଞ୍ଚାଇଛି। ଏଭଳି ସ୍ଥିତିରେ ସରକାର ଶୀଘ୍ର ଆର୍ଥିକ ପ୍ୟାକେଜ ଘୋଷଣା କରିବାର ଆବଶ୍ୟକତା ରହିଛି ବୋଲି ଶିଳ୍ପ ଜଗତ ପକ୍ଷରୁ ମତ ପ୍ରକାଶ ପାଇଛି। ବୁଧବାର ଠାରୁ ଲକ୍‌ଡାଉନ ସମ୍ପ୍ରସାରଣ କରାଯାଇଛି। ଚଳିତ ମାସ ୨୦ ପରଠାରୁ କେଉଁ କ୍ଷେତ୍ରକୁ ପରିଚାଳନା ଆଶ୍ୱସ୍ତି ମିଳିବ ସେ ନେଇ ସ୍ପଷ୍ଟ ଚିତ୍ର ସାମ୍ନାକୁ ଆସିବ।

ଏବେ ସମଗ୍ର ଅର୍ଥ ବ୍ୟବସ୍ଥା ସହ ସାରା ଦେଶର ଦାଦନ ଶ୍ରମିକଙ୍କ ସମସ୍ୟା ବଢିଯାଇଛି। ଲୋକଙ୍କର ଜୀବନ ଏବଂ ଜୀବିକା ଏବେ ଦୋଛକିରେ ଥିବାରୁ ଲକ୍‌ଡାଉନ ଅବଧି ବଢିଥିବାରୁ ଲୋକଙ୍କ ଚିନ୍ତା ମଧ୍ୟ ବଢିଛି। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ବିଭିନ୍ନ ରାଜ୍ୟର ମୁଖ୍ୟମନ୍ତ୍ରୀଙ୍କ ସହ ଭିଡିଓକନଫରେନ୍ସି ଯୋଗେ ଗୁରୁତ୍ୱପୂର୍ଣ୍ଣ ପ୍ରସଙ୍ଗରେ ଆଲୋଚନା କରିଛନ୍ତି। ବିପଦ ନ ଥିବା କିଛି କ୍ଷେତ୍ରକୁ ପରିଚାଳନାକ୍ଷେତ୍ରରେ ଆଶ୍ୱସ୍ତି ପ୍ରଦାନ କରିବା ଉପରେ ମୁଖ୍ୟମନ୍ତ୍ରୀମାନେ ଗୁରୁତ୍ୱାରୋପ କରିଛନ୍ତି। ଏବେ ସୁଦ୍ଧା ସରକାର ୧.୭ ଲକ୍ଷ କୋଟି ଟଙ୍କାର ଏକ ପ୍ୟାକେଜ ଘୋଷଣା କରିଛନ୍ତି। ଏହାବାଦ ସ୍ୱାସ୍ଥ୍ୟ କ୍ଷେତ୍ରରେ କାମ କରୁଥିବା ଲୋକଙ୍କ ଲାଗି ବୀମା ସୁବିଧା ମଧ୍ୟ ପ୍ରଦାନ କରାଯାଇଛି।

ଆଇଟି ଶିଳ୍ପ ସଂଘ ନାସକମ୍ ପକ୍ଷରୁ କୁହାଯାଇଛି ଯେ, ଦେଶର ଗ୍ରୀନ ଜୋନଗୁଡିକରେ କଟକଣା କୋହଳ ହେଲେ ଏହା ଆର୍ଥିକ କାର୍ଯ୍ୟକଳାପକୁ ତ୍ୱରାନ୍ୱିତ କରିବା ଦିଗରେ ସହାୟକ ହେବ। ସରକାର ଯଦି ଶୀଘ୍ର ପ୍ରୋତ୍ସାହନ ପ୍ୟାକେଜ ପ୍ରଦାନ କରନ୍ତି ଏହା ଅର୍ଥ ବ୍ୟବସ୍ଥାର ପୁନର୍ଗଠନ ଦିଗରେ ସହାୟକ ହୋଇ ପାରିବ।



"ଲକ୍‌ଡାଉନ ପାଇଁ ସାରା ଦେଶର ଅର୍ଥ ବ୍ୟବସ୍ଥା ଦୈନିକ ପ୍ରାୟ ୪୦ ହଜାର କୋଟି କ୍ଷତି ସହୁଛି। ୨୧ ଦିନରେ ଏହା ପ୍ରାୟ ୮ ଲକ୍ଷ କୋଟି ଟଙ୍କା ହେବ। ଲକ୍‌ଡାଉନ ପାଇଁ ପ୍ରାୟ ୪୦ ନିୟୁତ ଲୋକଙ୍କ ଜୀବିକା ଉପରେ କଳାବାଦଲ ଛାଇ ରହିଛି। ଏହାକୁ ବିଚାର କରି ଜରୁରିକାଳୀନ ଭିତ୍ତିରେ ପ୍ୟାକେଜର ଆବଶ୍ୟକତା ରହିଛି। ସରକାର ଯଦି ବିପଦ ନ ଥିବା ସ୍ଥାନଗୁଡିକରେ ଆର୍ଥିକ କାର୍ଯ୍ୟକଳାପକୁ ଅନୁମତି ଦିଅନ୍ତି ତେବେ ଏହା ଉତ୍ପାଦନ କାର୍ଯ୍ୟକଳାପକୁ ବଢାଇବା ଦିଗରେ ସହାୟକ ହେବ।

**–ସଙ୍ଗୀତା ରେଡ୍ଡୀ, ଫିକି ସଭାପତି**



"ବର୍ତ୍ତମାନର ଚ୍ୟାଲେଞ୍ଜିଂ ସ୍ଥିତିରେ ଲକ୍‌ଡାଉନ ଅତ୍ୟନ୍ତ ଜରୁରୀ। ଏପ୍ରିଲ ୨୦ ପରେ ସରକାର ଯଦି ଆର୍ଥିକ କାର୍ଯ୍ୟକଳାପକୁ ପର୍ଯ୍ୟାୟ ଭିତ୍ତିରେ ଅନୁମତି ଦିଅନ୍ତି ତେବେ ଏହା ଲାଭକାରୀ ହେବ।

**– ଚନ୍ଦ୍ରଜିତ ବାନାର୍ଜୀ, ସିଆଇଆଇ ମହାନିର୍ଦ୍ଦେଶକ**



"ବର୍ତ୍ତମାନର ସମୟ ବଡ ଚ୍ୟାଲେଞ୍ଜିଂ। ଶିଳ୍ପ ଜଗତସାମ୍ନାରେ ବିଭିନ୍ନ ସମସ୍ୟା ରହିଥିଲେ ମଧ୍ୟ ଏହାକୁ ଚଳାଇ ନିଆଯାଉଛି। ସ୍ଥିତି ଆଗାମୀ ସପ୍ତାହ ଗୁଡିକରେ ଅସମ୍ଭାଳ ହେବା ନେଇ ଆଶଙ୍କା ଉପୁଜିଛି। ଏହାକୁ ବିଚାର କରି ସରକାର ଶୀଘ୍ର ପ୍ୟାକେଜ ବ୍ୟବସ୍ଥା କରିବା ଉଚିତ।

**–ଦୀପକ ସୁଦ, ଆସୋଚାମ ମହାସଚିବ**



"ପ୍ରୋତ୍ସାହନ ପ୍ୟାକେଜ ମୋଟ ଜିଡିପିର ୭% ହେବାରଆବଶ୍ୟତା ରହିଛି। ଏପରି ପଦକ୍ଷେପ ଦ୍ୱାରା ଜିଡ଼ିପିକୁ ୫% ହାରରେ ବିକାଶ କରିବା ସମ୍ଭବ ହୋଇପାରିବ। ଅର୍ଥ ବ୍ୟବସ୍ଥାକୁ ନୂଆଦିଗନ୍ତ ଦେବାରେ ଏହା ସହାୟକ ହେବ।

**– ଡି.କେ.ଅଗ୍ରୱାଲ, ପିଏଚ୍‌ଡି ଚାମ୍ବର ସଭାପତି**



"କରୋନା ମୁକାବିଲା ଲାଗି ଲକ୍‌ଡାଉନ ଏବଂ ସାମାଜିକ ଦୂରତ୍ୱ ରକ୍ଷା ଦୁଇ ପ୍ରମୁଖ ଅସ୍ତ୍ର। ମାତ୍ର ଏହା ଦ୍ୱାରା ଦେଶର ଅର୍ଥବ୍ୟବସ୍ଥାଏବଂ ବାଣିଜ୍ୟ କାରବାର କ୍ଷତିଗ୍ରସ୍ତ ହୋଇଛି।

**–ରତନ ପୁରୀ, ହିନ୍ଦୁସ୍ତାନ ପାୱାର ଅଧ୍ୟକ୍ଷ**



"ଲକ୍‌ଡାଉନ ବୃଦ୍ଧି ସ୍ୱାଗତଯୋଗ୍ୟ। କୋଭିଡ୍-୧୯ଯୋଗୁ ଉପୁଜିଥିବା ସ୍ଥିତିର ସମାଧାନଲାଗି ଏକ ସୁଚିନ୍ତିତିତ ଯୋଜନା ଆବଶ୍ୟକତା ରହିଛି। ଏପ୍ରିଲ ୨୦ ପରେ କେଉଁ ଅଞ୍ଚଳଗୁଡିକରେ ଆର୍ଥିକ କାର୍ଯ୍ୟକଳାପ ଆରମ୍ଭ ହେବ ସେ ନେଇ ହେଉଥିବା ପ୍ରସ୍ତୁତି ମଧ୍ୟ ଅର୍ଥ ବ୍ୟବସ୍ଥା ଲାଗି ଶୁଭକାରୀ।

**– ନବୀନ ଜିନ୍ଦଲ, ଜେଏସ୍‌ପିଏଲ୍ ଅଧ୍ୟକ୍ଷ**

# ବିଦେଶୀ କାରବାର ନେଇ ଚିନ୍ତାରେ କମ୍ପାନୀ

**ନୂଆଦିଲ୍ଲୀ, ୧୪। ୪ :** ବିଦେଶରେ ନିଜର ୟୁନିଟ ସ୍ଥାପନା କରିଥିବା କମ୍ପାନୀଗୁଡିକ ଏବେ ଚିନ୍ତାରେ ଅଛନ୍ତି। କରୋନା ପାଇଁ ସାରା ବିଶ୍ୱ ଏବେ ଲକ୍‌ଡାଉନ ହୋଇଥିବା ବେଳେ କମ୍ପାନୀଗୁଡିକର କାରବାର ଠପ୍ ହୋଇଛି। ୟୁନିଟଗୁଡିକ କେବେ ପୁଣି ଥରେ କାର୍ଯ୍ୟକ୍ଷମ ହେବ ନେଇ ସ୍ପଷ୍ଟ ଭାବେ କିଛି କହିବା ସ୍ଥିତି ଏବେ ଆସିନାହିଁ। ଏଭଳି ବିଭିନ୍ନ ପ୍ରସଙ୍ଗ ନେଇ ଇଣ୍ଡିଆ ଇଙ୍କ ବା ଭାରତୀୟ ଶିଳ୍ପଜଗତ ଏବେ ବେଶ ଚିନ୍ତିତ ହୋଇପଡିଛି। ଭାରତୀୟ କମ୍ପାନୀଗୁଡିକ ପ୍ରଦାନ କରିଥିବା ଅଫ୍‌ସୋର ଗ୍ୟାରେଣ୍ଟି, ବିଦେଶୀ ବ୍ୟାଙ୍କଗୁଡିକ ଠାରୁ କମ୍ପାନୀ ନେଇଥିବା ଋଣର ସୁଝିବା ଚାପ କମ୍ପାନୀଗୁଡିକ ଏବେ ସହୁଛନ୍ତି। ଏହାବାଦ ଭାରତୀୟ କମ୍ପାନୀଗୁଡିକୁ ଅଧିଗ୍ରହଣ କରିବା କିମ୍ବା ଅଧିକ ଅଂଶଧନ ହାତେଇବା ନେଇ ବିଦେଶୀ କମ୍ପାନୀଗୁଡିକ ଏବେ ବେଶି ମାତ୍ରାରେ ଅଗ୍ରସର ହେଉଛନ୍ତି। କରୋନା ଯୋଗୁ ବିଶ୍ୱ ବଜାର କ୍ଷତିଗ୍ରସ୍ତ ହୋଇଛି। ଏଭଳି ସ୍ଥିତିରେ ଷ୍ଟକ ମୂଲ୍ୟ କମିଛି ଯାହା ଫଳରେ ବିଦେଶୀ ଫାର୍ମ ଅଧିକ ମାତ୍ରାରେ ଶେୟାର କିଣୁଥିବା ଦେଖାଯାଉଛି।

- ଚିନ୍ତା ବଢାଇଛି କୋଭିଡ୍
- ଅଫସୋର ଗ୍ୟାରେଣ୍ଟି, ବିଦେଶୀ ଋଣ ନେଇ ଚାପ
- ବଳପୂର୍ବକ ଅଧିଗ୍ରହଣ ଭୟ ରହିଛି



ଏବେ ରାଜସ୍ୱ ପ୍ରଭାବିତ ହୋଇଥିବାରୁ ବିଦେଶରେ କଣ୍ଟ୍ରାକ୍ଟ ପାଇବା ଲାଗି ଗ୍ୟାରେଣ୍ଟି ପ୍ରଦାନ କ୍ଷେତ୍ରରେ ସମସ୍ୟା ଉପୁଜୁଛି। ସେହିଭଳି ବିଦେଶୀ ୟୁନିଟଗୁଡିକ ଲାଗି କମ୍ ମୂଲ୍ୟରେ ଋଣ ପାଇବାକୁ ମଧ୍ୟ ବଡ ଚ୍ୟାଲେଞ୍ଜ ହେଉଛି। ଏଭଳି ସ୍ଥିତିରେ ନଗଦ ଅଭାବ ଏବଂ ରାଜସ୍ୱ ହ୍ରାସ ସମସ୍ୟାକୁ ଆହୁରି ବଢାଇବ ବୋଲି ବିଶେଷଜ୍ଞ ମତ ପ୍ରକାଶ କରିଛନ୍ତି। ବିକ୍ରି ଏବଂ ରପ୍ତାନି ଖସିବା ଫଳରେ କମ୍ପାନୀଗୁଡିକ ବାହ୍ୟ ବାଣିଜ୍ୟିକ ଋଣ (ଇସିବି) ସମ୍ପର୍କିତ ସର୍ତ୍ତ ପୂରଣ କରିବା ନେଇ ସମସ୍ୟା ସାମ୍ନା କରିବେ ବୋଲି ଆଶଙ୍କା କରାଯାଇଛି। ବର୍ତ୍ତମାନ କମ୍ପାନୀଗୁଡିକ ଦେଇଥିବା ପ୍ରତିଶ୍ରୁତି ପାଳନ କରିବାକୁ ଅନେକ ସମସ୍ୟା ସାମ୍ନା କରୁଥିବା ନଜରକୁ ଆସିଛି। କମ୍ପାନୀ ଚାପରେ ରହିଥିବା ଭାରତୀୟ ଜନତା ପାର୍ଟିର ଅର୍ଥନୈତିକ ବ୍ୟାପାର ସମ୍ପର୍କିତ ଜାତୀୟ ମୁଖପାତ୍ର ଗୋପାଳ କୃଷ୍ଣ ଅଗ୍ରୱାଲ କହିଛନ୍ତି। ଭାରତରେ ବ୍ୟାଙ୍କଗୁଡିକ ପକ୍ଷରୁ ସୁଧ ଏବଂ ଋଣ ପ୍ରଦାନ କ୍ଷେତ୍ରରେ ୩ ମାସିଆ ମୋରାଟୋରିୟମ ସୁବିଧା ରହିଛି। ହେଲେ ବିଦେଶୀ ବ୍ୟାଙ୍କଗୁଡିକ ସାଧାରଣତଃ ପ୍ରଦାନ କରୁନାହାନ୍ତି। ଭାରତୀୟ କମ୍ପାନୀଗୁଡିକ ବେଶି ଚିନ୍ତିତ ନ ହେବା ନେଇ ଅଗ୍ରୱାଲ ପରାମର୍ଶ ଦେଇଛନ୍ତି। ଭାରତୀୟ ପୁଞ୍ଜି ବଜାରରେ ବଳପୂର୍ବକ ଅଧିଗ୍ରହଣ ଉପରେ କଟକଣା ଲଗାଇବା ପାଇଁ ଅନେକ ନିୟମ ରହିଛି ବୋଲି ନିକଟରେ ଚାଇନା ପିପୁଲସ ବ୍ୟାଙ୍କ ଏଚ୍‌ଡିଏଫ୍‌ସିର ୧ % ଅଂଶଧନ ଓପନ ମାର୍କେଟ ଅପରେଶନ ଦ୍ୱାରା କ୍ରୟ କରିଛି। ଏହି ପ୍ରସଙ୍ଗରେ ଜଣେ ବରିଷ୍ଠ ଫଣ୍ଡ ମ୍ୟାନେଜର କହିଛନ୍ତି ଯେ, ଚାଇନା ବିଭିନ୍ନ ଉପାୟରେ ଏଭଳି କାମ କରିବାକୁ ପଛାଉ ନାହିଁ। ବିଦେଶୀ ନିବେଶ ନେଇ ଜର୍ମାନୀ ଏବଂ ଅଷ୍ଟ୍ରେଲିଆ ୨୦୦୭ରେ ନିବେଶ କଟକଣା ଲାଗୁ କରିଥିଲେ। ହେଲେ ଏହା ପରଠାରୁ ସେଠାରେ ଚାଇନା ନିବେଶ ବଢିଛି। ବର୍ତ୍ତମାନ ସ୍ଥିତିରେ ବିଦେଶୀ କମ୍ପାନୀଗୁଡିକ ସେମାନଙ୍କ ଆର୍ଥିକ ସ୍ୱାସ୍ଥ୍ୟ ଠିକ୍ ରଖିବା ଲାଗି ବିଭିନ୍ନ ବିକଳ୍ପ ସନ୍ଧାନରେ ରହିଛନ୍ତି। କମ୍ପାନୀଗୁଡିକର ବିଦେଶୀ ଋଣ ପୁନର୍ଗଠନ ଏବଂ ଆର୍ଥିକ ସ୍ୱାସ୍ଥ୍ୟ ନେଇ ବିଚାର କରାଯାଉଛି। କେତେକ କ୍ଷେତ୍ରରେ ଭାରତୀୟ ରିଜର୍ଭ ବ୍ୟାଙ୍କର ଅନୁମୋଦନ ଲାଭ କରିବାକୁ ପଡୁଛି ବୋଲି ଖଇତାନ ଆଣ୍ଡ ପାର୍ଟନର କୋର ମୋଇନ ଲୋଧା ସୂଚନା ଦେଇଛନ୍ତି। ଏଭଳି ସ୍ଥିତିରେ ସରକାର ମଧ୍ୟ ହସ୍ତକ୍ଷେପ କରିବା ସହ ସହାୟତା କରନ୍ତୁ ବୋଲି ବିଶେଷଜ୍ଞ କହିଛନ୍ତି।

# ଖେଳ ଖବର

## ଆଇପିଏଲକୁ ନେଇ ଅନିଶ୍ଚିତତା ବଢ଼ିଲା ମେ' ୩ ପରେ ନିଷ୍ପତ୍ତି ନିଆଯିବ

**ନୂଆଦିଲ୍ଲୀ, ୧୪।୪:** କରୋନା ଭାଇରସ ସଂକ୍ରମଣ ଜନିତ ସ୍ଥିତିକୁ ଦୃଷ୍ଟିରେ ରଖି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ମେ' ୩ ପର୍ଯ୍ୟନ୍ତ ଲକ୍‌ଡାଉନ୍ ଅବଧିକୁବଢ଼ାଇବାପରେ ଇଣ୍ଡିଆନ ପ୍ରିମିୟର ଲିଗ୍(ଆଇପିଏଲ)କୁ ପୁଣି ସ୍ଥଗିତ ରଖା ଯାଇଛି । ଭାରତୀୟ କ୍ରିକେଟ କଣ୍ଟ୍ରୋଲ ବୋର୍ଡ(ବିସିସିଆଇ) ମେ' ୩ ପରେ ପରିସ୍ଥିତିର ସମୀକ୍ଷା କରିବାପରେ ଯାହାକିଛି ନିଷ୍ପତ୍ତି ନେବ ବୋଲି ପ୍ରକାଶ କରାଯାଇଛି । ପ୍ରକାଶ ଯୋଗ୍ୟ ଯେ ଆଇପିଏଲ ପ୍ରକୃତରେ ମାର୍ଚ୍ଚ ୨୯ରେ ଆରମ୍ଭ ହେବାର ଥିଲା । ଭାରତ ସରକାର ୨୧ ଦିନିଆ ଲକ୍‌ଡାଉନ୍ ଘୋଷଣା କରିବାପରେ ଏହାକୁ ଏପ୍ରିଲ ୧୫ ପର୍ଯ୍ୟନ୍ତ ସ୍ଥଗିତ ରଖାଯାଇଥିଲା । ଆଇପିଏଲ ଏପ୍ରିଲ-ମେ'ରେ ହେବା ସମ୍ଭାବନା କମ୍ ଥିବାରୁ ଏଥିପାଇଁ ପରେ ସମୟ ବାହାର କରିବା କଷ୍ଟକର ହେବ ବୋଲି କୁହାଯାଉଛି । ପ୍ରକାଶ ଯୋଗ୍ୟ ଯେ ଆଗାମୀ ଅକ୍ଟୋବର-ନଭେମ୍ବରରେ ହେବାକୁଥିବା ଟି୨୦ ବିଶ୍ୱକପ ଯଦି ବାତିଲ ହୁଏ ତେବେ ସେହି ସମୟରେ ଏହି ଲିଗ୍ କରାଇବାକୁ ବିସିସିଆଇ ଚିନ୍ତା କରୁଥିବା କଳ୍ପନା ଜଳ୍ପନା ପ୍ରକାଶ ପାଉଛି ।

## କରୋନାରେ ପାକିସ୍ତାନ କ୍ରିକେଟରଙ୍କ ମୃତ୍ୟୁ

**କରାଚୀ, ୧୪।୪ (ଏଏଫ୍‌ପି):** ପାକିସ୍ତାନର ଜଣେ ପୂର୍ବତନ ପ୍ରଥମଶ୍ରେଣୀ କ୍ରିକେଟର ଜାଫର ସର୍ଫରାଜ କରୋନା ଭାଇରସ୍‌ରେ ପ୍ରାଣ ହରାଇଛନ୍ତି। ତାଙ୍କୁ ୫୦ ବର୍ଷ ହୋଇଥିଲା। ଚଳିତ ମାସ ପ୍ରଥମ ଭାଗରେ ସେ ପଜିଟିଭ ଥିବା ଜଣାପଡ଼ିଥିଲା। ତାଙ୍କ ସ୍ୱାସ୍ଥ୍ୟାବସ୍ଥା ଗୁରୁତର ହେବାରୁ ପେଶାୱାରସ୍ଥିତ ଏକ ହସ୍ପିଟାଲରେ ତାଙ୍କୁ ଭେଣ୍ଟିଲେଟରରେ ରଖାଯାଇଥିଲା। ସୋମବାର ତାଙ୍କର ମୃତ୍ୟୁ ଘଟିଛି। ସର୍ଫରାଜ ପେଶାୱାରରେ ୧୫ ପ୍ରଥମଶ୍ରେଣୀ ମ୍ୟାଚ ଖେଳିଛନ୍ତି। ସେ ୧୯୯୪ରେ ଖେଳରୁ ଅବସର ନେଇଥିଲେ। ପାକିସ୍ତାନରେ ୫ ହଜାରରୁ ଉର୍ଦ୍ଧ୍ୱ କରୋନା ଭାଇରସ୍ ଦ୍ୱାରା ସଂକ୍ରମିତ ହୋଇଛନ୍ତି। ୧୦୦ ପାଖାପାଖି ଲୋକ ପ୍ରାଣହରାଇ ସାରିଲେଣି। କୋଭିଡ୍-୧୯ର ମୁକାବିଲା ପାଇଁ ଏହି ଦେଶରେ ଯଥେଷ୍ଟ ପରିମାଣରେ ଡାକ୍ତରୀ ସୁବିଧା ନାହିଁ।

## ସନାତନଙ୍କ ବିୟୋଗରେ ଶୋକ

**କଟକ ଅଫିସ,୧୪।୪:** ରାଜ୍ୟର ବରିଷ୍ଠ କ୍ରୀଡ଼ା ସଙ୍ଗଠକ ସନାତନ ବିଶିଙ୍କର ମଙ୍ଗଳବାର ପରଲୋକ ଘଟିଛି । ସମ୍ବଲପୁର ଜିଲା ଆଥ୍‌ଲେଟିକ ଆସୋସିଏଶନର ସାଧାରଣ ସମ୍ପାଦକ ଓ ଓଡ଼ିଶା ଅଲିମ୍ପିକ ଆସୋସିଏଶନ(ଓଓଏ)ର ଉପସଭାପତିପଦବୀରେ ସେ ଦାୟିତ୍ୱ ତୁଲାଇଥିଲେ ।ସନାତନଙ୍କ ବିୟୋଗ ରାଜ୍ୟ କ୍ରୀଡ଼ା ଜଗତ ପାଇଁ ଏକ ଅପୂରଣୀୟ କ୍ଷତି ବୋଲି ଓଓଏ ପକ୍ଷରୁ କୁହାଯାଇଛି । ଓଓଏର ପୂର୍ବତନ ସମ୍ପାଦକ ଆଶୀର୍ବାଦ ବେହେରା, ସମ୍ପାଦକ(ଇନଚାର୍ଜ) ଅଭିଜିତ ପାଲ ଶୋକ ପ୍ରକାଶ କରିଛନ୍ତି ।

## ନିଜ ଗ୍ରାମ ସାନିଟାଇଜେଶନ କଲେ ଭୋକାନାଲ୍

**ମୁମ୍ବାଇ, ୧୪।୪ (ପି.ଟି.):** କୋଭିଡ୍-୧୯ର ମୁକାବିଲା ପାଇଁ ଅନେକ କ୍ରୀଡ଼ାବିତ୍ ସହାୟତାର ହାତ ବଢାଇଛନ୍ତି। କେତେଜଣ ଅର୍ଥ ଦାନ କରିଛନ୍ତି ତ ଅନ୍ୟ କେତେକ ଅତ୍ୟାବଶ୍ୟକ ସାମଗ୍ରୀ ଯୋଗାଇ ଦେଉଛନ୍ତି। କିନ୍ତୁ ଏସିଆନ ଗେମ୍ସ ସ୍ୱର୍ଣ୍ଣ ବିଜୟୀ ରୋୟର ଦାତୁ ବବନ ଭୋକାନାଲ ଆଉ ଏକ ପାଦ ଆଗେଇ ଆସିଛନ୍ତି। କୋଭିଡ୍-୧୯ ମହାମାରୀ ବ୍ୟାପିବାକୁ ରୋକିବା ଲାଗି ସେ ନାସିକ୍‌ସ୍ଥିତ ନିଜ ଗ୍ରାମରେ ସାନିଟାଇଜେଶନ କାର୍ଯ୍ୟରେ ନିଜକୁ ନିୟୋଜିତ କରିଛନ୍ତି। ୨୯ ବର୍ଷୀୟ ନୌଚାଳକଙ୍କ ଜନ୍ମସ୍ଥାନ ହେଉଛି ଚାନ୍ଦଭାଦ୍ ତହସିଲ ଅନ୍ତର୍ଗତ ତାଲେଗାଁଓ ରୁହିରେ। ରବିବାର ସେ ଏକ ଫର୍ଟିଲାଜର ସ୍ପ୍ରେ ଜରିଆରେ ନିଜ ଗ୍ରାମରେ ସାନିଟାରଜେଶନ କରିଥିଲେ। କାର୍ଯ୍ୟ ସମ୍ପନ୍ନ କରିବା ଲାଗି ତାଙ୍କୁ ପାଖାପାଖି ୪ ଘଣ୍ଟ ସମୟ ଲାଗିଥିଲା। ଭୋକାନାଲ କହିଛନ୍ତି ଆମ ଗ୍ରାମରେ ପ୍ରାୟ ୧୨,୦୦୦ ଲୋକ ବାସ କରନ୍ତି। ଗ୍ରାମରେ ସାନିଟାଇଜେଶନ କରିବା ଲାଗି ମୁଁ, ମୋ ପରିବାର ଏବଂ ମୋର କେତେଜଣ ବନ୍ଧୁ ନିଷ୍ପତ୍ତି ନେଇଥିଲୁ।

# ବର୍ତ୍ତମାନର ମୁହୂର୍ତ୍ତ ସ୍ମୃତି ପାଲଟିଯିବ

**କଟକ ଅଫିସ,୧୪।୪:** ରାଜ୍ୟ ସିନିୟର କ୍ରିକେଟ ଦଳର ଫିଜିଓ ହେଲେ ଶୁଭକାନ୍ତ ସାହୁ। ୨୦୧୧ ମସିହାରୁ ରାଜ୍ୟ ସିନିୟର ଖେଳାଳିଙ୍କ ଫିଟ୍‌ନେସ ଭାର ଶୁଭକାନ୍ତଙ୍କ କାନ୍ଧରେ। ଏପରିକି ସେ ହେଉଛନ୍ତି ରାଜ୍ୟର ଏକମାତ୍ର ଲେଭଲ-୧ ଫିଜିଓ। ସମ୍ପ୍ରତି ଲକ୍‌ଡାଉନ୍ ସମୟରେ ଘରେ ରହି ଫିଜିଓ ମାନଙ୍କ ନିମନ୍ତେ ଉଦ୍ଦିଷ୍ଟ ରିସର୍ଚ୍ଚ ଆର୍ଟିକିଲ୍ ପଢ଼ିବା ସହ ଝିଅ ଜିୟାନ୍ସି ଓ ଝିଆରୀ ଖୁସି ସହିତ ସମୟ ଅତିବାହିତ କରୁଛନ୍ତି ବୋଲି କୁହନ୍ତି। ଶୁଭକାନ୍ତଙ୍କ କହିବା ଅନୁଯାୟୀ, ଏକ ଲମ୍ବା ଛୁଟି ମିଳିଛି। ବ୍ୟସ୍ତବହୁଳ ଜୀବନ, କ୍ରିକେଟ ସିଜିନ ଓ ଟୁର୍ ଯୋଗୁଁ ପରିବାର ପାଇଁ କେବେ ସମୟ କାଢ଼ି ପାରୁ ନଥିଲି। ଏବେ ଦିନରାତି ପରିବାର ସହ କଟୁଛି। ବୋଧହୁଏ , ଏହି ସବୁ ମୁହୂର୍ତ୍ତ ଆଗାମୀ ଦିନରେ ମୋ ପାଇଁ ସ୍ମୃତି ପାଲଟିଯିବ। ପରିବାର ଲୋକଙ୍କୁ ସମୟ ଦେବା ସହଜ କଥା ନୁହେଁ। ବାପା ଓ ବଡ଼ଭାଇ ଘରର ସଉଦା କିଣାକିଣି କରନ୍ତି। ଏବେ ମଧ୍ୟ ବାପା ଓ ବଡ଼ଭାଇ ଏହି ସମସ୍ତ କାର୍ଯ୍ୟ କରୁଛନ୍ତି। ବଜାର କାର୍ଯ୍ୟରୁ ମୋତେ ମୁକ୍ତି ମିଳିଛି। ହେଲେ ଘରର ଅନ୍ୟ ଛୋଟଛୋଟ କାର୍ଯ୍ୟ ମୋତେ କରିବାକୁ ପଡୁଛି ବୋଲି ସେ କୁହନ୍ତି। ଝିଅ ଜିୟାନ୍ସିକୁ ନିକଟ ଅତୀତରେ ଗୋଟିଏ ବର୍ଷ ପୂରିଲା। ତା' ସହ ଏବଂ ଝିଆରୀ ସାଇ ସୌମ୍ୟା(ଖୁସି) ସହ ଖେଳିବାରେ ଦିନର ଅଧିକ ସମୟ କଟୁଛି। ଗତ ମାର୍ଚ୍ଚ ୧୮ ଓ ୧୯ ତାରିଖରେ




ଜାତୀୟ କ୍ରିକେଟ ଏକାଡେମୀ(ଏନସିଏ) ପକ୍ଷରୁ ଦେଶର ସମସ୍ତ ରାଜ୍ୟ ଦଳର ଫିଜିଓମାନଙ୍କୁ ନେଇ ଏକ ସ୍ୱତନ୍ତ୍ର କର୍ମଶାଳା ଆୟୋଜନ ହୋଇଥାନ୍ତା। ଏହାକୁ ବାତିଲ କରାଯିବା ପରେ ଏନସିଏ ପକ୍ଷରୁ କିଛି ରିସର୍ଚ୍ଚ ଆର୍ଟିକିଲ ପଠାଯାଇଛି। ଯେଉଁଥିରେ ଚିକିତ୍ସାର ଅତ୍ୟାଧୁନିକ ପଦ୍ଧତି ସବୁ ଉଲ୍ଲେଖ ରହିଛି । ଏହାକୁ ପଢ଼ିବା ସହ କିପରି କାର୍ଯ୍ୟକାରୀ କରାଯାଇ ପାରିବ ସେ ସମ୍ପର୍କରେ ଅବଗତ ହେଉଛି । ଇଂଲଣ୍ଡ, ଅଷ୍ଟ୍ରେଲିଆ ଭଳି ଶକ୍ତିଶାଳୀ କ୍ରିକେଟ ଦେଶରେ ଫିଜିଓମାନେ ଅତ୍ୟାଧୁନିକ ଚିକିତ୍ସା ପଦ୍ଧତି ଆପଣାଇଛନ୍ତି । ସେ ସମସ୍ତ ମଧ୍ୟ ଏବେ ଶିକ୍ଷା ହାସଲ କରିବାର ସୁଯୋଗ ମିଳିଛି ବୋଲି ଶୁଭକାନ୍ତ କୁହନ୍ତି ।

ଏନସିଏର ନିର୍ଦ୍ଦେଶ ମୁତାବକ, ରାଜ୍ୟ ସିନିୟର କ୍ରିକେଟ ଦଳର ସମସ୍ତ ଖେଳାଳିଙ୍କୁ ନେଇ ଏକ ରିପୋର୍ଟ ପ୍ରସ୍ତୁତ କରିଥିଲି। ଯେଉଁଥିରେ ରାଜ୍ୟର ପ୍ରତ୍ୟେକ ସିନିୟର ଖେଳାଳିଙ୍କ ଫିଟ୍‌ନେସ୍ ଓ ଶାରୀରିକ ଦକ୍ଷତାକୁ ସ୍ଥାନ ଦିଆଯାଇଛି। ବାତିଲ ହୋଇ ସାରିଥିବା କର୍ମଶାଳାରେ ଏହି ରିପୋର୍ଟ ନେଇ ଆଲୋଚନା ହୋଇଥାନ୍ତା। ଖେଳାଳିମାନେ କିପରି ଆଘାତ ନପାଇବେ ସେ ଦିଗରେ ଗୁରୁତ୍ୱାରୋପ କରାଯାଇଥାନ୍ତା। ଆଘାତ ପାଇଲେ, ତୁରନ୍ତ ଆରୋଗ୍ୟ କରିବାର କୌଶଳ ସହିତ ଆଘାତଜନିତ ସମସ୍ୟା ସୃଷ୍ଟି କିପରି ନହେବ ସେ ଦିଗରେ ମଧ୍ୟ ପ୍ରଶିକ୍ଷଣ ଦିଆଯାଇଛି। ରିସର୍ଚ୍ଚ ଆର୍ଟିକିଲ୍‌ରେ ଏ ସମ୍ପର୍କରେ ଉଲ୍ଲେଖ ରହିଛି ବୋଲି ଶୁଭକାନ୍ତ କହିଛନ୍ତି। ଏହାଛଡ଼ା ଏବେ ଘରେ ରହି ଶାରୀରିକ ଅଭ୍ୟାସ ଚଳାଇଥିବା ରାଜ୍ୟ କ୍ରିକେଟରମାନଙ୍କ ସହିତ ନିୟମିତ ଆଲୋଚନା ଚାଲିଛି। ହଠାତ୍ ପଡ଼ିଆକୁ ଓହ୍ଲାଇବା ପୂର୍ବରୁ ଘରେ ରହି ଫିଟନେସକୁ କିପରି ସନ୍ତୁଳନ କରିବେ ସେଥିପାଇଁ ରାଜ୍ୟ ସିନିୟର ଖେଳାଳିଙ୍କୁ ଟିପ୍ସ ଦେଉଛନ୍ତି ଶୁଭକାନ୍ତ।

### ମୁଁ ବି ଭଲ ରୋଷେଇ କରିପାରେ..

ରୋଷେଇ ଘରକୁ କେବେ ପଶେନି। ଭଲଭଲ ଖାଦ୍ୟ ଖାଇବାକୁ ଭଲ ପାଏ, ହେଲେ ରାନ୍ଧିବା ମୋତେ ଜଣାନାହିଁ। ମୁଁ ଜଣେ ଭଲ କୁକ୍(ରୋଷେୟା) ବୋଲି ଏବେ ବିଶ୍ୱାସ ହୋଇଥିବା ଶୁଭକାନ୍ତ କୁହନ୍ତି। ଘରେ ରହିବା ଫଳରେ ଭଲ ସୁସ୍ୱାଦୁ ଖାଦ୍ୟ ଖାଇବା ପ୍ରତି ଆଗ୍ରହ ବଢୁଛି । ଗତ ସପ୍ତାହରେ ଏକ ଚକୋଲେଟ୍ କେକ୍ କରିଥିଲି। ଯାହା ପରିବାରର ସମସ୍ତଙ୍କୁ ଭଲ ଲାଗିଲା ବୋଲି ରାଜ୍ୟର ଏହି ଫିଜିଓ କୁହନ୍ତି।

## ଆଉଥରେ ଅଲିମ୍ପିକ୍ସ ଘୁଞ୍ଚାଇବାକୁ ଯୋଜନା ନାହିଁ

**ଟୋକିଓ,୧୪।୪(ଏପି):** କୋଭିଡ୍-୧୯ ମହାମାରୀ ପାଇଁ ଆଉଥରେ ଅଲିମ୍ପିକ୍ସକୁ ଘୁଞ୍ଚାଇବାକୁ କୌଣସ ଯୋଜନା ବା ପ୍ଲାନ- ବି ନାହିଁ ବୋଲି ଟୋକିଓ ଆୟୋଜକମାନେ କହିଛନ୍ତି। ଟୋକିଓ ଅଲିମ୍ପିକ୍ସ ମୁଖପାତ୍ର ମାସା ଟାକାୟା ଏ ନେଇ ସୂଚନା ଦେଇଛନ୍ତି। ପ୍ରଥମେ ଅଲିମ୍ପିକ୍ସ ୨୦୨୦ ଜୁଲାଇ ୨୪ରୁ ଅଗଷ୍ଟ ୯ ତାରିଖ ମଧ୍ୟରେ ଆୟୋଜନ ହେବାର କାର୍ଯ୍ୟକ୍ରମ ଥିଲା। ତେବେ କୋଭିଡ୍-୧୯ ମହାମାରୀ କାରଣରୁ ଏହାକୁ ଏବେ ଗୋଟିଏ ବର୍ଷ ଘୁଞ୍ଚାଇ ଦିଆଯାଇଛି। ପୁନଃ ନିର୍ଦ୍ଧାରିତ କାର୍ଯ୍ୟସୂଚୀ ଅନୁଯାୟୀ ଏହି ମେଗା ଇଭେଣ୍ଟ ୨୦୨୧ ଜୁଲାଇ ୨୩ରୁ ଆରମ୍ଭ ହୋଇ ଅଗଷ୍ଟ ୮ ତାରିଖରେ ଶେଷ ହେବାର କାର୍ଯ୍ୟକ୍ରମ ରହିଛି। ସେହିପରି ପାରା ଅଲିମ୍ପିକ୍ସ ୨୦୨୧ ଅଗଷ୍ଟ ୨୪ରୁ ଆରମ୍ଭ ହେବାର କାର୍ଯ୍ୟକ୍ରମ ରହିଛି। ଅନ୍ତର୍ଜାତୀୟ ଅଲିମ୍ପିକ କମିଟି (ଆଇଓସି) ଓ ଆୟୋଜକ ଦେଶ ଜାପାନ ମିଳିତ ଭାବେ ଅଲିମ୍ପିକ୍ସକୁ ଘୁଞ୍ଚାଇବାକୁ ନିଷ୍ପତ୍ତି ନେଇଥିଲେ। ଏବେ ନୂଆ କାର୍ଯ୍ୟସୂଚୀ ଅନୁଯାୟୀ କାର୍ଯ୍ୟକରିବା ଲକ୍ଷ୍ୟରେ ଆମେ




ରହିଛୁ ଓ ଆମ ପାଖରେ କୌଣସି ଦ୍ୱିତୀୟ ଯୋଜନା ନାହିଁ ବୋଲି ସେ ସ୍ପଷ୍ଟ କରିଛନ୍ତି। ଯଦି ଏହି ଭାଇରସର ଆତଙ୍କ ବଜାୟ ରହେ ତାହାଲେ ପୁଣି ଅଲିମ୍ପିକକୁ ଘୁଞ୍ଚାଯିବ କି ବୋଲି ପ୍ରଶ୍ନର ଉତ୍ତର ଦେଇ ସେ ଏହି କଥା କହିଛନ୍ତି।

ଆସନ୍ତାବର୍ଷ ଅଲିମ୍ପିକ୍ସ ଆୟୋଜନ ନେଇ ସମସ୍ତେ ଚେଷ୍ଟିତ ଅଛନ୍ତି ବୋଲି ଆଇଓସି ଅଧ୍ୟକ୍ଷ ଥୋମାସ ବାକ୍ ମଧ୍ୟ କହିଛନ୍ତି। ପୁଣି ଥରେ ଅଲିମ୍ପିକ୍ ଘୁଞ୍ଚାଇବା ଯୋଜନାକୁ ଜାପାନ ପ୍ରଧାନମନ୍ତ୍ରୀ ଶିଞ୍ଜୋ ଆବେ ମଧ୍ୟ ଅସ୍ୱୀକାର କରିଛନ୍ତି। ଉଲ୍ଲେଖଥାଉ କି, ଅଲିମ୍ପିକ୍ସରେ ୧୧,୦୦୦ ଓ ପାରା ଅଲିମ୍ପିକ୍ସରେ ୪, ୪୦୦ ଆଥ୍‌ଲେଟ ଅଂଶଗ୍ରହଣ କରିବେ। ୨୦୬ଟି ଦେଶରୁ ବହୁ ସଂଖ୍ୟାରେ ସପୋର୍ଟ ଷ୍ଟାଫ୍ ମଧ୍ୟ ଏଥିପାଇଁ ଟୋକିଓ ଆସିବେ। ଅଲିମ୍ପିକ୍ସ ଆୟୋଜନ କରିବାକୁ ୧୨.୬ ବିଲିୟନ ଆମେରିକୀୟ ଡଲାର ଖର୍ଚ୍ଚ କରାଯିବ ବୋଲି ଟୋକିଓ ଆୟୋଜକମାନେ କହିଛନ୍ତି। ତେବେ ଜାପାନ ସରକାରଙ୍କ ଅଡିଟ୍ ଏହାର ଦୁଇଗୁଣା ଖର୍ଚ୍ଚ ହେବ ବୋଲି ସ୍ପଷ୍ଟ କରିଥିଲା। ଏଥିମଧ୍ୟରୁ ୫.୬ ବିଲିୟନ ଡଲାର ପ୍ରାଇଭେଟ ମନି ଓ ବାକି ଜାପାନ ସରକାର ବହନ କରିବେ ବୋଲି କୁହାଯାଇଛି।

## ସବୁ ଜାତୀୟ ଚାମ୍ପିୟନଶିପ୍‌କୁ ସ୍ଥଗିତ ରଖିଲା ହକି ଇଣ୍ଡିଆ

**ନୂଆଦିଲ୍ଲୀ, ୧୪।୪ (ପି.ଟି.):** କୋଭିଡ୍-୧୯ ମୁକାବିଲା ପାଇଁ ଦେଶରେ ଚାଲିଥିବା ଲକ୍‌ଡାଉନ୍ ଅବଧି ମେ ୩ ତାରିଖରୁ ବୃଦ୍ଧି ପାଇଥିବା ବେଳେ ହକି ଇଣ୍ଡିଆ ମଧ୍ୟ ଏ ସଂକ୍ରାନ୍ତରେ ଏକ ଗୁରୁତ୍ୱପୂର୍ଣ୍ଣ ନିଷ୍ପତ୍ତି ନେଇଛି। ସାରା ଦେଶରେ ଆୟୋଜନ ହେବାକୁ ଥିବା ସବୁପ୍ରକାର ଜାତୀୟ ଚାମ୍ପିୟନଶିପ୍‌କୁ ହକି ଇଣ୍ଡିଆ ଅନିର୍ଦ୍ଦିଷ୍ଟ କାଳ ପାଇଁ ସ୍ଥଗିତ ରଖିଛି। ପୁନଃ ନିର୍ଦ୍ଧାରିତ କାର୍ଯ୍ୟସୂଚୀ ଅନୁଯାୟୀ ଏହି ଟୁର୍ନାମେଣ୍ଟଗୁଡିକ ଏପ୍ରିଲ ୨୯ରୁ ଆରମ୍ଭ ହୋଇ ଜୁଲାଇ ୩ ତାରିଖ ପର୍ଯ୍ୟନ୍ତ ଚାଲୁ ରହିବାର କାର୍ଯ୍ୟକ୍ରମ ଥିଲା। ତେବେ ବର୍ତ୍ତମାନ ଏଗୁଡିକୁ ସ୍ଥଗିତ ରଖାଯାଇଛି ବୋଲି ହକି ଇଣ୍ଡିଆ ତରଫରୁ କୁହାଯାଇଛି। ହକି ସହିତ ଜଡିତ ରହୁଥିବା ସବୁ ବ୍ୟକ୍ତିବିଶେଷ, ଖେଳାଳି, କୋଚ, ଆୟୋଜକ, ପ୍ରଶଂସକ ଓ ଅଫିସିଆଲଙ୍କ ବୃହତ୍ତର ସ୍ୱାର୍ଥକୁ ଦୃଷ୍ଟିରେ ରଖି ୨୦୨୦ରେ ବାକିଥିବା ହକି ଇଣ୍ଡିଆ ଜାତୀୟ ଚାମ୍ପିୟନଶିପ୍‌ଗୁଡିକୁ ବାତିଲ କରିବାକୁ ନିଷ୍ପତ୍ତି ନେଇଛୁ ବୋଲି ହକି ଇଣ୍ଡିଆ ଅଧ୍ୟକ୍ଷ ମହମ୍ମଦ ମୁସ୍ତାକ ଅହମ୍ମଦ କହିଛନ୍ତି।



3-Printed and published by Tathagata Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-15, Industrial Estate, Rasulgarh, Bhubaneswar, Editor - Tathagata Satpathy, ସମ୍ପାଦକ– ତଥାଗତ ସତପଥୀ